# ଉର୍ଜ୍ଜନା

**(ଜୀବନ-ବୃଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)**

**ଯେନାତ୍ମନସ୍ତଥାନ୍ୟେଷାଂ ଜୀବନଂ**
**ବର୍ଦ୍ଧନଞ୍ଚାପି ଧ୍ରୀୟତେ ସ ଧର୍ମଃ ।**

ବୀର୍ଯ୍ୟଭରା **ଉର୍ଜ୍ଜନା**ଟିର
ବିଚ୍ଛୁରଣାର ସଂହତି,
ବିସ୍ଫୋରଣା ଘଟାଏ ସେଥିରେ
ନେଇ ସ୍ୱତଃକ୍ରିୟ ଦ୍ୟୁତି । ୭୩ ।
*(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ଦର୍ଶନ)*

**୩୪ଶ ବର୍ଷ, ଷଷ୍ଠ ସଂଖ୍ୟା**
**ଫାଲ୍‌ଗୁନ, ୧୪୨୦, ମାର୍ଚ୍ଚ, ୨୦୧୪**
**ଅନୁକୂଲାବ୍ଦ-୬୮**

**ପ୍ରଚ୍ଛଦ :** ସତ୍‌ସଙ୍ଗ ବିହାର, ସେକେରକୋଟ, ସିପାଇଜଳା, ତ୍ରିପୁରା
**ଅଳଙ୍କରଣ :** ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର

**ଉର୍ଜ୍ଜନା କାର୍ଯ୍ୟାଳୟ**
**ସତ୍‌ସଙ୍ଗ ବିହାର, ବକ୍ସିବଜାର, କଟକ-୧**
ଫୋନ୍ : (୦୬୭୧) ୨୩୦୪୧୪୦

**visit us to : www.urjana.net**
**E-mail: mail@satsang.org.in**

*ସମ୍ପାଦକ : ଡାଃ. ବିନାୟକ ମହାପାତ୍ର*

## ଉର୍ଜ୍ଜନାର ନିୟମାବଳୀ : ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଉର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତା୧ରିଖ ଓ ତା୧୫ରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତା୧୯/୨୦ରିଖରେ ଡାକଯୋଗେ ପଠାଯାଏ ।

୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍‌ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।

୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଉର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।

୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଉର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।

୫. ଭାରତରେ ଡାକଖର୍ଚ୍ଚ ସହ ଅର୍ଘ୍ୟର ହାର : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ଟ୧୦.୦୦ ପଇସା ।

୬. ଟଙ୍କା ପଠାଇବାର ଠିକଣା-**ମ୍ୟାନେଜର, ଉର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର, (ଝାଡଖଣ୍ଡ), Pin. : 814116**

୭. ଏଜେନ୍‌ସିର ନିୟମାବଳୀ ପାଇଁ ପତ୍ର ଲେଖନ୍ତୁ ।

## ଉର୍ଜ୍ଜନାର ଲେଖକମାନଙ୍କ ପ୍ରତି

୧. ଉର୍ଜ୍ଜନାରେ ପ୍ରକାଶ ପାଇଁ ସମଗ୍ର ରଚ଼ନାର **ଡ଼ି.ଟି.ପି କରି ନିଜର ସଂପୂର୍ଣ୍ଣ ନାମ, ଠିକଣା ଓ ଫୋନ୍ ନମ୍ବର** ସହିତ ପଠାଇବା ଆବଶ୍ୟକ । କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶିତ ହେବାର ବାଧ୍ୟବାଧକତା ନାହିଁ। ଅମନୋନୀତ ରଚନା ଫେରସ୍ତ ଦିଆଯାଏ ନାହିଁ। ରଚନାର ପ୍ରକାଶନ ତଥା ଅଂଶବଶେଷର ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କ ଇଚ୍ଛାଧୀନ ।

୨. ରଚ଼ନା ମଧ୍ୟରେ ଯେକୌଣସି ଉଦ୍ଧୃତିର ମୂଳ ପୁସ୍ତକର ନାମ, ଲେଖକ ଓ ପୃଷ୍ଠାସଂଖ୍ୟା ଉଲ୍ଲେଖ କରିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେ ଲେଖା ପ୍ରକାଶିତ ହୁଏନା ।

୩. ଚଳିତ ସଂଖ୍ୟାରେ କୌଣସି ରଚନା ବା ସମ୍ବାଦ ପ୍ରକାଶ କରିବାକୁ ହେଲେ ଅନ୍ତତଃ ଏକ ମାସ ଆଗରୁ ଲେଖା ପହଞ୍ଚିବା ଅବଶ୍ୟ ପ୍ରୟୋଜନ ।

୪. ଲେଖା ଓ ସମ୍ବାଦ— **ସଂପାଦକ (Editor) , ଉର୍ଜ୍ଜନା ପୋ.: ସତ୍‌ସଙ୍ଗ , ଦେଓଘର (ଝାଡଖଣ୍ଡ), Pin. : 814116** ଠିକଣାରେ ପଠାଇବାକୁ ହେବ ।

**ମୂଲ୍ୟ : ଟ୧୦.୦୦ପ.**

# ସୂଚୀପତ୍ର

## ଫାଲ୍‌ଗୁନ - ୧୪୨୦ ସାଲ


- **ପ୍ରେଷ୍ଠ-ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ** - ୩୬୪
- **ଶ୍ରୀଶ୍ରୀଠାକୁରଙ୍କ ସହିତ କଥୋପକଥନ** - **ଆଲୋଚନା-ପ୍ରସଙ୍ଗ :** *ଶ୍ରୀପ୍ରଫୁଲ୍ଲ କୁମାର ଦାସ* - ୩୬୬
  - **ନାନା-ପ୍ରସଙ୍ଗ :** *ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ* - ୩୭୩
  - **କଥା-ପ୍ରସଙ୍ଗ :** *ଶ୍ରୀସୁଶୀଳ ଚନ୍ଦ୍ର ବସୁ* - ୩୭୬
  - **ଅମୀୟ ବାଣୀ :** *ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ* - ୩୭୮
  - **ଇସ୍‌ଲାମ ପ୍ରସଙ୍ଗ :** *ମହମ୍ମଦ ଖଲିଲର ରହମାନ ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ* - ୩୮୦
  - **ପ୍ରତୁଲଦୀପ୍ତି :** *ଶ୍ରୀମଣିଲାଲ ଚକ୍ରବର୍ତ୍ତୀ* - ୩୮୨
- **ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ** - **ଇଷ୍ଟପ୍ରସଙ୍ଗ :** *ଡ଼ଃ. ଶ୍ୟାମସୁନ୍ଦର ରକ୍ଷିତ* - ୩୮୫
- **ଯୁଗାଚାର୍ଯ୍ୟ ସ୍ମରଣେ** - ଚଳନର ପାଥେୟ : *ଶିବାନୀ ଚକ୍ରବର୍ତ୍ତୀ (ପୂତ୍ରବଧୂ)* - ୩୮୮
- **ସତ୍ୟାନୁସରଣର ପଥେ** - ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା - ୩୯୦
- **ସାଧନାର ପଥେ** - ଗୁରୁନିଷ୍ଠାରେ ବ୍ୟକ୍ତିତ୍ୱର ହାନି ହୁଏ କି ? - ୩୯୨
- **କର୍ମୀ-ଦର୍ପଣ** - ସମ୍ୟକ୍-କର୍ମର ତାତ୍ପର୍ଯ୍ୟ - ୩୯୪
- **ମାତୃ ଜଗତ** - ଉତ୍କୃଷ୍ଟା ନାରୀ ଓ ନିକୃଷ୍ଟ ପୁରୁଷ-ମିଳନର ପରିଣାମ - ୩୯୬
- **ଆଦର୍ଶ ବିନାୟକ** - ପ୍ରିୟପରମଙ୍କ ଅନୁଜ୍ଞାର ଛଅଟି ସ୍ତମ୍ଭ - ୩୯୮
- **ଯେମନ ତାଁକେ ଦେଖି** - ଯେମିତି ତାଙ୍କୁ ଦେଖେ - ୩୯୯
- **ବିଧି-ବିନ୍ୟାସ** - ଶ୍ରେୟଙ୍କୁ ନିଜର କରି ନିଅ - ୪୦୧
- **ନୀତି-ବିଧାୟନା** - ତୁମର ଶ୍ରେୟାର୍ଥ ଆତ୍ମୀୟ ବନ୍ଧୁ-ବାନ୍ଧବ ବା ତୁମର ନିଜର ନିନ୍ଦା ଯଦି କେହି କରେ.......- ୪୦୨
- **ସେବା-ବିଧାୟନା** - ଅପରର ସଦ୍‌ବାସନା ପୂରଣ ନ କରିଲେ ନିଜର ପ୍ରତ୍ୟାଶାରବି ପୂରଣ ହୁଏନା - ୪୦୩
- **ବିକୃତି-ବିନାୟନା** - ଅପରାଧପ୍ରବଣତାର ଭିତ୍ତି - ୪୦୫
- **ବିଜ୍ଞାନ-ବିଭୂତି** - ବିଜ୍ଞାନ ଓ ତା'ର ମାଙ୍ଗଳିକ ଅଭିଯାନ - ୪୦୬
- **ବୈବାହିକ-ଜୀବନ** - ପ୍ରତିଲୋମ ବିବାହ ଦୂଷଣୀୟ - ୪୦୮
- **ନିଷ୍ଠା-ବିଧାୟନା** - ଯାହାର ନିଷ୍ଠା ଭଙ୍ଗୁର ସେ ସତ୍‌ପନ୍ଥୀ ହୋଇପାରେନା -୪୦୯
- **ଦିବ୍ୟଲୀଳା** - ଅଦୃଶ୍ୟ ପ୍ରହାର ! : *ଡ଼କ୍ଟର ନିରଞ୍ଜନ ମିଶ୍ର* - ୪୧୧
- **ଦିବ୍ୟ ଅନୁଭୂତି** - ମହା ଜୀବନ - : *ଶ୍ରୀଚୂନୀଲାଲ ରାୟଚୌଧୁରୀ (ସାବର୍ଣ୍ଣ)* - ୪୧୪
- **ଆଶ୍ରମ ସମ୍ବାଦ** - ୪୨୩
- **ସମ୍ପାଦକୀୟ**- ୪୨୪



# ପରମପ୍ରେମମୟ
# ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ



ବିଶେଷ କରି ସ୍ମରଣ ରଖ—
ତୁମର ଆଦର୍ଶ,
ତୁମର ଧର୍ମ,
ତୁମର କୃଷ୍ଟିର
ଅଭିଧାୟୀ ଅନୁଧାୟିତା ନେଇ
ଶ୍ରଦ୍ଧୋତ୍ସାରିଣୀ ହୃଦୟରେ
ଯେକୌଣସି ଦେଶରୁ
ଯେ କେହି ବି ଆସୁ ନା କାହିଁକି,
ତା'କୁ ସଯତ୍ନରେ
ପରମାତ୍ମୀୟ-ଭାବେ
ବିହିତ ସମ୍ଭ୍ରମାତ୍ମକ ଦୂରତ୍ୱ ବଜାୟ ରଖି
ସୌଜନ୍ୟ-ଆପ୍ୟାୟନାର ସହିତ
ଅନୁଦୀପନୀ ଅନୁପ୍ରେରଣାରେ
ଅନୁଶୀଳନ-ତତ୍ପର କରି,
ଯୋଗ୍ୟତା ଓ ଜ୍ଞାନବିଶାରଦ କରି,
ବୋଧାୟନୀ ବର୍ଦ୍ଧନ-ତତ୍ପର କରି
କୃଷ୍ଟି-ଯାଜ୍ଞିକତାରେ
ହୋମ-ଅଭିଷିକ୍ତ କରିବାକୁ ଭୁଲି ଯାଅନା;

ତୁମର ହୃଦୟର ସ୍ପର୍ଶ,
ତା'କୁ ଯେପରି ଆଦୃତ କରି
ତା'ର ସାତ୍ତ୍ୱିକ-ସମ୍ବେଗକୁ
ଅନୁପ୍ରେରିତ କରିତୋଳେ,
ଶ୍ରଦ୍ଧୋତ୍ସାରିଣୀ ହୃଦୟରେ
ସତ୍ତାସମ୍ବର୍ଦ୍ଧନୀ କୃଷ୍ଟି-ଅଭିଯାତ୍ରୀ
ହୋଇଉଠନ୍ତି ଯେପରି ସେମାନେ;
ସେଇ ହୃଦ୍ୟ-ସ୍ପର୍ଶ-ଅନ୍ୱିତ
ଉଦ୍‌ବୁଦ୍ଧ ସାତ୍ତ୍ୱିକ ସମ୍ବେଗହିଁ ଜାଣ—
ତୁମର ପରମ ଦକ୍ଷିଣା;
ପୁଣି ସେପରି କୌଣସି ଦେଶରୁ
କେହି ଯଦି
ସୁଧୀ-ଅଭିଧାୟନା ନେଇ
ପ୍ରୀତି-ପ୍ରଦୀପ୍ତ ଅନ୍ତରରେ
ତୁମମାନଙ୍କର ସଂସ୍ରବେଚ୍ଛୁ ହୋଇ
ଆଦର୍ଶ, ଧର୍ମ ଓ କୃଷ୍ଟିର
ଅନୁସାରିଣୀ ଅନୁବେଦନାରେ
ସ୍ଫୀତ ଅଭିଧାୟିତାରେ ଉତ୍‌ଫୁଲ୍ଲ ହୋଇ
ତୁମମାନଙ୍କ ମଧ୍ୟରେ
ବା ତୁମମାନଙ୍କ ଦେଶରେ ବସବାସ କରିବାକୁ ଚାହେଁ—
ପାଳନ, ପୋଷଣ ଓ ଆପୂରଣୀ ପ୍ରଯତ୍ନରେ,
ଅଧ୍ୟୟନୀ ଆବେଗ ନେଇ,
ସଂହତିର ସଂସ୍ରବ-ମିଳନ ଆଲିଙ୍ଗନ ନେଇ,
ତା'କୁବି ବ୍ୟାହତ କରନା;
କିନ୍ତୁ ଯେ କେହିହିଁ ହେଉନା,
ସେଇ କରିବାକୁ ଯାଇ
ସନ୍ଧିତ୍ସାପୂର୍ଣ୍ଣ ଅନୁଧାୟୀ ଦୃଷ୍ଟିସମ୍ପନ୍ନ
ଅନୁକମ୍ପୀ ଅସତ୍-ନିରୋଧୀ ଅନୁଦୀପନାକୁ
ପରିତ୍ୟାଗବି କରନା,
ମନେରଖ—
ସତ୍ତା ସଚ୍ଚିଦାନନ୍ଦମୟ
ଅସତ୍-ନିରୋଧୀ ସ୍ୱତଃହିଁ,
ଈଶ୍ୱରହିଁ ସଚ୍ଚିଦାନନ୍ଦଙ୍କ ବ୍ୟକ୍ତ ପ୍ରଦୀପନା,
ଈଶ୍ୱରହିଁ ସଚ୍ଚିଦାନନ୍ଦ ଘନବିଗ୍ରହରେ ବିସୃଷ୍ଟ,
ଈଶ୍ୱରହିଁ ଅସ୍ତି-ସମ୍ବେଦନୀ
ଅସତ୍-ନିରୋଧୀ ପରାକ୍ରମ । ୫୫୦୯ ।

ଅପକୃଷ୍ଟ ଯେଉଁମାନେ,
ଅସମର୍ଥ ଯେଉଁମାନେ,
ସେମାନଙ୍କ ସଙ୍ଗେ ମିଳାମିଶା ବ୍ୟାପାରରେ
ସମ୍ଭ୍ରମାତ୍ମକ ଦୂରତ୍ୱକୁ
ଯେତେହିଁ ଅପସାରିତ କରିତୋଳିବ—
ସେମାନଙ୍କର ଶ୍ରଦ୍ଧୋତ୍ସାରିଣୀ
ଭଜନାନନ୍ଦ-ଉଦ୍ୟୋଗ
ସେତେହିଁ ଶିଥିଳ ହୋଇଉଠିବ,
ଦାବୀ ଓ ପ୍ରତ୍ୟାଶା-ପ୍ରଲୁବ୍ଧତାରେ
ଶ୍ରେୟଙ୍କ ପ୍ରତି ଶୀଳତାହରା ଘୃଣ୍ୟାନୁଚଳନଶୀଳ
ହୋଇଉଠିବେ ସେମାନେ—
ନରକ-ପଥଯାତ୍ରୀ ହୋଇ
ଯୋଗ୍ୟତାର ଅନୁଶୀଳନୀ ଅଭିଗମନକୁ ବ୍ୟାହତ କରି,
ତେଣୁ, ସେମାନଙ୍କର ସ୍ୱାଧ୍ୟାୟୀ ଚଳନକୁ
ବ୍ୟାହତ କରନା,
ସମ୍ଭ୍ରମାତ୍ମକ ଦୂରତ୍ୱକୁ
ଝାପ୍‌ସା ନୈକଟ୍ୟ-ମଳିନ କରିତୋଳନା,
ନିଜେ ଅତ୍ୟନ୍ତ ସୁଲଭ ଓ ଶସ୍ତା ହୋଇ
ସେମାନଙ୍କର ଶ୍ରେୟସଙ୍ଗଲାଭର ପ୍ରଲୋଭନକୁ
ନଷ୍ଟ କରି
ଉନ୍ନତିର ପଥକୁ ରୁଦ୍ଧ କରିତୋଳନା,
ପୁଣି, ଅଯଥା ମହାର୍ଘ୍ୟବି ହୋଇଉଠନା । ୫୫୧୧ ।

*(ଆର୍ଯ୍ୟ-ପ୍ରାତିମୋକ୍ଷ, ୧୪ଶଖଣ୍ଡ)*

---

ପାଦଟୀକା :
ଅଭିଧାୟୀ ଅନୁଧାୟିତା : ତଦ୍ ଅଭିମୁଖେ ଅନୁଧାବନପୂର୍ବକ ଚଳନ ।
କୃଷ୍ଟି-ଯାଜ୍ଞିକତା : କୃଷ୍ଟି ବା ଐତିହ୍ୟ ସଂସ୍କାରରେ ବ୍ରତୀ ହେବା ।
ଅସ୍ତି-ସମ୍ବେଦନୀ : ଅସ୍ତିତ୍ୱର ଜ୍ଞାନଯୁକ୍ତ ।

परमप्रेममय श्रीश्रीठाकुर अनुकूलचन्द्रङ्क सहित कथोपकथन

# ଆଲୋଚନା ପ୍ରସଙ୍ଗ

## (ଏକାଦଶ ଖଣ୍ଡ)

*ସଂକଳୟିତା–* **ଶ୍ରୀ ପ୍ରଫୁଲ୍ଲ କୁମାର ଦାସ,** ଏମ୍.ଏ.

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ପ୍ରଫୁଲ୍ଲ– ଜଣେ ଭକ୍ତମାନ ଲୋକ ହୁଏତ ଇଷ୍ଟ ସାନ୍ନିଧ୍ୟରେ ରହିବାର ପ୍ରଲୋଭନରେ, ଦୁଷ୍ଟଲୋକଙ୍କର ଉତ୍ପାତ, ଅତ୍ୟାଚାର ସହି ବହି ଚାଲିଲା, କିନ୍ତୁ ଯଦି କେହି ଅଯଥା ଅନ୍ୟର ଜୀବନକୁ ଦୁର୍ବହ କରିଦେଲେ, ତା'ର କ'ଣ ଉପଯୁକ୍ତ ଶାସ୍ତି ହେବା ଉଚିତ ନୁହେଁ ?

ଶ୍ରୀଶ୍ରୀଠାକୁର– କର୍ମଫଳକୁ କେହି ଏଡ଼ାଇ ପାରିବ ନାହିଁ । ଦୁଷ୍କର୍ମ ପାଇଁ ଯାହାର ଯେଉଁ ସମୟରେ ଯେଉଁ ଶାସ୍ତି ପାଇବାର କଥା ତାହା ସେ ପାଇବହିଁ । ଜଣେ ଲୋକ ଦୁଷ୍କର୍ମ କରୁଛି । ଅଥଚ ଯଦି ଦେଖାଯାଏ ଯେ, ସେ ମୋଟାମୋଟି ଭଲ ଅଛି, ତା' ମାନେ ଭଲରେ ରହିଲା ଭଳି କିଛି ସତ୍ କର୍ମ ସେ ପୂର୍ବରୁ କରିଛି, ଯାହାର ସୁଫଳ ସେ ନିଜ ହାତରେ ହରାଉଛି । ଭଗବାନ ଅନେକ ସହି ସମ୍ଭାଳି ଦୟାପରବଶ ହୋଇ ଆମର ଅସ୍ତିତ୍ୱକୁ ବଞ୍ଚାଇ ରଖନ୍ତି, ଯେପରିକି ଆମେ ନିଜକୁ ସୁଧାରି ନେଇପାରୁ । ତାଙ୍କର ସେଇ କରୁଣାର ସଦ୍‌ବ୍ୟବହାର ନ କରି ଆମେ ଯଦି ଆମର life and energy (ଜୀବନ ଓ ଶକ୍ତି) ଶଇତାନର ସେବାରେ ଲଗାଉ, ତେବେ ଶଇତାନ ତା'ର ପୁରସ୍କାର ଦେବାରେ ଭୁଲ କରିବ ନାହିଁ । ପତିତ କରିବା, ପାତିତ କରିବା । ଛିନ୍ନ, ବିଚ୍ଛିନ୍ନ, ବିଦୀର୍ଣ୍ଣ-ବିଶୀର୍ଣ୍ଣ କରିବାହିଁ ଶଇତାନର ସାଦର ଉପଢ଼ୌକନ । କିନ୍ତୁ ଆମେ ଯଦି ମଣିଷର ଭଲହିଁ ଚାହୁଁ, ତା'ହେଲେ ଆମକୁ ଶ୍ୟେନ ଦୃଷ୍ଟି ରଖିବାକୁ ହେବ ଯେପରିକି ଶଇତାନ ଆମକୁ କାହାକୁ ଆକ୍ରାନ୍ତ ଅଭିଭୂତ କରି ନ ପାରେ । କେହି ଯଦି ଅଯଥା କାହାରି ଉପରେ ଅତ୍ୟାଚାର କରିବାକୁ ଚାହେଁ, ତା' ବିରୁଦ୍ଧରେ ଦୃଢ଼ଭାବରେ ଛିଡ଼ା ହେବାକୁହିଁ ହେବ । ଅନ୍ୟକୁ ଯଦି ନିର୍ବିବାଦରେ ଅତ୍ୟାଚାରିତ ହେବାକୁ ଦେଉ, ତା' ମାନେ ମୁଁ ଏପରି ଅବସ୍ଥାର ସୃଷ୍ଟି କରୁଛି ଯେ, ମୁଁ ଯଦି ଅକାରଣେ ଅତ୍ୟାଚାରିତ ହୁଏ, ତା' ବିରୁଦ୍ଧରେ କେହି ନଥିବେ । ଧର୍ମ ପଥରେ ଯେ ଚାଲିବ, ତା'ର ନିଜର ଖରାପ ହେବା କଥା ନୁହେଁ, ଖରାପ କରିବାକୁ ହେବ ନାହିଁ, ଏବଂ ଅପରକୁ ମଧ୍ୟ ଖରାପ ହେବାକୁ ଦେବା କଥା ନୁହେଁ, ଖରାପ କରିବାକୁ ଦେବା କଥା ନୁହେଁ । ମଣିଷକୁ ସତ୍‌ପଥକୁ ଆଣିବା ପାଇଁ ପ୍ରୀତି, ଦରଦ ଓ ମଙ୍ଗଳ ମନୋଭାବ ନେଇ ସଂଯତ ଭାବରେ ସେମାନଙ୍କ ଉପରେ ଜୁଲମ, ଜବରଦସ୍ତି କଲେ ମଧ୍ୟ ଭଲ ଛଡ଼ା ମନ୍ଦ ହୁଏନା । କିନ୍ତୁ ଯେଉଁମାନଙ୍କର ଟାଣ ଅଲଗା, ଆତ୍ମାଭିମାନ ପ୍ରବଳ, ସେମାନଙ୍କ ସମ୍ବନ୍ଧରେ ମୋର ଖୁବ୍ ଚିନ୍ତା ହୁଏ, କାଳେ ଛିଟକି ନ ପଡ଼ନ୍ତି । ଆୟତ୍ତର ବାହାରକୁ ଚାଲିଗଲେ ସେତେବେଳେ ଆଉ କିଛି କରିବାର ନଥାଏ । ତୁ ଆଜି କରି ମଧ୍ୟ ଯଦି ପାଖରେ ରଖାଯାଏ, ତା'ହେଲେ ଧୀରେ ଧୀରେ ସୁଧାରିବାର ଚେଷ୍ଟା କରାଯାଇପାରେ । କିନ୍ତୁ ପୀରତିର ଖାତିରେ, ମଣିଷ ଯଦି ନିଜକୁ ନିଜେ ନ ସୁଧାରେ, ତା'ହେଲେ ବାହାରେ ରହି ବଡ଼ ଗୋଟାଏ କିଛି କରିବା ସମ୍ଭବ ନୁହେଁ । ତେଣୁ ମୁଁ କାହାକୁ ଶାସନ କରିବା କଥା ଭାବେନା, ଭାବେ, ମୋ ପ୍ରତି ଭଲପାଇବାର ଟାଣରେ ସେ କେବେ ନିଜକୁ ନିଜେ ଶାସନ କରିବ । ନିଜକୁ ନିଜେ ସଂଶୋଧନ କରିବ । ସେଇ ଆଶାରେ ମୁଁ ସହି, ସମ୍ଭାଳି, ଉଦ୍ଦୀପନା ଯୋଗାଇ ଦିନ ଗଣୁଥାଏ ।

ଶେଷ କଥାଗୁଡ଼ିକ କହୁ, କହୁ ଶ୍ରୀଶ୍ରୀଠାକୁରଙ୍କର କଣ୍ଠସ୍ୱର ଅପାର କରୁଣା ଓ ମମତାରେ ଆର୍ଦ୍ର ହୋଇ ଉଠିଲା । ପାଖରେ ଯେଉଁମାନେ ଥିଲେ ସେମାନଙ୍କର ମନ ଆତ୍ମସମୀକ୍ଷାରେ ମଗ୍ନ ହେଲା । ଟିକିଏ ପରେ ସୁରେନଭାଇ (ବିଶ୍ୱାସ)ଙ୍କ ସଙ୍ଗେ

ବ୍ରାହ୍ମଣଙ୍କର ଦୋଷ କାହିଁକି ଦେଉଛନ୍ତି ? ତା'ର କାରଣ କ'ଣ ଜାଣନ୍ତି ? ସମାଜକୁ ରକ୍ଷା କରିବା ପାଇଁ ସମାଜପତିଙ୍କୁ କେତେ କୌଶଳ ଅବଲମ୍ବନ କରିବାକୁ ହୁଏ, ସେ ସମ୍ବନ୍ଧରେ କ'ଣ ଆମମାନଙ୍କର କୌଣସି ଧାରଣା ଅଛି ? ଅନେକ ସମ୍ପ୍ରଦାୟର ଅନେକଙ୍କର ହିନ୍ଦୁମାନଙ୍କର ଉଚ୍ଚବର୍ଣ୍ଣର କନ୍ୟାଙ୍କ ଉପରେ ଲୋଭ । ଅନାର୍ଯ୍ୟଗଣ ମଧ୍ୟ ଏଇ କ୍ଷେତ୍ରରେ କମ୍ ଉତ୍ପାତ କରି ନାହାଁନ୍ତି । ସେଇଥିପାଇଁ ଏପରିଭାବେ କଠୋର ବାଡ଼ବାନ୍ଧି ଦିଆ ଯାଇ ନଥିଲେ, ଆଜି ସମାଜରେ ଯାହା ଟିକକ ଅଛି, ତାହା ମଧ୍ୟ ରହି ନଥା'ନ୍ତା । ଏପରିଭାବେ ଦୁହାଇ ଥିଲା, ସେଇଥିପାଇଁ ଏତେ invasion (ଆକ୍ରମଣ), ଆଘାତ-ବ୍ୟାଘାତ ଓ ପ୍ରଳୟ ମୁହଁରୁ କିଛିଟା ଆତ୍ମରକ୍ଷା କରିବା ସମ୍ଭବ ହୋଇଛି । ନ ହେଲେ ସବୁ ଭାସି ଚାଲି ଯାଇଥା'ନ୍ତା । ଅଜ୍ଞ ଲୋକ ବୁଝେନା, କ'ଣ ପାଇଁ କ'ଣ କରିବା ଦରକାର । ତେଣୁ ଯେପରି ଖୁସି ହୋଇଥାଏ । ହିନ୍ଦୁ କିନ୍ତୁ ମଣିଷକୁ ଆପଣାର କରିବା କଥା ଛଡ଼ା ପର କରିଦେବାର କଥା ଭାବି ନାହିଁ । କିନ୍ତୁ ଶକ୍ତି କରି କଟକଣା ଜାରି କରିଛି ସେଇସବୁ କ୍ଷେତ୍ରରେ, ଯେଉଁ ସବୁ କ୍ଷେତ୍ରକୁ ପୃଥକ ଓ ହୁଗୁଳା କରି ରଖିଲେ ପତନ, ବିନାଶ ଓ ବିପର୍ଯ୍ୟୟ ଅବଶ୍ୟମ୍ଭାବୀ । ଏହା ମଧ୍ୟରେ ଘୃଣାର କୌଣସି ସ୍ଥାନ ନାହିଁ । ମୁଁ ବୁଝେ— Hinduism ବା Aryanism (ହିନ୍ଦୁତ୍ୱ ବା ଆର୍ଯ୍ୟତ୍ୱ) ଏପରି ଗୋଟାଏ 'ବାଦ' ଯାହା କାହାକୁ ବାଦ ଦିଏ ନାହିଁ । ପ୍ରତିଟି ବୈଶିଷ୍ଟ୍ୟକୁ ସ୍ୱୀକାର କରିନେଇ ତା'କୁ କ୍ରମୋର୍ଦ୍ଧ୍ୱଗାମୀ ବ୍ରାହ୍ମୀ ବିସ୍ତାର ମାର୍ଗରେ ପରିଚାଳିତ କରିବାର କେତେପ୍ରକାର ଯେ ବାସ୍ତବ କୌଶଳ ଅଧିଗତ କରିଛନ୍ତି ଏଇ ସନାତନ ଆର୍ଯ୍ୟ ହିନ୍ଦୁମାନେ ଏହାର କୌଣସି ତୁଳନା ହୁଏନା ।

ପ୍ରସଙ୍ଗକ୍ରମେ ଶ୍ରୀଶ୍ରୀଠାକୁର କହିଲେ— ଶୁଣିଛି 'ପାକି' ମାନେ ପବିତ୍ର । ତେଣୁ ଆମେ ପାକିସ୍ତାନକୁ ପୁଣ୍ୟସ୍ଥାନ ଏବଂ ପୂର୍ବ ପାକିସ୍ତାନ (ବାଂଲାଦେଶ)କୁ 'ପୁଣ୍ୟବଙ୍ଗ' କହିପାରୁ । Land of Lord-Beloved (ପ୍ରିୟପରମଙ୍କ ସ୍ଥାନ) ଯେଉଁଟା ତା'କୁ କୁହାଯାଏ 'ସାକୀସ୍ଥାନ' ଏବଂ ତାହାହିଁ ଆମର ପୁଣ୍ୟସ୍ଥାନ । ସେଇ ପୁଣ୍ୟସ୍ଥାନ ସମସ୍ତଙ୍କରହିଁ ଆପଣାର ସ୍ଥାନ ।

ସନ୍ଧ୍ୟାବେଳେ ଶ୍ରୀଶ୍ରୀଠାକୁର ବଡ଼ାଲବଙ୍ଗଳାର ପ୍ରାଙ୍ଗଣରେ ଗୋଟିଏ ଆରାମଚେୟାରରେ ବସିଛନ୍ତି । ଅଗଣିତ ଭକ୍ତବୃନ୍ଦ ଚତୁର୍ଦ୍ଦିଗ ବେଷ୍ଟନ କରି ଅଛନ୍ତି । ଶ୍ରୀଶ୍ରୀଠାକୁର ମହାନନ୍ଦରେ ଗପସପ କରୁଛନ୍ତି ।

ଆଜି ଦି'ପହରେ ଅତ୍ୟଧିକ ଗରମ ଯୋଗୁଁ ଶ୍ରୀଶ୍ରୀଠାକୁରଙ୍କର ନିଦ ହୋଇ ନାହିଁ । ସେଇ କଥାରେ ଶ୍ରୀଶ୍ରୀଠାକୁର କହିଲେ— ଇଲେକ୍ଟ୍ରିକ୍ ଫ୍ୟାନର ହାଓଆ ଅପେକ୍ଷା ବଡ଼ ତାଳପତ୍ର ପଙ୍ଖାର ହାଓଆ ବରଂ ଭଲ । ଶୁଣିଲି ବଡ଼ଖୋକା (ଶ୍ରୀଶ୍ରୀବଡ଼ଦା) କାହାକୁ ଆଣିବାକୁ କହିଛି । ବୁଝି-ସୁଝି କାମ କରିବାର ମନୋଭାବ ତା'ର ଖୁବ୍ ଅଛି । ଟାଣ ଥିଲେ ଅନୁସନ୍ଧିତ୍ସୁ ସେବା-ମନୋଭାବ ହୋଇଥାଏ ।

ଟିକିଏ ପରେ ହସି ହସି କହିଲେ— ଗରମଟା ମୁଁ ତଥାପି ସହ୍ୟ କରିପାରେ, କିନ୍ତୁ ଶୀତରେ ମୁଁ ଅଚଳ ହୋଇପଡ଼େ ।

ସରୋଜିନୀମା'— ତା' ସତ୍ତ୍ୱେ ତ ଶୀତଦିନେ ଆପଣ ଦେହରେ ଗରମ କିଛି ପିନ୍ଧନ୍ତି ନାହିଁ । ଶୀତ କମିବ କିପରି ?

ଶ୍ରୀଶ୍ରୀଠାକୁର ମଧୁର ଭଙ୍ଗିମାରେ ବେକଟି ବୁଲାଇ ସ୍ମିତ ବଦନରେ କହିଲେ— ତୁଇ ବୋକା କିଛି ବୁଝୁନା । ଗରମ ଜାମାପଟା ଯେତେ ପିନ୍ଧାଯାଏ, ଶୀତ ସେତେ ମାଡ଼ିଆସେ । ତୁ ବରଂ ଏକ ଚିଲମ ତମାଖୁ ପିଆ । ତମାଖୁ ପିଏ ଆଉ ଗଳ୍ପ କରେ ।

ସରୋଜିନୀମା' ଶୀଘ୍ର ତମାଖୁ ସଜାଇ ଦେଲେ । ଶ୍ରୀଶ୍ରୀଠାକୁର ହୁକାନଳଟି ମୁହଁରେ ଲଗାଇ କୌତୁହଳତାର ସହ ସମସ୍ତଙ୍କ ଆଡ଼େ ଚାହିଁ ଦେଖିବାକୁ ଲାଗିଲେ ।

ଦିନାଜପୁରରେ ହିନ୍ଦୁ-ମୁସଲମାନଙ୍କର ଗୋଟିଏ ମିଳିତ ବୃହତ୍ ସମ୍ମେଳନ ଉପଲକ୍ଷ୍ୟେ ଚୁନିଭାଇ (ରାୟଚୌଧୁରୀ) ଓ ସୁରେନଭାଇ (ବିଶ୍ୱାସ) ସେଠାକୁ ଯିବାର କଥା ।

ଚୁନିଭାଇ ଓ ସୁରେନଭାଇଙ୍କୁ ଲକ୍ଷ୍ୟ କରି ଶ୍ରୀଶ୍ରୀଠାକୁର କହିଲେ— ରସୁଲଙ୍କ କଥା ଭଲ କରି କହିବାକୁ ହେବ । ରସୁଲ କଥାର ଅର୍ଥ ଆଚାର୍ଯ୍ୟ— ଯେ ଭଗବାନଙ୍କର ଆଦେଶ, ନିର୍ଦ୍ଦେଶ ଓ ନୀତି ନିଜ ଜୀବନରେ ପରିପାଳନ କରନ୍ତି— ମୂର୍ତ୍ତ କରି ତୋଳନ୍ତି । ସେ କେବଳ ନିଜ ଜୀବନରେ ଈଶ୍ୱରଙ୍କର ନୀତି-ନିର୍ଦ୍ଦେଶ ମୂର୍ତ୍ତ କରି ତୋଳି କ୍ଷାନ୍ତ ହୁଅନ୍ତି ନାହିଁ, ପ୍ରୀତି, ସେବା, ସାହଚର୍ଯ୍ୟ ଓ ସଞ୍ଚାରଣାର ଭିତର ଦେଇ ସମାଜ-ଜୀବନରେ ମଧ୍ୟ ସେ ତାହା ମୂର୍ତ୍ତ କରି ତୋଳିବାକୁ ଆପ୍ରାଣ ଚେଷ୍ଟା କରନ୍ତି । ତାଙ୍କୁ ଯେଉଁମାନେ ଭଲପା'ନ୍ତି, ଯେଉଁମାନେ ତାଙ୍କର girdle (ବେଷ୍ଟନୀ), ସେମାନଙ୍କର ଜୀବନର

## କର୍ମଫଳ

କର୍ମଫଳକୁ କେହି ଏଡ଼ାଇ ପାରିବ ନାହିଁ । ଦୁଷ୍କର୍ମ ପାଇଁ ଯାହାର ଯେଉଁ ସମୟରେ ଯେଉଁ ଶାସ୍ତି ପାଇବାର କଥା ତାହା ସେ ପାଇବହିଁ । ଜଣେ ଲୋକ ଦୁଷ୍କର୍ମ କରୁଛି । ଅଥଚ ଯଦି ଦେଖାଯାଏ ଯେ, ସେ ମୋଟାମୋଟି ଭଲ ଅଛି, ତା' ମାନେ ଭଲରେ ରହିଲା ଭଳି କିଛି ସତ୍ କର୍ମ ସେ ପୂର୍ବରୁ କରିଛି, ଯାହାର ସୁଫଳ ସେ ନିଜ ହାତରେ ହରାଉଛି । ଭଗବାନ ଅନେକ ସହି ସମ୍ଭାଳି ଦୟାପରବଶ ହୋଇ ଆମର ଅସ୍ତିତ୍ୱକୁ ବଞ୍ଚାଇ ରଖନ୍ତି, ଯେପରିକି ଆମେ ନିଜକୁ ସୁଧାରି ନେଇପାରୁ । ତାଙ୍କର ସେଇ କରୁଣାର ସଦ୍‌ବ୍ୟବହାର ନ କରି ଆମେ ଯଦି ଆମର life and energy (ଜୀବନ ଓ ଶକ୍ତି) ଶଇତାନର ସେବାରେ ଲଗାଉ, ତେବେ ଶଇତାନ ତା'ର ପୁରସ୍କାର ଦେବାରେ ଭୁଲ କରିବ ନାହିଁ । ପତିତ କରିବା, ପାତିତ କରିବା । ଛିନ୍ନ, ବିଚ୍ଛିନ୍ନ, ବିଦୀର୍ଣ୍ଣ-ବିଶୀର୍ଣ୍ଣ କରିବାହିଁ ଶଇତାନର ସାଦର ଉପଢ଼ୌକନ । କିନ୍ତୁ ଆମେ ଯଦି ମଣିଷର ଭଲହିଁ ଚାହୁଁ, ତା'ହେଲେ ଆମକୁ ଶ୍ୟେନ ଦୃଷ୍ଟି ରଖିବାକୁ ହେବ ଯେପରିକି ଶଇତାନ ଆମକୁ କାହାକୁ ଆକ୍ରାନ୍ତ ଅଭିଭୂତ କରି ନ ପାରେ । କେହି ଯଦି ଅଯଥା କାହାରି ଉପରେ ଅତ୍ୟାଚାର କରିବାକୁ ଚାହେଁ, ତା' ବିରୁଦ୍ଧରେ ଦୃଢ଼ଭାବରେ ଛିଡ଼ା ହେବାକୁହିଁ ହେବ । ଅନ୍ୟକୁ ଯଦି ନିର୍ବିବାଦରେ ଅତ୍ୟାଚାରିତ ହେବାକୁ ଦେଉ, ତା' ମାନେ ମୁଁ ଏପରି ଅବସ୍ଥାର ସୃଷ୍ଟି କରୁଛି ଯେ, ମୁଁ ଯଦି ଅକାରଣେ ଅତ୍ୟାଚାରିତ ହୁଏ, ତା' ବିରୁଦ୍ଧରେ କେହି ନଥିବେ । ଧର୍ମ ପଥରେ ଯେ ଚାଲିବ, ତା'ର ନିଜର ଖରାପ ହେବା କଥା ନୁହେଁ, ଖରାପ କରିବାକୁ ହେବ ନାହିଁ, ଏବଂ ଅପରକୁ ମଧ୍ୟ ଖରାପ ହେବାକୁ ଦେବା କଥା ନୁହେଁ, ଖରାପ କରିବାକୁ ଦେବା କଥା ନୁହେଁ । ମଣିଷକୁ ସତ୍‌ପଥକୁ ଆଣିବା ପାଇଁ ପ୍ରୀତି, ଦରଦ ଓ ମଙ୍ଗଳ ମନୋଭାବ ନେଇ ସଂଯତ ଭାବରେ ସେମାନଙ୍କ ଉପରେ ଜୁଲମ, ଜବରଦସ୍ତି କଲେ ମଧ୍ୟ ଭଲ ଛଡ଼ା ମନ୍ଦ ହୁଏନା । କିନ୍ତୁ ଯେଉଁମାନଙ୍କର ଟାଣ ଅଲଗା, ଆତ୍ମାଭିମାନ ପ୍ରବଳ, ସେମାନଙ୍କ ସମ୍ବନ୍ଧରେ ମୋର ଖୁବ୍ ଚିନ୍ତା ହୁଏ, କାଳେ ଛିଟକି ନ ପଡ଼ନ୍ତି । ଆୟତ୍ତର ବାହାରକୁ ଚାଲିଗଲେ ସେତେବେଳେ ଆଉ କିଛି କରିବାର ନଥାଏ । ତୁ ଆଜି କରି ମଧ୍ୟ ଯଦି ପାଖରେ ରଖାଯାଏ, ତା'ହେଲେ ଧୀରେ ଧୀରେ ସୁଧାରିବାର ଚେଷ୍ଟା କରାଯାଇପାରେ । କିନ୍ତୁ ପୀରତିର ଖାତିରେ, ମଣିଷ ଯଦି ନିଜକୁ ନିଜେ ନ ସୁଧାରେ, ତା'ହେଲେ ବାହାରେ ରହି ବଡ଼ ଗୋଟାଏ କିଛି କରିବା ସମ୍ଭବ ନୁହେଁ । ତେଣୁ ମୁଁ କାହାକୁ ଶାସନ କରିବା କଥା ଭାବେନା, ଭାବେ, ମୋ ପ୍ରତି ଭଲପାଇବାର ଟାଣରେ ସେ କେବେ ନିଜକୁ ନିଜେ ଶାସନ କରିବ । ନିଜକୁ ନିଜେ ସଂଶୋଧନ କରିବ । ସେଇ ଆଶାରେ ମୁଁ ସହି, ସମ୍ଭାଳି, ଉଦ୍ଦୀପନା ଯୋଗାଇ ଦିନ ଗଣୁଥାଏ ।

ବ୍ରତ ହେଲା ତାଙ୍କୁ, ତାଙ୍କର ଅଭିଯାନକୁ propagate (ପ୍ରସାରିତ) କରିବା । ଏହାହିଁ ହେଲା ଲୋକ-ମଙ୍ଗଳର ମୌଳିକ ଉପାଦାନ । ଆଉ ନବୀ କହିଲେ ମୁଁ ବୁଝେ ତାଙ୍କୁ, ଯେ ଭଗବାନଙ୍କର ବାଣୀ ଓ ପ୍ରେରଣା ଲାଭ କରିଥା'ନ୍ତି । ହଜରତ ରସୁଲ ଶେଷନବୀ ହୁଅନ୍ତୁ, ସେଥିରେ ଆପତ୍ତି ନାହିଁ, କିନ୍ତୁ ଯୁଗେ ଯୁଗେ ଆମେ ଚାହୁଁ ତାଙ୍କର living continuity (ଜୀବନ୍ତ କ୍ରମାଗତି)– ତାହା ଇମାମଙ୍କ ମାଧ୍ୟମରେ ହେଉ, ଆଉ ଯାହା ମାଧ୍ୟମରେ ହେଉ ଏବଂ ତାଙ୍କୁ ଯେଉଁ ନାମରେ ଅଭିହିତ କରାହେଉ । ଭଗବତ୍‌ବାଣୀ ଓ ଭଗବତ ପ୍ରେରଣାର ସଞ୍ଜୀବନୀ ସଂସ୍ପର୍ଶ ଛଡ଼ା ଆମେ ଜୀବନମୃତ

> ପରାକ୍ରମେ ଯେପରି ଥାଏହିଁ ତୁମର
> ସୁଯୁକ୍ତିଶୀଳ ଉର୍ଜ୍ଜୀ ଗତି,
> ପ୍ରୀତି-ଜୁଆରରେ ଚାଲୁ ସେସବୁ
> ବଢ଼େଇ ତୋଳୁ ଇଷ୍ଟରତି । ୮୪ ।
>
> *(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ହୋଇଥାଉ । ଶୁଣିଛି, ରସୁଲ ପୂର୍ବତନଙ୍କୁ ମାନିବା କଥା ଯେପରି କହିଛନ୍ତି, ସେଇପରି ପୁଣି କହିଛନ୍ତି– ଯଦି କେହି ହାବସୀ କ୍ରୀତଦାସ ମଧ୍ୟ ତୁମମାନଙ୍କୁ କୋରାନ ଅନୁସାରେ ପରିଚାଳିତ କରନ୍ତି, ତେବେ ତୁମେମାନେ ତାଙ୍କର ଆଦେଶ ପାଳନ କରି ଚାଲ । ଆଉ ଏହା ଠିକ୍ ଜାଣ– କୋରାନ, ବେଦ, ବାଇବଲ, ଗୀତା ଇତ୍ୟାଦି ମଧ୍ୟରେ କୌଣସି ବିରୋଧ ନାହିଁ, ବୈଶିଷ୍ଟ୍ୟପାଳୀ, ଆପୂରୟମାଣ ମହାପୁରୁଷ, ତାହା ସେ ପରବର୍ତ୍ତୀ ଯେଉଁ ଯୁଗରେ ଆବିର୍ଭୂତ ହୁଅନ୍ତୁ, ତାଙ୍କର ବାଣୀରେ କୋରାନ, ବେଦ, ବାଇବଲ, ଗୀତାର ପରିପନ୍ଥୀ କୌଣସି କଥା ନ ଥାଏ, ବରଂ ଥାଏ ଯୁଗୋପଯୋଗୀ ପରିପୂରଣ । ତେଣୁ ପରବର୍ତ୍ତୀଙ୍କ ମଧ୍ୟରେ ଆମେ ପୂର୍ବବର୍ତ୍ତୀଙ୍କୁ ଆଉରି ବେଶୀ କରି ପାଉ । ଏକହିଁ ଈଶ୍ୱର ପ୍ରେରଣାର ପ୍ରବାହହିଁ ତ ଯୁଗ ଯୁଗ ଧରି ଚଳେ ଆଉରି ଆଉରି ବେଶୀ ଅଭିବ୍ୟକ୍ତି ନେଇ– ପ୍ରୟୋଜନ ଓ ପରିସ୍ଥିତିର ପରିପୂରଣ କଲ୍ପେ । ସୃଷ୍ଟି ଯେତେଦିନ ରହିବ, ସେତେଦିନ ଏଇ ଧାରାହିଁ ଚାଲୁଥିବ ।

କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ)– ବିଭିନ୍ନ ମହାପୁରୁଷଙ୍କ ଶିକ୍ଷା ମୂଳତଃ ଏକ ହେଲେ ମଧ୍ୟ, ଅସଙ୍ଗତି ଖୋଜିବାର ସ୍ୱଭାବ ଯେଉଁମାନଙ୍କର ସେମାନେ ନାନାପ୍ରକାର ଅସଙ୍ଗତି ଦେଖନ୍ତି ।

ଶ୍ରୀଶ୍ରୀଠାକୁର— ପ୍ରତ୍ୟେକ ମହାପୁରୁଷଙ୍କର ଉଦ୍ଦେଶ୍ୟ ହେଲା ମଣିଷକୁ ଭ୍ରାନ୍ତ ଚଳନ ଓ ପ୍ରବୃତ୍ତି ପରାୟଣତାର କବଳରୁ ଉଦ୍ଧାର କରି ଈଶ୍ୱରପରାୟଣ କରିତୋଳିବା । ସ୍ଥାନ, କାଳ, ପାତ୍ର, ପରିବେଶ ଓ ତଦ୍ଦେଶୀୟ କୃଷ୍ଟି ଓ ଐତିହ୍ୟ ଅନୁଯାୟୀ ଏଇଟା ଜଣେ ଜଣେ ଏକ ଏକ ପ୍ରକାର କରନ୍ତି । ଡ଼ାକ୍ତର ଯେପରି ରୋଗ ବୁଝି ଔଷଧ ଦିଅନ୍ତି, ଏମାନେ ମଧ୍ୟ ସେଇପରି ଯୁଗର ଗ୍ଲାନି ଯାହା, ତା'ର ପ୍ରତିବିଧାନ କରନ୍ତି— ପୂର୍ବତନଙ୍କୁ ଭିତ୍ତି କରି— ସେମାନଙ୍କର fulfilment (ପରିପୂରଣ)ରେ । ପ୍ରତ୍ୟେକଟି ମଣିଷ ସହିତ ଏମାନେ deal (କାରବାର) କରନ୍ତି ତା'ର ବୈଶିଷ୍ଟ୍ୟ ଅନୁଯାୟୀ । ତେଣୁ, ଏକ ପ୍ରକାରରେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ହେବାକୁ ବାଧ୍ୟ । ଅବିକଳ ଏକାପ୍ରକାର ହୋଇପାରେନା, ଯେଉଁଠାରେ ଯେତେବେଳେ ଯାହାର ମଙ୍ଗଳ ପାଇଁ ଯେଉଁ ମାତ୍ରାରେ, ଯେଉଁ ପ୍ରକାରର, ଯାହା କରଣୀୟ ମହାପୁରୁଷଗଣ ତାହାହିଁ କରିଥା'ନ୍ତି । ଏହା ତ ସଙ୍ଗତିର କଥା ଅସଙ୍ଗତିର କଥା ତ ନୁହେଁ । ଏହା ଦେଖି ବୁଝାଯାଏ ଯେ ସେମାନେ ପ୍ରତ୍ୟେକେହିଁ ବୈଶିଷ୍ଟ୍ୟପାଳୀ । ଆଗେ ହୁଏତ ଯେଉଁ aspect (ଦିଗ) ପ୍ରତି ଜୋର ଦିଆ ହୋଇ ନଥିଲା, ତାହା ହୁଏତ ପୂର୍ବତନଙ୍କ ସମୟରେ upset (ବିପର୍ଯ୍ୟସ୍ତ) ହୋଇ ନାହିଁ, ସେଇ ଦିଗଟାହିଁ ହୁଏତ ଗଡ଼ବଡ଼ ହୋଇ ଚାଲିଛି । ତେଣୁ ପ୍ରୟୋଜନ ବୁଝି ପରବର୍ତ୍ତୀ ମହାପୁରୁଷ ହୁଏତ ସେଇଟା ଉପରେ emphasis (ଜୋର) ଦେଲେ । କିମ୍ବା ପୂର୍ବତନଙ୍କର ଯେଉଁ ଶିକ୍ଷା ଲୋପ ପାଇ ଯାଉଥିଲା, ତାହାକୁହିଁ ହୁଏତ ଉଦ୍ଧାର କଲେ, ସଂସ୍ଥାପନ କଲେ । ମୋଟକଥା, ମଣିଷର ବଞ୍ଚିବା-ବଢ଼ିବା ପଥରେ ଯାବତୀୟ ବାଧା ଅପସାରଣ କରି ସେମାନଙ୍କର progressive go (ପ୍ରଗତି-ମୁଖର ଚଳନ)କୁ accelerate (ତ୍ୱରାନ୍ୱିତ) କରିବାହିଁ ସେମାନଙ୍କର mission (ଉଦ୍ଦେଶ୍ୟ) । ମହାପୁରୁଷଙ୍କ ମଧ୍ୟରେ ଛୋଟବଡ଼ ନ କରି ସେମାନଙ୍କ ମଧ୍ୟରେ ଅସଙ୍ଗତି ନ ବାହାର କରି, ଆମେ ଯଦି ସେମାନଙ୍କର ଅନ୍ତର୍ନିହିତ ଐକ୍ୟ ସୂତ୍ରସଙ୍ଗତି ଆବିଷ୍କାର କରି ଲୋକଙ୍କ ସାମନାରେ ତୋଳି ଧରିପାରୁ ତା'ହେଲେ ପରମପିତା ପ୍ରସନ୍ନ ହୁଅନ୍ତି, ପରିତୃପ୍ତ ହୁଅନ୍ତି ଏବଂ ଆମେ ମଧ୍ୟ ସାର୍ଥକ ହୋଇଉଠୁ ।

> ଭାବଭଙ୍ଗୀ ରଖିବ ଯେପରି
> 
> ରଖିବ ଯେପରି ମନୋଯୋଗ,
> 
> ଇଷ୍ଟନିଷ୍ଠ ପ୍ରାଣେ ତୁମର
> 
> ଆସିବ କିନ୍ତୁ ସେପରି ଯୋଗ । ୮୬ ।
> 
> *(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

## ବୈଶାଖ-୨୫, ଶନିବାର, ୧୩୫୫
## (ଇଂ୦୮।୦୫।୧୯୪୮)

ସକାଳେ କେଷ୍ଟଭାଇ (ଭଟ୍ଟାଚାର୍ଯ୍ୟ) ପ୍ରସଙ୍ଗକ୍ରମେ ଶ୍ରୀଶ୍ରୀଠାକୁରଙ୍କୁ କହିଲେ— ଜଣେ ବୈଜ୍ଞାନିକ କହିଛନ୍ତି ଟେଲି-ଫାଇନାଲିଜିମର କଥା । ତାଙ୍କ କଥାର ତାତ୍ପର୍ଯ୍ୟ ହେଲା— ଗୋଟାଏ distant goal (ଦୂରବର୍ତ୍ତୀ ଲକ୍ଷ୍ୟ) ନଥିଲେ evolution (ବିବର୍ତ୍ତନ) ହୁଏନା ।

ଶ୍ରୀଶ୍ରୀଠାକୁର— ମଣିଷର goal (ଲକ୍ଷ୍ୟ) ଯେତେ ବିରାଟ ହେବ, ସେଇ goal reach (ଲକ୍ଷ୍ୟରେ ପହଞ୍ଚିବାକୁ) ଯାଇ ମଣିଷ ସେତେ ବଡ଼ ହୋଇଉଠିବ । ତେଣୁ ଯାହାକୁ ତାହାକୁ ଗୁରୁ କରିବା ଠିକ୍ ନୁହେଁ । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହେବ ଯେ surrendered ( ଆତ୍ମସମର୍ପିତ) କି ନୁହେଁ, ସେ ପ୍ରବୃତ୍ତି-ଅଭିଭୂତିର ଊର୍ଦ୍ଧ୍ୱ ଜଗତର ମଣିଷ କି ନୁହେଁ, ତାଙ୍କର divine qualities (ଭାଗବତ ଗୁଣାବଳୀ) ଅଛି କି ନାହିଁ । ତାଙ୍କ ସଙ୍ଗେ ଆପଣଙ୍କର କେତେକ ମେଳ ଖାଉଛି, କେତେକ ମେଳ ଖାଉ ନାହିଁ । ଯେଉଁଠି ମେଳ ଖାଉ ନାହିଁ, ତାଙ୍କ ପ୍ରତି ଭଲପାଇବା ଥିବା ଯୋଗୁଁ ସେଠାରେ ବୁଝିବାକୁ ଚେଷ୍ଟା କରୁଛନ୍ତି, କାହିଁକି ମେଳ ଖାଉ ନାହିଁ, ନିଜର କୌଣସି ତ୍ରୁଟି ଅଛି କି ନାହିଁ, ଏହାଦ୍ୱାରା feeling(ବୋଧ)ଟା ବଢ଼ିଯାଏ । ଗୁରୁଙ୍କ ପ୍ରତି ଯଦି ଆମର unrepelling attachment (ଅଚ୍ୟୁତ ଅନୁରାଗ) ଥାଏ, ତା'ହେଲେହିଁ ସେ ଆମ ନିକଟରେ more and more revealed (ଆଉରି ଆଉରି ପ୍ରକାଶିତ) ହୋଇଥା'ନ୍ତି । ଧରନ୍ତୁ, ମୋର ଲକ୍ଷ୍ୟ ହିଁ ହେଲା ସୁକୌଶଳପୂର୍ବକ ଧୀରେ ଧୀରେ ଆପଣମାନଙ୍କୁ ସୁନିୟନ୍ତ୍ରିତ କରି ତୋଳିବା । ସେଥିପାଇଁ ଯେପରି ଯେପରି ଯାହା କରିବା କଥା ଗୋଟାକ ପରେ ଗୋଟାଏ କରି ଚାଲେ । ଏଇସବୁ କରିବା ମଧ୍ୟରେ କେତେକଟାରେ ଆପଣମାନେ satisfied (ସନ୍ତୁଷ୍ଟ) ହୁଅନ୍ତି, ପୁଣି ବେଳେ ବେଳେ ସାମୟିକ dissatisfied (ଅସନ୍ତୁଷ୍ଟ) ମଧ୍ୟ ହୁଅନ୍ତି । ମନରେ ନାନାପ୍ରକାର ଦ୍ୱନ୍ଦ୍ୱ ଆସେ । କେତେବେଳେ ଭଲ ଲାଗେ, କେତେବେଳେ ମନଟା ବୁଝେନା । କିନ୍ତୁ love (ଭଲପାଇବା) ଥାଏ ବୋଲି dissatisfaction (ଅସନ୍ତୋଷ) ମଧ୍ୟ ardour (ଆଗ୍ରହ) ସୃଷ୍ଟି କରେ, nerve (ସ୍ନାୟୁ) exercised (ଅନୁଶୀଳିତ) ହୁଏ, developed (ପରିପୁଷ୍ଟ) ହୁଏ, ଫଳତଃ finer truths (ସୂକ୍ଷ୍ମତର ସତ୍ୟ), revealed (ପ୍ରତିଭାତ) ହୁଏ । Unrepelling love (ଅଚ୍ୟୁତ

ଅନୁରାଗ) ନ ଥିଲେ ଏସବୁ ହୁଏନା । ଭଲପାଇବା ନାହିଁ, ସ୍ୱାର୍ଥପ୍ରତ୍ୟାଶା ବା କର୍ତ୍ତବ୍ୟର ଖାତିରରେ କେହି ଲୋକ ଦେଖାଣିଆ ଆଚରଣ କରେ, ବା ମନ ବୁଝାଇବା ଚଳନରେ ଚଳେ, ସେଥିରେ କିନ୍ତୁ ତା'ର inner development (ଅନ୍ତର୍ନିହିତ ବିକାଶ) ହୁଏନା । Research laboratory (ଗବେଷଣାଗାର)ରେ କେତେ ଲୋକଙ୍କ ମସ୍ତିଷ୍କର ବିକାଶ ହୁଏ ପୁଣି କେତେକଙ୍କର ମୁଣ୍ଡ କାମ କରେ ନାହିଁ । ଯେଉଁମାନଙ୍କର ଅନୁସନ୍ଧିତ୍ସୁ ସେବା-ମନୋଭାବ ଅଛି ସେମାନେ ଆଗେଇ ଯା'ନ୍ତି । ଆଉ, ଯେଉଁମାନେ ମନେକରନ୍ତି– ଆରାମର ଚାକିରୀ, କିଛି କରେ ବା ନ କରେ ମାସେ ମାସେ ଟଙ୍କାଟା ପାଇଯିବି, ସେମାନେ ଦିନୁଦିନ dull (ସ୍ଥାଣୁ) ହୋଇଯା'ନ୍ତି । ଚାକିରିଆ ମନୋବୃତ୍ତି ବଡ଼ ଖରାପ ଜିନିଷ । ସ୍ୱାର୍ଥ ଛଡ଼ା ଭାବେନା, କହେନା, ଚଳେନା, କରେନା । କିନ୍ତୁ ଭଲ ଚାକିରିଆ ଯେଉଁମାନେ ସେମାନେ କିନ୍ତୁ ସବୁବେଳେ ଭାବନ୍ତି ମାଲିକଙ୍କଠାରୁ ଯେଉଁ ଟଙ୍କାଟା ପାଇ ପିଲାଛୁଆ ନେଇ ବଞ୍ଚିଛି, ତା'ର ପ୍ରତିଦାନସ୍ୱରୂପ ଉପଯୁକ୍ତ ପରିଶ୍ରମ ଆମକୁ କରିବାକୁ ହେବ । କିଛି ନ ଦେଇ, ନେବା ଜିନିଷଟା ବଡ଼ ଖରାପ । ଧରନ୍ତୁ, ଆପଣଙ୍କୁ ଖୁବ୍ ଦେଉଛି, ଆପଣ enjoy (ଉପଭୋଗ) କରୁଛନ୍ତି, କିନ୍ତୁ ଆପଣ ମୋତେ ଶାଗପତ୍ରଟାଏ ଦେଉ ନାହାଁନ୍ତି, ଏହା ଭଲ ନୁହେଁ । ମୁଁ ମାଗିଲି, ଦେଲେ, ତା' ନୁହେଁ । ମୋର ପ୍ରୟୋଜନ ବୁଝି ମୁଁ କ'ଣ ଭଲପାଏ, ତାହା ବୁଝି ଆଣି ଦେଲେ, ଦେବାର ଧନ୍ଦାରେ ରହିଲେ– ଏହା gracious to evolution (ବିବର୍ତ୍ତନ ପକ୍ଷେ ହିତକର) । ନେଲେ ଯେ ଦୋଷ ହୁଏ ତାହା ନୁହେଁ, ସର୍ବନାଶ ହୁଏ ତାହା ନୁହେଁ, ମହାଭାରତ ଅଶୁଦ୍ଧ ହୋଇଗଲା ତାହା ମଧ୍ୟ ନୁହେଁ । କିନ୍ତୁ ନ ଦେଇ ନେବାର ପ୍ରବୃତ୍ତି ହେଲେ evolution (ବିବର୍ତ୍ତନ)ର ପଥରେ stagnation (ଅଚଳ ଅବସ୍ଥା) ଆସେ । ସ୍ୱଳ୍ପ ଦକ୍ଷିଣା ମଧ୍ୟ ଏହି କାରଣରୁ ଖରାପ । ସ୍ତ୍ରୀର ମଧ୍ୟ ଯଦି ସ୍ୱାମୀ ପାଇଁ କରିବା ନଥାଏ, ଏକ ତରଫା ଅଜସ୍ର ପାଏ, ଅଥଚ ସ୍ୱାମୀଙ୍କୁ ଶାଗପତ୍ରଟାଏ ରାନ୍ଧି ଦେବାର ଆବେଗ ନଥାଏ, ସେ ସ୍ୱାମୀଙ୍କୁ feel (ବୋଧ) କରିପାରେନା । ତା'ର ଦୃଷ୍ଟି blurred (ଝାପସା) ହୋଇଯାଏ ।

> ଇଷ୍ଟଦରଦେ ଦରଦୀ ହୁଅ,
> ନିରାକରଣ କର ଦୁଃଖେ,
> ଶିଷ୍ଟ ନିଶାରେ ନିବିଷ୍ଟ ହୁଅ,
> ରଖ ତା'କୁ ତୁମେ ସୁଖେ । ୮୭ ।
>
> *(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

କେଷ୍ଟଭାଇ– ମଣିଷକୁ ଦୁନିଆଟା ଯେପରି cosmos (ଶୃଙ୍ଖଳା) ବୋଲି ପ୍ରତିଭାତ ହୋଇଛି, ଅନ୍ୟ ଜୀବଙ୍କ କ୍ଷେତ୍ରରେ ମଧ୍ୟ କ'ଣ ତାହାହିଁ ?

ଶ୍ରୀଶ୍ରୀଠାକୁର– ଧରନ୍ତୁ, ଆକାଶ ଆଡ଼େ ପ୍ରଥମେ ଚାହିଁଲେ ମନେହୁଏ, chaos (ବିଶୃଙ୍ଖଳା) । ବାରବାର ଚାହିଁ ଚାହିଁ ତା' ସହିତ ଯେପରି ଗୋଟାଏ ପରିଚିତି ଘଟେ, ସେତେବେଳେ ଆଉ chaos (ବିଶୃଙ୍ଖଳା) ମନେହୁଏନା । ବୁଝିବାର ଚେଷ୍ଟା ଭିତର ଦେଇ ଆମର ବୁଝାଟା ଯେପରି ଅଗ୍ରସର ହୁଏ ଆମ ଭଳି, ପ୍ରତ୍ୟେକ ଜୀବର ସେଇପରି ହୁଏ ତା' ଭଳି । ବଞ୍ଚିବାକୁ ହେଲେହିଁ, ଚଳିବାକୁ ହେଲେହିଁ, ଆଚରଣ କରିବାକୁ ଗଲେହିଁ, ପ୍ରତ୍ୟେକଙ୍କର ବିଶ୍ୱ-ଜଗତ ସମ୍ବନ୍ଧରେ ଗୋଟାଏ adjustment (ସାମଞ୍ଜସ୍ୟ) କରି ଚଳିବାକୁ ହୋଇଥାଏ । ତାହା ଆପଣଙ୍କ ପାଇଁ ଆପଣଙ୍କ ପରି, ବିରାଡ଼ିଟାର ବିରାଡ଼ି ପରି, ପୋକଟାର ମଧ୍ୟ ପୋକ ପରି । Environment (ପରିବେଶ) ସମ୍ବନ୍ଧରେ ଗୋଟାଏ conception (ଧାରଣା) ନଥିଲେ କୌଣସି ଜୀବହିଁ ତା' ମଧ୍ୟରେ ତିଷ୍ଠି ପାରେନା । ସବୁ ଜୀବହିଁ କରି କରି ଠିକି ଠିକି ଶିଖେ । ନୂଆ କୌଣସି ପରିବେଶ ମିଳିଲେ, ପ୍ରଥମଟା ସେଠାକାର ସଙ୍ଗେ ଖାପ ଖୁଆଇ ଦେବାକୁ ଟିକିଏ ଯେପରି conscious effort (ସଚେତନ ଚେଷ୍ଟା) ଦରକାର ହୁଏ । ପରେ ସବୁ adapted ଓ adjusted (ସୁସଙ୍ଗମ ଓ ସୁବିନ୍ୟସ୍ତ) ହୋଇଉଠେ । କୃଷ୍ଣଠାକୁରଙ୍କୁ କହନ୍ତି ଚିର ନବୀନ, ତା'ର ମାନେ ତାଙ୍କର ନିତ୍ୟ ନବୀନ ବୋଧର ଅନ୍ତ ନାହିଁ, ଆଉ ସେଇ ନୂତନତ୍ୱର ସଙ୍ଗେ ତାଙ୍କର ସାମଞ୍ଜସ୍ୟ କରି ଚଳିବାର ଶକ୍ତିର ମଧ୍ୟ ଅନ୍ତ ନାହିଁ । ସବୁଟା ଯେପରି ତାଙ୍କ ପାଖରେ ଲୀଳା କରି ସ୍ୱତଃ, ସହଜ ଓ ଅନାୟାସସାଧ୍ୟ । ତେଣୁ ତାଙ୍କୁ ନବ କିଶୋର ନଟବର ବୋଲି ମନେହୁଏ । ସେ ସର୍ବଦା ପୁରାତନଙ୍କ ମଧ୍ୟରେ ସତ୍ୟର ନବ ନବ ରୂପ ଦେଖିବାକୁ ପା'ନ୍ତି । ପୁଣି ଯେକୌଣସି ନୂତନତ୍ୱ ମଧ୍ୟରେ ସେ ଶାଶ୍ୱତ ଯାହା ତାହାର ଅଭିବ୍ୟକ୍ତିକୁ ବୋଧ କରନ୍ତି । ତେଣୁ ସେ ଚିରଚେତନ ।

କେଷ୍ଟଭାଇ– ଚୈତନ୍ୟର ବିକାଶ ତ କେବଳ ମଣିଷ ମଧ୍ୟରେହିଁ ହେଲା ?

ଶ୍ରୀଶ୍ରୀଠାକୁର– ଆମେ ଏଇପରି ଭାବୁ । ମୋର ବୋଧକୁ ଭିତ୍ତି କରି ମୁଁ କହେ– The world appears as cosmos to me (ଜଗତଟା ମୋ ପାଖରେ ଶୃଙ୍ଖଳା ବୋଲି ମନେହୁଏ) । ତେବେ ଏକଥା ମୁଁ କହିପାରେନା ଯେ ଅନ୍ୟ କାହା ପାଖରେ ଏପରି ହୁଏନା ବୋଲି ।

କେଷ୍ଟଭାଇ– ଆମେ ଯେପରି କାହାରିକୁ ignore (ଉପେକ୍ଷା) ନ କରି, ସମସ୍ତଙ୍କୁ include (ଅନ୍ତର୍ଭୁକ୍ତ) କରି ଭାବୁଛୁ,

ଏପରି କ'ଣ ଆଉ କେହି ଭାବନ୍ତି ?

ଶ୍ରୀଶ୍ରୀଠାକୁର ଉଦାସଭାବେ କହିଲେ– God knows (ଈଶ୍ୱର ଜାଣନ୍ତି) ।

ଟିକିଏ ପରେ ଶ୍ରୀଶ୍ରୀଠାକୁର ପୁଣି କହିଲେ– ଠିକ୍ ବୁଝି ଉଠାଯାଏନା, ଗୋଟାଏ ପିମ୍ପୁଡ଼ି ଆମଠାରୁ ବେଶୀ wiser (ବେଶୀ ବିଜ୍ଞ) ନା ଆମେ ତା'ଠାରୁ wiser (ବେଶୀ ବିଜ୍ଞ) । ପ୍ରତ୍ୟେକକୁ ତା'ର ଜଗତକୁ ନେଇ ସମଗ୍ର ଭାବେ ଜାଣିଲେ, ବୁଝିଲେ ମନେହୁଏ ରହସ୍ୟର ଥଳକୂଳ ନାହିଁ, ବଡ଼ଛୋଟ କିପରି କହିବା ? ସବୁ ତ ତା'ର ଅନନ୍ତ ବିଚିତ୍ର ଖେଳ । ଶୁଣିଛି ଆଗେ ବିଶ୍ୱବିଦ୍ୟାଳୟରେ ଇତର ପ୍ରାଣୀର ଭାଷାର ଶିକ୍ଷା ଦିଆଯାଉଥିଲା । ଆମେ ତ ଆଜିକାଲି ଏହାର କୌଣସି ସଠିକ୍ ସମ୍ବନ୍ଧ ପାଉନା । କାହାର ଯେ କେତେ ଜ୍ଞାନ ଓ ବୋଧ, ବାହାରୁ କିପରି ବୁଝାଯିବ କୁହନ୍ତୁ । ହୁଏତ ଏଇ କାଉଟା କା କା କରି ବୋବାଇ ଆମକୁ କୌଣସି ମଙ୍ଗଳଜନକ ନିର୍ଦ୍ଦେଶ ଦେଇ ଯାଉଛି । କିନ୍ତୁ ଯେଉଁଠାରେ ଆମର ବୋଧର କବାଟ ବନ୍ଦ, ସେଠାରେ ଆମେ କିପରି ବୁଝିବା, ସେ ଆମକୁ କ'ଣ କହିବାକୁ ଚାହେଁ, ସେ ଆମର କେତେବଡ଼ ବାନ୍ଧବ ।

କେଷ୍ଟଭାଇ– ଆମେ ମଣିଷଟାର ମଧ୍ୟ ବୁଝୁ, ପୁଣି ଅନ୍ୟଟାର ଅନେକଟା ବୁଝୁ– ଏହାହିଁ ତ ଆମର ଶ୍ରେଷ୍ଠତ୍ୱ ।

ଶ୍ରୀଶ୍ରୀଠାକୁର– ଏହା ଆମର ଆତ୍ମପ୍ରସାଦ ।

କେଷ୍ଟଭାଇ– ପକ୍ଷୀ ଡ଼େଣାକୁ ଅବଲମ୍ବନ କରି ଉଡ଼େ, ତାହାହିଁ ଲକ୍ଷ୍ୟ କରି ମଣିଷ aeroplane (ବିମାନ) ତିଆରି କରିଛି । ମଣିଷର ବୁଦ୍ଧି ଓ ଶକ୍ତିର କ'ଣ ଶେଷ ଅଛି ?

ଶ୍ରୀଶ୍ରୀଠାକୁର– Aeroplane (ଉଡ଼ାଜାହାଜ) ପ୍ରୟୋଜନରୁ ହୋଇଛି । ଆମେ utilise (ସଦ୍‌ବ୍ୟବହାର) କରିପାରୁ । ଏଥିରେ ଆମର କ'ଣ ହେଲା ? ଗୋଟାଏ ପକ୍ଷୀର ଡ଼େଣା କିନ୍ତୁ ତା'ର ନିଜସ୍ୱ । ଏକଥା ଭୁଲିଯିବା ଉଚିତ ନୁହେଁ । ପୁଣି, ବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ମଣିଷର ଚରିତ୍ର ଓ ହୃଦୟର ଉନ୍ନତି ନ ହୁଏ, ତା'ହେଲେ କିନ୍ତୁ ହେବ ନାହିଁ ।

କେଷ୍ଟଭାଇ– ମଣିଷ monster (ଅତିକାୟ ଜନ୍ତୁ) ହେବ ନାହିଁ, ସେ ତା'ର cerebral development ଓ manipulation (ମସ୍ତିଷ୍କ ଶକ୍ତିର ବିକାଶ ଓ ନିୟନ୍ତ୍ରଣ)ର ଭିତର ଦେଇ ତା'ର ପ୍ରୟୋଜନ ପୂରଣ କରିବ । ଏସବୁ ତ ଅଛି । ତା'ଛଡ଼ା କେବଳ ମଣିଷ ମଧ୍ୟରେହିଁ ଯୀଶୁଖ୍ରୀଷ୍ଟଙ୍କ ପରି ପୁରୁଷଙ୍କର ଆବିର୍ଭାବ ହେବାର ଦେଖାଯାଏ ।

ଶ୍ରୀଶ୍ରୀଠାକୁର– ମୋର ମନେହୁଏ ଅନ୍ୟାନ୍ୟ ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ହୁଏତ ଉଦ୍ଧାରକର୍ତ୍ତା ଆସନ୍ତି । ସେ ସେମାନଙ୍କୁ ଜୀବନ ରକ୍ଷାର କୌଶଳ ଶିଖାନ୍ତି । ପରମପିତା ବାରବାର ବିଶ୍ୱଦୁନିଆର ସବୁ କିଛିକୁ ନେଇ ।

କେଷ୍ଟଭାଇ– ସଚ୍ଚିଦାନନ୍ଦ standard (ମାପକାଠି) ଦେଇ କିଏ ମୋର more evolved (ବେଶୀ ଆବିର୍ଭୂତ) ?

ଶ୍ରୀଶ୍ରୀଠାକୁର– Standard (ମାନଦଣ୍ଡ) ତ ଆମେହିଁ ଠିକ୍ କରି ନେଇଛୁ ।

କେଷ୍ଟଭାଇ– ସଚ୍ଚିଦାନନ୍ଦର standard (ମାନଦଣ୍ଡ) ଯାହା ଆମେ କରି ନେଇଛୁ, ତାହା କ'ଣ ଠିକ୍ ନୁହେଁ ?

ଶ୍ରୀଶ୍ରୀଠାକୁର– Standard (ମାନଦଣ୍ଡ) କରାଯାଇଛି wisely ଓ widely (ପ୍ରାଜ୍ଞତା ସହକାରେ ଓ ବ୍ୟାପକଭାବରେ) ଏଇ ସଚ୍ଚିଦାନନ୍ଦତ୍ୱ ବାଦ ଦେଇ କିଛି ଦେଖାଯାଏନା ।

ସୌରୀନବାବୁ (ରଙ୍ଗନ ଭିଲାର ମାଲିକ)ଙ୍କର ଜଣେ ଆତ୍ମୀୟ ଢ଼ାକାରେ ସବୁ ଛାଡ଼ିଛୁଡ଼ି ଆସିଛନ୍ତି । ଦୁଃଖ କରି କହୁଥିଲେ ଅସୁବିଧାର କଥା ।

ଶ୍ରୀଶ୍ରୀଠାକୁର ଆଶା ଭରସା ଦେଇ କହିଲେ– ମଣିଷର ମଣିଷହିଁ ସମ୍ପଦ । ଟଙ୍କାପଇସା ମାଟି ବଡ଼ ଜିନିଷ କିଛି ନୁହେଁ । ମଣିଷ ନାରାୟଣଙ୍କର ପ୍ରତୀକ । ମଣିଷର ଯଦି ଭକ୍ତି ଥାଏ, ଲକ୍ଷ୍ମୀ ଆପେ ଆସିବେ । ଆପଣ ମଣିଷର ସେବା କରନ୍ତୁ, ଦେଖିବେ ପରମପିତାଙ୍କ ଦୟାରେ ସବୁ ଠିକ୍ ହୋଇ ଆସିବ ।

ଉକ୍ତ ଭଦ୍ରଲୋକ– ଦେଶଛଡ଼ା ହୋଇ ଦେଖୁଛି, ସହାନୁଭୂତି-ସମ୍ପନ୍ନ ଲୋକଙ୍କର ବଡ଼ ଅଭାବ ।

ଶ୍ରୀଶ୍ରୀଠାକୁର– ମୁଁ ଭାବେ ମୋର ଯଦି ସେପରି ସାମର୍ଥ୍ୟ ଥା'ନ୍ତା, ତେବେ ପୂର୍ବବଙ୍ଗରେ ହିନ୍ଦୁମାନେ ଯେପରି ପ୍ରଥମ ଶ୍ରେଣୀର ନାଗରିକ ରୂପେ ପରିପୂର୍ଣ୍ଣ ବୈଶିଷ୍ଟ୍ୟ, ମର୍ଯ୍ୟାଦା ଓ ନିରାପତ୍ତା ସହକାରେ ବସବାସ କରିପାରନ୍ତି, ସେଇ ଚେଷ୍ଟା ପ୍ରାଣପଣେ କରିଥା'ନ୍ତି । କିନ୍ତୁ ଏଇ ବୟସରେ ମୋ ହାତରେ ତା'ର ସୁଯୋଗ କାହିଁ ? ନହେଲେ ସେଠାକାର ଜଳବାୟୁ ସେଠାକାର ମାଟି– ଆମର ଶରୀର ଏହାହିଁ ଚାହେଁ, ସେଥିରେହିଁ ଭଲ ରହେ । କେଉଁଠାକୁ ଯାଇ ସେମିତି ଆଉ ମିଳିବ ନାହିଁ । ତେଣୁ, ବାରବାର କହିବାକୁ ଇଚ୍ଛାକରେ ମୋର 'ସୁନାର ବଙ୍ଗଳା ! ମୁଁ ତୁମକୁ ଭଲପାଏ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।' ଭଲପାଇବାର ଦାବି ଅଶେଷ ।

ଇଷ୍ଟେ ଦରଦ ନ ରହିଲେ ଜାଣ
ଇଷ୍ଟପରାକ୍ରମ ନାହିଁ କିନ୍ତୁ,
ବହୁରୂପୀ ସେ ଚଳନବାଲା
ମସ୍ତ ଗୋଟେ କୁଟିଳ ଜନ୍ତୁ । ୮୮ ।

*(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ସେଥିପାଇଁ ଢ଼େର କରିବାକୁ ହେବ । କରିବି ନାହିଁ, ପାଇବି, ତା' ତ ହୁଏନା । ଆମର ଅନେକଙ୍କର ମତଲବ ହେଲା, ଯଦି ଅନ୍ୟ କେହି କରିଦିଏ ତା'ହେଲେ ଭୋଗ କରିପାରେ– ଅବଶ୍ୟ ଯେ କରିଦେବେ, ତା'ର ପ୍ରତି କୃତଜ୍ଞତାର ଧାର ଧାରୁନା ।

ଉକ୍ତ ଭଦ୍ରବ୍ୟକ୍ତି– ଆଜିକାଲି ଧର୍ମର ସ୍ଥାନ ନାହିଁ ।

ଶ୍ରୀଶ୍ରୀଠାକୁର– ତା' କାହିଁକି ? ଜଗତରେ ସମସ୍ତ ଜୀବଙ୍କର ସବୁ ଯାହା କିଛି administered (ପରିଚାଳିତ) ହେଉଛି ଧର୍ମକୁ ଭିତ୍ତି କରି । ଧର୍ମ ମାନେ ସେପରି କହିବା, ସେପରି କରିବା, ସେପରି ଭାବିବା, ଯେପରିକି ପରିବେଶ ସହ ବଞ୍ଚି ପାରିବା, ବଢ଼ିପାରିବା, ଯେନାତ୍ମନସ୍ତଥାନ୍ୟେଷାଂ ଜୀବନଂ ବର୍ଦ୍ଧନଞ୍ଚାପି ଧ୍ରିୟତେ ସ ଧର୍ମଃ ।'

ଉକ୍ତ ଭଦ୍ରବ୍ୟକ୍ତି– ଅତ୍ୟାଚାର, ନାରୀ ଧର୍ଷଣ ଇତ୍ୟାଦିର ମଧ୍ୟରେ ଧର୍ମ କେଉଁଠି ?

ଶ୍ରୀଶ୍ରୀଠାକୁର– ସେସବୁରେ ଧର୍ମ ନାହିଁ । କିନ୍ତୁ ଈଶ୍ୱରଙ୍କୁ ଓ ପ୍ରେରିତଙ୍କୁ ଅବଲମ୍ବନ କରି ଯେଉଁଠି ନିଷ୍ଠା ଅଛି, ବିଶ୍ୱାସ ଅଛି, ଆଚାର ଅଛି, ସଂହତି ଅଛି, ପାରସ୍ପରିକତା ଅଛି, ସେଠାରେ ଧର୍ମ ନାହିଁ– ଏ କଥା କହିଲେ ଚଳିବ ନାହିଁ । ହାଏନା ଯେ ମଣିଷ ଖାଏ, ଗୋରୁ ଖାଏ, ବାଘ ଖାଏ, ସେମାନେ ମଧ୍ୟ ପରସ୍ପରକୁ ବିପଦ ସମୟରେ save କରନ୍ତି, ରକ୍ଷା କରନ୍ତି, ସେମାନେ ସେତେଟା ଏକଜୁଟ, ତେଣୁ ସମସ୍ତେ ସେମାନଙ୍କୁ ଭୟ କରନ୍ତି । ବଞ୍ଚିବାର ଧର୍ମ ସେମାନେ ସେମାନଙ୍କ ପରି ପାଳନ କରନ୍ତି– ପରସ୍ପର feel (ଅନୁଭବ) କରନ୍ତି, ସାହାଯ୍ୟ କରନ୍ତି, environment (ପରିବେଶ)କୁ ନେଇ ବଞ୍ଚିବାକୁ ଚାହାଁନ୍ତି । ଆମେ ଆଦର୍ଶକୁ ବିସର୍ଜନ ଦେଇ ପ୍ରବୃତ୍ତିର ଇନ୍ଧନ ଯୋଗାଇ ମଣିଷକୁ ଖୁସି କରିବାର ବାହାନାରେ ଘୁରୁ । ହରିଜନକୁ ଉନ୍ନତ କରି ନ ତୋଳି ନିଜେ ନିଜେ ହରିଜନରେ ପର୍ଯ୍ୟବସିତ ହେବାକୁ ଚାହୁଁ । ମେହେନ୍ତରକୁ ଜାମାତା କଲେ ଆମେ ତା'କୁ ଖୁସି କରିବା ପାଇଁ ତା' ପରି ହେବାକୁ ଚାହିଁବୁ, କାରଣ ଆମେ ଗୁରୁଙ୍କୁ ତୁଷ୍ଟ କରିବାକୁ ସାହସ ପାଉନା, କାଳେ ଝିଅଟା କଷ୍ଟ ପାଇବ । ତେଣୁ କହେ, ଆମର ବୋଧ ବିଚାର ଓ ଚାଲିଚଳନରେ ଅନେକ ଆବିଳତା ପ୍ରବେଶ କରି ଯାଇଛି । ମୋଟକଥା, ଉସ୍ପହରା, ବୋକାଳିଆ, ଅସ୍ତିତ୍ୱନାଶୀ, ବୈଶିଷ୍ଟ୍ୟ ବିଲୋପି– ଚଳନଟା କିନ୍ତୁ ଧର୍ମ ନୁହେଁ ।

ଉକ୍ତ ଭଦ୍ରଲୋକ– ବ୍ରାହ୍ମଣମାନେ ସମାଜରେ କମ ଅତ୍ୟାଚାର କରି ନାହାଁନ୍ତି, ବ୍ରାହ୍ମଣମାନେ ନାୟାର ବା ଶୂଦ୍ରଙ୍କର ଛାୟା ପର୍ଯ୍ୟନ୍ତ ମାଡ଼ିବେ ନାହିଁ । ଏହାର କୌଣସି ମାନେ ହୁଏ ?

ଶ୍ରୀଶ୍ରୀଠାକୁର– ବ୍ରାହ୍ମଣଙ୍କର ଦୋଷ କାହିଁକି ଦେଉଛନ୍ତି ? ତା'ର କାରଣ କ'ଣ ଜାଣନ୍ତି ? ସମାଜକୁ ରକ୍ଷା କରିବା ପାଇଁ ସମାଜପତିଙ୍କୁ କେତେ କୌଶଳ ଅବଲମ୍ବନ କରିବାକୁ ହୁଏ, ସେ ସମ୍ବନ୍ଧରେ କ'ଣ ଆମମାନଙ୍କର କୌଣସି ଧାରଣା ଅଛି ? ଅନେକ ସମ୍ପ୍ରଦାୟର ଅନେକଙ୍କର ହିନ୍ଦୁମାନଙ୍କର ଉଚ୍ଚବର୍ଣ୍ଣର କନ୍ୟାଙ୍କ ଉପରେ ଲୋଭ । ଅନାର୍ଯ୍ୟଗଣ ମଧ୍ୟ ଏଇ କ୍ଷେତ୍ରରେ କମ୍ ଉତ୍ପାତ କରି ନାହାଁନ୍ତି । ସେଇଥିପାଇଁ ଏପରିଭାବେ କଠୋର ବାଡ଼ବାନ୍ଧି ଦିଆ ଯାଇ ନଥିଲେ, ଆଜି ସମାଜରେ ଯାହା ଟିକକ ଅଛି, ତାହା ମଧ୍ୟ ରହି ନଥା'ନ୍ତା । ଏପରିଭାବେ ଦୁହାଇ ଥିଲା, ସେଇଥିପାଇଁ ଏତେ invasion (ଆକ୍ରମଣ), ଆଘାତ-ବ୍ୟାଘାତ ଓ ପ୍ରଳୟ ମୁହଁରୁ କିଛିଟା ଆତ୍ମରକ୍ଷା କରିବା ସମ୍ଭବ ହୋଇଛି । ନ ହେଲେ ସବୁ ଭାସି ଚାଲି ଯାଇଥା'ନ୍ତା । ଅଜ୍ଞ ଲୋକ ବୁଝେନା, କ'ଣ ପାଇଁ କ'ଣ କରିବା ଦରକାର । ତେଣୁ ଯେପରି ଖୁସି ହୋଇଥାଏ । ହିନ୍ଦୁ କିନ୍ତୁ ମଣିଷକୁ ଆପଣାର କରିବା କଥା ଛଡ଼ା ପର କରିଦେବାର କଥା ଭାବି ନାହିଁ । କିନ୍ତୁ ଶକ୍ତି କରି କଟକଣା ଜାରି କରିଛି ସେଇସବୁ କ୍ଷେତ୍ରରେ, ଯେଉଁ ସବୁ କ୍ଷେତ୍ରକୁ ପୃଥକ ଓ ହୁଗୁଳା କରି ରଖିଲେ ପତନ, ବିନାଶ ଓ ବିପର୍ଯ୍ୟୟ ଅବଶ୍ୟମ୍ଭାବୀ । ଏହା ମଧ୍ୟରେ ଘୃଣାର କୌଣସି ସ୍ଥାନ ନାହିଁ । ମୁଁ ବୁଝେ– Hinduism ବା Aryanism (ହିନ୍ଦୁତ୍ୱ ବା ଆର୍ଯ୍ୟତ୍ୱ) ଏପରି ଗୋଟାଏ 'ବାଦ' ଯାହା କାହାକୁ ବାଦ ଦିଏ ନାହିଁ । ପ୍ରତିଟି ବୈଶିଷ୍ଟ୍ୟକୁ ସ୍ୱୀକାର କରିନେଇ ତା'କୁ କ୍ରମୋର୍ଦ୍ଧ୍ୱଗାମୀ ବ୍ରାହ୍ମୀ ବିସ୍ତାର ମାର୍ଗରେ ପରିଚାଳିତ କରିବାର କେତେପ୍ରକାର ଯେ ବାସ୍ତବ କୌଶଳ ଅଧିଗତ କରିଛନ୍ତି ଏଇ ସନାତନ ଆର୍ଯ୍ୟ ହିନ୍ଦୁମାନେ ଏହାର କୌଣସି ତୁଳନା ହୁଏନା ।

ଏଇସବୁ କଥା କହୁ କହୁ ଶ୍ରୀଶ୍ରୀଠାକୁରଙ୍କ ଅପୂର୍ବ ସୁନ୍ଦର ମୁଖମଣ୍ଡଳ ଆବେଗ-ଉଦ୍ଦୀପନାରେ ସ୍ଫୀତ ଓ ଉଦ୍ଭାସିତ ହୋଇଉଠିଲା ।

ଅବ୍ୟାହତ ଗତିରେ ଆଲୋଚନାର ସ୍ରୋତ ବହି ଚାଲିଛି । ଶ୍ରୀଶ୍ରୀଠାକୁରଙ୍କର ସୋହାଗ-ସଞ୍ଚିତ, ପ୍ରତ୍ୟୟଦୀପ୍ତ ବାଚନଭଙ୍ଗିମା, ସମସ୍ତଙ୍କ ଅନ୍ତରରେ ଏକ ମଧୁର ଆବେଶ ସୃଷ୍ଟି କରୁଛି । ସମସ୍ତେ ବିଭୋର ହୋଇ ଶୁଣୁଛନ୍ତି ତାଙ୍କର ଅମୃତନିଷ୍ୟନ୍ଦୀ କଥା । ଏଇ ସମୟରେ ପ୍ରକାଶଭାଇ (ବସୁ), ମଣିଭାଇ (କର), ଅଶ୍ୱିନୀଭାଇ (ଦାସ), ସୁରେନଭାଇ (ସେନ), ସୁନୀତିଭାଇ (ପାଲ) ପ୍ରଭୃତି ଅନେକେ ଆସି ପ୍ରଣାମ କରି ଉପବେଶନ କଲେ । *(କ୍ରମଶଃ)*

***ଅନୁବାଦକ : ଶ୍ରୀଯତୀନ୍ଦ୍ର ନାଥ ମହାନ୍ତି***

ଇଷ୍ଟଭୃତି ନାହିଁ ଯେଉଁଠି-
ଇଷ୍ଟାର୍ଥ-ପ୍ରୀତି ଖୁବ୍‌ହିଁ କମ,
ଇଷ୍ଟାର୍ଥ-କୃତି କମ୍ ଯେଉଁଠି
କମ୍‌ହିଁ ସେଠାରେ ନିଷ୍ଠାଦମ । ୯୦ ।

*(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

*ପ୍ରେଷ୍ଠ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ*

# ନାନା ପ୍ରସଙ୍ଗ

## (ଦ୍ୱିତୀୟ ଖଣ୍ଡ)

*ସଂକଳୟିତା–* **ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ,** *ଏମ.ଏ.*

*(ପୂର୍ବପ୍ରକାଶିତ ଉତ୍ତାରୁ........)*

**୨**

**ଆଷାଢ଼-୨୦, ୧୩୪୨ । ସ୍ଥାନ- ସତ୍‌ସଙ୍ଗ ବିଶ୍ୱବିଜ୍ଞାନକେନ୍ଦ୍ର । ସମୟ- ପ୍ରଭାତ । ଶ୍ରୀଶ୍ରୀଠାକୁର ବିଜ୍ଞାନାଗାରର ସମ୍ମୁଖସ୍ଥ ବାରଣ୍ଡାରେ ଅର୍ଦ୍ଧଶାୟିତାବସ୍ଥାରେ ନାନାପ୍ରସଙ୍ଗେ ଆଲୋଚନା କରୁଥିଲେ ।**

ପ୍ରଶ୍ନ– ଆମେମାନେ ତ ଦେଖୁଛୁ, ଘରେହିଁ ଆମମାନଙ୍କର ଶାନ୍ତି ନାହିଁ । ପାରିବାରିକ ଜୀବନର ଦାୟିତ୍ୱହିଁ ଅନିଚ୍ଛାର ବୋଝ ଭଳି ବହୁଛି ! ଘରେ ଶାନ୍ତି ଆସିଲେ ତେବେ ତ ବାହାରେ– ଜାତିର କାମରେ ଆମେମାନେ ମାତି ଉଠିପାରିବୁ ?

ଶ୍ରୀଶ୍ରୀଠାକୁର– ତା' ତ ଠିକ୍‌ହିଁ ! ଘରେ ଯେଉଁମାନଙ୍କର ଇଷ୍ଟ ବା ଆଦର୍ଶପ୍ରାଣତା ନାହିଁ, ସେବା ଯେ ସେଠାରେ ସହଜରେହିଁ ଘରଛଡ଼ା ହେବ ସେଥିରେ ଆଉ ସନ୍ଦେହ କ'ଣ ? ତେଣୁ, ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି,–

''ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।
ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ।।''

ପ୍ରଶ୍ନ– ନାନା କାରଣରୁ ଘରଛଡ଼ା ଯେଉଁମାନେ ସେମାନେହିଁ ତ ଆଜିକାଲି ଦେଶକର୍ମୀ ହୋଇଉଠନ୍ତି ଦେଖିବାକୁ ମିଳେ ! ଘର ଆମମାନଙ୍କର ଏମିତିହିଁ ହୋଇଛି ଯେ ତା' ନ ଛାଡ଼ିଲେ ଦେଶର ବା ଦଶ ପାଇଁ ଭାବିହିଁ ହୁଏନା । ଏହାର ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର– ସେବା ଯେତେବେଳେ ଘରଛଡ଼ା ହୋଇ ବାହାରେ ବକ୍‌ବକ୍ କରି ବୁଲେ, ସେ ସେବା ତ ଲକ୍ଷ୍ମୀଛଡ଼ା,– ଆଉ, ଲକ୍ଷ୍ମୀଛଡ଼ା ସେବା ମଣିଷକୁ ଉନ୍ନୟନ-କର୍ମରେ ନିୟୋଜିତ କରି ପାରେନା, ଆଉ, ବୃତ୍ତିକୁ ବିନ୍ୟସ୍ତବି କରିପାରେନା ! ସେ ନିଜେହିଁ ପ୍ରତିଷ୍ଠାର ପିଚ୍ଛିଳ ପଥରେ ଚାଲିବାକୁ ଆପ୍ରାଣ ଚେଷ୍ଟା କରେ, ତା'ପରେ ଘ୍ରିଂଘ୍ରିଂ କରି ପଡ଼ିବା, ଶେଷକୁ ଚକ୍ଷୁକୁ ପରଳାୟିତ କରି ହତାଶ ଅବସନ୍ନତାର ବେଘୋରରେ ସାବାଡ଼– ଏହା ତ ପରିଣତି ।

ତା'ର ଶେଷ ଏହା ନ ହୋଇ ଆଉ କ'ଣ ହୋଇପାରେ ତା' ତ ବୁଝି ପାରିହୁଏନା ! ବୃତ୍ତିଶାଳାର ଫୋଟକା ହୋଇ ଆଦର୍ଶ-ସୂତ୍ରରେ ଯେତେକ୍ଷଣ ପର୍ଯ୍ୟନ୍ତ ଗ୍ରଥିତ ନ ହେଉଛି,– ସେତେକ୍ଷଣ ନ ପଡ଼ିଲେହିଁ, ଚାରିଦିଗରେ ଖେଳେଇ ଅଳିଆମଳିଆ ହୋଇ, କେତେ ଗୋଚରରେ, କେତେ ବା ଅଗୋଚରରେ ବୁଡ଼ ପକାଇବ ତା'ର ଠିକଣା ନାହିଁ ! ତେବେ ତା'ର ମରଣରେ ପ୍ରତିଷ୍ଠାଲାଭ କରିବା ଛଡ଼ା ଆଉ କ'ଣର ସମ୍ଭାବନା ଥାଇପାରେ ?

ପ୍ରଶ୍ନ– ଆଜି ବ୍ୟର୍ଥତାର ଅବସାଦ ଯେପରି ଦେଶ-ନେତୃଗଣଙ୍କୁ ଘେରି ରଖିଛି ! ନୂଆ ଗୋଟେ ଆଶାର ଆଲୋକ, କର୍ମର ପନ୍ଥା ସୁନିର୍ଦ୍ଦିଷ୍ଟ ରୂପେ ଆମମାନଙ୍କ ଆଖି ସାମନାରେ ତ ଆଜି କେହିହିଁ ଫୁଟେଇ ତୋଳି ପାରୁ ନାହାଁନ୍ତି ?

> ଧାରଣାବତୀ ବୋଧ ଓ ଦର୍ଶନ
> ଧ୍ୟାନର ଫଳନ ତା'ହିଁ,
> ତା' ଛଡ଼ା କିନ୍ତୁ ସାର୍ଥକ ଧ୍ୟାନର
> ବିହିତ ଅର୍ଥ ନାହିଁ । ୯୨ ।
> *(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ଶ୍ରୀଶ୍ରୀଠାକୁର— ଯିଏ ନିୟନ୍ତ୍ରିତ ହୋଇନି, ଭଗବାନ ଯା'ର ନିହାତିହିଁ ଆକାଶରେ ଥାଆନ୍ତି, କିମ୍ୱା ଆଦର୍ଶ, ଇଷ୍ଟ ବା ଭଗବାନଙ୍କର ଧାର ବି ଧାରେନା, ତା'ର ଆଖିରେ ଦୁନିଆ ଚିରଦିନହିଁ ନାନାରକମରେ ଅବିନ୍ୟସ୍ତ,— ତେଣୁ ତା'ର ଆଖିରେ ପଥବି ଫୁଟିଉଠେନା । ଏହିଭଳି କେହି ଯଦି ନେତା ହୁଏ ତେବେ ସେ ମଣିଷକୁ ତା'ର ପଥରେହିଁ ତ ନିୟନ୍ତ୍ରିତ କରିବ ? ତା'ହେଲେ ଚାଲିବାବି ସେହିଭଳିହିଁ ହେବ ।

ଗୋଟେ କଥା ଶୁଣିଥିଲି,— ଦୁଇଶହ ମଣିଷ ଏକଦମ୍ ଯୁକ୍ତି କରିଲେ, ମହୋତ୍ସବରେ କେତେ ରକମ ଖାଦ୍ୟର ବନ୍ଦୋବସ୍ତ ହୁଏ, କିନ୍ତୁ ନିଶାଭାଙ୍ଗର ମହୋତ୍ସବ ତ କେହିହିଁ ଦିଅନ୍ତିନି ! ଭାଇସବୁ, ଆମେମାନେ ସମସ୍ତେ କିଛି କିଛି ଦେଇ ଏକଦମ ଗଞ୍ଜେଇ ଭାଙ୍ଗର ମହୋତ୍ସବ କରିବୁ, କ'ଣ କୁହ ତୁମେମାନେ ? ସମସ୍ତେ କହିଲେ, ''ହୁଁ, ବେଶ୍ କଥା ! ଅମୁକ-ଭାଇ ନ ହେଲେ ଏପରି ବୁଦ୍ଧି କା' ମୁଣ୍ଡରେ ଗଜାଇ ପାରେ ? ବେଶ, ବେଶ, ବେଶ !'' ତା'ରେ ଗୋଟେ ଦିନ ଠିକ୍ କରିଲେ, ଖୁବ୍ ଗଞ୍ଜେଇ ଅଣାଗଲା, ଦଳା ହେଲା— ଦୁଇଶହ ଲୋକ ୨୧୧ ଚିଲମ କରି ସମସ୍ତେ ପିଇଲେ— ବେଶ ନିଶା, ମସଗୁଲ୍ ଖୁବ୍ ! ତା'ର ମଧ୍ୟରେ ଜଣେ କହି ଉଠିଲେ, ''ହାତତାଳି ଦେଇ ଆଖି ବୁଜି ଘର ଭିତରେ ପ୍ରଦକ୍ଷିଣ କରାଯାଉ, ଏଥିରେ ବେଶୀ ଆନନ୍ଦ ହେବ ।''

ସମସ୍ତେହିଁ ମୁଣ୍ଡ ହଲାଇ କହିଲେ, ''ବେଶ, ବେଶ, ବେଦମ ସ୍ଫୂର୍ତ୍ତି ।'' ତା'ପରେ ପ୍ରଦକ୍ଷିଣ ଚାଲିଲା— ମୁଣ୍ଡରେ ଛୁଆଁଛୁଇଁ, ଆଉ ଏ ତା'ର ଦେହରେ ପଡ଼ିବା, ଆଉ ଚାପୁଡ଼ା ଚୋଟରେ ନିଶା ପ୍ରାୟଃ ଅନ୍ତର୍ଦ୍ଧାନ । ଟିକେ ହୋସ ଆସିଲେ ସମସ୍ତେ ସମସ୍ତଙ୍କ ଆଡ଼େ ଚାହିଁ ବୋକା ବନି କହିବାକୁ ଲାଗିଲେ, ''ଶାଳା, ଫୂର୍ତ୍ତି କରିବାକୁ ଯାଇ ହେଲା କ'ଣ ରେ ଶାଳା ? ଶରୀର ବ୍ୟଥାରେ ତ ଚାଲିହିଁ ପାରୁନି ଦେଖୁଛି'' ଇତ୍ୟାଦି । ଉକ୍ତ ପ୍ରକାର ନେତାମାନଙ୍କ ବ୍ୟାପାରରେ ଯେ ପ୍ରାୟଃ ଏହିଭଳି ହେବ ସେ ବିଷୟରେ ଆଉ ସନ୍ଦେହ କ'ଣ ?

ପ୍ରଶ୍ନ— କହିଲେ, ପରିବାରରେ ଶାନ୍ତି ନ ଥିଲେ ମଣିଷ ଲକ୍ଷ୍ମୀଛଡ଼ା ଭଳି ଦେଶର କାମ କରିବୁଲେ ! ଦେଶମୟ ଆଜି ପରିବାର-ଜୀବନରେ କିପରି ଭାଙ୍ଗଣ ଧରି ଯାଇଛି ! ମଣିଷର ସହଜ-ସମ୍ବନ୍ଧଗୁଡ଼ିକ ଶିଥିଳ, ବିକୃତ ହୋଇଉଠିଛି । ଆମମାନଙ୍କୁ ପରିବାର ପୁଣି ଜୋଡ଼ିବାକୁ ହେବ କିପରି ?

ଶ୍ରୀଶ୍ରୀଠାକୁର— କହିଛି ତ, ଯେ ଅ-ଯୁକ୍ତ— ଯେ କୌଣସି Superior Belovedରେ attached ନୁହେଁ, ଯା'ର କର୍ମଫଳଗୁଡ଼ିକ ଦେଇ କାହାକୁବି ତୁଷ୍ଟ, ସନ୍ଦୀପ୍ତ, ନନ୍ଦିତ କରିବାର, ଶ୍ରେଷ୍ଠ, ଇଷ୍ଟ, ପ୍ରିୟ ବୋଲି କେହି ନାହାଁନ୍ତି— ଅର୍ଥାତ୍, ଯା'ର ଏହିଭଳି କୌଣସି Superior Beloved ନାହିଁ, ଯାଙ୍କୁ କର୍ମନିଃସୃତ ଫଳଗୁଡ଼ିକ ଦେଇ ସେବା କରି, ନନ୍ଦିତ ବା ସୁଖୀ ଦେଖି ତୃପ୍ତ ଓ ସନ୍ଦୀପ୍ତ ହୋଇପାରେ— ଏହିଭଳି attachment ବା ଯୋଗ ଯା'ର କାହାଠାରେବି ନାହିଁ, ସେ କିପରି କରି ହିଁ ବା ସୁଖୀ ହୋଇପାରେ, ଆଉ ତା'ର ଶାନ୍ତିହିଁ ବା କୋଉଠି ?

ଗୋଟେ କଥାରେ ହେଲା— ଯା'ର ଆଦର୍ଶ ନାହିଁ, ଆଦର୍ଶରେ ଯା'ର active attachment ନାହିଁ ଅର୍ଥାତ୍ କର୍ମମୟ ଯୋଗ ନାହିଁ, କାହାକୁ ଯା'ର କର୍ମଫଳ ଦେଇ fulfil କରିବାକୁ ପ୍ରାଣରେ ଅସ୍ତବ୍ୟସ୍ତ ଲାଗି ରହିବା ନାହିଁ— ତା'ର ନା ଅଛି ତୃପ୍ତି, ନା ଅଛି ଶାନ୍ତି, ନା ଅଛି becomingର ଉଦ୍‌ବ୍ୟସ୍ତ ମନୋମୋହନ ଆକର୍ଷଣ, ସେଠାରେ ଯେ deteriorating demolition ଅନିବାର୍ଯ୍ୟ !

ତେଣୁ, ପରିବାରରେ ଯେଉଁଠାରେ Superiorଙ୍କ ପ୍ରତି ଭଲପାଇବାର ପୂଜା ନାହିଁ, ବା Superiorମାନେ ଆଦର୍ଶଙ୍କ ପ୍ରତି ଭଲପାଇବାର ଯୋଗରେ ଉଦ୍ଦୀପ୍ତ ନୁହଁନ୍ତି, ସେ ପରିବାର environmentର ଡ଼ାହାଣୀ ଆକର୍ଷଣରେ ଭାଙ୍ଗି ଯେ ସ୍ୱତଃହିଁ ଖଣ୍ଡଖଣ୍ଡ ହୋଇଥା'ନ୍ତି— ବିଧିରହିଁ ଏହିଭଳି ନିୟମ ! ସେମାନେ ଯଦି ନ ଭାଙ୍ଗିବାର ବିଧାନକୁ ଅବଲମ୍ବନ ନ କରନ୍ତି, ତେବେ ଯା' ହେବାର ତା' ଅନିବାର୍ଯ୍ୟ !

ପ୍ରଶ୍ନ— Superior Belovedଙ୍କ କଥା କହିଲେ,— ମା'-ବାପା ତ ଆମମାନଙ୍କର ଥାଆନ୍ତିହିଁ; ସଂସାରରେ ଗୁରୁଜନ ତ ଅଛନ୍ତିହିଁ । ପୁଣି, ପାଶ୍ଚାତ୍ୟ ଦେଶରେ ବିବାହ ପରେ ତ ସବୁ ଛାଡ଼ି ଅଲଗା ହୋଇହିଁ ରୁହନ୍ତି । ସେମାନେହିଁ ବା efficient ଓ active ହୁଅନ୍ତି କିପରି ?

ଶ୍ରୀଶ୍ରୀଠାକୁର— Superior ତ ସମସ୍ତଙ୍କରହିଁ ଥାଆନ୍ତି, କିନ୍ତୁ ମା', ବାପା ବା ଏହିଭଳି ଇଷ୍ଟକାମୀ କେଇଜଣଙ୍କ Beloved ? ତେଣୁ, ଟିକେବି ତା' ଯେଉଁମାନଙ୍କର ଅଛି, ସେମାନେ ଦେଖୁ ଦେଖୁ ବାଣ ଭଳି ଫୁଲି ଉଠନ୍ତି, ଦୁନିଆଟାକୁ କିପରି ପ୍ଲାବନରେ ପରିପ୍ଲୁତ କରି ଦିଅନ୍ତି— ସେ ଏ ଦେଶରେହିଁ ହେଉ ଆଉ ସେ ଦେଶରେହିଁ ହେଉ ।

ପ୍ରାୟଃ heroମାନଙ୍କରହିଁ ଦେଖାଯାଏ ସେମାନେ ଅସାଧାରଣ ମାତୃଭକ୍ତ, ପିତୃଭକ୍ତ, ନହେଲେ ଗୁରୁଭକ୍ତ । ପୃଥିବୀଟାକୁ ଯେଉଁମାନେହିଁ କାଳେ ତୋଳପାଡ଼ କରି ଦୁର୍ଦ୍ଦଶା ବିରୁଦ୍ଧରେ ବିରାଟ ଅଭିଯାନ କରିଛନ୍ତି ସେମାନେହିଁ ସେଇ ଶ୍ରେଣୀର— ତା' ନା ?

ପ୍ରଶ୍ନ— କିନ୍ତୁ ଆଜିକାଲି ପୁଣି ଗୋଟେ ଧୂଆଁ ଉଠିଛି— କୌଣସି ଆଦର୍ଶ ନେତାଙ୍କୁ ମାନିବୁ କିନ୍ତୁ ନିର୍ବିଚାରରେ ନୁହେଁ, ନିଜର ବିଚାର-ବୁଦ୍ଧି ସଜାଗ ରଖି । ନିର୍ବିଚାରରେ କୌଣସି ଗୁରୁଜନଙ୍କଠାରେ ଆତ୍ମସମର୍ପଣ ତ ଦୁର୍ବଳତାରହିଁ ନାମାନ୍ତର ?

ଶ୍ରୀଶ୍ରୀଠାକୁର— ଯେଉଁମାନଙ୍କର ଇଷ୍ଟ ନାହିଁ, ସେମାନଙ୍କର individuality ତ ନାହାଁନ୍ତିହିଁ । ସେମାନେ ପୁଣି ବୁଝନ୍ତି, ସବୁ ବୃତ୍ତି ଦେଇ କୌଣସି Superior Belovedରେ ତଁତ୍‌ସ୍ୱାର୍ଥପରାୟଣ ହୋଇ ଭକ୍ତିଯୁକ୍ତ ହେବାଟା ମଣିଷର personality ବା individualityର ଅଭାବ । ଯା' ହୁଏନା, ହୋଇପାରେନା, ପ୍ରକୃତିରେ ଯା' ନାହିଁ- ତା'ହିଁ ସେମାନଙ୍କର normal conception,— ଅର୍ଥାତ୍ ସର୍ବତୋଭାବେ ଇଷ୍ଟସ୍ୱାର୍ଥପରାୟଣ ନ ହୋଇବି individuality ଓ personalityର claim ବା pose କରିବା ।

Admirationର ଭିତର ଦେଇ ମଣିଷର ପ୍ରାଣ ଭକ୍ତି-ଉଚ୍ଛଳ ହୋଇଉଠେ, ତା'ର ସମସ୍ତ ବୃତ୍ତିଗୁଡ଼ିକ କ୍ଷୁଧାର୍ତ୍ତ ଭଳି ଯେତେବେଳେ Superior Belovedଙ୍କୁ ଆଙ୍କଡ଼ି ଧରିବାକୁ ଚାହେଁ— ଏହିଭଳି up-hill libido ହୋଇଉଠେ,— ଚଳନ୍ତି କଥାରେ ଯା'କୁ spiritual uphill କହିଥାଆନ୍ତି— ଯେଉଁଥିରେ କାଳେ super-normal pose and acquisition ଘଟିଥାଏ— ଯା' ସବୁ ଜାଣିବାର ଉତ୍ସ, ସେତେବେଳେ କ'ଣ ବାବା ବିଚାର-ଫିଚାର, ହିସାବ-ନିକାଶ କେବେବି କୋଉଠିବି ଅବସର ଥାଏ ?

ସେଇ ବିଚାରବୁଦ୍ଧି ଥିଲେହିଁ, ସେଇଟା ହେଉଛି ଗୋଟେ correct indication that abnormality dwells there with an inferior move. ଆଉ ତା' ଯେଉଁମାନଙ୍କର ନାହିଁ, ସେମାନେବି ବୁଦ୍ଧି-ବିବେଚନା କରିଥାଆନ୍ତି— but to fulfil the wishes of the Superior Beloved without the least hesitation— rather with a quick longing elation. ଇଷ୍ଟସ୍ୱାର୍ଥପରାୟଣ ନେତା ଯେଉଁଠାର ଚାଳକ ଯା'ର ଯା'କିଛି ସବୁ ବୃତ୍ତି ଇଷ୍ଟସ୍ୱାର୍ଥପରାୟଣ ହୋଇ, ନିୟନ୍ତ୍ରଣ-ସାମଞ୍ଜସ୍ୟ-ସମାଧାନର ଭିତର ଦେଇ ଗୋଟେ common generalizationରେ ଉପନୀତ ହୋଇ ଇଷ୍ଟଙ୍କଠାରେ ସାର୍ଥକ ହୋଇଉଠିଛି,— ନେତା ଯଦି ସେହିଭଳି ହୁଅନ୍ତି, ସେଠାରେ complete surrenderହିଁ ହେଉଛି being and becomingର ଆମରଣ ସାର୍ଥକତାର ଭିତର ଦେଇ, ଚେତନ ଉତ୍ସରଣରେ, ଅନନ୍ତର ପଥରେ, ଅନନ୍ତ ଉପଭୋଗର ଅମୃତ-ପରିବେଶରେ ମଣିଷର ସ୍ମୃତି-ଚେତନ ଚଳନାର ଏକମାତ୍ର ଉପାୟ । ପୁଣି, ସେଠାରେ ମଣିଷର କୌଣସିବି ବୃତ୍ତିର ଇଷ୍ଟ-ସଂବୃଦ୍ଧ ସାର୍ଥକତାରେ ଯଦି ଲେଶମାତ୍ରବି complete surrenderର ଅଭାବ ଥାଏ, ତେବେ finely, solemnly and wisely ଆଖି ଢ଼ାଙ୍କି ଦେଇ, ଅଜ୍ଞାତସାରରେ— ଅଥଚ ଖୁବ୍ ସହଜ poseର ଭିତର ଦେଇ ତା'କୁ ଯେ ସର୍ବନାଶର ରାସ୍ତାରେ siren-ମୋହିନୀ-ଗାନରେ ବେଭୁଲ କରି ଟାଣି ନେଇଯିବ, ସେଥିରେ କୌଣସି ଭୁଲ୍ ହିଁ ନାହିଁ !

ଆଉ ଏହା ଫଳରେ,— ମତବାଦର ସୃଷ୍ଟି କରି କରି ସମଗ୍ର ଜଗତଟାକୁ ଯେଉଁ ଜିଭକଟା ସାପ ଭଳି ଅଜଣାମନ୍ତ୍ରରେ ଖଣ୍ଡବିଖଣ୍ଡ କରି ପକାଇବେ, ତା'ର କୌଣସି କିନାରା ନାହିଁ ! ଦଳ ଦଳ ନିଆଁ-ଜ୍ୱାଳା ବିରୋଧହିଁ ହେବ ସର୍ବନାଶୀ ଆହୂତିର ଯମ-ଯଜ୍ଞାନଳ— ଏହା ହେଉଛି ବ୍ୟାପାର, ଯା' ସିଧାସଳଖ ଘଟିଥାଏ ।

ପ୍ରତ୍ୟେକ ମତବାଦ ବା ପ୍ରତ୍ୟେକ ସମ୍ପ୍ରଦାୟ ପ୍ରତ୍ୟେକ ମତବାଦ ବା ପ୍ରତ୍ୟେକ ସମ୍ପ୍ରଦାୟର ଶତ୍ରୁ ହୋଇଉଠେ । ନିୟନ୍ତ୍ରଣ, ସାମଞ୍ଜସ୍ୟ ଓ ସମାଧାନରେ କେହି କା'ରବି ଇଷ୍ଟ ବା ପ୍ରେଷ୍ଟଙ୍କୁ interestର profitable fulfilmentରେ ଉପୁଚି ନ ଉଠିବାରେ ସେମାନେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଜୀବନ-ବୃଦ୍ଧିର ଅନ୍ତରାୟହିଁ ମନେକରନ୍ତି,— ପ୍ରତ୍ୟେକ ମତବାଦର ନେତା ପ୍ରତ୍ୟେକ ମତବାଦର ନେତାଙ୍କୁ ନିନ୍ଦା କରନ୍ତି, ଅପମାନ ଓ ଅପ୍ରତିଷ୍ଠା କରନ୍ତି,— ଜାତିର ଶ୍ୱାସଯନ୍ତ୍ର ଏହିଭଳି ଜ୍ୱାଳାମୟ କ୍ଷତରେ ଭରପୁର ହୋଇ ନୃଶଂସ ଶୀର୍ଣ୍ଣତାରେ ସାବାଡ଼ ହୋଇ ଯାଇଥାଏ ।

ପୂର୍ବକୁ ଅନାଦର, ଅପମାନ ବା ଅପ୍ରତିଷ୍ଠା କରି ନିଜର ହାମବଡ଼ାଇ ମତବାଦର ବାହାଦୂରୀ ଜାହିର କରି ପ୍ରତିଷ୍ଠାଲାଭ କରିବାହିଁ ହେଉଛି ଏମାନଙ୍କର ଠିଆ ହେବାର ଜାମିନ୍ । ତେଣୁ, ଲୁଚାଇ ଦାଗ ଦେଇ, କି ଭୀଷଣ ବିଷହିଁ ଯେ ଏମାନେ ଖେଳାନ୍ତି— ସେଇ ବାହାଦୁରୀ ଆତ୍ମପ୍ରତିଷ୍ଠାର ପ୍ରବୃତ୍ତି-ପ୍ରଲୋଭନରେ— ଏମାନେ ତା' ବୁଝିବି ପାରନ୍ତିନି ହୁଏତ । ତେଣୁ, ଯେ ବା ଯିଏ ପୂର୍ବତନଙ୍କ ପ୍ରେରଣା-ପ୍ରବୁଦ୍ଧ ହୋଇ, ମହାନ୍ ସମ୍ମାନରେ ଅବନତ ହୋଇ ତାଙ୍କୁ ସ୍ୱୀକାର କରି further fulfilmentରେ ଉପୁଚାଇ ତୋଳନ୍ତିନି— ଏହିଭଳି ନେତାଙ୍କୁ କେବେବି ଅନୁସରଣ କରିବା ଉଚିତ୍ ନୁହେଁ । ଆଉ, ଯେଉଁଠାରେ ଏହିଭଳି ମଣିଷ ନ ହିଁ ଜୁଟନ୍ତି, ସେଠାରେ ପୂର୍ବତନଙ୍କର ସ୍ମୃତିକୁ ସାମନାରେ ରଖି ସେଇ ମାପକାଠି ଦେଇ ମାପି କୌଣସି କିଛି fulfilment ଯଦି ହୁଏ— ଏହି ହିସାବରେ ବୁଝିଶୁଝି ଚାଲିବାହିଁ ଭଲ । ନତୁବା ମୁସକିଲ ପରେ ମୁସକିଲ ଆସି ମୋଟରେ ସବୁ ଜାତିଟାକୁ ସମ୍ପୂର୍ଣ୍ଣ ବିଧ୍ୱସ୍ତ କରିତୋଳିବ ଏଥିରେ ସନ୍ଦେହ ନାହିଁ । *(କ୍ରମଶଃ)*

## ବିଜ୍ଞପ୍ତି

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ବୈବାହିକୀ ସ୍ତମ୍ଭରେ ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତିମାନେ ସମସ୍ତ ବିବରଣୀ ଓଡ଼ିଆ ଭାଷାରେ ଦେବାକୁ ଚେଷ୍ଟା କରିବେ । କେବଳ ଦୀକ୍ଷିତ ପାତ୍ର/ପାତ୍ରୀମାନଙ୍କର ବିବରଣୀ ପ୍ରକାଶ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ । ପରମାରାଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ଦ୍ୱାରା ଅସମର୍ଥିତ କୌଣସି ତଥ୍ୟ ଗ୍ରହଣଯୋଗ୍ୟ ହେବ ନାହିଁ । *- ପରିଚାଳକ, ଊର୍ଜ୍ଜନା*

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଲଚନ୍ଦ୍ରଙ୍କ ସହିତ କଥୋପକଥନ

# କଥା-ପ୍ରସଙ୍ଗ

## (ଦ୍ୱିତୀୟ ଖଣ୍ଡ)

*ପ୍ରଶ୍ନକର୍ତ୍ତା* — ଶ୍ରୀସୁଶୀଲ ଚନ୍ଦ୍ର ବସୁ

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ଆଉ, ଏଥିପାଇଁ ଯେଉଁମାନେ ଈଶ୍ୱରକୋଟୀ, ସେମାନଙ୍କର ଚେତନା ସହଜ-ସାଡ଼ାପ୍ରବଣ ଓ ଗ୍ରହଣକ୍ଷମ ବୋଲି ସେମାନେ କୌଣସି ଅବସ୍ଥାରେହିଁ ନିଜକୁ ହରେଇ ପକାନ୍ତି ନାହିଁ; ସବୁ ସମୟରେହିଁ ସେମାନେ ସବୁ ଅବସ୍ଥାକୁହିଁ ଭିତ୍ତି କରି ଉପଭୋଗ କରିପାରନ୍ତି, ଏହି ପ୍ରବଣତା ସେମାନଙ୍କର ସହଜ; ତେଣୁ ସେମାନେ ଏପରି କି ନିର୍ବେଦ ସମାଧି ରହିବି ଫେରି ଆସି ଦୁନିଆକୁ ଅମୃତର ବାଣୀ ଶୁଣାଇ ପାରନ୍ତି ।

ଆଉ ଜୀବକୋଟି ଯେଉଁମାନେ, ସେମାନେ ପ୍ରାୟଃହିଁ ବୃତ୍ତି-ଘଣାରେ ବେହୋସ ହୋଇଥା'ନ୍ତି, ଯେ କୌଣସି ଅବସ୍ଥାହିଁ ଆସୁ ନା କାହିଁକି, ସେଥିରେ ସେମାନେ ଏପ୍ରକାର ତତ୍‌ସାରୂପ୍ୟହିଁ ଲାଭ କରିଥାଆନ୍ତି— ଅବସ୍ଥା ଯେପରି ସେମାନଙ୍କର ଅସ୍ତିତ୍ୱକୁ ଭୁତ ଘାରିବା ଭଳି ସବାର ହୋଇଥାଏ । ସେଥିପାଇଁ ସେମାନଙ୍କର ଚୈତନ୍ୟ ଏହିଭଳି ମୋଟା- କମ ସାଡ଼ାପ୍ରବଣ । ସେମାନେ ପ୍ରାୟଃହିଁ କୌଣସି ବୃତ୍ତି ଭିତର ଦେଇହିଁ ଇଷ୍ଟଙ୍କଠାରେ ଅନୁରକ୍ତ ହୋଇଥାଆନ୍ତି; ଆଉ ସେଥିପାଇଁ କୌଣସି ବରାଟ ଅଭିବ୍ୟକ୍ତିର ଭିତରେ ପଡ଼ିଲେ, ସେମାନଙ୍କର ସେଠାରେହିଁ ସାବାଡ଼— ସେମାନଙ୍କର ଅସ୍ତିତ୍ୱକୁ, ସେଇ ଅବସ୍ଥାରେହିଁ ଏକଦମ ହଜମ କରି ପକାଏ— ଏକଦମ ତତ୍‌ସାରୂପ୍ୟରେହିଁ ପରିଣତ ହୋଇଯାଏ । ତେଣୁ ସେମାନେ ଆଉ ସାରୂପ୍ୟକୁ ଫେରି ଆସି ଦୁନିଆକୁ କିଛି ଦେବେ ତା'ର ଆଉ ଉପାୟ ରହେନା; ତା'ର ସାବାଡ଼ ସେଇଠାରେହିଁ । ଏହା ହେଉଛି ଜୀବକୋଟୀର ବ୍ୟାପାର ।

ପ୍ରଶ୍ନ— ଶୁଣିବାକୁ ପାଏ ସନ୍ନ୍ୟାସ ନ ହେଲେ ଭଗବାନ ଲାଭ ହୁଏନା । ତା'ର ମାନେ କ'ଣ ?

ଶ୍ରୀଶ୍ରୀଠାକୁର— ଦୁଇଚାରିଟି ଲୁଗା ଗେରୁଆ ରଙ୍ଗରେ ରଙ୍ଗାଇ, ବାଳ ରଖି, ଜଟ ପକାଇ, ଚିମୁଟା ହାତରେ ଧରି, ମା', ବାବା, ସ୍ତ୍ରୀ, ପୁତ୍ର, ପରିବାର, ପାରିପାର୍ଶ୍ୱିକ ତ୍ୟାଗ କରି ଅର୍ଥାତ୍ ସେବା, ସହାନୁଭୂତି ଓ ସାହଚର୍ଯ୍ୟ ଦେଇ ସେମାନଙ୍କର ଜୀବନ ଓ ବୃଦ୍ଧିକୁ ଉନ୍ନତ ଆଦର୍ଶରେ ଉପଯୁକ୍ତ ପୋଷଣରେ ନ ଚଲେଇ, ସେମାନଙ୍କୁ ଖାଇଦେଇ ଗଣ୍ଡିଆ ହୋଇ, ବିରକ୍ତ କର୍ମତ୍ୟାଗୀ ହୋଇ ଅଷ୍ଟରମ୍ଭା ଦେଖାଇ ଲମ୍ଫା ଦେଲେହିଁ ସନ୍ନ୍ୟାସୀ ହୁଆ ଯାଏନା । ପ୍ରକୃତ ସନ୍ନ୍ୟାସୀ ଯେଉଁମାନେ, ସେମାନଙ୍କର ଯା'କିଛି ସବୁ— ଏପରିକି ମୋଟରେ ଖାମଖିଆଲ ଶୁଦ୍ଧ, ଯେତେ ବୃତ୍ତି ସବୁ ନେଇ— ଏକ ଆଦର୍ଶର ବା ଇଷ୍ଟଙ୍କର ପରିପୂରଣରେ ଅଶେଷଭାବେ ନ୍ୟସ୍ତ, ଆଦର୍ଶଙ୍କ ପ୍ରତି ଏହିଭଳି ହାଡ଼ଭଙ୍ଗା ଅନୁରକ୍ତି ଯେପରି ତା'ର ସମସ୍ତ ବୃତ୍ତିଶୁଦ୍ଧ ଜୀବନ ନେଇ ତାଙ୍କୁହିଁ ପରିପୂରଣର ପ୍ରଲୋଭନରେ ତା'ର ଜୀବନ ସହଜ-ନିୟନ୍ତ୍ରଣରେ ନିୟନ୍ତ୍ରିତ ହୋଇ ଚାଲେ— ଆଉ ଏହା ଫଳରେ କ୍ରମପର୍ଯ୍ୟବେକ୍ଷଣର ଭିତର ଦେଇ, ତାଙ୍କୁ ପରିପୂରଣର ଉଦ୍‌ଗ୍ରୀବ ଉତ୍କଟ ଆକାଂକ୍ଷା, ତା'ର ଦୁନିଆଟା ଆଦର୍ଶରେ ବିନ୍ୟସ୍ତ କରି, କର୍ମ, ଜ୍ଞାନ, ଭକ୍ତିର ଭିତର ଦେଇ ଭଗବତ୍-ଦର୍ଶନରେ ଉପନୀତ କରିଦିଏ । ତେଣୁ ଯେଉଁମାନଙ୍କରହିଁ ଭଗବାନ ଲାଭ ହୋଇଛି, ଏହିଭଳି ସହଜ ସନ୍ନ୍ୟାସ ସେମାନଙ୍କର ହୋଇଛିହିଁ; ଆଉ ସେଇ ସନ୍ନ୍ୟାସହିଁ ସେମାନଙ୍କୁ ଭଗବତ୍-ସାକ୍ଷାତ୍‌କାର କରାଇ ଦେଇଛି । ତେଣୁ ସନ୍ନ୍ୟାସ ନହେଲେ ଭଗବତ୍-ପ୍ରାପ୍ତି ହୁଏନା— ସେଇ କଥାର ଏହିଭଳି ସାର୍ଥକତା ।

ପ୍ରଶ୍ନ— ଏହା ଯଦି ସନ୍ନ୍ୟାସ ହୁଏ, ତେବେ ମଣିଷ ଦୁଃଖ-କଷ୍ଟ କରି ପାହାଡ଼ରେ-ପର୍ବତରେ, ବନରେ-ଜଙ୍ଗଲରେ ସାଧୁ ସାଜି, ଗେରୁଆ ପିନ୍ଧି ଘୁରି ବୁଲୁଛି କାହିଁକି ? ଏହା ତ ସଂସାରରେ ରହିବି ହୋଇପାରେ ।

ଶ୍ରୀଶ୍ରୀଠାକୁର— ଯେଉଁମାନଙ୍କର ପ୍ରକୃତରେ ସନ୍ନ୍ୟାସ ହୋଇଛି, ଦୁଃଖ-କଷ୍ଟର ହିସାବ-ନିକାଶହିଁ ସେମାନଙ୍କ ଅନ୍ତରରେ ନାହିଁ; ଆଜି ଆଦର୍ଶକୁ ପରିପୂରଣ କରିବାର ଗୋଟେ ଆନ୍ତରିକ ଉଦ୍‌ବ୍ୟସ୍ତ ତାଡ଼ନା, ଆଉ ତା' ନେଇ ହିଁ ସେ ତା'ର ଜୀବନକୁ ଚଳାଏ । ତା'ର ତ୍ୟାଗ ବୋଲି କିଛି ନାହିଁ, ନିଜର ଭୋଗ ବୋଲିବି କିଛି ନାହିଁ— ଅଛି କେବଳ ଅଦମ୍ୟ ଇଷ୍ଟ-ପରିପୂରଣର ବୁକୁଭରା ଆକୂତି । ସେ ସାନନ୍ଦରେ ସବୁବେଳେ ତା'ହିଁ କରିବାକୁ ରାଜି, ଯେଉଁଥିରେ କାଳେ ତା'ର ଈପ୍ସିତ ପ୍ରତିଷ୍ଠା ଲାଭ କରେ, ଜୀବନରେ ଅତୁଟ ହୁଏ— ବିସ୍ତାରର ପ୍ଲାବନରେ ପ୍ରତ୍ୟେକ ପ୍ରାଣକୁ ପ୍ଲାବିତ କରିତୋଳେ, ବୃଦ୍ଧିରେ ଆହୁରି ହୋଇ ପ୍ରଚୁର ଚଳନରେ ସମସ୍ତଙ୍କୁ ସର୍ବପ୍ରକାରେ ତାଙ୍କଠାରେ ସମୃଦ୍ଧ କରିତୋଳେ । ଏଥିରେ ତା'ର ବନ ବୋଲିବି କିଛି ନାହିଁ, ଜଙ୍ଗଲ ବୋଲିବି କିଛି ନାହିଁ, ଗିରିଗୁହା-କନ୍ଦର ଇତ୍ୟାଦି ବୋଲିବି କିଛି ନାହିଁ । ଏହି ସନ୍ନ୍ୟାସ ମଣିଷର ଯେତେବେଳେ-ସେତେବେଳେ ଯେଉଁଠି-ସେଇଠି ରହି ବି ହୋଇପାରେ । ଅବଶ୍ୟ ଯା'ର ଚଳନା ଯେପରି, ତା' ଉପଯୁକ୍ତ ପାରିପାର୍ଶ୍ୱିକହିଁ ସେ ସାଧାରଣତଃ ପସନ୍ଦ କରିଥାଏ, ଆଉ ସେଥିରେ ପାଏବି ସୁବିଧା ବେଶୀ । ସଂସାରରେହିଁ ହେଉ ଆଉ ଯେଉଁଠାରେହିଁ ହେଉ, ଯେଉଁଠାରେହିଁ ସେ ତା'ର ଉପକରଣଗୁଡ଼ିକ ପାଏ, ସେଠାରେହିଁ ସେ ଭିଡ଼ି ପଡ଼େ । କାରଣ, ସେ ଯେଉଁଠାରେହିଁ ଥାଉ ନା କାହିଁକି, ତା'ର ଚାହିଦା ଯେଉଁଠାରେ ଯେତେ ସହଜ ପରିପୂରଣ ହୁଏ,— ସେଠାରେହିଁ ତା' ପକ୍ଷେ ସ୍ୱାଭାବିକ, ସୁନ୍ଦର— ତା'ର ଆଉ କଥା କ'ଣ ?

ପ୍ରଶ୍ନ— କିନ୍ତୁ ସନ୍ନ୍ୟାସୀ ତ ଗୃହସ୍ଥ-ଆଶ୍ରମରେ ନ ପଶି, ମଣିଷର ପ୍ରଧାନ ଶତ୍ରୁ ଯେଉଁ କାମ, ତା'ହିଁ ଦମନ କରି ଶ୍ରେଷ୍ଠ ଶକ୍ତିମାନ ହେବାକୁ ଚେଷ୍ଟା କରନ୍ତି ।

ଶ୍ରୀଶ୍ରୀଠାକୁର— ଯେତେ ଶାଳା ପାଗଳାମୀ କଥା । ଯେଉଁମାନେ ଯେତେ କାମ ଦମନ କରିବାକୁ ଚାହାଁନ୍ତି, ସେମାନଙ୍କର କାମ ଯେ ଆହୁରିବି ବିକଟ ଉତ୍ଥାନରେ ସବୁ ଯା'କିଛିରେ ଅପକର୍ମର ସୃଷ୍ଟିହିଁ କରିତୋଳେ ସାଧାରଣତଃ । ଆଉ ଯଦି କୌଣସିପ୍ରକାର କସରତ କରିବି ତା'କୁ ଅବଶ କରି ତୋଳାଯାଏ, ତା'ହେଲେବି ମୁଣ୍ଡର କର୍ମ ନିକାଶ । ସେ ଦୁନିଆର ଗୋଟେ ବେକୁବ ହାବା-ଗଙ୍ଗାରାମ ହୋଇ ଭବଘୁର ଭଳି ଜୀବନ ଯାପନ କରେ— ଏହା ହେଲା କାମ-ଦମନର ମାମଲା ।

କିନ୍ତୁ ଯେଉଁମାନଙ୍କର ଇଷ୍ଟାନୁରକ୍ତି ଏହିଭଳି, ସମସ୍ତ ବୃତ୍ତି ଦେଇ ତାଙ୍କୁ ପ୍ରତିଷ୍ଠା କରିବାର ତତ୍‌ପରରେ ବୁଦ୍ଧି ଏହିଭଳି ହୋଇ ଠିଆହୁଏ, ସେ ଏକଦମ ସେହିପରି କୌଣସି କିଛି କରିବାକୁ ଆଦରରେ ନାରାଜ, ଯେପରି କି ତା'ର ଇଷ୍ଟ-ପ୍ରତିଷ୍ଠାର ବାଧା ଜନ୍ମେ । ସେତେବେଳେ ତା'ର ନିଜର, କାମ କାହିଁକି, ଯା'କିଛି ସବୁହିଁ ବେହିସାବି ଓ ବେପରୁଆଭାବେ ସହଜତଃ ଦମିତ ହୋଇଯାଏହିଁ । ତା'ର ଆଉ ନାନାରକମ କାଇଦା-ଫାଇଦା କରି କିଛିକୁ ଦମନ କରିବାକୁ ପଡ଼େନା । ଆଉ ଏପରି କରିହିଁ କ୍ରମେ-କ୍ରମେ ସେ ଗୋଟେ ଅସାଧାରଣ ମଣିଷ ହୋଇଉଠେ । ସେ ଇଷ୍ଟ-ପ୍ରତିଷ୍ଠାର ତାଳରେ, ପ୍ରତ୍ୟେକଟି ପାରିପାର୍ଶ୍ୱିକର ସେବା, ସହାନୁଭୂତି ଓ ସାହଚର୍ଯ୍ୟ ଦେଇ, ପ୍ରତ୍ୟେକର ଜୀବନ ଓ ବୃଦ୍ଧିକୁ ଏହିଭଳି ଉଦ୍ଦାମ ଓ ଅନାହତ କରିତୋଳେ, ଯେଉଁଥିରେ କି ତା'ର ପ୍ରତ୍ୟେକଟି ପାରିପାର୍ଶ୍ୱିକର ସେ ଏକମାତ୍ର ଜୀବନ-ବୃଦ୍ଧିର ସ୍ୱାର୍ଥକେନ୍ଦ୍ର ହୋଇଉଠେ । ଆଉ ସେ ଏହିପରିଭାବେ ଯେତେ ପ୍ରତ୍ୟେକର ସ୍ୱାର୍ଥକେନ୍ଦ୍ର ହୋଇଉଠେ, ସେତେ ପ୍ରତ୍ୟେକର ଭିତରେ, ତା'ର ଚଲାବୁଲା ଭିତର ଦେଇ, ଇଷ୍ଟ-ଛୁଇଁ ପ୍ରତ୍ୟେକ ପ୍ରାଣରେ ପ୍ରତିଷ୍ଠା ଲାଭ କରେ, ପୁଣି ପ୍ରତ୍ୟେକ ପ୍ରାଣ ସେଇ ରକମ ଇଷ୍ଟସ୍ପର୍ଶ ପାଇ, ଜୀବନ ଓ ବୃଦ୍ଧିରେ କ୍ରମଶଃ ଉଦ୍ଦାମ ଓ ପ୍ରଚୁର ହୋଇଥାଏ; ଏହା ହେଉଛି ତା'ର ଆନନ୍ଦ, ତୃପ୍ତି ଓ ଆତ୍ମପ୍ରସାଦ ।

କିନ୍ତୁ ଏହି ପଥ ନ ଧରି କେହି ଯଦି କୌଣସି ବୃତ୍ତି ନେଇ, ଧରପଗଡ଼ କରିଥାଏ, କାଇଦା-କସରତ କରି ତା'କୁ ଜବତ କରି ଦମନ କରିଥାଏ, ତା' ଫଳରେ ତା'ର ସାରା-ଜୀବନ ସେଥିରେହିଁ କଟିଯାଏ, ପ୍ରାୟଶଃହିଁ ଦମନ କରିବା ଆଉ ଘଟି ଉଠେନା । ଯେଉଁମାନେ ଭାବନ୍ତି ଦମନ ହୋଇଛି, ସେମାନଙ୍କର ସବୁ ଜୀବନଟାହିଁ ଦଳନରେ ପର୍ଯ୍ୟବସିତ ହୁଏ । ଦୁନିଆ ଆଡ଼େ ଚାହିଁ ଦେଖ— ବୋଧ କରିବାର ଚକ୍ଷୁ ନେଇ, କି ହାଲ-ବେହାଲରେ ଚାଲିଛନ୍ତି ସେଇ କସରତ୍‌କାରୀର ଦଳ ! ସଙ୍ଗେ ସଙ୍ଗେ ସେମାନଙ୍କର ପାରିପାର୍ଶ୍ୱିକଙ୍କୁବି ଏହିଭଳି ଭଣ୍ଡାମିରେ ଠେଲି ନେଇ ସାବାଡ଼ର ପଥ ଦେଖାଉଛି; ପାର ତ ତୁମେମାନେ କହିଦିଅ ସେମାନଙ୍କୁ— ''ଅବୋଧ ପଥିକ, ସେଇଟା ପଥ ନୁହେଁ, କୁଆଡ଼େ ଚାଲିଛ ଫେରି ଆସ ।''

*(କ୍ରମଶଃ)*

ଧ୍ୟାନସିଦ୍ଧ ତେବେହିଁ ହୁଏ
ନିଷ୍ଠା-ଆବେଗ ନେଇ-
ଅନ୍ତରରହିଁ ଊର୍ମି ଚଳନେ
ସାର୍ଥକ ବୋଧ ଦେଇ । ୯୩ ।
ନିଷ୍ଠାସହ ନାମ
ପୂରାଏ ମନସ୍କାମ । ୯୪ ।

*(ଅନୁଶ୍ରୁତି, ୧ମଖଣ୍ଡ, ନୀତି)*

*ପ୍ରେଷ୍ଠ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ*

# ଅମୀୟ-ବାଣୀ

*ସଂକଳୟିତା* – ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ପ୍ରଶ୍ନ ହେଲା– ନାନାରକମ ସାଧନପଦ୍ଧତି ଜଗତରେ ଅଛି, କି ପ୍ରକାର ସାଧନକୁ ପୂର୍ଣ୍ଣାଙ୍ଗ ସାଧନ କୁହାଯାଇପାରେ ?

ଶ୍ରୀଶ୍ରୀଠାକୁର– ଶବ୍ଦ-ସାଧନ ଯେଉଁମାନେ ଜାଣନ୍ତିନି, ସେମାନଙ୍କର ସାଧନ ପୂର୍ଣ୍ଣାଙ୍ଗ ସାଧନ ନୁହେଁ ।

ମୁଁ– ଠିକ୍ ବୁଝିପାରିଲିନି । ଏପରି ସାଧକ ଅଛନ୍ତି ଯେଉଁମାନେ ଜ୍ୟୋତିର ସାଧନ କରନ୍ତି, କିନ୍ତୁ ଶବ୍ଦ-ସାଧନ ବା ନାଦ-ସାଧନର ବିଷୟବି ଜ୍ଞାତ ଅଛନ୍ତି । ଶ୍ରୀରାମକୃଷ୍ଣପନ୍ଥୀମାନେ କ'ଣ ସାଧନ କରନ୍ତି ଜାଣେନା, ତେବେ ନାଦ-ସାଧନ-ସମ୍ବନ୍ଧରେ ଶ୍ରୀରାମକୃଷ୍ଣ ସ୍ୱୟଂ କହିଛନ୍ତି, ''ନାଦ-ଭେଦ ନହେଲେ ସମାଧି ହୁଏନା ।'' ବିବେକାନନ୍ଦବି ଅନାହତ ନାଦର ଅନୁଭୂତିର କଥା କହିଛନ୍ତି ।

ଶ୍ରୀଶ୍ରୀଠାକୁର– ଜ୍ୟୋତିଃ ନାଦର ବା ଶବ୍ଦର ଶରୀର । ଜ୍ୟୋତିଠାରୁବି ନାଦ ସୂକ୍ଷ୍ମତର । ଯେଉଁମାନେ ନାଦ-ସାଧନର ଯେଉଁ ପରିମାଣ ଜାଣନ୍ତି, ସେମାନଙ୍କର ସାଧନ-ପଦ୍ଧତି ସେଇ ପରିମାଣରେ ଉନ୍ନତ କୁହାଯାଏ । ନାଦ-ସାଧନର ପ୍ରକୃଷ୍ଟ ପନ୍ଥାଯୁକ୍ତ ସାଧନହିଁ ପ୍ରକୃତ ପୂର୍ଣ୍ଣାଙ୍ଗ ସାଧନ । ଏହି ସାଧନରେ ସବୁ ସାଧନାର ସାରଭାଗ ଗୃହୀତ, କିନ୍ତୁ ବହିରଙ୍ଗ-ଭାବ ବର୍ତ୍ତମାନ ଯୁଗରେ ଅନାବଶ୍ୟକ ବୋଲି ବାହ୍ୟଭାବଗୁଡ଼ିକ ଅନେକାଂଶରେ ପରିତ୍ୟକ୍ତ । ବର୍ତ୍ତମାନ ସେଇସବୁ ବହିରଙ୍ଗ ଭାବସାଧନରେ ଅଯଥା କାଳକ୍ଷେପର ଆବଶ୍ୟକବି ନାହିଁ, ଅବସରବି ନାହିଁ । ବାହ୍ୟାଡ଼ମ୍ବର କମ୍ ବୋଲି ପୂର୍ଣ୍ଣ ସତ୍ୟଟିକୁ ଯେତେ ସିଧାସଳଖଭାବେ ନେବା ସମ୍ଭବ, ତା' ଏହି ଶବ୍ଦଯୋଗରେ ନେବା ହୋଇଛି । ଏହାହିଁ ବର୍ତ୍ତମାନ ଯୁଗଧର୍ମ ବା ପୂର୍ଣ୍ଣାଙ୍ଗ ସାଧନ ।

**ଭାଦ୍ର-୨, ସୋମବାର–** ପଚାରିଲି, ଭୋଗ ନ ହେଲେ ତ୍ୟାଗ ହୁଏନା, ପୁଣି ତ୍ୟାଗ ନ ହେଲେ ଈଶ୍ୱରଲାଭ ହୁଏନା । ଭୋଗ ଦ୍ୱାରାବି ତ୍ୟାଗ ହୁଏନା । ଜୋର କରି ମନକୁ ଭୋଗରେ ବିମୁଖ କରିଲେବି ମନରେ ବାସନାରାଶି ସୁପ୍ତ ଭାବେ ରହିହିଁ ଯାଏ ଏବଂ କାଳେ ପୁଣି ଜଳି ଉଠେ ଗୋଳ ସୃଷ୍ଟି କରେ, ତେବେ ଉପାୟ କ'ଣ ?

ଶ୍ରୀଶ୍ରୀଠାକୁର– ବିଚାରଯୁକ୍ତ ଭୋଗ କ୍ରମେ-କ୍ରମେ ତ୍ୟାଗ ଆଣିଦିଏ । ଆଉ, ତ୍ୟାଗ ମାନେ ଆସକ୍ତି-ତ୍ୟାଗ । ଭୋଗ ଦ୍ୱାରା ଅଭିଭୂତ ହେବାହିଁ ସେଥିରେ ଆସକ୍ତିର କାରଣ । ତ୍ୟାଗ-ଭୋଗ ସେସବୁ କଥାର ମାରପ୍ୟାଞ୍ଚ ମାତ୍ର । ପ୍ରକୃତ କଥା ହେଉଛି ତ ଭୋଗ କରିବାହିଁ । ତ୍ୟାଗ ମାନେ ପ୍ରକୃତ ଭୋଗର ବାଧା ନାଶ କରିବା । ଭୋଗ କରିବାକୁ ହେଲେ ଭୋଗର ବସ୍ତୁ ପୃଥକ ରଖି ମନକୁ ତା' ଦ୍ୱାରା ଅଭିଭୂତ ହେବାକୁ ନ ଦେଇ ସ୍ୱାଧୀନ ରଖି ଭୋଗ କରିବାକୁ ହୁଏ । ନତୁବା ଭୋଗର ଭାବରେ ଅଭିଭୂତ ହୋଇ ପଡ଼ିଲେ, ମନ ତଦ୍ଭାବରେ ଭାବିତ ହୋଇ ଭୋଗର ବସ୍ତୁର ସାରୂପ୍ୟ ଲାଭ କରି ପକାଇଲେ, ଠିକ୍ ଭୋଗ ହୁଏନା । ଚିନି ଭୋଗ କରିବାକୁ ଯାଇ ଚିନିର ଭାବରେ ଅଭିଭୂତ ହୋଇ ପଡ଼ି ଚିନି ଭଳି ହୋଇଗଲେ କ'ଣ ଚିନିକୁ ଠିକ୍ ଠିକ୍ ଭୋଗ କରି ପାରିହୁଏ ?

'ଯୌଗିକ ସାଧନ' ବହି ପଢ଼ି ତାଙ୍କୁ କହୁଛି, ''ଇଏ କହନ୍ତି, ଗୋଟେ କାମ କରି ତା'ର ଫଳ now and here, under certain given conditions ଯେ ପାଇ ହୁଏନା, ତା' ମାନେ ତା' ପାଇବାକୁ ଆମମାନଙ୍କର ନିଜର ଅକ୍ଷମତା ନୁହେଁ,– ନିଜେ ପୂର୍ବକଳ୍ପାରମ୍ଭେ ଯେଉଁ ରୂପେ ଇଚ୍ଛା କରିଛି, ସେଇଟାକୁ ଏବେ ଏପରିଭାବେ ପରିବର୍ତ୍ତନ କରି ହୁଏନା, ତେଣୁ– ଇତ୍ୟାଦି ।''

ଶ୍ରୀଶ୍ରୀଠାକୁର– କଥାଟା ତାଙ୍କ ଭାବରେ ସିଏ ଠିକ୍ ହିଁ କହିଛନ୍ତି । ମୋର ଭାବରେ ମୁଁ ଏହା କହେ ଯେ, ଯା' will (ଇଚ୍ଛା) କରାଯାଏ ନିଶ୍ଚୟହିଁ ତା' ହୁଏ, କିନ୍ତୁ ଠିକ୍-ଠିକ୍ ଇଚ୍ଛା କରାଯାଏନା, ତେଣୁ ହୁଏନା । ଯା' ସତ୍ୟ-ସତ୍ୟ ମୁଁ ଆବଶ୍ୟକ ବୋଧ କରେ, ତା'ହିଁ ଇଚ୍ଛା କରେ, ଏବଂ ଘଟେବି ତା'ହିଁ । ଏହିପ୍ରକାର ଇଚ୍ଛା କରିବା ଫଳରେ ଏ ଜଗତ୍ ସୃଷ୍ଟି, ଆଉ ସେଇ ପ୍ରକାର ଇଚ୍ଛା କରିଲେହିଁ ଏହାର ପରିବର୍ତ୍ତନ ବା ଧ୍ୱଂସ ହେବ । କିନ୍ତୁ ମନର ଖିଆଲ ଆଉ will ତ ଏକା ବସ୍ତୁ ନୁହେଁ । ମନର ଖିଆଲ ସବୁ ସାର୍ଥକ ହୁଏନା ବୋଲି will ନିକଟରେ କୌଣସି କାମ ଅସମ୍ଭବ, ଏ କଥା ସ୍ୱୀକାର

କରାଯାଏନା । ଇଚ୍ଛା କରିବା ମାନେ ଇଚ୍ଛାକର୍ତ୍ତାର ପୂର୍ଣ୍ଣ ପରିବର୍ତ୍ତନ ହେବା । ଯେପରି ବ୍ରହ୍ମଙ୍କର ଇଚ୍ଛା ହେଲା, ଆଉ ପୂର୍ଣ୍ଣଭାବେ ତାଙ୍କ ସତ୍ତାରେ ଗୋଟେ ପରିବର୍ତ୍ତନ ହେଲା, ଆଉ ଜଗତ ସୃଷ୍ଟି ହେଲାନି । ଯଦିଓ କୁହାଯାଏ, ତାଙ୍କର ଏକାଂଶରେ ଜଗତ୍ ସୃଷ୍ଟ ଓ ସ୍ଥିତ, ତଥାପି କହିବାକୁ ହୁଏ ଯେ, ଜଗତ୍‌ରୂପ ପରିବର୍ତ୍ତନ ତାଙ୍କର ସବୁ ଅଂଶରେ, ସମଗ୍ର ସତ୍ତାରେ ହିଁ ଅନ୍ତଃବିସ୍ତର ଅଛି । ଯେପରି, ଆପଣ ଗୋଟେ ଅଙ୍ଗୁଳି ସଞ୍ଚାଳନ କରିଲେ । ସାଧାରଣଭାବେ କେବଳ ଆଙ୍ଗୁଳିଟି ହଲିଲା କୁହାଯାଏ, କିନ୍ତୁ ପ୍ରକୃତ ପ୍ରସ୍ତାବରେ ଆପଣଙ୍କର ଯା' ଯା' ଦେଇ ମୁଁ-ତ୍ୱ, ତା'ର ସବୁଟାର ଭିତରେହିଁ ସେଇ କାର୍ଯ୍ୟରେ ଗୋଟେ ପରିବର୍ତ୍ତନର ଢ଼େଉ ବହିଗଲା । ମସ୍ତିଷ୍କରୁ ପ୍ରତ୍ୟେକ ଯନ୍ତ୍ରର ସମସ୍ତ ଶକ୍ତିରେ ଅହଙ୍କାର, ବୁଦ୍ଧି, ଚିତ୍ତ, ମନ ଇତ୍ୟାଦି ସବୁ ସେଥିରେ ଗୋଟେ action ହେଲା,— ଯା' ଫଳରେ, ଶରୀରର ଏକାଂଶ ସେଇ ଆଙ୍ଗୁଳିରେ ଏହାର ପ୍ରକାଶଟା ବେଶୀ ହେଲା । ଏହିପ୍ରକାର ସମସ୍ତ ଶକ୍ତିରେ, ସମସ୍ତ ସତ୍ତାରେ ସାଡ଼ା ପଡ଼େ । ଆପଣଙ୍କର ନିଜ ସ୍ୱରୂପରେ ଯଦି willର ଉତ୍ପତ୍ତି ହୁଏ, ତା'ହେଲେ ତା'ଦ୍ୱାରା ଯା' ଇଚ୍ଛା ତା'ହିଁ କରାଯାଏ । ଆପଣଙ୍କର ସ୍ୱରୂପରେ ସେଇପରି ନିଜକୁ ବହୁଭାବେ enjoy କରିବାର will ଫଳରେହିଁ ଏହି ଜଗତ, ଏବେ ଭୋକ୍ତା ହୋଇ ଭୋଗ କରନ୍ତୁ, ଖିଆଲ ଦ୍ୱାରା ଭୋଗର ଭାବ ଦ୍ୱାରା ଅଭିଭୂତ ହୋଇ ଯିବେନି । ତା'ପରେ ଆପଣଙ୍କ ସ୍ୱରୂପରେ ଯେତେବେଳେ will ହେବ ଯେ ଆଉ ଜଗତ ଚାହେଁନା, ତା'ହେଲେ ଦେଖିବେ ସେଇ ମୁହୂର୍ତ୍ତରେ ଏ ଜଗତ ରହିବନି ।

ପ୍ରମଥ (ଶ୍ରୀଯୁକ୍ତ ପ୍ରମଥନାଥ ଶିକଦାର, ବି.ଏସ.ସି., ବି.ଏଲ) ପଚାରିଲା— ଆମମାନଙ୍କର ଇଚ୍ଛାଟା କ'ଣ ତେବେ ଆଦୌଁ ଇଚ୍ଛା ନୁହେଁ, ଏଇଟାବି ତ ସେଇ supreme will, ସେଇ ସ୍ୱରୂପର willରୁହିଁ ଆସିଛି ।

ଶ୍ରୀଶ୍ରୀଠାକୁର— ''କି ପ୍ରକାର ଜାଣନ୍ତି ? ମୁଁ-ତୁମେ ଏସବୁ ସେଇ supreme willରହିଁ ଗୋଟେ ଗୋଟେ ଭାବ । କାମରେହିଁ ଏମାନଙ୍କର willଟା ଭାବଜ will; ଅସଲରେ will ତୁଳନାରେ will କୁହାଯାଏନା । ସେଇ ଅସଲ will, ମୂଳ ଇଚ୍ଛା ଯେ କିପରି ତା' କଥାରେ ମୁହଁରେ ବ୍ୟକ୍ତ କରିହୁଏନା;— କଥାରେ କହିବାକୁ ଗଲେହିଁ ଅଭାବ ରହିଯାଏ । ଯେତେବେଳେ ସେଇ ଇଚ୍ଛାକୁ ଅନୁଭବ କରେ, ସେତେବେଳେ ଏ ଭାବ, ଏ କଥା, କିଛିହିଁ ରହେନା । ଏବେ ତା'ର ସ୍ମୃତି ଯା' ଆସୁଛି ତା'ହିଁ ଚିନ୍ତା ହେଉଛି, ଆଉ ବାକ୍ୟରୂପେ ବହିର୍ଗତ ହେଉଛି; ଅତଏବ ଠିକ୍ ଠିକ୍ ସେ ଭାବଟା ବାକ୍ୟରେ କୁହା ଯାଉନି ।

''ପରମପୁରୁଷ-ସମ୍ବନ୍ଧରେ ଧାରଣା ଅନୁଭୂତିର ବିଷୟ, ବିଚାରର ବିଷୟ ନୁହେଁ; ତେବେ ତାଙ୍କ ସମ୍ବନ୍ଧରେ ବିଚାରଟାବି ଯେତେଦୂର ସମ୍ଭବ ଭ୍ରମଶୂନ୍ୟ ହେବାହିଁ ଦରକାର । Beyond myself (ମୋର ବାହାରେ) ସିଏ ଅଛନ୍ତି କହିଲେବି ଭୁଲ, ପୁଣି ମୋର ବାହାରେ ସିଏ ନାହିଁ କହିବାବି ଭୁଲ । ଈଶ୍ୱର ଅଛନ୍ତି, ସମସ୍ତ ସମେତ, ଏହି ଜୀବଜଗତ, ମୁଁ, ତୁମେ ସବୁ— ଏହାର କିଛି ବାଦ ଦେଇ ନୁହେଁ । ଜଗଦତୀତ ବ୍ରହ୍ମବି ଭୁଲ, ପୁଣି କେବଳ ଜଗତହିଁ ବ୍ରହ୍ମ ଏହା କହିବା ବି ଭୁଲ । ସିଏ ସାନ୍ତ, ଅନନ୍ତ, ସବୁହିଁ । ଆମମାନଙ୍କର ଗୋଟେ ଭୁଲ ହୁଏ କ'ଣ ଜାଣନ୍ତି ? ଆମେମାନେ ଜଗତ ସତ୍ୟ କହିବାକୁ ଯାଇ, ତା' ଛଡ଼ାବି ଯେ ତାଙ୍କର ଗୋଟେ ଜଗଦତୀତ, ଗୋଟେ infinite aspect ଅଛି ତା' ଭୁଲି ବସି ରହୁ । ତେଣୁ ଏହି ଭୁଲଟା ଭାଙ୍ଗିବା ପାଇଁ, ଏହାର ଓଲଟା suggestion (ଉପଦେଶ) ଦେବା ହୋଇଥାଏ ଯେ ଜଗତ ବ୍ରହ୍ମ ନୁହେଁ, ''ମନୋମୁଖ୍ୟହଙ୍କାର-ଚିତ୍ତାଦି ନାହଂ'' ଇତ୍ୟାଦି । କିନ୍ତୁ ପ୍ରକୃତ ପ୍ରସ୍ତାବରେ ସେସବୁ ମୁଁ ନୁହେଁ, ଏକଥା କହିବାବି ଠିକ୍ ନୁହେଁ, ତେବେ ସେଇ ଭୁଲ୍‌ଟା ଭାଙ୍ଗିବା ପାଇଁ ହିଁ ଏହିପ୍ରକାର ଓଲଟା suggestion ଦେବା । ଆଉ, ଭୁଲଟା ଭାଙ୍ଗି ଗଲେ ଜଗଦତୀତ ବ୍ରହ୍ମଭାବ, infinite ଭାବ ଧାରଣା ହେଲେ ପୁଣି ଦେଖାଯିବ ଯେ ଜଗତ ଓ ଜଗଦତୀତ, ଦୁଇ ନେଇ ପୂର୍ଣ୍ଣବ୍ରହ୍ମ— ଏ ଦୁଇଟା ଅସଲରେ ଦୁଇଟା ନୁହେଁ, କେବଳ ଦୁଇଟା aspect ମାତ୍ର । ଗୋଟେ ବାଦ ଦେଇ ଆଉ ଗୋଟେ ତାଙ୍କର ପୂର୍ଣ୍ଣରୂପ ନୁହେଁ । ଏହି ଏପରି ସହଜ ଅବସ୍ଥାବି ଠିକ୍ ସତ୍ୟହିଁ, ଏ ସବୁହିଁ ସତ୍ୟର ମଧ୍ୟରେ included; କିନ୍ତୁ ଯେପର୍ଯ୍ୟନ୍ତ ଉଭୟ aspectର ଜ୍ଞାନ ନ ହେଉଛି, ଭ୍ରମ ଯେପର୍ଯ୍ୟନ୍ତ ରହିଛି, ସେପର୍ଯ୍ୟନ୍ତ ଏହି ସହଜ ଅବସ୍ଥା ବା ଜ୍ଞାନ, ଏହି ଏପରିହିଁ ଜଗତ୍‌ଟାହିଁ ସତ୍ୟ, ଏପ୍ରକାର କହିବାରେବି ଦୋଷ ଅଛି । ସୁତରାଂ ଜଗତ୍‌ଟା ସତ୍ୟ, ଏକଥାବି ସାଧାରଣଙ୍କୁ ସାବଧାନରେହିଁ କହିବାକୁ ହୁଏ । କାହିଁକିନା, ମଣିଷ ଧାରଣା କରି ନପାରି, ଲାଭ ମଧ୍ୟରେ 'ଯେପରି ଅଛି ଏହା ଠିକ୍' କହି ଭ୍ରମ ନେଇହିଁ ବସିଥାଏ । ତେଣୁ ଶାସ୍ତ୍ର କହେ ଅନଧିକାରୀଙ୍କୁ ବେଦାନ୍ତଜ୍ଞାନ ଅର୍ଥାତ୍ ଖୁବ୍ ଉଚ୍ଚ ସତ୍ୟ ସକଳ କହିବାର ନୁହେଁ ।''

ପୁଣି କହିଲେ, ''ଦେଖନ୍ତୁ, ଯେତେବେଳେ ଏଇଟାର (ନିଜକୁ ଦେଖାଇ) ଭିତର ଯେଉଁ ଇଚ୍ଛା ଆଗେ ତଦନୁସାରେ ଯେଉଁ କାମ ହୋଇ ଯାଏ ସେଥିରେ ମୁଁ-ତ୍ୱ, ଏହି individual ମୁଁ-ତ୍ୱ-ଭାବ ନଥାଏ । ଯେପରି ଯନ୍ତ୍ରଚାଳିତବତ୍ ହୋଇ ଦେହ-ମନ କାମ କରେ, ଆଉ ସେଥିରେ ଯା' ହୁଏ ତା' ମଙ୍ଗଳଜନକ । କିନ୍ତୁ ଯେହିଁ କେହି କିଛି କହେ, ଅନୁରୋଧ କରି କରାଏ ସେତେବେଳେ ଅର୍ଥାତ୍ ଯେତେବେଳେ ଆପଣାଛାଏଁ ଇଚ୍ଛା ବଶରେ ନ କରି କରିବାକୁ ହୁଏ, ସେତେବେଳେ ବଡ଼ ଅସୁବିଧା ହୁଏ । ତା' ଅନେକେ ବୁଝନ୍ତିନି, ଜୋର କରନ୍ତି, କିନ୍ତୁ ସେଥିରେ ଫଳ ଭଲ ହୁଏନା । ସେମାନଙ୍କ କଥା ନ ଶୁଣିଲେବି ମନରେ କଷ୍ଟ ପାଆନ୍ତି, କିନ୍ତୁ ସେମାନେ ଜାଣନ୍ତିନି ଯେ, ଯେଉଁ ଭଲ ଫଳ ପାଇବା ପାଇଁ ସେପରି କରି ମୋର ଇଚ୍ଛା ବିରୁଦ୍ଧରେ ଚାଳିତ କରୁଛି, ସେଥିରେ ସେ ଭଲ ଫଳ ପାଇହୁଏନା । ଏସବୁ ଆପଣଙ୍କର ଲୋକକୁ ବୁଝାଇ ଦେଲେ ସେମାନଙ୍କରବି ମଙ୍ଗଳ, ମୋରବି ସୁବିଧା । *(କ୍ରମଶଃ)*

*ପରମଦୟାଲ ଶ୍ରୀଶ୍ରୀଠାକୁର ଅନୁକୂଲଚନ୍ଦ୍ରଙ୍କ ସହିତ କଥୋପକଥନ*

# ଇସଲାମ ପ୍ରସଙ୍ଗ

*ପ୍ରଶ୍ନକର୍ତ୍ତା* – **ମହମ୍ମଦ ଖଲିଲର ରହମାନ**
**ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ**

*(ପୂର୍ବପ୍ରକାଶିତ ଉତ୍ତାରୁ........)*

Initiation କଥାର root ମାନେହିଁ ହେଉଛି– to go into. ତା' ହେଲେ ବୁଝନ୍ତୁ ଘଟଣା କ'ଣ ? ପ୍ରଚାର ଓ ଯାଜନ କେଉଁଭଳି, ଆଉ ତା' ଦେଇ କ'ଣ ହିଁ ବା ହୋଇପାରେ, ଆଉ ଏହିଭଳି ରକମର Baptismରେ ଧର୍ମାନ୍ତର ହୁଏ କି ନା, ଆଉ ଧର୍ମାନ୍ତର ମାନେହିଁ ବା କ'ଣ– ପୂର୍ବରୁହିଁ ଯା' କହିଛି, ସେଥିରୁ ବୁଝି ଦେଖି ପାରନ୍ତି !

ମଣିଷର ଜୀବନ-ଚଳନାରେ ବଞ୍ଚିବା-ବଢ଼ିବାକୁ ଅକ୍ଷୁଣ୍ଣ ରଖି ଚାଲିବାକୁ ହେଲେ ବୃତ୍ତିଗୁଡ଼ିକ ଦୁନିଆର ପ୍ରତ୍ୟେକ ଯା'କିଛିର ସାଡ଼ା ପାଇ ପ୍ରତିନିୟତ ନାନା ମିଜାଜର personalityରେ ବିକ୍ଷିପ୍ତ ଓ ବିଚ୍ଛିନ୍ନ ନ ହୋଇଉଠେ– individuality ଅଚ୍ଛେଦ୍ୟ ଓ ଅଟୁଟଭାବେ personalityରେ ଉପୁଚି ଉଠି କ୍ରମ-ବିବର୍ଦ୍ଧନରେ ଉନ୍ନତ ହୋଇଥାଏ; ସେଥିପାଇଁ ଦରକାର ମଣିଷର, Superior Belovedରେ libido ବା ସୁରତକୁ ବାନ୍ଧି ରଖିବା, 'ligared' କରି ରଖିବା– ଅର୍ଥାତ୍ ଭକ୍ତି ବା ଭଲପାଇବାର ଟାଣରେ ତାଙ୍କଠାରେ ଅଟୁଟ ଓ ଆପ୍ରାଣ ହୋଇ ରହିବା । ଏଥିରେ ମଣିଷର ବ୍ୟକ୍ତିତ୍ୱଟା ବା individualityଟା ଅଟୁଟ ଓ ଅଚ୍ଛେଦ୍ୟ ହୋଇ ରହିଲା । ତା'ପରେ ତା'ର ପ୍ରୟୋଜନ– ସେ ଯେଉଁମାନଙ୍କ ଭିତରୁ ଜନ୍ମିଛି, ଯେଉଁମାନଙ୍କଠାରୁ ଆହରଣ କରି ନିଜର ସତ୍ତାର ପ୍ରାଣନ-ପୁଷ୍ଟିର ନିୟତ ଯୋଗାଣ ଦେଉଛି, ସେଇ ପାରିପାର୍ଶ୍ୱିକ ଅର୍ଥାତ୍ environmentକୁ ସେବାରେ ତୁଷ୍ଟ ଓ ପୁଷ୍ଟ କରି ଉନ୍ନତ-ଚଳନାରେ ଚେତେଇ ରଖିବା ।

ଏହିଭଳିଭାବେ ଉନ୍ନତ-ଚଳନାରେ ଚେତାଇ ନ ରଖିଲେ ସେମାନେ ଯଦି deteriorate କରନ୍ତି ଅର୍ଥାତ୍ ନୀଚ, ଅବସନ୍ନ ଓ ଦୁର୍ବଳ ହୋଇଉଠନ୍ତି– ମୋର ପ୍ରାଣନ ଓ ପୁଷ୍ଟିବି ନୀଚ, ଦୁର୍ବଳ ଓ ଅବସନ୍ନ ହୋଇପଡ଼ିବ । ତା' ଫଳରେ, ମୁଁ ସେଇ ଏହିଭଳି ଆହରଣରୁ ଏହିଭଳି ପୋଷଣହିଁ ପାଉଥିବି– ଆଉ ତା'ହେଲେ ମୋର ନୀଚ, ଦୁର୍ବଳ, ଅବସନ୍ନ ହେବା ଛଡ଼ା ଗତ୍ୟନ୍ତରହିଁ ରହିବନି । ଫଳରେ, ଅତି-ସତ୍ୱରହିଁ ସେଇ environmentର ପ୍ରତି-ପ୍ରତ୍ୟେକଙ୍କ ଭଳି ମୁଁବି ଅତି-ସତ୍ୱରହିଁ ମରଣରେ ନିଃଶେଷ ହୋଇଯିବି !

ତେଣୁ ଦରକାର– ମୋର ଜୀବନ ପାଇଁ, ମୋର ବୃଦ୍ଧି ପାଇଁ, ମୋର ପ୍ରାଣନ ଓ ପୁଷ୍ଟି ପାଇଁ Superior Belovedରେ ଆପ୍ରାଣ ହୋଇ ରହି ବ୍ୟକ୍ତିତ୍ୱଟାକୁ– ମୋର ସତ୍ତାଟାକୁ– ସେବାରେ environmentରେ ଖେଳାଇ ଦେଇ, ପ୍ରତ୍ୟେକ ଅନ୍ତରରେ ପ୍ରିୟ-ପରମଙ୍କ ପ୍ରତିଷ୍ଠାରେ ବାକ୍, ବ୍ୟବହାର ଓ କର୍ମର ଭିତର ଦେଇ ପ୍ରତି-ପ୍ରତ୍ୟେକଙ୍କୁହିଁ ଉନ୍ନତ କରିତୋଳିବା । ତେବେ ହିଁ ମୋର ବଞ୍ଚିବା-ବଢ଼ିବା ରିହାଇ ପାଇପାରେ– ମରଣଶୀଳ ଅବସନ୍ନତାରୁ ହୁଏତ ଛିଟିକି ଯାଇପାରେ ଦିନେ– ବୃତ୍ତିର ପ୍ରଲୋଭନରୁ individualityଟାକୁ ପାରିପାର୍ଶ୍ୱିକର କଣ୍ଢେଇ ନ କରି, ଭାଙ୍ଗି ଖଣ୍ଡ ଖଣ୍ଡ ନ ହୋଇ, ମୁକ୍ତ ହୋଇ, ବୃତ୍ତିଗୁଡ଼ିକ ଉପରେ ଆଧିପତ୍ୟ କରି, ଇଷ୍ଟପ୍ରାଣତାର ଅମୃତ-ଉପଭୋଗରେ ଉପୁଚି ଉଠି ନିଜକୁ ସାର୍ଥକ କରି ତୋଳିପାରେ ।

ଆଉ, ସେଥିପାଇଁ ଦରକାର– ଇଷ୍ଟଙ୍କଠାରେ ଏହିଭଳି ଅଟୁଟ ଆପ୍ରାଣତା, ଆପ୍ରାଣତାରେ ଉଦ୍ଦାମ ଉଚ୍ଛଳ ହୋଇ ଇଷ୍ଟ-ପ୍ରତିଷ୍ଠାରେ ପାରିପାର୍ଶ୍ୱିକର ପ୍ରତି-ପ୍ରତ୍ୟେକଟିକୁ ଇଷ୍ଟଙ୍କଠାରେ ଉନ୍ନତ କରି ତୋଳିବା, ପ୍ରକୃଷ୍ଟରୂପେ ଇଷ୍ଟଙ୍କୁ ପ୍ରତି-ପ୍ରତ୍ୟେକଙ୍କ ଭିତରେ ଖେଳାଇ ଦେବା– ଆଉ ଏହାକୁହିଁ କହନ୍ତି ଯଥାର୍ଥ ଯାଜନ । ଏହି ଯାଜନହିଁ ହେଉଛି ଆର୍ଯ୍ୟମାନଙ୍କର ଗୋଟେ ପ୍ରକୃତିଗତ ବୈଶିଷ୍ଟ୍ୟ ।

ଭଗବାନ ଈଶା ଯେତେବେଳେ prophet ବୋଲି ମଣିଷ ନିକଟରେ ପହଞ୍ଚନ୍ତି, ସେତେବେଳେ Christian ବୋଲି କ'ଣ କେହି ଥିଲେ ? କିନ୍ତୁ ଭଗବାନଙ୍କୁ ଆଲିଙ୍ଗନ, ଭଗବାନଙ୍କଠାରେ ଆତ୍ମସମର୍ପଣ,– ଯା'କୁ କହନ୍ତି ଇସ୍‌ଲାମ– ତା' ପୂର୍ବ-ପୂର୍ବ prophetଙ୍କଠାରୁ ବରାବରହିଁ ଚାଲି ଆସୁଥିଲା । ପୁଣି, ସେପରି

ହଜରତ ରସୁଲ ଯେତେବେଳେ prophet ବୋଲି ମଣିଷ ନିକଟରେ ଗଜେଇ ଉଠି ନାହାଁନ୍ତି, ସେତେବେଳେ Mahammadan ବୋଲି କେହିବି ନଥିଲେ— କିନ୍ତୁ ପୂର୍ବ ପୂର୍ବ prophetଙ୍କ ଭିତର ଦେଇ ହିଁ ଇସ୍‌ଲାମ ଚାଲି ଆସୁଥିଲା । ଆର୍ଯ୍ୟ-ଭକ୍ତିପନ୍ଥୀଙ୍କର ଏକମାତ୍ର ବୈଶିଷ୍ଟ୍ୟହିଁ ହେଉଛି ସେଇ ଇସ୍‌ଲାମ— ଈଶ୍ୱରଙ୍କୁ ଆଲିଙ୍ଗନ କରିବା, ଆତ୍ମନିବେଦନ କରିବା, ଆତ୍ମସମର୍ପଣ କରିବା !

ତେଣୁ କହୁଛି, ଯାଜନରେ ଏହିଭଳିଭାବେ ଖେଳାଇ ଦେଲେ ତ ମଣିଷ ନିଜର ବଞ୍ଚିବା-ବଢ଼ିବାର ଦାୟରେହିଁ ଇଷ୍ଟପ୍ରାଣ ହୋଇଉଠିବ ! ତା'ହେଲେହିଁ ଦେଖନ୍ତୁ— ବାସ୍ତବ ପ୍ରଚାର ବା ଯାଜନର ପ୍ରୟୋଜନ କୋଉଠି ବା କେଉଁଭଳି ?

ପ୍ରଶ୍ନ— ଆଚ୍ଛା, ଏହି ଧର୍ମପ୍ରଚାର ବା ଯାଜନରେ ଦୈହିକ ବଳ-ପ୍ରୟୋଗର କ'ଣ କୋଉଠିବି ପ୍ରୟୋଜନ ହୋଇପାରେ ? ଅନେକେହିଁ ତ କହନ୍ତି— ମୁସଲମାନଗଣ ଏକ ହାତରେ ତରବାରି, ଆଉ ଏକ ହାତରେ କୋରାଣ ନେଇ ଧର୍ମପ୍ରଚାର କରିଛନ୍ତି !

ଶ୍ରୀଶ୍ରୀଠାକୁର— ମଣିଷର ପ୍ରତ୍ୟେକ facultyରହିଁ ଅର୍ଥାତ୍ ବିଶେଷ-ବିଶେଷ ମନୋବୃତ୍ତିର ବିଶେଷ-ବିଶେଷ କାର୍ଯ୍ୟକାରୀ କ୍ଷମତାର— ଉପଯୁକ୍ତ ଜାଗାରେ, ତା'ର principle ଓ purposeକୁ successful କରିବା ପାଇଁ— ପ୍ରୟୋଜନ ତ ଅଛିହିଁ ! କିନ୍ତୁ ଆହୁରି ବିଶେଷ ଦରକାର ସେଇ ଶକ୍ତିର— ଯା' ଦେଇ ମଣିଷ personalityରେ ଅଧିରୂଢ଼ ହୋଇ ଅଧିକ ହୋଇଥାଏ । ସେଇଟା ହେଉଛି, to fulfil the needs of every individual to elate his being and becoming and to accelerate it through a serviceable installation of the principle— ଆଉ, ଇସ୍‌ଲାମର evolve କରିବାର ମୂଳ action and attitude of moveହିଁ ହେଉଛି ଏହା । ଯିଏ ବା ଯେଉଁମାନେ ଏହି ଇସଲାମଧର୍ମୀ,— ନିଜଠାରେ ଭଗବତ୍ତାର ଆରୋପ ନ କରି, ଭଗବାନଙ୍କୁ embraceକରି, ତାଙ୍କଠାରେ yield କରି surrender କରି, ତା'ର ପ୍ରକୃତିର ବଞ୍ଚିବା-ବଢ଼ିବାର ନିୟମର ପଥରେ ଚାଲି, ଅମୃତ ଆହରଣ କରିବାକୁ ଚାହେଁ— ସେମାନଙ୍କର ଚଳନାହିଁ ହେଉଛି ସେଇ ଏହିଭଳି action and attitudeର ପଛାରେ— ସେମାନଙ୍କର evolve କରିବାର ରାଜପଥହିଁ ହେଉଛି ସେଇ ।

ତେବେ ଏକ ହାତରେ ତରବାରୀ, ଏକ ହାତରେ କୋରାଣ— ଏ କଥାର ବାସ୍ତବତା ଯଦି ଥାଏବି, ତା'ହେଲେ ସେ ବ୍ୟାପାରଗୁଡ଼ିକ, ମୋର ମନେହୁଏ, ଏହିଭଳି କରି କିଛି ହୋଇନି । ଯେଉଁମାନେ ଯବନ, ଯେଉଁମାନେ ମ୍ଳେଚ୍ଛ,— ଯେଉଁମାନଙ୍କର heathen ବୋଲି ଥାଏ, କାଫେର ବୋଲି ଥାଏ,— ମରଣସଂସ୍କାରପନ୍ଥୀ,— ମରଣ-ଚଳନାରେ ଚାଲିବାହିଁ ଯେଉଁମାନଙ୍କର principle ଆଉ ପ୍ରଚାରବି ତା'ହିଁ, କୁସଂସ୍କାରାଚ୍ଛନ୍ନ ଅର୍ଥାତ୍ ହୀନ ଓ ଆଶୁମରଣଶୀଳ ସଂସ୍କାରଗୁଡ଼ିକରେ ଯେଉଁମାନେ ଅନ୍ଧ, ଆବଦ୍ଧ,— ଯେଉଁମାନଙ୍କର ସହବାସ ଓ ସଂସ୍ପର୍ଶ ବୃତ୍ତିସ୍ୱାର୍ଥ-ଭୁକ୍ କରି ଉନ୍ନତିକୁ ଅଗ୍ରାହ୍ୟ କରି, ନିନ୍ଦା କରି, ଅପବାଦ ଦେଇ ମରଣପନ୍ଥୀ କରିତୋଳେ, ସେମାନଙ୍କର ସେଇ ଆଶୁ-ସଂକ୍ରମଣରୁ, ଆଶୁନିର୍ଘାତ-ମରଣ ସଂକ୍ରମଣରୁ ଜନଗଣଙ୍କୁ ବଞ୍ଚାଇବା ଉଦ୍ଦେଶ୍ୟରେ ହୁଏତ କୋଉଠିବି ଏହିଭଳି ହୋଇପାରେ । ଏହିଭଳି ଜାଗାରେ ବଳ ପ୍ରୟୋଗରେ ସେମାନଙ୍କୁ ନିରସ୍ତ କରି ସେମାନଙ୍କର ମସ୍ତିଷ୍କରେ ବଞ୍ଚିବା-ବଢ଼ିବାର ଆକାଂକ୍ଷା ଓ ନିୟମକୁ ଗଜେଇ ତୋଳିବାର ଅବସର ପାଇବା ପାଇଁ ଏହିଭଳି ଯଦି ହୋଇବି ଥାଏ, ସେ ବଳ ପ୍ରୟୋଗ କ'ଣ ଦୋଷର ?

ପ୍ରଶ୍ନ— ଆଚ୍ଛା, ବାଇବଲରେ ଯେପରି ପ୍ରେମର ମହିମା ଦେଖିବାକୁ ପାଏ, କୋରାଣରେ ତ mainly ବିଶ୍ୱାସ, ଭୟ, ଆଉ ସାମାଜିକ ଆଚାର ଓ ବିଧି-ନିଷେଧର ଟିକିନିଖି କଥାହିଁ ବେଶୀ ପାଏ— ତା' କାହିଁକି ?

ଶ୍ରୀଶ୍ରୀଠାକୁର— ଦୁଇଟିରହିଁ goal ବା purpose ଏକପ୍ରକାର ହିଁ ବୋଲି ମୋର ମନେହୁଏ । ବାଇବଲରେ ଭଗବାନ Christ, emotional aspectକୁ excite କରି ମଣିଷଠାରେ action and attitudeର practicability ଆଣି successକୁ ଅଭିନନ୍ଦିତ କରିବାର ରକମରେ କହିଛନ୍ତି— ଆଉ କୋରାଣରେ ହଜରତ ରସୁଲ action and attitudeକୁ serviceable କରି ତୋଳି practical fulfilmentର ଭିତର ଦେଇ emotional aspectକୁ excite କରି successକୁ ସ୍ୱାଗତମ୍ ବୋଲି ଅଭିନନ୍ଦିତ କରିଛନ୍ତି । ଯେଉଁ ଦେଶରେ ଯେଉଁଭଳି environment, ତଦନୁଯାୟୀ ସେହିଭଳି move ନ ନେଲେ କୌଣସି କିଛି କ'ଣ କା' ନିକଟରେ appeal କରେ ? ଏହି practical aspect of service ମୁଖର କରି ଧରା ଅଛି ବୋଲି ସେଠାରେ ଅଛି ବିଶ୍ୱାସର କଥା, ଭୟର କଥା, ସାମାଜିକ ବିଧି-ନିଷେଧର କଥା— ଯେପରି କରି, ଯା' କରିଲେ ଯା' ହୁଏ ତା'ରହିଁ କଥା— ଏହିଭଳିଭାବେ ଜ୍ୱଳନ୍ତ କରିବା !

ଆର୍ଯ୍ୟ-ହିନ୍ଦୁମାନଙ୍କର ଯେଉଁଭଳି ଭଗବାନ୍ ଶ୍ରୀଚୈତନ୍ୟ emotionକୁ elate କରି service and activityକୁ accelerate କରି ଦେଇଥିଲେ, ପୁଣି ତାଙ୍କରିହିଁ ପୂର୍ବ prophet ଭଗବାନ୍ ତଥାଗତଙ୍କୁ ଦେଖିପାରିବେ action and attitudeର ଭିତର ଦେଇ practical aspectକୁ excite କରି emotionally ପ୍ରଚୁର ହୋଇ ବିଶ୍ୱରେ ଖେଳାଇ ପଡ଼ିଥିଲେ । ତା'ହେଲେ ଏ ଦୁଇଟିର ପ୍ରତ୍ୟେକଟାହିଁ କ'ଣ environmental circumstances ହିସାବରେ ଠିକ୍ ନୁହେଁ ?

*(କ୍ରମଶଃ)*

*ପରମ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ*

# ଦୀପରକ୍ଷୀ

*ସଂକଳୟିତା* – **ଶ୍ରୀ ମଣିଲାଲ ଚକ୍ରବର୍ତ୍ତୀ**

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ଅଜିତ ଗାଙ୍ଗୁଲୀଭାଇ ଶ୍ରୀଶ୍ରୀଠାକୁରଙ୍କୁ କହିଲେ– ଠାକୁର । ସେଦିନ ଆପଣ ମତେ ବଡ଼ଖୋକାଙ୍କ ନିକଟକୁ ପଠାଇଥିଲେ । ସିଏ କିପରି ଅଛନ୍ତି ତା' ଦେଖି ଆସିବା ପାଇଁ । ବଡ଼ମା' ସେତେବେଳେ ମତେ ଦୁଇପଟ ବୃତ୍ତ୍ ଦେବା ପାଇଁ ଆଶୀର୍ବାଦ କରିଲେ । ସିଏ ମତେ ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କରିଲେ । ମୋତେ ଖୁବ୍ ତୃପ୍ତି ଲାଗିଲା । ଶ୍ରୀଶ୍ରୀବଡ଼ମା'ଙ୍କ ଆଶୀର୍ବାଦ ଏଇ ମୋ ଜୀବନରେ ପ୍ରଥମ । ମୁଁ ଘରକୁ ଯାଇ ପୁଅ, ଝିଅ, ସ୍ତ୍ରୀ, ଭାଇ ସମସ୍ତଙ୍କୁ ଡ଼ାକିଲି । ସେମାନେ ସମସ୍ତେ ମିଶି ସେତେବେଳେ ହିଁ ମତେ ୩୦୦ଟଙ୍କା ଦେଲେ । ଘରେ ସମସ୍ତେ ଖୁବ୍ ଖୁସୀ ।

ଶ୍ରୀଶ୍ରୀଠାକୁର ହସି ହସି କହିଲେ– ଖୁବ୍ ଭଲ । ତୋର ଜୀବନରେ ଏଇଟା ଗୋଟେ example (ଉଦାହରଣ) ହୋଇ ରହିଲା ।

ଅଜିତଭାଇ– ପୁଅଝିଅମାନେ ସବୁ ଏପ୍ରକାର ଚାଲିଲେ ଭଲ ଲାଗେ ।

ଶ୍ରୀଶ୍ରୀଠାକୁର– ଖୁବ୍ ଭଲ ।

ବାମାଚରଣ ଭାଇ ଏବଂ ରାସବିହାରୀ ଭାଇ ପ୍ରଣାମ କରି କହିଲେ– ଆମେମାନେ ପୂର୍ବ ପାକିସ୍ଥାନରୁ ଆସିଛୁ ।

ଶ୍ରୀଶ୍ରୀଠାକୁର– ତୁମମାନଙ୍କ ସହିତ ଗପ କରିପାରିଲିନି । ସେଠାରେ ସବୁ କିପରି ଅଛି ?

ରାସବିହାରୀଭାଇ– ଆଜ୍ଞା । ଭଲ ଅଛି ।

ଶ୍ରୀଶ୍ରୀଠାକୁର– ସେଠାରେ କାମଧନ୍ଦା କିପରି କରୁଛ ?

ରାସବିହାରୀଭାଇ– ଆପଣ ଯେଉଁଭାବେ ଯା' ଯା' କରିବାକୁ କହିଥିଲେ ସେଭାବେ ତା' କରିବାକୁ ଚେଷ୍ଟା କରୁଛି । ଘରଦ୍ୱାର ନିର୍ମାଣ, ଜମିଜାଗା ବ୍ୟାପାରରେ ତଦାରଖ କରିବା, କୋଉଠି କେତେବେଳେ କା' ନିକଟକୁ ଯିବାକୁ ହେବ ଏସବୁ ବ୍ୟାପାରରେ ବାମାଚରଣଭାଇ ମୋ ସଙ୍ଗେ ସବୁବେଳେ ରୁହନ୍ତି ଏବଂ ସାହାଯ୍ୟ କରନ୍ତି । ଆଶା କରେ ସବୁହିଁ ଠିକ୍ ହୋଇଯିବ ଆପଣଙ୍କ ଆଶୀର୍ବାଦରୁ । ଦୀକ୍ଷାବି ହେଉଛି ପ୍ରଚୁର ।

ଶ୍ରୀଶ୍ରୀଠାକୁର– ଖୁବ୍ ଭଲ ।

ଅଜିତ ଗାଙ୍ଗୁଲୀଭାଇ– ସରକାର ଖୁବ୍ Birth Control (ଜନ୍ମନିୟନ୍ତ୍ରଣ) କରିବାର ଚେଷ୍ଟା କରୁଛନ୍ତି । ସରକାରଙ୍କ ଘରେ ଖାଦ୍ୟ ନାହିଁ । ଅଥଚ ଲୋକସଂଖ୍ୟା କ୍ରମଶଃହିଁ ବଢ଼ି ଚାଲିଛି । କହୁଛନ୍ତି, ଦୁର୍ଭିକ୍ଷ ହେବ । ଜନ୍ମନିୟନ୍ତ୍ରଣ କର ।

ଶ୍ରୀଶ୍ରୀଠାକୁର– ମୁଁ ଏସବୁ ବୁଝେନା । ମୋତେ ଏସବୁ ଭଲ ଲାଗେନା ।

ଅଜିତଭାଇ– ଗୋଟେ ହାସପାତାଳରେ ଗୋଟେଦିନରେ ହାରାହାରି ୧୦୦ଟି କରି ଶିଶୁ ଜନ୍ମୁଛନ୍ତି । କ'ଣ ହେବ ?

ଶ୍ରୀଶ୍ରୀଠାକୁର– ଆମେମାନେ able (ଯୋଗ୍ୟ) ହୋଇପାରୁନା । Agility (କ୍ଷିପ୍ରତା) ନାହିଁ । ଯେତେବେଳେ ଯା' କରଣୀୟ ସେତେବେଳେ ତା' କରୁନା । ବିକୃତିରେ ସବୁ ଭରି ଯାଇଛି ।

ଅଜିତଭାଇ– ଜଣକର ୧୦ବିଘା ଜମି ଅଛି । ପରିବାରରେ

> ଅର୍ଥ-ମାନ-ଯଶ ପାଇଲେ ଯାଇ
> ଅନେକଙ୍କୁହିଁ ତା' ଭଲ ଲାଗେ,
> ଅଟୁଟ ଇଷ୍ଟସ୍ୱାର୍ଥୀର କିନ୍ତୁ
> ଇଷ୍ଟାର୍ଥହିଁ ସବୁ ଟପେଇ ଜାଗେ । ୯୭ ।
>
> *(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ଖାଇବାକୁ ଲୋକ ୨୫ଜଣ । କିପରିଭାବେ manage (ବ୍ୟବସ୍ଥା) କରିବେ ? ଏପରି ତ ବହୁତ ଅଛି ।

ଶ୍ରୀଶ୍ରୀଠାକୁର— Ability (ଯୋଗ୍ୟତା) ବଢ଼ାଇବାକୁ ହେବ । ଖାଦ୍ୟବି ଯୋଗାଡ଼ କରିବାକୁ ହେବ । ଯୋଗାଡ଼ ନ କରି ପାରିଲେ ବୁଝିବାକୁ ହେବ efficiency (ଦକ୍ଷତା) କମ୍ । ଉତ୍ପାଦନ ଯେପରି ବଢ଼େ ତା'ବି କରିବାକୁ ହୁଏ ।

ଅଜିତଭାଇ— ଭାରତବର୍ଷ ଧର୍ମ-ନିରପେକ୍ଷ ରାଷ୍ଟ୍ର (secular state) ।

ଏଠାରେ ହିନ୍ଦୁ ଯେଉଁମାନେ ସେମାନେ ଏକ ବିବାହ କରିପାରିବେ, ମୁସଲମାନ ଯେଉଁମାନେ ସେମାନେ ଦଶଟା ବିବାହ କରିପାରିବେ । ସେଥିରେ କୌଣସି ବି ଦୋଷ ନାହିଁ । ସେଥିରେ ତ ମୁସଲମାନଙ୍କ ସଂଖ୍ୟା ବଢ଼ିଯିବ । ସେମାନେ ସ୍ୱାଭାବିକଭାବେହିଁ ସଂଖ୍ୟାଗରିଷ୍ଠ ହୋଇଯିବେ । ସେମାନେ ଏକାଧିକ ବିବାହ କରିଲେ କୌଣସିବି ଦୋଷ ନାହିଁ ।

ଶ୍ରୀଶ୍ରୀଠାକୁର— ସେ ଦୋଷ ତ ଆମମାନଙ୍କର । ତୁମେମାନେହିଁ ତ ଏସବୁ କରୁଛ ।

ହରିନନ୍ଦନ ପ୍ରସାଦଭାଇ— ସରକାର ତ କରିବେ । ଆମେମାନେ କ'ଣ ଆଉ କରିପାରୁ ? ଯା' କିଛି ତ ସରକାର କରୁଛନ୍ତି ।

ଶ୍ରୀଶ୍ରୀଠାକୁର— ସରକାରହିଁ ତ ତୁମର । ତୁମେ ଯଦି adjust (ନିୟନ୍ତ୍ରଣ) ନ କର ତା'ହେଲେ କ'ଣ ଆଉ ହେବ ? ତୁମେହିଁ ତ ସରକାର ।

ହରିନନ୍ଦନଭାଇ— Family planning (ପରିବାର ପରିକଳ୍ପନା) ହିନ୍ଦୁମାନଙ୍କ ପାଇଁ, ମୁସଲମାନଙ୍କ ପାଇଁ ନୁହେଁ ।

ଶ୍ରୀଶ୍ରୀଠାକୁର— ଆମେମାନେ ଯଦି ବୋକା ହେଉ ତା' ହେଲେ କ'ଣ ହେବ ?

ଅଜିତଭାଇ— ବର୍ଦ୍ଧମାନର ଗୋଟେ ଗ୍ରାମରେ ଶତକଡ଼ା ୭୦ଜଣ ହିନ୍ଦୁ ଅପରେଶନ କରିଛନ୍ତି କିନ୍ତୁ ଜଣେ ମୁସଲମାନବି ଅପରେଶନ କରି ନାହାଁନ୍ତି । ସରକାରଙ୍କଠାରୁହିଁ ଏହି ଜନ୍ମନିୟନ୍ତ୍ରଣର ଅସ୍ତ୍ରୋପଚାରର କଥା ପ୍ରଚାର ଓ ପ୍ରୟୋଗ କରା ଯାଉଛି ।

ଶ୍ରୀଶ୍ରୀଠାକୁର— ତା'ହେଲେ ବୁଝାଯାଉଛି ହିନ୍ଦୁ ଓ ମୁସଲମାନଙ୍କୁ ଅଲଗା କରି ରଖିବାର ବ୍ୟବସ୍ଥା କରୁଛନ୍ତି । ଏଭାବେ ଜାତକଙ୍କୁହିଁ ନଷ୍ଟ କରୁଛନ୍ତି । ଧର୍ମ ସମସ୍ତଙ୍କରହିଁ ଏକ । ସେଠାରେ ହିନ୍ଦୁ ଓ ମୁସଲମାନ କ'ଣ ? ଜୀବନଚଳନାକୁ ଭଲଭାବେ ଯଦି develop (ଉନ୍ନତ) କରି ନ ତୋଳେ, ଉପହାସ କରି ଯଦି ଯାଏ ଓ ଚାଲେ ତେବେ ମୋର ଜୀବନବି ହାସ୍ୟାସ୍ପଦ ଯିବ । ସମୂଳେ ନଷ୍ଟ ହୋଇ ଯିବ । ଏଗୁଡ଼ିକ ଯଦି adjust (ନିୟନ୍ତ୍ରଣ) ନ କର ତେବେ ଗୋଳମାଳ ହେବହିଁ । ଧର୍ମ ମଧ୍ୟରେ ବୃଦ୍ଧିର କଥାହିଁ ଅଛି । ବୈଶିଷ୍ଟ୍ୟକୁ ବଢ଼େଇ ତୋଳିବାର କଥା ଅଛି । ଧର୍ମ ସମସ୍ତଙ୍କରହିଁ ଏକ । ଧର୍ମ କଦାପିବି ବହୁ ନୁହେଁ । ବୌଦ୍ଧଧର୍ମ, ଖ୍ରୀଷ୍ଟିଆନ ଧର୍ମ, ହିନ୍ଦୁ ଧର୍ମ, ମୁସଲମାନ ଧର୍ମ ଏଗୁଡ଼ିକ ଅଲଗା ନୁହେଁ । ଏଗୁଡ଼ିକ ବିଭିନ୍ନ ପଥ ହୋଇପାରେ । ସମସ୍ତଙ୍କ ଉଦ୍ଦେଶ୍ୟ ହେଲା ଜୀବନକୁ ବଞ୍ଚାଇବା ଏବଂ ବୃଦ୍ଧିପର କରି ତୋଳିବା । ଈଶ୍ୱରତ୍ୱ ଲାଭହିଁ ହେଲା ସମସ୍ତଙ୍କର ଉଦ୍ଦେଶ୍ୟ । ଅମରତ୍ୱ ଲାଭହିଁ ହେଲା ଅସଲ କଥା । ତେଣୁ ଯିଏ ଯେଉଁ ପଥରେହିଁ ଯାଉ ନା କାହିଁକି ବା ଯିଏ ଯେଉଁ ପଦ୍ଧତିହିଁ ଅବଲମ୍ବନ କରୁ ନା କାହିଁକି ମୂଳରେ ରହି ଯାଇଛି ସମସ୍ତଙ୍କ ପାଇଁ ସେଇ ଗୋଟେହିଁ କଥା— ବଞ୍ଚିବା ଓ ବଢ଼ିବା, ସତ୍ତାର ସମ୍ବର୍ଦ୍ଧନା କରିବା ବୈଶିଷ୍ଟ୍ୟର ଉନ୍ନୟନ କରିବା । ଏଗୁଡ଼ିକ ଯେ ଯେପରି ଓ ଯେତେଟିକେ ପାଳନ କରେ ସେ ସେପରି ଓ ସେତେଟିକେ ଧାର୍ମିକ । ତେଣୁ ଧର୍ମ ହେଲା ବଞ୍ଚା-ବଢ଼ାର ହୋତା । ଏହାର ବ୍ୟତ୍ୟୟ ଓ ବ୍ୟତିକ୍ରମ ଯେଉଁଠାରେ ଯେପରି ଓ ଯେତେଟିକେ, ଅଧର୍ମବି ସେଠାରେ ସେପରି ଓ ସେତେଟିକେ । ତେଣୁ ଦରକାର ଆଦର୍ଶ, ଇଷ୍ଟ । ତାଙ୍କୁ ଅନୁସରଣ କରି ଚାଲିବାହିଁ ହେଲା ଜୀବନର ପଥ, ଧର୍ମର ପଥ, ସର୍ବାଙ୍ଗୀନ ଉନ୍ନତିର ପଥ ।

ଶ୍ରୀଶ୍ରୀଠାକୁରଙ୍କର ଉଠିବାର ସମୟ ହୋଇ ଆସିଲା । ସିଏ ତମାଖୁ ସଜେଇ ଆଣି ଦେଲେ । ଶ୍ରୀଶ୍ରୀଠାକୁର ତମାଖୁ ଖାଉଛନ୍ତି ।

ଅଜିତ ଗାଙ୍ଗୁଲୀଭାଇ— ଠାକୁର ! ଆଶୁବି (ଅଜିତଭାଇଙ୍କ ଛୋଟଭାଇ) ମତେ ଶ୍ରୀଶ୍ରୀବଡ଼ମା'ଙ୍କ ଚୂଡ଼ ପାଇଁ ୧୦୦ଟଙ୍କା

ଇଷ୍ଟାର୍ଥ ଯା'ର ସ୍ୱାର୍ଥ ହୋଇ
ଆନୁଗତ୍ୟ-କୃତି ନେଇ
ଅସ୍ଖଳିତଭାବେ ଚାଲେ,—
ସେହିଁ ଉଠେ ସ୍ଫୁଲିଙ୍ଗ ଦେଇ । ୯୮ ।

*(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ଇଷ୍ଟାର୍ଥଟାହିଁ ଅର୍ଥ ହୋଇ
ଫୁଟେ ଯାହାର ଅନ୍ତରରେ,
ଉଚ୍ଛଳତାରେ ବଢ଼ିହିଁ ଉଠେ
ରହେନା ତାମସ-ଗହ୍ୱରରେ । ୯୯ ।

*(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ଦେଲା ।

ଶ୍ରୀଶ୍ରୀଠାକୁର– ଖୁବ୍ ଭଲ ।

ଅଜିତଭାଇ– ଭାଇମାନେ ଖୁବ୍ ମାନନ୍ତି ମତେ । ଅରୁଣବି (ଗାଙ୍ଗୁଲୀ) ଖୁବ୍ ଶ୍ରଦ୍ଧା କରେ । ମୋର କଥା ସମସ୍ତେ ଶୁଣନ୍ତି ।

ଶ୍ରୀଶ୍ରୀଠାକୁର– ତା'ହେଲେ ଦେଖ ତୁମର man power (ମଣିଷବଳ) କେତେ !

ଅଜିତଭାଇ– ଆଜ୍ଞା ! ଆପଣଙ୍କ ଆଶୀର୍ବାଦ ।

## ୧୯କାର୍ତ୍ତିକ, ସୋମବାର, ୧୩୭୪ସାଲ
## ଇଂ୦୬।୧୧।୧୯୬୭

ସକାଳବେଳା ଶ୍ରୀଶ୍ରୀଠାକୁର ପାର୍ଲରରେ ଶୁଭ୍ର ଶଯ୍ୟାରେ ସମାସୀନ । ଟିକେ ଆଗରୁହିଁ ପୂଜ୍ୟପାଦ ବଡ଼ଦାଙ୍କ ପରିଚାଳନାରେ ନିତ୍ୟଦିନ ଭଳି ସମବେତ ବିନତି-ପ୍ରାର୍ଥନା ସମାପନ ହୋଇଗଲା । ଭକ୍ତବୃନ୍ଦ ଅନେକେହିଁ ଚାଲି ଯାଇଛନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ଘରକୁ ଚାଲି ଯାଇଛନ୍ତି । କେହି ବା ଆଶ୍ରମିକ କାମରେ ଯୋଗଦାନ କରିବାକୁ ଯାଇଛନ୍ତି । ପୁଣି କିଛିସଂଖ୍ୟକ ଭକ୍ତ ପ୍ରାର୍ଥନା ଓ ପ୍ରଣାମାଦି ପରେବି ପରମଦୟାଲଙ୍କୁ ଦର୍ଶନ କରୁଛନ୍ତି ଅଦୂରରେ ଠିଆ ହୋଇ । ପଲକବିହୀନ ନୟନରେ ଭକ୍ତବୃନ୍ଦ କେବଳ ତାଙ୍କୁ ଦେଖୁଛନ୍ତି, ଆଉ ଦେଖୁଛନ୍ତି । ଦୃଷ୍ଟି ସେମାନଙ୍କର ସ୍ଥିର, କେବଳ ତାଙ୍କ ଆଡ଼େ ହିଁ ଆବଦ୍ଧ । ଏ ଦେଖାର ଯେ କି ମୋହନ ଯାଦୁ ଅଛି, କି ଯେ ଭଲ ଲାଗେ, ତା' କହି ବୁଝା ଯାଏନା । ମଝିରେ ମଝିରେ ଭକ୍ତମାନଙ୍କ ପ୍ରତି ତାଙ୍କରବି ଦୃଷ୍ଟି ପଡ଼େ । ସେ ଦୃଷ୍ଟି ଯେ କି ଅଦ୍ଭୁତ ସ୍ନିଗ୍ଧ ଓ ଶାନ୍ତ, କେତେ ନମ୍ର ଓ ମଧୁର, କେତେ ପ୍ରାଣକଢ଼ା ଓ ଆକର୍ଷଣକାରୀ, କେତେ ଗଭୀର ଓ ଅନ୍ତର୍ଭେଦୀ ତା' ଯା'ର ଆଖିରେ ତାଙ୍କ ଆଖି ପଡ଼ିଛି ସେହିଁ ସବୁ ଭକ୍ତମାନଙ୍କ ନିକଟରେ ତା' ଅନବଦ୍ୟ ହୋଇ ଅଛି, ତା' ଅବ୍ୟକ୍ତ । ବୁଝେ ପ୍ରାଣ ବୁଝେ ଯା'ର । ଯେତେ ସମୟ ତାଙ୍କୁ ଦେଖି ରହିହୁଏ ମନେହୁଏ ଯେପରି ମହାବିଶ୍ୱର ସତ୍ତାର ପ୍ରତୀକ ସେଇ ପରମପୁରୁଷ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କର ସ୍ନେହଭରା କରୁଣାଧାରା ଅବିରଳଭାବେ ବିଚ୍ଛୁରିତ ହୋଇ ଚାଲିଛି । ଯେତେହିଁ ତାଙ୍କ ଆଡ଼େ ଚାହେଁ ସେତେହିଁ ମନେହୁଏ ଯେପରି ସେଇ ସ୍ନିଗ୍ଧ ଅକୃପଣ କରୁଣାଧାରା ଓ ଦୃଷ୍ଟିର ପରଶରେ ସଞ୍ଜୀବିତ ହୋଇଉଠେ । ତେଣୁ ତ ମନେହୁଏ ଦେଖେ, ଆହୁରି ଦେଖେ । ଏ ଦେଖିବାର ତ ଶେଷ ନାହିଁ ।

ଶ୍ରୀଶ୍ରୀଠାକୁରଙ୍କ ଶରୀର ଭଲ ହିଁ ଅଛି । ବଡ଼ଦା ଆସି ତାଙ୍କ ସନ୍ନିକଟରେ ତଳେ ବସିଛନ୍ତି । ପିତା ପୁତ୍ର ଦୁଇଜଣ ନାନା କଥାବାର୍ତ୍ତା ହେଉଛନ୍ତି । କେଇଦିନ ଆଗରୁ ଚନ୍ଦ୍ରକାନ୍ତ ମେଟାଭାଇ ସସ୍ତ୍ରୀକ ବମ୍ବେରୁ ପୁତ୍ର କନ୍ୟାସହ ଏଠାରେ ଠାକୁରବାଡ଼ି ଆସିଥିଲେ । ସେମାନେ ବମ୍ବେ ଫେରି ଯାଇଛନ୍ତି । ପହଞ୍ଚିବାର ସମ୍ବାଦ ଏବେ ଆସିନି ।

ଶ୍ରୀଶ୍ରୀଠାକୁର ବଡ଼ଦାଙ୍କୁ ପଚାରିଲେ– ଚନ୍ଦ୍ରକାନ୍ତ କୌଣସି ଚିଠିପତ୍ର ଦେଇଛି କି ?

ବଡ଼ଦା– ଆଜି ସୋମବାର । ଚିଠି ଆସିପାରେ ।

ଶ୍ରୀଶ୍ରୀଠାକୁର– ଦେଖ ।

ବଡ଼ଦା– ଆଜ୍ଞା । ଆପଣ ଜଗଜ୍ୟୋତି ସେନକୁ (ଦିଲ୍ଲୀ) କହିଛନ୍ତି ଗାଡ଼ି ଦେବାକୁ, ଶ୍ରୀକଣ୍ଠ ମାଇତିକୁ (ମେଦିନୀପୁର) କହିଛନ୍ତି ଗାଡ଼ି ଆଣିବାକୁ ।

ଶ୍ରୀଶ୍ରୀଠାକୁର– ସେମାନେ ଆଣିବେ ?

ବଡ଼ଦା– ଆଜ୍ଞା ! ଆଣିବେ ।

ଶ୍ରୀଶ୍ରୀଠାକୁର– ନେପାଳରୁ କହିଲେ ଆସିବ ?

ବଡ଼ଦା– ସେଠାରୁ ଆସିବାକୁ ଅନେକ ଅସୁବିଧା । Border Pass (ବର୍ଡ଼ର ପାଶ) ପାଇବା ପାଇଁ ନାନା ଝମେଲା ହୁଏ । ସହଜରେ ପାଶ ମିଳେନା । ଆମେରିକାରୁ ଲ୍ୟୁଟମାନ (Lut man) ସାହେବ ଗୋଟେ ଗାଡ଼ି ଦେଇଛନ୍ତି । ସେଇ ଦେଶରୁ ପଠାଇବାର ଯାବତୀୟ ଖରଚାଦି' ଲ୍ୟୁଟମାନ ସାହେବହିଁ ଦେଇଛନ୍ତି । ତେବେବି ମୋର ଚାଳିଶ ହଜାର ଟଙ୍କା ଭଳି ଖର୍ଚ୍ଚ ଲାଗିଥିଲା ।

ଶ୍ରୀଶ୍ରୀଠାକୁର– ଲ୍ୟୁଟମାନ ପଠାଇଥିଲେ ?

ବଡ଼ଦା– ଆଜ୍ଞା । ଲ୍ୟୁଟମାନ ମୋ ମାଧ୍ୟମରେ ଦୀକ୍ଷା ପାଇଛି । ହାଉଜରମ୍ୟାନ ତା'କୁ ଆପଣଙ୍କ କଥା କହେ । ଆମେରିକାରୁ ଆପଣଙ୍କୁ ଦର୍ଶନ କରିବା ପାଇଁ ଏଠାକୁ ଆସେ ।

ଶ୍ରୀଶ୍ରୀଠାକୁର– ବଡ଼ବୋହୂ କିପରି ଅଛି ? ଦେଖି ଆସ ।

ବଡ଼ଦା (ଶ୍ରୀଶ୍ରୀବଡ଼ମା'ଙ୍କୁ ଦେଖି ଆସି)– ଦେଖି ଆସିଲି । ମା'ବି ସେଇ ଘରୁ ଆପଣଙ୍କୁ ଦେଖିପାରନ୍ତି । ମା' କହନ୍ତି– ମୁଁବି ମଝିରେ ମଝିରେ ଏ ଘରୁ (ନିରାଲା ନିବେଶରୁ) ଚାହୁଁଛି ସେ ଘର (ପାର୍ଲର) ଆଡ଼େ, ତାଙ୍କୁ ଦେଖେ ।

ଶ୍ରୀଶ୍ରୀଠାକୁର ବଡ଼ଦାଙ୍କ କଥା ଶୁଣି ହସିଦେଲେ ।

*(କ୍ରମଶଃ)*

ଇଷ୍ଟନିଶାରେ ଶିଷ୍ଟ ହୋଇ
ରିପୁର ବନ୍ଧନ କରି ଦିଅ,
ପାଦେ-ପାଦେ ଆଗେଇ ଚାଲ
ଇଷ୍ଟାର୍ଥରେ ଛୁଟି ଧାଅଁ । ୧୦୦ ।

*(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

*ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ*

# ଇଷ୍ଟପ୍ରସଙ୍ଗ

**ସଂକଳୟିତା– ଡଃ. ଶ୍ୟାମସୁନ୍ଦର ରକ୍ଷିତ**, ଏମ୍.ଏ., ପି.ଏଚ୍.ଡି.

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ଶ୍ରୀଶ୍ରୀପିତୃଦେବ– ବକ୍ତୃତାସଭାରେ ଲୋକ କିପରି ହୋଇଥିଲେ ?

ଶିବାନନ୍ଦ– ପ୍ରଚୁର ଲୋକ । ଏକ ଅସରା ବର୍ଷା ହୋଇଗଲା । ବର୍ଷା ପରେ ମିଟିଂ ହେବାର କଥା । ଲୋକେ କହୁଛନ୍ତି ମିଟିଂ ହେବନି । ତା' ମଧ୍ୟରେବି ହେଲା । ଲୋକେ ବସିଛନ୍ତି । ମିନିଷ୍ଟରବି ବସିଛନ୍ତି ସାଧାରଣଙ୍କ ମଧ୍ୟରେ । ବର୍ଷା ହେବାରୁ କେହି ଯେପରି ନର୍ଭସ ଫିଲ କରିନାହାଁନ୍ତି । ଶ୍ରମମନ୍ତ୍ରୀ ଡ଼ଃ ବିଜୟ କୁମାର ସିଂ ଏତେ ସୁନ୍ଦର କହିଲେ– ଭାବି ପାରି ହୁଏନା । ସିଏ ତ ସତ୍‌ସଙ୍ଗୀ ନୁହଁନ୍ତି । କିନ୍ତୁ ବକ୍ତୃତା ଶୁଣି ତା' ବୁଝିବାର ଉପାୟ ନାହିଁ । ସିଏ ବକ୍ତୃତାରେ କହିଲେ– ଉତ୍ସବରେ ଯୋଗ ଦେଲେହିଁ ଆମମାନଙ୍କର କର୍ତ୍ତବ୍ୟ ଶେଷ ହେଲାନି । ଘରକୁ ଯାଇ ଆତ୍ମବିଶ୍ଳେଷଣ କରିବାକୁ ହେବ । ଶ୍ରୀଶ୍ରୀଠାକୁରଙ୍କ ବାଣୀକୁ ତାଙ୍କ ଆଦର୍ଶକୁ ଅନୁଧାବନ କରିବାକୁ ହେବ । ବଂଶ ପରମ୍ପରାରେ ଚାଲିବାକୁ ହେବ ତାଙ୍କୁ ଆଶ୍ରୟ କରି । ଏକପ୍ରକାର ମହାପୁରୁଷ ତ ଏକହଜାର ଦୁଇହଜାର ବର୍ଷ ପରେ ଆସନ୍ତି ।

ଶିବାନନ୍ଦ ଉଚ୍ଛ୍ୱସିତ ହୋଇ ନିବେଦନ କରୁଥାଏ ଉତ୍ସବର ଘଟଣାବଳୀ ।

ଶ୍ରୀଶ୍ରୀପିତୃଦେବ– ଆଉ ଶୋଭାଯାତ୍ରା ?

ଶିବାନନ୍ଦ– ଶୋଭାଯାତ୍ରା ଏତେ ସୁନ୍ଦର ହୋଇଛି ! ବର୍ଷା ଯେତେବେଳେ କମିଲା ସେତେବେଳେ ଶୋଭାଯାତ୍ରା ଆରମ୍ଭ ହେବାର ଟାଇମ । ଶୋଭାଯାତ୍ରା ଆରମ୍ଭ ହୋଇଗଲା । ଖୁବ୍ ସୁନ୍ଦର ଶୋଭାଯାତ୍ରା ଯେତେବେଳେ ଶେଷ ହେଲା ପୁଣି ବର୍ଷା ଆରମ୍ଭ ହେଲା । ଉଷାକୀର୍ତ୍ତନ, ଗୀତ, ସଭା, ଶୋଭାଯାତ୍ରା ସବୁହିଁ ଭଲ ହୋଇଛି । ଜଣେ ପୁଲିସ କହୁଛି ଏତେ ଭଲ ଜିନିଷ କଦାପିବି ଦେଖିନି– ଜୀବନରେ ଦେଖିନି । ଉତ୍ସବ ଏତେ ଯେ ସୁନ୍ଦର ହୋଇପାରେ ଭାବି ପାରିନି ।

କୃପାସିନ୍ଧୁ– ଶ୍ରୀବାସ୍ତବଭାଇ କିପରି କହିଛନ୍ତି ?

ଶିବାନନ୍ଦ– ଭଲ କହିଛନ୍ତି ।

ଶ୍ରୀଶ୍ରୀପିତୃଦେବ– ନାରାୟଣ ପ୍ରସାଦ ?

ଶିବାନନ୍ଦ– ଗଳା ବସିଯିବାରୁ ସିଏ ବକ୍ତୃତା ଦେଇ ପାରନ୍ତିନି ।

ଶିବାନନ୍ଦ କହିଲା– ପାଟନାରୁ ପ୍ରକାଶିତ ଦୈନିକ ସଂବାଦପତ୍ର ଉତ୍ସବର ସମ୍ବାଦ ଦେଇଛି ନିଉଜ ହିସାବରେ । ଶ୍ରୀଶ୍ରୀଠାକୁରଙ୍କ ଫଟୋବି ଅଛି ।

ଆଶୁଭାଇ– ରେଡ଼ିଓରେ ଉତ୍ସବର ସମ୍ବାଦ ଦେଇଛି । ମିଟିଂର ବକ୍ତୃତାବି ଦେଇଛି ।

ଶ୍ରୀଶ୍ରୀପିତୃଦେବ ସମ୍ମତି ଜଣାଇଲେ ।

ଶ୍ରୀଶ୍ରୀପିତୃଦେବ ପଚାରିଲେ– ରେଡ଼ିଓରେ କା'ର ବକ୍ତୃତା ଦେଇଛି ?

ମଦନଭାଇ (ଘୋଷ) ପାଟନା ବେତାର କେନ୍ଦ୍ରରୁ ପ୍ରଚାରିତ

> ଶରୀର ଯେପରି କୃତିର ଟାଣେ
> ନାଚେ ପ୍ରାଣନ-ସ୍ପନ୍ଦନେ,
> ଇଷ୍ଟାର୍ଥରେ ମାତି ତୁମେ
> ନାଚ କୃତି-ନନ୍ଦନେ । ୧୦୧ ।
> *(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ଉତ୍ସବର ସମ୍ବାଦ ଶୁଣିଛନ୍ତି । କହିଲେ– ମନେହେଲା ୟା'ଙ୍କରହିଁ (ଶିବାନନ୍ଦର) ବକ୍ତୃତା ।

ମିଟିଂର ଆହୁରିବି କିଛି ବିବରଣ ଦେଲା ଶିବାନନ୍ଦ । – ରଜନୀ ଭାର୍ମାଭାଇ ପ୍ରଥମେ ପ୍ରଥମେ କହିଛନ୍ତି । କେଇଜଣ ବକ୍ତାଙ୍କ ପରେ ଶ୍ରୀବାସ୍ତବଭାଇ । ହରିବଲ୍ଲଭଭାଇଙ୍କ ବକ୍ତୃତା ସବୁଠାରୁ ଭଲ ଲାଗିଛି । ଏତେ ସୁନ୍ଦର କହିଛନ୍ତି ! ହରିବଲ୍ଲଭଭାଇ ଶେଷ ଆଡ଼କୁ ବକ୍ତା ଥିଲେ । ସମସ୍ତେ ମନ ଦେଇ ଶୁଣିଛନ୍ତି ।

ସଞ୍ଜୀବଭାଇ– ହରିବଲ୍ଲଭଭାଇ ବଙ୍ଗଳା, ହିନ୍ଦୀ, ଇଂରାଜୀ ତିନିଟା ଭାଷାରେ କହି ପାରନ୍ତି । ରାଉରକେଲା ଉତ୍ସବରେ ହରିବଲ୍ଲଭଭାଇ ଭଲ କହିଛନ୍ତି । ହରିବଲ୍ଲଭଭାଇ କହିଲେ– ଏଠାରୁ ଅନୁମତି ନେବା ସମୟରେ ବଡ଼ଦା କହିଥିଲେ ଭଲ କହିବୁ, ତାଙ୍କର ଏହି ଆଶୀର୍ବାଦହିଁ କାମ କରିଛି । ତେଣୁ ଏପରି କହି ପାରିଛି ।

କେଷ୍ଟ ସାହୁ ଭାଇ ଆସିଲେ । ଶ୍ରୀଶ୍ରୀପିତୃଦେବ ତାଙ୍କର କୁଶଳ ନେଇ କହିଲେ– ଖବର କୁହ ।

କେଷ୍ଟଭାଇ– ଆଗାମୀକାଲି ତ ବନ୍ଦ ।

ଶ୍ରୀଶ୍ରୀପିତୃଦେବ– ଭାରତ ବନ୍ଦ ।

କେଷ୍ଟଭାଇ– ବାମପକ୍ଷ ଡ଼ାହାଣପକ୍ଷ ଦୁଇପକ୍ଷହିଁ ତିଆରି । ମାଇକିରେ ଦୁଇ ପକ୍ଷହିଁ କହି ଯାଉଛନ୍ତି । ବାମପକ୍ଷ କହୁଛି, ବନ୍ଦ କରିବାକୁ ହେବ । ଡ଼ାହାଣପକ୍ଷ କହୁଛି, ବନ୍ଦରେ ଦେଶରେ କ୍ଷତି ହେବ, ବନ୍ଦ କରିବେନି । ପୁଲିସ ବସାଯାଇଛି ସ୍ଥାନେ ସ୍ଥାନେ । ଆଗାମୀକାଲି ପୁଣି ଥାନା ଘେରାଉ ହେବାର କଥା ।

ପ୍ରସଙ୍ଗ ପରିବର୍ତ୍ତିତ ହେଲା ଶୀଘ୍ରହିଁ । ଶ୍ରୀଶ୍ରୀପିତୃଦେବ ଶିବାନନ୍ଦ ସହିତ ପୁନରାୟ ପାଟନା ଉତ୍ସବ ବିଷୟରେ କଥାବାର୍ତ୍ତା କରୁଥା'ନ୍ତି ।

ଶିବାନନ୍ଦ କହିଲା– ପୁଷ୍ପବୃଷ୍ଟି ହୋଇଥିଲା ପ୍ଲେନରୁ ।

ଶ୍ରୀଶ୍ରୀପିତୃଦେବ– ସତେ ନା କ'ଣ ?

ଶିବାନନ୍ଦ– ଆଜ୍ଞା ହଁ । ଶୋଭାଯାତ୍ରା ସମୟରେ ପୁଷ୍ପବୃଷ୍ଟି କରାଯାଇଥିଲା ।

କେଷ୍ଟଭାଇ– ରେଡ଼ିଓରେ କାଲେ ସମ୍ବାଦରେ ଉତ୍ସବର ସମ୍ବାଦ ଦେଇଛି ।

ଶ୍ରୀଶ୍ରୀପିତୃଦେବ– ହଁ । ସୁଟୁକର ମା' କହିଲା, ରେଡ଼ିଓରେ ଉତ୍ସବର ସମ୍ବାଦ ଦେଇଛି । ସେ (ଶିବାନନ୍ଦ) ସେତେବେଳେ ଟ୍ରେନରେ ଆସୁଥିଲା । ତା'ର ବକ୍ତୃତା ଦେଇଛି ରେଡ଼ିଓରେ– ମଦନ କହିଲା । ମଦନବି ରେଡ଼ିଓର ସମ୍ବାଦ ଶୁଣିଛି ।

କେଷ୍ଟଭାଇ– ଶୁଣିଲି ଉତ୍ସବ ଦେଖି ଆଖପାଖର ଲୋକ ରିମାର୍କ (remark) କରିଛନ୍ତି– ଏଠାରେ ଶିଖମାନଙ୍କର ପ୍ରସେଶନ ବାହାରେ, ଖୁବ୍ ଭଲ ପ୍ରସେଶନ ହୁଏ, ତା'କୁବି ଟପିଯାଇଛି ।

ଶିବାନନ୍ଦ– ଖୁବ୍ ସୁନ୍ଦର ପ୍ରସେଶନ (ଶୋଭାଯାତ୍ରା) ହୋଇଛି । ଶୋଭାଯାତ୍ରାରେ ହାତୀ, ଘୋଡ଼ା, ସୁସଜ୍ଜିତ ଟ୍ରକ୍, କାର, ସ୍କୁଟର, କୀର୍ତ୍ତନ ଦଳ ଥିଲା । ହଜାର ହଜାର ଭାଇମାନେ ମା'ମାନେ ଯୋଗ ଦେଇଥିଲେ । ମା'ମାନେବି ଆହବ ଧ୍ୱନି ଦେଇଥିଲେ । ଖୁବ୍ ସୁନ୍ଦର ଲାଗୁଥିଲା ।

କେଷ୍ଟଭାଇ– ଡ଼ଃ ଜଗନ୍ନାଥ ମିଶ୍ର ଉତ୍ସବକୁ ଆସିଥିଲେ । ବକ୍ତୃତା ଦେଇଛନ୍ତି । ଶୁଣିଲି ଅନେକକ୍ଷଣ ଧରି ବକ୍ତୃତା ଦେଇଛନ୍ତି ।

ଶିବାନନ୍ଦ– ହଁ । ସିଏବି ଭଲ କହିଛନ୍ତି । ମିନିଷ୍ଟରମାନଙ୍କ ମଧ୍ୟରେ ଡ଼ଃ ବିଜୟ କୁମାର ସିଂଙ୍କ ବକ୍ତୃତା ମୋତେ ସବୁଠାରୁ ଭଲ ଲାଗିଛି । ଏପରି କଥା ମିନିଷ୍ଟରଙ୍କ ମୁହଁରୁ କଦାପି ଶୁଣିନି ।

କେଷ୍ଟଭାଇ– ବିଜୟକୁମାର ସିଂ ତ ଉତ୍ସବରେ ଦେଓଘର ଆସିଛନ୍ତି । ବକ୍ତୃତା ଦେଇଛନ୍ତି । ଆଶ୍ରମ ଦର୍ଶନ କରି ଯାଇଛନ୍ତି ।

ଶ୍ରୀଶ୍ରୀପିତୃଦେବ– କୌଣସିପ୍ରକାର ଗଣ୍ଡଗୋଳ ହୋଇନି ?

ଶିବାନନ୍ଦ– ଆଜ୍ଞା ନା ।

ହସି ହସି କେଷ୍ଟଭାଇ କହିଲେ– ଆଉ ନିଜ ନିଜ ମଧ୍ୟରେ ?

ଶିବାନନ୍ଦ ଏ ପ୍ରଶ୍ନର କୌଣସି ଉତ୍ତର ନ ଦେଇ କହିଲା– ପାଟନା ସତ୍‌ସଙ୍ଗ କେନ୍ଦ୍ରର ଆଖପାଖର ଲୋକମାନଙ୍କ ଉପରେ ଉତ୍ସବର impact ଏତେ ସୁନ୍ଦର ହୋଇଛି ! ଆଗେ ଲୋକେ ଜାଣୁନଥିଲେ ସତ୍‌ସଙ୍ଗ କେନ୍ଦ୍ରର ଲୋକମାନେ କ'ଣ କରନ୍ତି ନ କରନ୍ତି । କଂକରବାଗ କେନ୍ଦ୍ରରେ ଶୋଭାଯାତ୍ରା ଆସି ଯେତେବେଳେ ଶେଷ ହେଲା ଦେଖିବା ଭଳି ଅଭିନବ ପରିବେଶ ତିଆରି ହେଲା ।

'ପାଟଳିପୁତ୍ର ଧର୍ମଶାଳା'ର ଦୁଇଟା ଫ୍ଲୋର ଏବଂ 'ଲାଲା ଲାଜପତ ରାୟ ହଲ' ଅଭ୍ୟାଗତମାନଙ୍କର ରହିବା ପାଇଁ ରିଜର୍ଭ କରାଯାଇଥିଲା । ରହିବାରେ କୌଣସିପ୍ରକାର ଅସୁବିଧା ହୋଇ ନାହିଁ । ଶିବାନନ୍ଦ ଏସବୁ ଖବରବି କହିଲା ।

କେଷ୍ଟଭାଇ– ଆନନ୍ଦବଜାର କେଇବେଳା ହୋଇଥିଲା ?

ଶିବାନନ୍ଦ– ଶୁକ୍ରବାର ରାତିରୁ ରବିବାର ପର୍ଯ୍ୟନ୍ତ । ମୋଟ ପାଞ୍ଚବେଳା ।

କେଷ୍ଟଭାଇ– ଏହା ମଧ୍ୟରେ ଏକବେଳା ତ ଅଧ୍ୟାପକ ଆର୍. ମି. ସିହ୍ନା ଦେଇଛନ୍ତି ।

> ଇଷ୍ଟାର୍ଥରାଗ ଅତୁଟ ରଖି
> ଜ୍ଞାନବିବେକର ଚକ୍ଷୁ ନେଇ
> ଇଷ୍ଟସେବାରେ ଅତୁଟ ରହିବ-
> ତାଙ୍କଠାରେହିଁ ସମୃଦ୍ଧ ହୋଇ । ୨୦୨ ।
>
> *(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ଶିବାନନ୍ଦ ସମ୍ମତି ଜଣାଇଲା ।

ଶ୍ରୀଶ୍ରୀପିତୃଦେବ– ମୋଟ ଉପରେ ଖୁବ୍ ଭଲ ହୋଇଛି ।

କେଷ୍ଟଭାଇ– ଖୁବ୍ ଭଲ ହୋଇଛି । ଏପ୍ରକାର ପରିବେଶ ମଧ୍ୟରେବି ଖୁବ୍ ଭଲ ହୋଇଛି ।

ଶିବାନନ୍ଦ ଭିଜିଭିଜିବି ଲୋକ ମିଟିଂ ଶୁଣିଛନ୍ତି । ପ୍ରଥମେ ମନେହୋଇଥିଲା ସମସ୍ତେ ଭିଜି ଯାଉଛନ୍ତି, କିପରି ହେବ । କିନ୍ତୁ ଯେମିତିହିଁ ମିଟିଂ ଆରମ୍ଭ ହେଲା ସେମିତିହିଁ ଜାଗା ଆଉ ଫାଙ୍କା ରହିଲାନି ।

ଶ୍ରୀଶ୍ରୀପିତୃଦେବ ଶିବାନନ୍ଦର ସ୍ନାନାହାରର ଖବର ନେଲେ । ଆଜି ତା'ର ସ୍ନାନ ହୋଇନି । ଭାତ ଖାଇବାବି ହୋଇନି । ଟିଫିନ ଖାଇ ହିଁ କଟେଇଛି । ଆହାରାଦି ପାଇଁ ଶ୍ରୀଶ୍ରୀପିତୃଦେବ ତା'କୁ ଘରକୁ ପଠାଇ ଦେଲେ ।

ଭୁଲୁଭାଇ (ଶ୍ରୀଅଜିତାଭ ଗୁପ୍ତଚୌଧୁରୀ) ଆସିଲେ ହଲଘରକୁ । ଶ୍ରୀଶ୍ରୀପିତୃଦେବ କହିଲେ– ଭୁଲୁ ନା କ'ଣ ?

ଭୁଲୁଭାଇ– ଆଜ୍ଞା ।

ଶ୍ରୀଶ୍ରୀପିତୃଦେବ– ଖବର କୁହ ।

ଭୁଲୁଭାଇ– ଭଲ ।

ଶ୍ରୀଶ୍ରୀପିତୃଦେବ– ଶୁଣିଲି ଅନେକ ବସ ଆସିଛି ଆଜି ।

ଭୁଲୁଭାଇ– ଆଜ୍ଞା ପ୍ରଚୁର ଭିଜିଟର ଆଜି ।

ଶ୍ରୀଶ୍ରୀପିତୃଦେବ– ସବୁ ଦେଖିଛନ୍ତି ?

ଭୁଲୁଭାଇ– ହଁ । ଦେଖିଶୁଣି ଖୁସି ହୋଇଛନ୍ତି ସମସ୍ତେ । ରସୈଷଣା ମନ୍ଦିରକୁ ଯାଇଥିଲି । କବଲର ତ ଖୁବ୍ ଚାହିଦା । ଶୁଣିଛି କ୍ୟାନସରରେ ଖୁବ୍ କାମରେ ଲାଗେ । ଧ୍ରୁବଭାଇଙ୍କ କେସ ତ ଶୁଣିଛୁ ଆମେମାନେ । ସିଏ ରେଗୁଲାର ବ୍ୟବହାର କରନ୍ତି । ପାଟନାର ଜଣେ ଗୁରୁଭାଇ କବଲ ନେବେ । ଷ୍ଟକ କମ୍ । ଧ୍ରୁବଭାଇଙ୍କର ଦରକାର ଶୁଣି କହିଲେ– ସିଏ ନିଅନ୍ତୁ । ପାରସ୍ପରିକତାର ଏପରି ଘଟଣା ମଝିରେ ମଝିରେ ଆଖିରେ ପଡ଼ିଯାଏ । କବଲ, ତ୍ରିପାଳୀ ଏହି ଦୁଇଟାର ଖୁବ୍ ଚାହିଦା । ଅନେକ ଔଷଧର ଚାହିଦା ଖୁବ୍ । ତା' ମଧ୍ୟରେ ଏଗୁଡ଼ିକର ବେଶୀ ।

ମଦନଭାଇ– କବଲ ଖାଇ ଶ୍ୟାମସୁନ୍ଦରଭାଇ ତ ଭଲହିଁ ହୋଇ ଯାଇଛନ୍ତି । ଆଉ କୌଣସି ଅସୁବିଧା ନାହିଁ ।

ଭୁଲୁଭାଇ– ବହିପତ୍ର ଔଷଧପତ୍ର ସବୁକିଛିରହିଁ ଚାହିଦା ଖୁବ୍ ବେଶୀ । ଆମମାନଙ୍କର ବହିର ଦାମ ଖୁବ୍ କମ୍ ।

ଶ୍ରୀଶ୍ରୀପିତୃଦେବ– ବହିର ଦାମ ଖୁବ୍‌ହିଁ କମ୍ । ଔଷଧପତ୍ରର ବି ଦାମ କମ୍ ।

ମଦନଭାଇ– ଅନେକ ଡ଼ାକ୍ତର ତ୍ରିପାଳୀ ପ୍ରେସକ୍ରାଇବ କରନ୍ତି । ଲୋକେ ସ୍ଥାନୀୟ ମନ୍ଦିରରୁ ସଂଗ୍ରହ କରନ୍ତି ।

ଶ୍ରୀଶ୍ରୀପିତୃଦେବ– ତ୍ରିପାଳୀ ଖାଇ ପେଟର ବ୍ୟଥା ଦୂର ହୋଇଯାଇଛି ଏପରି ନଜିର ଅଛି ।

ମଦନଭାଇ– ଗ୍ୟାସ୍ଟ୍ରିକ୍ ଅଲସର କବଲ ଖାଇ କମି ଯାଇଛି ବହୁ କ୍ଷେତ୍ରରେ ଦେଖା ଦେଇଛି ।

ଧୀରେନଭାଇ କହିଲେ– ରବୀନ ଘୋଷ ନାମରେ ଜଣେ ଭାଇ ସର୍ଦ୍ଦିଜ୍ୱରରେ ଝିଅକୁ ତ୍ରିପାଳୀ ଖୁଆଇ ଅଦ୍ଭୁତ ଫଳ ପାଇଛନ୍ତି । ତା'ପରେ ସେଇ ଭାଇ ଦୀକ୍ଷା ଗ୍ରହଣ କରନ୍ତି ।

କାର୍ତ୍ତିକଭାଇବି ଆସି ବସିଛନ୍ତି ହଲଘରେ । ସିଏ ଏ ପ୍ରସଙ୍ଗରେ କହିଲେ– ଜଣେ ଭାଇର ଦେହରେ ଗୋଟି ଗୋଟି ଫଳି ଯାଇଥିଲା । ତ୍ରିପାଳୀ ବ୍ୟବହାର କରି କମିଗଲା ।

ଶ୍ରୀଶ୍ରୀପିତୃଦେବ– ମୁଁ ତ୍ରିପାଳୀର ନାମହିଁ ଭୁଲିଯାଏ ।

କାର୍ତ୍ତିକଭାଇ– ଯା' ମନେ ରହିବାର ଆପଣଙ୍କର ସବୁ ମନେଥାଏ ।

ମଦନଭାଇ– ଶ୍ରୀ ଏସ.କେ. ରାୟ ଆମମାନଙ୍କୁ ଲାଇସେନ୍ସ ଦେଇଥିଲେ । ତ୍ରିପାଳୀର ingredients ଦେଖି କହିଲେ– ଏହି ପାଞ୍ଚଟା ଜିନିଷ ଦେଖୁଛି, ଏହା ତ ଅପୂର୍ବ ସମାବେଶ ।

ଶ୍ରୀଶ୍ରୀପିତୃଦେବ– ଖୁବ୍ appreciate କରିଲା ?

ମଦନଭାଇ– ଆଜ୍ଞା । *(କ୍ରମଶଃ)*

***ଅନୁବାଦ : ଡ଼ାଃ. ବିନାୟକ ମହାପାତ୍ର***

*(ବି.ଦ୍ର. : ଅନୁଲେଖକ ଶ୍ରୀଶ୍ରୀବଡ଼ଦାଙ୍କୁ ଶ୍ରୀଶ୍ରୀପିତୃଦେବ ଓ ପୂଜ୍ୟପାଦ ଦାଦାଙ୍କୁ ପୂଜ୍ୟପାଦ ବଡ଼ଦାଦା ବୋଲି ସମ୍ବୋଧନ କରନ୍ତି ।)*

ବହୁନୈଷ୍ଠିକ ଜୀବନ ନେଇ
ଚାଲିଲେ,-କୋଉ କାଳେ
ଶ୍ରେୟଲାଭ ନାହିଁ ତୁମର
ବୁଝି ନିଅ- ଭଲରେ,
ଯେତେ ସାମର୍ଥ୍ୟ ଥାଉ ନା ତୁମର
ଅଶ୍ରେୟ ହେଉ କିମ୍ବା ଶ୍ରେୟ
ସବୁହିଁ କିନ୍ତୁ ବୋଧର ପଥେ
ହେବହିଁ ଜାଣ ନିହାତି ହେୟ,
ଶ୍ରେୟ ଯିଏ ତାଙ୍କଠି ଶ୍ରଦ୍ଧା
ରଖି ତୃପ୍ତି ନେଇ,
ନିଷ୍ଠା ରଖ ଇଷ୍ଟେ ତୁମର
ସକଳ ହୃଦୟ ଦେଇ । ୧୧୮ ।

*(ଅନୁଶ୍ରୁତି, ୬ଷ୍ଠଖଣ୍ଡ, ସାଧନା)*

ଯୁଗାଚାର୍ଯ୍ୟ ସ୍ମରଣେ

# ଚଳନର ପାଥେୟ

◆ *ଶିବାନୀ ଚକ୍ରବର୍ତ୍ତୀ (ପୁତ୍ରବଧୂ)*

*(ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଜନ୍ମ-ଶତବର୍ଷ ଅବସରରେ ଇଷ୍ଟ-ପରିବାରବର୍ଗଙ୍କର ତଁତ୍ସମ୍ବନ୍ଧରେ ସ୍ମୃତିଚାରଣ ନେଇ – ଏହି ଆଲେଖ୍ୟ ପ୍ରସ୍ତୁତ – ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳିଭାବେ ।)*

*(ପୂର୍ବପ୍ରକାଶିତ ଉତ୍ତାରୁ......)*

'ଅନନ୍ତ'-କୁ କେହି କ'ଣ କେବେ ଭାଷାରେ ପ୍ରକାଶ କରି ପାରିଛି ! ତାଙ୍କୁ କେବଳ ଉପଲବ୍ଧି କରିପାରି ହୁଏ । କିନ୍ତୁ ତା' ବର୍ଣ୍ଣନା କରିବା ଖୁବ୍‌ହିଁ ଅସମ୍ଭବ । ତେଣୁ ବାବାଙ୍କ ସମ୍ବନ୍ଧରେ ଯେତେବେଳେ ମୋର ଅଭିଜ୍ଞତା ଲିପିବଦ୍ଧ କରିବାର ପ୍ରୟାସୀ ହେଲି – ସେତେବେଳେ ଏକ ବିପୁଳ ଭୟବି ମୋର ସଙ୍ଗୀ ହେଲା । କ'ଣ ବା କହିବି ଆଉ କ'ଣ ବା ଲେଖିବି ! ତାଙ୍କ ସମ୍ବନ୍ଧରେ ଯା' କିଛିହିଁ ଭାବିବାକୁ ଯାଏ ତା' ସବୁହିଁ ଏକ ବିରାଟର, ଅସୀମର ଆସ୍ୱାଦ ବହନ କରି ଆଣେ । ସ୍ମୃତିଲୋକେ ମୂର୍ତ୍ତ ହୋଇଉଠେ ତାଙ୍କର ଜୀବନ୍ତ ଉପସ୍ଥିତି । ତାଙ୍କୁ ଭାଷାରେ ବ୍ୟକ୍ତ କରିବା, କରିପାରିବା ଖୁବ୍ ଦୁଃସାଧ ବ୍ୟାପାର । କାରଣ, ତାଙ୍କର ଉପସ୍ଥିତିହିଁ ଏପରି ଗୋଟେ ଘଟଣା ଯେ, କିଛି ଶବ୍ଦରେ ତା'କୁ ପ୍ରକାଶ କରିବା ସବୁବେଳେହିଁ ଏକ ଆଂଶିକ ପ୍ରକାଶ ହୋଇପଡ଼େ । ଅସଲରେ ଶବ୍ଦର କ୍ଷମତା ଆଉ କେତେଟିକେ ! ତାଙ୍କର ଚାହାଣୀ, ହସ, ଗାମ୍ଭୀର୍ଯ୍ୟ, କଥା କହିବାର ଭଙ୍ଗିମା– ସବୁ ମିଶାଇ ବାବାଙ୍କ ଚାରିପାଖରେ ଯେଉଁ ପରିମଣ୍ଡଳଟି ଗଢ଼ିଉଠୁଥିଲା, ଶବ୍ଦାକାରେ ତା'କୁ କିପରି ଭାବେ ବା ଜୀବନ୍ତ କରି ତୋଳିବା ସମ୍ଭବ !

ତେବେ ତାଙ୍କ ଚାହାଣିର ଗୋଟେ ଅନୁଭୂତିର କଥା କହେ । ପ୍ରଥମ ବାବାଙ୍କୁ ଦେଖିବାର ମୁହୂର୍ତ୍ତରେହିଁ ମନେ ହୋଇଥିଲା ସିଏ ତାଙ୍କର ଅନ୍ତର୍ଭେଦୀ ଦୃଷ୍ଟି ଦେଇ ମୋର ଅନ୍ତର-ବାହାର ସବୁଟିକକ ଦେଖି ପାରୁଛନ୍ତି । ଆଉ ପରେବି ସେଇ ଏକହିଁ ଅନୁଭୂତି ହେଉଥିଲା । ତେଣୁ ବାବାଙ୍କ ସାମନାକୁ ଯିବାକୁ ଭୟ ପାଉଥିଲି । ମନେ ହେଉଥିଲା ମୋର ଚଳଣିରେ ଯଦି ଟିକେ ଭୁଲ ରହେ, ତା'ହେଲେ ତ ବାବାଙ୍କ ସାମନାକୁ ଗଲେ ବାବା ସବୁଟା ବୁଝିପାରିବେ । ସବୁବେଳେ ତେଣୁ ପଛରେ ରହିବାକୁ ଚେଷ୍ଟା କରୁଥିଲି । କିନ୍ତୁ ବାବାଙ୍କ ନଜରରୁ ତା' ବି ଏଡ଼େଇ ଯାଉନଥିଲା । ଠିକ୍ ହିଁ ଖିଆଲ ରହୁଥିଲା ତାଙ୍କର । ଅସଲରେ perfection (ତ୍ରୁଟିହୀନତା)ର ଶେଷ କଥା ଥିଲେ ବାବା । ଆମମାନଙ୍କର ବୋହୂମା'ମାନଙ୍କୁ ନିୟମିତ ପ୍ରାର୍ଥନାରେ ଯୋଗ ଦେବା ସମୟରେ ଏକଦମ ନିୟମନିଷ୍ଠ ହେବା ବିଷୟରେ ବାବା ସବୁବେଳେ ନିଖୁଣ ରହିବାକୁ ପସନ୍ଦ କରୁଥିଲେ । ସବୁବେଳେ ସମୟନିଷ୍ଠ ହେବାକୁ ଶିଖାଇଛନ୍ତି ଆମମାନଙ୍କୁ ।

ଥରେ ନିୟମ କରିଲେ, ଦିପହରେ ଖାଇବା ପରେ ତିନିଟା ବେଳେ ଆମ ବୋହୂମାନଙ୍କୁ ଫଳ (ବାତାବି ଲେମ୍ବୁ) ଖାଇବାକୁ ଯିବାକୁ ହେବ ବାବାଙ୍କ ଘରକୁ । ଆଉ ତିନିଟା ମାନେ ଠିକ୍ ତିନିଟାହିଁ । ଆମେମାନେ ପ୍ରତିଦିନ ନିୟମିତ କାମ ସାରି ସତର୍କ ରହୁଥିଲୁ, ଯେପରି କଣ୍ଟାଏ କଣ୍ଟାଏ ତାଙ୍କ ସାମନାରେ ଉପସ୍ଥିତ ହୋଇପାରୁ । ଫଳ ଖାଇବାର ବ୍ୟାପାରଟା ଆପାତ ଗଭୀରରେ ଥିଲା ନିୟମ ନିଷ୍ଠା ଗୁଣଟି ଖେଳେଇ ଦେବା ।

ଦିନେ କିଛି ଗୁରୁଭାଇମାନଙ୍କ ଉପସ୍ଥିତିରେ ସିଏ ହଠାତ୍ ମତେ କହିଥିଲେ, ଗୋଟେ ଗୀତ ଶୁଣାଇବାକୁ । ମୁଁ ଗୀତ ଶିଖିନି । ବାବାଙ୍କୁ ଗୀତ ଶୁଣାଇବା ପାଇଁ ବଡ଼ ବଡ଼ ଓସ୍ତାଦ ଗାୟକମାନେ ଗୀତରେ ନିଖୁଣ ହୋଇ ଆସି ତାଙ୍କୁ ତୃପ୍ତି ଦେଇ ନିଜେବି ଆନନ୍ଦ ପାଆନ୍ତି । ଗୀତ ଗାଇବାର କଥା ଶୁଣିହିଁ ମୋର ହାତଗୋଡ଼ ସବୁ ଥଣ୍ଡା ହୋଇଗଲା । ଲଜ୍ଜା ଓ ଭୟରେ କୁଣ୍ଠିତ ହୋଇ ପଡ଼ିଲି । ବାପ୍‌ରେ, ବାବାଙ୍କୁ ଗୀତ ଶୁଣାଇବାକୁ ହେବ ! କିନ୍ତୁ ବାବା କେବେବି କାହା ନିକଟରୁ 'ନା' ଶୁଣିବାକୁ ରାଜୀ ନୁହଁନ୍ତି କଦାପିବି । ସେଇଟା ତ ଜଣାହିଁ ଅଛି । ତେଣୁ କ'ଣ ଆଉ କରିବା ! ସଭୟରେ ଲଜ୍ଜାକୁ ପକାଇ ରଖି କ'ଣ ଗୋଟେ ଗୀତ, ଯା' ମନକୁ ଆସିଲା ଗାଇ ଦେଲି ଗୋଟେ ଦୁଇଟା ଲାଇନ । ମୋ ମୁହଁରୁ ନା-ନାହିଁ ଦେଖି ବାବା କିଛି କହିଲେନି । ତାଙ୍କ ସସ୍ମିତ ଦୃଷ୍ଟି ଦେଖି ମୁଁ ନିଃଶ୍ୱାସ ଛାଡ଼ି ବଞ୍ଚିଲି । ଅସଲରେ ଗୁରୁଜନଙ୍କ ପ୍ରତି ପୂର୍ଣ୍ଣଶ୍ରଦ୍ଧା ଓ ମାନ୍ୟତାର ବିଷୟଟି ସିଏ କେତେ ସହଜରେ ସଭିଙ୍କ ମଧ୍ୟରେ ସଞ୍ଚାରିତ କରି ଦେଲେ ।

ବାବା ସବୁବେଳେ ପ୍ରତିଟି ସତ୍ତାର ବୈଶିଷ୍ଟ୍ୟମାଫିକ ପୋଷଣ ବ୍ୟାପାରରେ ତୀକ୍ଷ୍ଣ ନଜର ରଖୁଥିଲେ । ତାଙ୍କର ନିରଳସ ପ୍ରଚେଷ୍ଟା ଥିଲା ପ୍ରତିପ୍ରତ୍ୟେକଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ଜଗେଇ

ଦେଇ ତା'ର ଉନ୍ନୟନ କରିବା । ଏହି ବିଷୟରେ ସବୁବେଳେ ବାବା ଖୁବ୍ ସଚେଷ୍ଟ ରହୁଥିଲେ । ଆଶ୍ରମର ପ୍ରତିଟି ବାଳକ-ବାଳିକାଙ୍କ ଲେଖାପଢ଼ା, ଶରୀର ସ୍ୱାସ୍ଥ୍ୟ, ଖେଳାଧୂଳା, ଗୁରୁଭକ୍ତି ଇତ୍ୟାଦି ପ୍ରତିଟି ତୁଚ୍ଛରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ବାବା ଖୁବ୍ ନଜର ରଖୁଥିଲେ । ସେମାନଙ୍କର ନାମଧାନ ଦିଗରେବି ବାବାଙ୍କର ସର୍ବଦା ସୂତୀକ୍ଷ୍ଣ ନଜର ରହୁଥିଲା । ବାବାଙ୍କୁ ଅସଲରେ ଏପରିହିଁ ଦେଖିଛି । ଖୁବ୍‌ହିଁ ବ୍ୟକ୍ତିତ୍ୱବାନ । କିନ୍ତୁ ଅନ୍ତରରେ ଶିଶୁଙ୍କ ଭଳି । ଆଉ ସର୍ବଦା ସମସ୍ତ ଜିନିଷକୁହିଁ ପରଖି ଦେଖି ନେବା ତ ତାଙ୍କର ବୈଶିଷ୍ଟ୍ୟ । ଆମମାନଙ୍କୁ ସାମୟିକ କଠିନ ପରୀକ୍ଷା ମଧ୍ୟରେ ପକାଇ ତିଆରି କରି ଦେବାର କାମଟି ସିଏ ତାଙ୍କର ଏତେ ବ୍ୟସ୍ତ ସମୟ ମଧ୍ୟରେବି କରୁଥିଲେ । ଏଇଟାହିଁ ଆଜିବି ମୋ ନିକଟରେ ବିସ୍ମୟକର । ତାଙ୍କର ପିତୃସତ୍ତା ମଧ୍ୟରେ ଯେଉଁ ଧାରଣ, ପାଳନ ଓ ରକ୍ଷଣର ଗୁଣଗୁଡ଼ିକ କିପରିଭାବେ ନିହିତ ଥିଲା, ଗୋଟେ ଘଟଣାରୁ ମୁଁ ତା'ର ପ୍ରମାଣ ପାଇଛି । କେବଳ ଜୀବସତ୍ତା ପ୍ରତି ପ୍ରେମ ନୁହେଁ, ସମସ୍ତ ବସ୍ତୁ ପ୍ରତି ହିଁ ତାଙ୍କର ସଯତ୍ନ ବ୍ୟବହାର ସବୁବେଳେ ଲକ୍ଷ୍ୟ କରିଛି । ପ୍ରତିଟି ତୁଚ୍ଛାତିତୁଚ୍ଛ ଜିନିଷକୁହିଁ ସିଏ ସମ୍ମାନ ଦେଖାଉଥିଲେ । ଥରେ ଆଶ୍ରମର ଜଣେ ବାଳିକାର ସ୍ୱାମୀ ମାନସିକଭାବେ ଅସୁସ୍ଥ ହୋଇ ସମସ୍ତ ଖାଇବା-ପିଇବା ତ୍ୟାଗ କରି ଶାରୀରିକଭାବେ ଖୁବ୍ ଅସୁସ୍ଥ, କୃଶ ଓ ଦୁର୍ବଳ ହୋଇ ପଡ଼ିଥିଲେ । ତାଙ୍କ ସ୍ତ୍ରୀ ସେତେବେଳେ ଅସହାୟ ଅବସ୍ଥାରେ ବାବାଙ୍କ ନିକଟକୁ ଆସି କାନ୍ଦି ପକାନ୍ତି । ଝିଅର ବିବାହ ଦେଇ ଦେଲେହିଁ ପିତାର ଦାୟିତ୍ୱ ଶେଷ ହୋଇଯାଏନା, ବରଂ ଆହୁରି ବୃଦ୍ଧି ପାଏ, ତା' ଏ ସମୟରେ ବାବାଙ୍କ ଆଚରଣ ଦେଖି ବୁଝିଥିଲି । ବିବାହିତା ଆଶ୍ରମ-ବାଳିକାଟିର ସେଇ ଦୁର୍ଦ୍ଦଶା ସମୟରେ ବାବା ତା'କୁ ସବୁ ପ୍ରକାର ସାନ୍ତ୍ୱନା ଓ ଭରସା ଦିଅନ୍ତି କି ଅପାର ସ୍ନେହରେ ! ଆଉ ତା'ର ମାନସିକ ଭାରସାମ୍ୟହୀନ ସ୍ୱାମୀକୁ ସୁସ୍ଥ ଓ ସ୍ୱଚ୍ଛ କରିବାର ସମସ୍ତ ଦାୟିତ୍ୱବି ସିଏ ସ୍ୱୟଂ ଗ୍ରହଣ କରନ୍ତି । କେଇମାସ ଧରି ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାମୀଟିର ମାନସିକ ଭାରସାମ୍ୟ ଫେରି ଆସେ, ଶାରୀରିକ ଭାବେବି ସିଏ ସମ୍ପୂର୍ଣ୍ଣ ସୁସ୍ଥ ହୋଇଉଠନ୍ତି । ସବୁଠାରୁ ବଡ଼ କଥା ବାବାଙ୍କର ସେଇ ସମୟର ସ୍ନେହମୟ ରୂପଟି । ସନ୍ତାନର ସମସ୍ତ ପ୍ରକାର ଅସୁବିଧାରେ ପିତାର ଯେଉଁ ସବୁ ସମୟର ଉପସ୍ଥିତିବି ସେଇ କନ୍ୟା ସନ୍ତାନଟି ପ୍ରତି ଥିଲା ସେଇପ୍ରକାରର । ଯେତେଦିନ ପର୍ଯ୍ୟନ୍ତ ତା'ର ସ୍ୱାମୀ ସୁସ୍ଥ ହୋଇ ନ ଉଠିଛି ସେତେଦିନ ପର୍ଯ୍ୟନ୍ତ ବାବା ବିଚଳିତ ରହୁଥିଲେ । ସ୍ୱାମୀ ସହ ଆଶ୍ରମ-କନ୍ୟାଟିର ସୁସ୍ଥ ଅବସ୍ଥା ଦେଖି ବାବା ନିଶ୍ଚିନ୍ତ ବୋଧ କରନ୍ତି ।

ବାବାଙ୍କୁ ଆହୁରିବି ଦେଖିଛି, ସକ୍ରିୟ ଦରଦର ସହିତ ପ୍ରତିନିୟତ ଗୁରୁଭାଇ-ଭଉଣୀମାନଙ୍କୁ ଉଜ୍ଜୀବିତ କରୁଥିବାର । ଠାକୁରଙ୍କ କାମରୁ ବିରତ ହୁଅନ୍ତିନି କୌଣସିବି ଅବସ୍ଥାରେ । ଏହି ସମୟରେହିଁ ଦିନେ ଆମେମାନେ ସମସ୍ତେ ପ୍ରାର୍ଥନା ସମୟ ଆଗେଇ ଆସୁଛି ଭାବି ଠିଆ ହୋଇଛୁ । ବାବା ଶୋଇଥିଲେ । ଠିକ୍ ନିର୍ଦ୍ଦିଷ୍ଟ ସମୟରେ ଉଠି ବସିଲେ । ପ୍ରାର୍ଥନା କରିଲେ । ଆମେମାନେ ପୁଣିବି ଅନୁଭବ କରିଲୁ, ବାବା ଠାକୁରଙ୍କ ହାତର ଯନ୍ତ୍ର । ଘଡ଼ି ଭଳି । ଆମେମାନେ ଯେମିତି ସେଇ ଘଡ଼ିକୁ ଦେଖି ନିଜର ଜୀବନକୁ କଣ୍ଟାଏ କଣ୍ଟାଏ ମିଳାଇ ନେଉ ।

ପୁଣିବି କହେ, ମୋର ଏହି ସୀମାବଦ୍ଧ କ୍ଷମତାରେ ମୁଁ ଅପରିସୀମକୁ ପ୍ରକାଶ କରିବାର ଯେଉଁ କ୍ଷୁଦ୍ର ପ୍ରଚେଷ୍ଟା କରିଛି, ତା' ନିତାନ୍ତହିଁ ସାମାନ୍ୟ ।

*(ଆତ୍ମଜନେର କଥା, ପୃ.୧୧୮-୧୨୦)*

*ଅନୁବାଦ : ଶ୍ରୀମତୀ ସୁମିତା ମିଶ୍ର*

## ଶୋକ ସମ୍ବାଦ

ଶ୍ରୀପ୍ରବୋଧ କୁମାର ମିଶ୍ର ଆଉ ନାହାଁନ୍ତି । ତା୦୬।୦୭।୨୦୧୩ରିଖ ଦିବା ୧୧ଟା ୦୭ମିଃ. ସମୟରେ କର୍ମଭୂମି କଳାହାଣ୍ଡି ଜିଲ୍ଲାର ରିଷିଡ଼ା ଗ୍ରାମରେ ସେ ଦେହତ୍ୟାଗ କରନ୍ତି । ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ ହେଲା ପରେ ସେ ପବିତ୍ର ଯାଜକ ଏବଂ ଅଧ୍ୱର୍ଯ୍ୟୁ ପାଞ୍ଜା ପ୍ରାପ୍ତ ହୋଇ ସତ୍‌ସଙ୍ଗର ଭାବାଦର୍ଶ ପ୍ରଚାରରେ ବ୍ରତୀ ହୋଇଥିଲେ ।



କଳାହାଣ୍ଡି ଜିଲ୍ଲାରେ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶକୁ ପ୍ରତିଷ୍ଠା ଓ ପ୍ରଚାର କରିବାରେ ତାଙ୍କର ଭୂମିକା ଅତୁଳନୀୟ । କଳାହାଣ୍ଡି ଜିଲ୍ଲାର ରିଷିଡ଼ା ଗ୍ରାମରେ ସତ୍‌ସଙ୍ଗ କେନ୍ଦ୍ରର ପ୍ରତିଷ୍ଠାରେ ତାଙ୍କର ଭୂମିକା ଶ୍ଳାଘନୀୟ । ସେ ଜଣେ ଅତ୍ୟନ୍ତ ଅମାୟିକ, ମେଳାପୀ ବ୍ୟକ୍ତି ଥିଲେ । ଠାକୁରଙ୍କ ଭାବଧାରାକୁ 'ପାଲା'ଠୁ ଆରମ୍ଭ କରି 'ଯାଜନ' ପର୍ଯ୍ୟନ୍ତ ସବୁ ମାଧ୍ୟମରେ ସେ ସୁନ୍ଦରଭାବେ ପରିବେଷଣ କରିପାରୁଥିଲେ । ଇଷ୍ଟକର୍ମରେ ନିଜକୁ ସମର୍ପି ଦେଇ ସେ ରିଷିଡ଼ା, ଅଲାତରା, ରାମପୁର, କର୍ଲାମୁଣ୍ଡା ଅଞ୍ଚଳରେ ଠାକୁରଙ୍କ ପ୍ରଚାର ଓ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ । ସେ ତାଙ୍କ ସାଧନୋଚିତ ଧାମ ପ୍ରାପ୍ତ ହୁଅନ୍ତୁ- ଏହାହିଁ ପରମପିତାଙ୍କ ରାତୁଳ ଚରଣରେ ଆମର ପ୍ରାର୍ଥନା ।

# ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା

*(ପୂର୍ବପ୍ରକାଶିତ ଉତ୍ତାରୁ......)*

**କୁହ, କିନ୍ତୁ ଆତ୍ମପ୍ରଶଂସାରେ ବା ଖ୍ୟାତି ବିସ୍ତାର ପାଇଁ ନୁହେଁ ।**

*** *** ***

**ତୁମର ଚରିତ୍ରର କୌଣସିବି ଉଦାହରଣରେ ଯଦି କା'ର ମଙ୍ଗଳ ହୁଏ, ତେବେ ତା' ନିକଟରେ ତା' ଗୋପନ ରଖନା ।**

ଶ୍ରୀଶ୍ରୀପିତୃଦେବ– ସତୀଶ କହ ।

ସତୀଶଭାଇ– ମୋର କୌଣସି ଉଦାହରଣ ନେଇ ଯଦି କା'ରବି ଇଷ୍ଟଙ୍କ ପଥରେ ଆଗେଇବା ପକ୍ଷେ ସୁବିଧା ହୁଏ ତା'ହେଲେ ତା' କହିବା ଦରକାର । ଯେପରି ମୁଁ ଦୀକ୍ଷା ନେଇ କିପରିଭାବେ ବିପଦରୁ ଉଦ୍ଧାର ପାଇଲି ତା' କହିଲେ ସେବି ସେଇ ପଥରେ ଚାଲି ବିପଦରୁ ଉଦ୍ଧାର ପାଇପାରେ । ଉଦାହରଣରେ ଅନେକେ ଅନୁପ୍ରାଣିତ ହୋଇପାରନ୍ତି ।

ପ୍ରଶ୍ନ– ତା'ହେଲେ ଯିଏ ଦୀକ୍ଷା ଗ୍ରହଣ କରିନି ତା'ର କ'ଣ କୌଣସି ଉପାୟ ନାହିଁ ?

ସତୀଶଭାଇ– ମୁଁ ଦୀକ୍ଷା ଗ୍ରହଣ କରିନି, କିନ୍ତୁ ବ୍ୟବସାୟରେ ଉନ୍ନତି କରିଛି । କିପରିଭାବେ ଉନ୍ନତି କରିଲି ତା' ଶୁଣି ଅନେକେ ଉଦ୍‌ବୁଦ୍ଧ ହୋଇପାରନ୍ତି ।

*(ଇଷ୍ଟ-ପ୍ରସଙ୍ଗ/ଇଂ-ତା୦୯।୦୨।୭୬)*

*** *** ***

**ତୁମର ସତ୍‌ସ୍ୱଭାବ କର୍ମରେ ଫୁଟି ଉଠୁ, କିନ୍ତୁ ନିଜ ଭାଷାରେ ବ୍ୟକ୍ତ ନ ହୁଏ, ନଜର ରଖ ।**

ଶ୍ରୀଶ୍ରୀପିତୃଦେବ– ପ୍ରତିଭା କହିବ ।

ପ୍ରତିଭା– ମଣିଷ କଷ୍ଟରେ ବା ବିପଦରେ ପଡ଼ିଲେ ତା'କୁ ସାହାଯ୍ୟ କରିଯିବି, କିନ୍ତୁ ନିଜ ମୁହଁରେ କହି ବୁଲିବିନି ମୁଁ ତା'କୁ ସାହାଯ୍ୟ କରିଥିଲି । ନିଜେ ନିଜର ପ୍ରଚାର କରିବିନି ।

*(ଇଷ୍ଟ-ପ୍ରସଙ୍ଗ/ଇଂ-ତା୦୯।୦୨।୭୬)*

*** *** ***

**ସତ୍‌ରେ ତୁମର ଆସକ୍ତି ସଂଲଗ୍ନ କର, ଅଜ୍ଞାତସାରରେ ସତ୍ ହେବ । ତୁମେ ନିଜଭାବେ ସତ୍-ଚିନ୍ତାରେ ନିମଗ୍ନ ହୁଅ, ତୁମ ଅନୁଯାୟୀ ଭାବ ଆପଣାଛାଏଁ ଫୁଟି ବାହାରିବ ।**

ଶ୍ରୀଶ୍ରୀପିତୃଦେବ– ପ୍ରତିଭା କହ ।

ପ୍ରତିଭା– ନାମଜପ କରୁଛି, ପଢ଼ା ମନେ ରହୁଛି–

ଶ୍ରୀଶ୍ରୀପିତୃଦେବ– ନାମଜପ କାହିଁକି କରୁଛ ?

ପ୍ରତିଭା– ଯେପରି ଶରୀର ଭଲ ରହେ ।

ସତୀଶଭାଇ– ତା'ହେଲେ ଶରୀର ଉପରେ ତୁମର ଆସକ୍ତି ଅଛି ।

ପ୍ରତିଭା– ଇଷ୍ଟକେନ୍ଦ୍ରିକ ଚଳନରେ ଚାଲିବାକୁ ଚାହେଁ ।

ଶ୍ରୀଶ୍ରୀପିତୃଦେବ– ଇଷ୍ଟକେନ୍ଦ୍ରିକ ହୋଇ ଚାଲ କାହିଁକି ?

ପ୍ରତିଭା ଠିକ୍‌ଭାବେ ଉତ୍ତର ଦେଇ ପାରୁନି ଦେଖି ଶ୍ରୀଶ୍ରୀପିତୃଦେବ କହିଲେ– ସତ୍‌ର ମୂର୍ତ୍ତ ପ୍ରତୀକ ହେଉଛନ୍ତି ଇଷ୍ଟ । ଇଷ୍ଟଙ୍କଠାରେ ଅନୁରାଗ ବା ଟାଣ ଥିଲେ ତାଙ୍କ ଭାବ ମୋର ଚରିତ୍ରରେ ଫୁଟି ଉଠିବ । ସେତେବେଳେ ମୁଁ ଭଲ ହୋଇଯିବି । ଠାକୁରଙ୍କ ପ୍ରତି ଟାଣ ହେଲେ ତାଙ୍କ କହିବାଗୁଡ଼ିକ ମୋର ଚରିତ୍ରଗତ ହେବ । ଠାକୁରଙ୍କ ପ୍ରତି ମୋର ଅନୁରାଗ ଅଛି ଟାଣ ଅଛି ବୁଝାଯିବ କିପରି ? (ପ୍ରତିଭାକୁ ପଚାରିଲେ)

ପ୍ରତିଭା– ତାଙ୍କ କଥା କହେ । ତାଙ୍କର ଯାଜନ କରେ ।

ଶ୍ରୀଶ୍ରୀପିତୃଦେବ– କେବଳ ତାଙ୍କ କଥା କହିଲେହିଁ ହେବ ? ଠାକୁରବାଡ଼ି ଆସିବା ସମୟରେ ହାତରେ ତାଙ୍କ ପାଇଁ କିଛି ନା କିଛି ନେଇ ଆସେ, ତାଙ୍କ ଭୋଗ ଛଡ଼ା ଗ୍ରହଣ କରେନା । ସାମାନ୍ୟ କିଛି ଖାଇଲେବି ନିବେଦନ କରି ଖାଏ । ସର୍ବଦା ସ୍ମରଣରେ-ମନନରେ ତାଙ୍କୁ ମଥାରେ ରଖି ଚଲେ । ଏଗୁଡ଼ିକ କ'ଣ ପାଇଁ କରେ ?– ଯେପରି ତାଙ୍କ ଉପରେ ଟାଣ ହୁଏ ।

*(ଇଷ୍ଟ-ପ୍ରସଙ୍ଗ/ଇଂ-ତା୦୯।୦୨।୭୬)*

*** *** ***

**ଅସତ୍ ଚିନ୍ତା ଯେପରି ଚାହାଣିରେ, ବାକ୍ୟରେ, ଆଚରଣରେ, ବ୍ୟବହାରରେ ଇତ୍ୟାଦିରେ ଫୁଟି ବାହାରେ, ସତ୍-ଚିନ୍ତାବି ସେପରି ଉକ୍ତରୂପେହିଁ ଫୁଟି ବାହାରେ ।**

ବାଣୀଟି ବିଭିନ୍ନ ଭାଷାରେ ପାଠ ହେଲା ଓ ତିନିଜଣ କରି ପୁଅ ଓ ଝିଅମାନେ ପାଠ କରିଲେ । ପରେ ଶ୍ରୀଶ୍ରୀପିତୃଦେବ ଝିଅମାନଙ୍କ ମଧ୍ୟରେ ତପୋବିଭୂତିକୁ (ଚୌଧୁରୀ) ଆଲୋଚନା କରିବା ପାଇଁ ନିର୍ଦ୍ଦେଶ ଦେଲେ ।

ତପୋବିଭୂତି ପୁନରାୟ ବାଣୀଟି ପାଠ କରି କହିବାକୁ ଆରମ୍ଭ କରିଲା– ଅସତ୍ ଚିନ୍ତା–

ଶ୍ରୀଶ୍ରୀପିତୃଦେବ– ସେ କିପ୍ରକାର ? ଅସତ୍ କାହାକୁ କହନ୍ତି ?

– ଜୀବନବୃଦ୍ଧିର ଅପଳାପ ଯା' ଆଣେ– ତା'ହିଁ ଅସତ୍। ଯଦି କେହି ସେ ପ୍ରକାର ଚିନ୍ତା କରେ, ଯେଉଁଥିରେ ଜୀବନବୃଦ୍ଧିର ଅପଳାପ ହୁଏ, ସେପରି କର୍ମବି କରେ ଯେଉଁଥିରେ ସପରିବେଶ ଜୀବନବୃଦ୍ଧିର ଅପଳାପ ଘଟେ ତା'ହେଲେ ତା' ତା'ର ଆଚାରରେ, ଆଚରଣରେ ଫୁଟି ବାହାରେ ।

ଶ୍ରୀଶ୍ରୀପିତୃଦେବ– ତା'ପରେ ପଢ଼ ।

ତପୋବିଭୂତି ତା'ପର ଅଂଶ ପାଠ କରି କହିଲା– ସେପ୍ରକାର ସତ୍ ଚିନ୍ତାବି ଯଦି କରେ– ତା'ବି ବାକ୍ୟରେ, ଚିନ୍ତାରେ, ଆଚରଣରେ ଫୁଟି ବାହାରେ ।

*(ପିତୃଦେବଙ୍କ ଚରଣପ୍ରାନ୍ତେ/ଇଂ-ତା୨୦।୦୭।୭୯)*

*** *** ***

**ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ ।**

ପୁଅମାନଙ୍କର ଆଲୋଚନାରେ ସଞ୍ଜୟ ସିଂ ବାଣୀଟି ଆଉ ଥରେ ପାଠ କରିଲା । ସେ ଚୁପ୍ ରହିବାରୁ ଶ୍ରୀଶ୍ରୀପିତୃଦେବ ପଚାରିଲେ– ସ୍ପଷ୍ଟବାଦୀ ହେବା ମାନେ କ'ଣ ?

ସଞ୍ଜୟ ବୁଝିପାରୁନି ଦେଖି ପିତୃଦେବ ସେତେବେଳେ କହିଲେ– ମିଥ୍ୟାବାଦୀ କାହାକୁ କହନ୍ତି ?

ସଞ୍ଜୟ– ଯିଏ ମିଥ୍ୟା କଥା କହେ ତା'କୁ ମିଥ୍ୟାବାଦୀ କହନ୍ତି ।

ଶ୍ରୀଶ୍ରୀପିତୃଦେବ– ସତ୍ୟବାଦୀ ?

– ଯିଏ ସତ୍ୟ କଥା କହେ ତା'କୁ ସତ୍ୟବାଦୀ କହନ୍ତି ।

ଶ୍ରୀଶ୍ରୀପିତୃଦେବ– ସ୍ପଷ୍ଟବାଦୀ । ସ୍ପଷ୍ଟ ମାନେ କ'ଣ ? ମନେକର, କହିଲି– ସେଇ ଗଛ ତଳେ ଗୋଟେ ଜିନିଷ ଭଲ ଦେଖାଯାଉଛି– ତା' କ'ଣ ଠିକ୍ ?

ସଞ୍ଜୟ– ଆଜ୍ଞା ନା, ଅସ୍ପଷ୍ଟ ।

ଶ୍ରୀଶ୍ରୀପିତୃଦେବ- ତା'ହେଲେ ସ୍ପଷ୍ଟ ମାନେ– ସମ୍ପୂର୍ଣ୍ଣ ଭଲ କରି ଦେଖ । ସ୍ପଷ୍ଟବାଦୀ ମାନେ– ଯା' ଦେଖିଲ, ତା' ସମ୍ପୂର୍ଣ୍ଣ କହିଲେ । ଅସ୍ପଷ୍ଟ ଦେଖି ତ ଲାଭ ନାହିଁ । ଯେପରି, ଟିକିରେ ହାତ ଦେଲ– ତା'କୁ (ପଛର ସଙ୍ଗୀକୁ) କହିଲି ସ୍ପଷ୍ଟ ଦେଖିଲି, କିନ୍ତୁ ଦେଖି ନାହିଁ । ସ୍ପଷ୍ଟବାଦୀ ସହିତ ମିଷ୍ଟଭାଷୀର ସମ୍ପର୍କ କ'ଣ ? ଯେପରି ତୁମେ ଭାଇ ଏଇଟା କରିଛ, ଏଇଟା କରିଲ କାହିଁକି ? ଠିକ୍ ହୋଇ ନାହିଁ । ସ୍ପଷ୍ଟ କହିଲି ସିଧାସଳଖ, ମଧୁର କରି କହିଲୁ ।

ସଞ୍ଜୟ– ଯା' ଦେଖିବି ତା' ଭଲ କରି ବୁଝାଇ କହିବି ।

ଶ୍ରୀଶ୍ରୀପିତୃଦେବ– ହଁ ।

*(ପିତୃଦେବଙ୍କ ଚରଣପ୍ରାନ୍ତେ/ଇଂ-ତା୨୧।୦୭।୭୯)*

*** *** ***

**କହିବାକୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନା ! ଯଦି ଭୁଲ କହିଥାଅ, ସାବଧାନ ହୁଅ, ଭୁଲ କରନା ।**

ଆଜି ଝିଅମାନଙ୍କର ଆଲୋଚନାରେ କୃତିଦ୍ୟୁତି ବିଶ୍ୱାସ ଉପରେ ଆଲୋଚନାର ଭାର ପଡ଼ିଲା । କୃତିଦ୍ୟୁତି କହିଲା– କାହାକୁ ଯଦି କିଛି କହିବାକୁ ଯାଇ ତା'ର ଆଗେ ବିବେଚନା କରିବାକୁ ହେବ । ଭାବିବାକୁ ହେବ ।

ଶ୍ରୀଶ୍ରୀପିତୃଦେବ– କ'ଣ କହିବାକୁ ? କୌଣସି କିଛି କହିବି, ଭାବିଲି । ତା'ପରେ କିପରି ବିମୁଖ ହେଲନି ?

କୃତିଦ୍ୟୁତି– କାହାକୁ ଯଦି କଡ଼ା କଥା କହେ, ତା' ଆଗରୁ ଭାବି ଦେଖିବି ।

ଶ୍ରୀଶ୍ରୀପିତୃଦେବ– ଭାବି ପରେ କଡ଼ା କଥା କହିବି ? (ସମସ୍ତଙ୍କର ହସ) କଡ଼ା କୋଉଠି ପାଉଛୁ ଏଠାରେ ?

– ଭଲମନ୍ଦ ବିବେଚନା କରି କହିବୁ ।

ଶ୍ରୀଶ୍ରୀପିତୃଦେବ– ଭଲ କହି ଯଦି ବିମୁଖ ହେଉ ! ବିମୁଖ ହେବା ମାନେ କ'ଣ ?

ବାଣୀଟି ଠିକ୍‌ଭାବେ ଆଲୋଚନା ନ ହେବାରୁ ଶ୍ରୀଶ୍ରୀପିତୃଦେବ ନିଜେହିଁ କହି ଦେଲେ– ମୁଁ ତତେ କଥା କହିବି, କଥା ରକ୍ଷା କରିବୁ କି କରିବୁ ! କଥାଟା କହିଲି, ତୁ ରକ୍ଷା କରିଲୁନି– କହିଲି, ଭାଇ, ମତେ ଦୁଇଟା ପାନ ଆଣି ଦେବୁ ? ଭଲ କରିହିଁ କହିଲି । କିନ୍ତୁ ତୁ କହିଲୁ– ନା ମୋର କାମ ଅଛି, ଯିବା ହେବନି । ତେଣୁ କହିବା ଆଗରୁ ବିବେଚନା କରିବାକୁ ହୁଏ, ତୁ କୋଉ କାମରେ ଅଛୁ– ନା କି କୋଉଠିକୁ ଯାଉଛୁ ।

ଜଣେ ହୁଏତ କହିଲା– ଭୀଷଣ ବିପଦରେ ପଡ଼ିଛି, ଟଙ୍କା ଦେବି, ମଙ୍ଗଳବାର ଦେଇ ଦେବି । ତୁ କହିଲୁ, ଟଙ୍କା ନାହିଁ ଭାଇ । ମୁଖମଣ୍ଡଳ ଦେଖିହିଁ ଧରି ପକାଇଲୁ ସେଠାରେ ଏଇଟା ହିଁ କହିବା ଦରକାର । ସେପ୍ରକାର କୌଣସିବି କଥା ଯେତେବେଳେ କହିବୁ, ସେଇଟା ରକ୍ଷା କରିବୁ କି ନ କରିବୁ ଭାବି କହିବାକୁ ହୁଏ । ବିମୁଖ ହେବା ମାନେ– ବିଫଳ ହେବା, ଅକୃତକାର୍ଯ୍ୟ ହେବା । ହରିପଦଭାଇ (ଦାସ)କୁ ଲକ୍ଷ୍ୟ କରି କହିଲେ– ବିମୁଖ ହେବା ମାନେ ?

ହରିପଦଭାଇ– ଓଲଟା ଦିଗରେ ଫେରାଇ ନେବା ।

ଶ୍ରୀଶ୍ରୀପିତୃଦେବ– କହି ପକାଇଲି, ଅଥଚ କଥାଟା ରଖିଲନି, ଏଥିରେ ଭଲ ହୁଏନା । ସେ କଥାଟାର କୌଣସିବି ମାନେ ହୁଏନା । ନିଷ୍ଠା, ଆନୁଗତ୍ୟ, କୃତିସମ୍ବେଗ ଥିଲେ ଏଗୁଡ଼ିକ ଠିକ୍ ଠିକ୍ ବୁଝିହୁଏ । *(ପିତୃଦେବଙ୍କ ଚରଣପ୍ରାନ୍ତେ/ଇଂ-ତା୨୨।୦୭।୭୯)*

*(ପ୍ରସଙ୍ଗ : ସତ୍ୟାନୁସରଣ, ପୃ.୯୭-୧୦୦)*

*ଅନୁବାଦ:ଡ଼କ୍ଟର ନିରଞ୍ଜନ ମିଶ୍ର*

# ଗୁରୁନିଷ୍ଠାରେ ବ୍ୟକ୍ତିତ୍ୱର ହାନି ହୁଏ କି ?

## ।। ଗୁରୁ ଦରକାର କେଉଁଭଳି ?

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଗୁରୁ ଦରକାର ଏପରି ଯା'ଙ୍କ ମଧ୍ୟରେ କୌଣସି ବୈଷମ୍ୟମୂଳକ ବୁଦ୍ଧି ନାହିଁ । ଭେଦ ମଧ୍ୟରେ ଯିଏ ଅଭେଦକୁ ଦେଖି ପାରନ୍ତି ସିଏହିଁ ପ୍ରାଜ୍ଞ । ତେଣୁ ସିଏ ମଣିଷର ମିଳନ ଘଟାଇ ପାରନ୍ତି । ବାସ୍ତବତାର ବୋଧ ନାହିଁ ଯା'ର, ଅବାସ୍ତବ ଦାର୍ଶନିକତା ନେଇ ଚାଲେ ଯେ, ତା'ର ଜ୍ଞାନର ଅଭାବ ଅଛି । ଯିଏ କହେ— ମୁଁ ବ୍ରହ୍ମଙ୍କୁ ଜାଣେ, ବିଶ୍ୱକୁ ଜାଣେନା, ସେ ଭ୍ରାନ୍ତ । ଯିଏ କହେ ମୁଁ ବିଶ୍ୱକୁ ଜାଣେ, ବ୍ରହ୍ମଙ୍କୁ ଜାଣେନା, ସେ ବି ଭ୍ରାନ୍ତ । ଏମାନେ ଉଭୟେହିଁ ଭ୍ରାନ୍ତ । କିନ୍ତୁ ଯିଏ ବିଶ୍ୱ ମଧ୍ୟରେ ବ୍ରହ୍ମଙ୍କୁ ଜାଣନ୍ତି, ସିଏହିଁ ଜାଣନ୍ତି । ସବୁହିଁ ବ୍ରହ୍ମ, ଏହି ଯୁକ୍ତିରେ ଯିଏ କହେ— କୁକୁର, ମଣିଷ, ଗଛ ସବୁହିଁ ଏକ ଜିନିଷ, ତା'ର ବୋଧ ଠିକ୍ ନୁହେଁ । ଯିଏ କହେ, ବ୍ରହ୍ମ କୁକୁର ରୂପେ ଏହି, ବ୍ରହ୍ମ ମଣିଷ ରୂପେ ଏହି, ବ୍ରହ୍ମ ଗଛ ରୂପେ ଏହି— ସେହିଁ ଠିକ୍ କହେ । ସବୁହିଁ ଏକ, ବ୍ରହ୍ମଙ୍କର ବିଭିନ୍ନ ରୂପ, ବିଭିନ୍ନ ପରିଣୟନ । ଏକତ୍ୱଟାବି ଏଠାରେ ଯେପରି ସତ୍ୟ, ବିଭିନ୍ନତାବି ସେପରି ସତ୍ୟ ।

*(ଆଲୋଚନା-ପ୍ରସଙ୍ଗ, ୯ମଖଣ୍ଡ/ତା୨୧.୦୭.୧୯୪୭)*

## ।। ଗୁରୁ ଛଡ଼ା ଆଗେଇ ହୁଏନା କାହିଁକି ?

କଥାପ୍ରସଙ୍ଗରେ ଜଣେ ଯୀଶୁ ଅନୁଗାମୀ ପ୍ରଶ୍ନ କରିଲେ— ଗୁରୁ ଛଡ଼ା କ'ଣ ଭଗବାନଙ୍କ ପଥରେ ଅଗ୍ରସର ହେବା ସମ୍ଭବ ନୁହେଁ ?

ଶ୍ରୀଶ୍ରୀଠାକୁର— ଯୀଶୁ କହିଛନ୍ତି— None can come to the Father but by me. (ମୋ ମାଧ୍ୟମ ଛଡ଼ା କେହି ପରମପିତାଙ୍କ ନିକଟକୁ ଆସିପାରେନା) । ସ୍ପଷ୍ଟ କଥା । No compromise (କୌଣସି ଆପୋଷରଫା ନୁହେଁ) । ସବୁ ସମୟରେ complex (ପ୍ରବୃତ୍ତି) ନେଇ ଅଛି ହାତ-ଗୋଡ଼ ବନ୍ଧା ଅବସ୍ଥାରେ । ହାତ-ଗୋଡ଼ ଯା'ର ଖୋଲା ବାହାରର ଏହିଭଳି କା'ର ସାହାଯ୍ୟ ଛଡ଼ା ମୁଁ ନିଜକୁ ନିଜେ ଖୋଲେ କିପରି ? ତେବେ ସାହାଯ୍ୟକାରୀ ପାଇଲି, ଅଥଚ ବନ୍ଧନ ଖୋଲିବାକୁ ଚାହିଁଲିନି, ଖୋଲିବା ସମୟରେ ବ୍ୟଥା ଲାଗେ ବୋଲି ଯେ ଖୋଲିବାକୁ ଆସିଲା ତା'କୁହିଁ କାମୁଡ଼ି ଦେଲି, ସେଥିରେବି କିନ୍ତୁ ବନ୍ଧନ ଖୋଲିବାର ଅନ୍ତରାୟ ହେବ । ସେଥିପାଇଁ ଗୁରୁ ପାଇଲି, କେବଳ ସେଥିରେ ହିଁ ହେବନି । ତାଙ୍କୁ ଭଲପାଇ ତାଙ୍କ ଅନୁଶାସନ ମୁଣ୍ଡ ପାତି ନେବାକୁ ହେବ । Unrepelling way-ରେ (ଅଚ୍ୟୁତଭାବେ) ତାଙ୍କୁ follow (ଅନୁସରଣ) କରିବାକୁ ହେବ, ତେବେହିଁ କାମ ହାସଲ ହେବ । ଯିଏ ଜାଣେ ତା' ଛଡ଼ା ଜାଣିବାରେ ପହଞ୍ଚିବା କଠିନ । ମୁଁ କହୁଛି କଠିନ, Christ (ଖ୍ରୀଷ୍ଟ) କହୁଛନ୍ତି ଅସମ୍ଭବ । ଭଗବାନଙ୍କୁ ଜାଣିବା ମାନେ ନରଦେହଧାରୀ ଭଗବାନ ଯିଏ ତାଙ୍କୁ ତତ୍ତ୍ୱତଃ ଜାଣିବା । ତେଣୁ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—

ବହୁନାଂ ଜନ୍ମନାମନ୍ତେ ଜ୍ଞାନବାନ ମାଂ ପ୍ରପଦ୍ୟତେ
ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ।।

ଜ୍ଞାନୀ ବହୁ ଜନ୍ମର ସାଧନ ଫଳରେ ଶେଷ ଜନ୍ମରେ 'ସମୁଦାୟ ଜୀବଜଗତ ବାସୁଦେବହିଁ' ଏହିପରି ଜାଣି ମତେ ପ୍ରେମାସ୍ପଦ ରୂପେ ଭଜନ କରନ୍ତି । ସେ ପରି ମହାପୁରୁଷ ଅତିଶୟ ଦୁର୍ଲଭ । *(ଆଲୋଚନା-ପ୍ରସଙ୍ଗ, ୯ମଖଣ୍ଡ/ତା୨୧.୦୭.୧୯୪୭)*

## ।। ଗୁରୁନିଷ୍ଠାରେ ବ୍ୟକ୍ତିତ୍ୱର ହାନି ହୁଏ କି ନା ?

କଥାପ୍ରସଙ୍ଗରେ ଜଣେ କହିଲେ— ଗୁରୁଙ୍କ ଉପରେ ବେଶୀ ନିର୍ଭରଶୀଳତା ମଣିଷର ବ୍ୟକ୍ତିତ୍ୱକୁ ତ ଖର୍ବ କରି ଦେଇପାରେ ।

ଶ୍ରୀଶ୍ରୀଠାକୁର— ଗୁରୁଙ୍କୁ ଭଲପାଇବାର ପ୍ରଧାନ ଲକ୍ଷଣ ହେଉଛି, ତାଙ୍କର ଇଚ୍ଛା, ଆଦେଶ, ନୀତିବିଧି, ଆଦର୍ଶ ଓ ସ୍ୱାର୍ଥକୁ ପ୍ରଧାନ କରି ନେଇ ତାଙ୍କର ପରିପୂରଣରେ ଆପ୍ରାଣ ହୋଇଉଠିବା । ଆଉ, ତା' କରିବାକୁ ଗଲେ ମଣିଷର ଅନେକ ବୁଦ୍ଧି, ଅନେକ ଶକ୍ତି, ଅନେକ ଯୋଗ୍ୟତା ଓ ବ୍ୟକ୍ତିତ୍ୱ ଜଗେଇ ତୋଳିବାକୁ ହୁଏ । ଯେଉଁ ମଣିଷଟା ନିଜ ଖିଆଲରେ ଚାଲି ବିଚ୍ଛିନ୍ନମନା ବା ସଙ୍କୀର୍ଣ୍ଣ ହୋଇ ରହୁଥିଲା, integrating thread (ସଂହତି-ସନ୍ଦୀପୀ ସୂତ୍ର) ଅଭାବରେ ଯା'ର personality (ବ୍ୟକ୍ତିତ୍ୱ) ବୋଲି କିଛି ଗଜାଇ ପାରୁ ନଥିଲା, ସେ ହିଁ ହୋଇଉଠେ ସଂହତ, ଶକ୍ତିମାନ, ସାର୍ଥକକର୍ମା । ଏହି ତ ହେଲା ଗୁରୁନିଷ୍ଠାର ଅବଦାନ । ଏହା ମଧ୍ୟରେ ବ୍ୟକ୍ତିତ୍ୱହାନିର ଆଶଙ୍କା କୋଉଠି ? ତେବେ ଏଥିରେ ମଣିଷର ପ୍ରବୃତ୍ତିମାର୍ଗୀ ବାତୁଲ ଅନେକଦୂର ସଙ୍କୁଚିତ ହୁଏ, ଏ କଥା ଠିକ୍‌ହିଁ ।

*(ଆଲୋଚନା-ପ୍ରସଙ୍ଗ, ୯ମଖଣ୍ଡ/ତା୨୩.୦୮.୧୯୪୭)*

## ପ୍ରାୟଶ୍ଚିତ୍ତ ମାନେ କ'ଣ ?

ପ୍ରାୟଶ୍ଚିତ୍ତ ମାନେ ଚିତ୍-ତ୍ୱେ ଗମନ କରିବା
ଅର୍ଥାତ୍, ଚିତ୍ତକୁ ଟିକିନିଖି କରି ଖୋଜି
ଯେଉଁ ବୁଦ୍ଧି ପ୍ରରୋଚିତ କରି ପାତିତ୍ୟ ଘଟିଛି

ତା'ର ଅପସାରଣ କରି,
ଆଦର୍ଶ ବା କୃଷ୍ଟିପଥରେ ଯଥାବିହିତ ଚାଲିବା,
ଆଉ, ବୈଧାନିକ କ୍ଷତିର ଅନୁପୂରକରୂପେ
ଆହାର, ଔଷଧ ଓ ଉପବାସର
ବ୍ୟବସ୍ଥା କରିବା । ୪୧ ।

## ଯମ ଓ ନିୟମ

ଯମ ମାନେହିଁ ନିଜକୁ ସଂଯତ ରଖିବା,
ଆଉ, ଏହି ସଂଯତ ରଖିବାକୁ ହେଲେହିଁ
ନିଜକୁ ସଂଯୁକ୍ତ ରଖିବାକୁ ହୁଏ
ଆଦର୍ଶରେ ବା ଇଷ୍ଟଙ୍କଠାରେ—
ତାଙ୍କରହିଁ ପରିବର୍ଦ୍ଧନୀ ସେବାସୌକର୍ଯ୍ୟ-ସ୍ୱାର୍ଥରେ,
ଆଉ, ନିୟମ ମାନେହିଁ ହେଲା—
ନିଜକୁ ସଂଯତ ରଖି
ସେଇ ସଂଯତ ଚଳନାରେ
ଏପରିଭାବେ ନିୟନ୍ତ୍ରିତ ହେବା
ଯେଉଁଥିରେ ବ୍ୟର୍ଥତାର ବେଭୁଲ ପରିଖାରେ
ପାଦ ଦେବାକୁ ନ ହୁଏ । ୩୪ ।

## ପ୍ରାଣାୟାମ

ଅଚ୍ୟୁତ, ଏକନିଷ୍ଠ ଅନୁରାଗର ସହିତ
ମନକୁ ଉଦ୍‌ବୁଦ୍ଧ କରି
ତା'ର ବିକ୍ଷିପ୍ତ ଚାଞ୍ଚଲ୍ୟର
ବିରାମ ଆଣି
ପ୍ରାଣନ ବା ବାଞ୍ଜନ-କ୍ରିୟାର
ସୁପରିବେଷଣହିଁ ପ୍ରାଣାୟାମ,
ଇଷ୍ଟାନୁଗ ଅଚ୍ୟୁତ ଅନୁରାଗର ସହିତ
ମନ୍ତ୍ର-ଜପ—
ବା ସେଇ ଅନୁରାଗପୋଷଣୀ ମନ୍ତ୍ର-ମନନର ସହିତ
ବିହିତଭାବେ ପୂରକ, ରେଚକ, କୁମ୍ଭକାଦି ଦ୍ୱାରା
ଏହି କ୍ରିୟା ସାଧାରଣତଃ ସାଧିତ ହୋଇଥାଏ । ୩୩ ।

## ଜପ

ଜପ୍ୟ ଯା'—
ତା' ପୁନଃ-ପୁନଃ ମନନରେ ଆବୃତ୍ତି କରି
ପ୍ରାଣନ-ଉଦ୍ଦୀପନେ ତା'ର ଅର୍ଥକୁ
ଆହୁରିରେ ପରିସ୍ଫୁଟ କରିବାହିଁ
ଜପର ତାତ୍ପର୍ଯ୍ୟ । ୩୫ ।

## ଧ୍ୟାନ

ଇଷ୍ଟଙ୍କଠାରେ ଅଚ୍ୟୁତମନନ ହୁଅ,
ବୃତ୍ତିଗୁଡ଼ିକୁ ଅନ୍ୱିତ କରିତୋଳ—
ତଁତ୍‌ସ୍ୱାର୍ଥପ୍ରତିଷ୍ଠା-ସାର୍ଥକତାରେ
ପ୍ରଣିଧାନ-ତତ୍ପର ରୁହ— ତଦର୍ଥଭାବନାରେ,
ଶ୍ରଦ୍ଧାର୍ହ ସେବା-ସାର୍ଥକତାରେ ସତ୍ତ୍ୱପ୍ରତିଷ୍ଠ ହୁଅ,
ସିଦ୍ଧାନ୍ତ ସକ୍ରିୟତାରେ ବାସ୍ତବାୟିତ କରିତୋଳ,
ଆଉ, ଏହା ହେଉଛି ସାର୍ଥକ ଧ୍ୟାନ । ୩୬ ।

## ତପ

ତପର ମରକୋଚହିଁ ହେଲା
ବାହ୍ୟିକ ଓ ଆଭ୍ୟନ୍ତରିକ ବ୍ୟାପାରକୁ
ନିୟନ୍ତ୍ରଣୀ ସମାବେଶରେ
ସତ୍ତାସମ୍ବର୍ଦ୍ଧନୀ କରିତୋଳିବା—
ସକ୍ରିୟ ଉପଚୟରେ—
ଯା' ସାର୍ଥକ ହୋଇଉଠେ
ଅଧ୍ୟାତ୍ମ ଜୀବନକୁ
ଉତ୍କର୍ଷ-ଉଚ୍ଛଳ କରିତୋଳେ । ୩୮ ।

## ସତ୍-ଓ-ଅସତ୍‌ସଙ୍ଗ ନିର୍ବାଚନରେ

ତପଃପ୍ରାଣ, ସକ୍ରିୟ
ଏବଂ ସଦାଚାରୀ ଯେଉଁମାନେ—
ସେମାନଙ୍କର ସାହଚର୍ଯ୍ୟ ସାଧାରଣତଃହିଁ
ଏପରି ଅନୁପ୍ରେରଣା ଦିଅନ୍ତି—
ଯେପରି ଅନ୍ତଃକରଣ
ଉଦ୍ଦୀପ୍ତ ହୋଇଉଠେ—
ତଦନୁକୂଳ ସକ୍ରିୟତାରେ;
ପୁଣି, ଅଶିଷ୍ଟ, ଅସଦାଚାରୀ,
ଅସତ୍‌ପ୍ରକୃତିମାନଙ୍କର ସଂସର୍ଗ
ଅବନତିକୁହିଁ ଆମନ୍ତ୍ରଣ କରେ—
କ୍ରମବିଷକ୍ରିୟାରେ;
ତେଣୁ, ଯା' ଚାହଁ—
ସେପରି ବାଛି ନିଅ । ୩୯ ।

*(ଯତି-ଅଭିଧର୍ମ)*

# ସମ୍ୟକ୍-କର୍ମର ତାତ୍ପର୍ଯ୍ୟ

## ପରିକଳ୍ପନାକୁ ମୂର୍ତ୍ତ କରିବାକୁ ହେଲେ

ଯଦି କୌଣସି ପରିକଳ୍ପନା
ସିଦ୍ଧାନ୍ତରେ ଉପନୀତ ହୋଇ
ପ୍ରୟୋଜନ-ଆବେଗରେ
ସମୀଚୀନ ଉଦ୍ଦେଶ୍ୟ ନେଇ
ଆସିଥାଏ ତୁମ ପାଖକୁ—
ତା'କୁ ମୂର୍ତ୍ତି ଦେବାକୁ
ନିଶ୍ଚୟ ହୋଇଥାଅ ତୁମେ—
ଯେତେବେଳେ ବାସ୍ତବଭାବେ ସେଟାକୁ ଚାହଁ
ତା' ଆଗରୁ ଭାବି ଦେଖ,
ତା' କରିବାକୁ କ'ଣ କ'ଣ ପ୍ରୟୋଜନ,
ତା'ର କ'ଣ କ'ଣ କେବେ କେଉଁଠି
କିଭଳିଭାବେ ମିଳିପାରେ
ସନ୍ଧିତ୍ସୁ ସଜାଗ ଅନ୍ତରରେ ବିବେଚନା କରି
ଯୋଗ୍ୟ ସକ୍ରିୟ ଅନୁଚର୍ଯ୍ୟାରେ
ଖୋଜି ସଂଗ୍ରହ କରି
ସର୍ବଶେଷଭାବେ ହାତକୁ ନେଇଆସ,
ଆଉ, ଯେଉଁ ଯେଉଁ ବିଧାନରେ
ଉପଚୟୀ ନିୟନ୍ତ୍ରଣରେ
ତା' ମୂର୍ତ୍ତ କରିପାରି ହୁଏ ବାସ୍ତବଭାବରେ—
ସେଇ ସେଇ ରକମରେ
ତା' କରିବାକୁ ଯା' ପ୍ରୟୋଜନ
ତା'ର ବ୍ୟବସ୍ଥିତିଗୁଡ଼ିକୁ
ନିଖୁଣଭାବରେ ଜମା କରି ପକାଅ,
ଆଉ, ଯେତେବେଳେ ତୁମର ତା' ପ୍ରୟୋଜନ ହେବ—
ତା' ଆଗରୁ ତା' ନିଷ୍ପନ୍ନ କରିପକାଅ
ବିହିତ ରକମରେ;
ଯାହା କିଛିବି କରନା—
ଏପରିଭାବେ ଉପଚୟରେ
ନିଷ୍ପନ୍ନ କରିତୋଳିବାହିଁ ହେଉଛି
କୃତୀ ହେବା—
ଆଉ, ସେଥିରେ କୃତାର୍ଥ ହେବା,
ନଚେତ୍, ପ୍ରବର୍ତ୍ତନା ତୁମର
ଉଦ୍ଦେଶ୍ୟରେହିଁ ସମାହିତ ହୋଇ ରହିବ;
ଅବିବେକୀ, ଅଳସ ଜୀବନ
ବ୍ୟର୍ଥତାହିଁ ପୁରସ୍କାର ପାଇଥାଏ । ୪୦ ।

## ଶୁଭ ତ୍ୱରିତ ନିଷ୍ପନ୍ନତାର କୃତୀ ହେବାକୁ ହେଲେ

ଯାହା ବି କର ନା କାହିଁକି
ପ୍ରଥମରେହିଁ ନିଖୁଣଭାବରେ
ତ୍ୱରିତ ସିଦ୍ଧାନ୍ତରେ ଉପନୀତ ହୁଅ—
ଏଇ ମୁହୂର୍ତ୍ତରେ ତୁମକୁ କ'ଣ କରିବାକୁ ହେବ;
ସବୁ ସମୟରେ ନଜର ରଖ—
ଏଇ ସିଦ୍ଧାନ୍ତ ଯେପରି
ତ୍ୱାରିତ୍ୟରେ ଉଦ୍ଦୀପ୍ତ ଥାଇ ମଧ୍ୟ
ହିତପ୍ରସୂ, ସୁଯୁକ୍ତ ଏବଂ ହୃଦ୍ୟ ହୋଇଉଠେ—
ଅଶୁଭକୁ ଅବଦଳିତ କରି ନ୍ୟାୟତଃ;
ଆଉ, ଏହା କରିବାକୁ ହେଲେ
ଯେବେ ଯେଉଁଠି
ଯେପରିଭାବେ ଯା' କରିବାକୁ ହେବ—
ତ୍ୱରିତହିଁ ତା' ନିଷ୍ପନ୍ନ କରିତୋଳ;
ଏଇ ନିଷ୍ପନ୍ନତା ଯେପରି
ସୁଦକ୍ଷ କୁଶଳତାର ସୁବିନାୟନାରେ
ସଂସିଦ୍ଧ ହୁଏ,
ପୁଣି, ଯେଉଁଠି ଯା' କରିବାକୁ ହେଲେ
ଯା'ଦ୍ୱାରା ତା' କରିବା ପ୍ରୟୋଜନ—
ସେ ଯେପରି ତା'ହିଁ କରେ
ତ୍ୱରିତ ସମ୍ବେଗ ନେଇ;
ତୁମର ବୋଧିଦୀପ୍ତ ଅନୁପ୍ରେରଣା
ଓ ଶାରୀରିକ ଯୋଗ୍ୟତା
ସୁଷ୍ଠୁ ଅନୁଶୀଳନାର ଭିତର ଦେଇ
ସର୍ବତୋମୁଖୀ ଯୋଗ୍ୟତାର ସାର୍ଥକ-ସଙ୍ଗତି ନେଇ
ଯା' କରଣୀୟ
ତା' ଯେମିତି ସୁଷ୍ଠୁଭାବରେ ହିଁ କରେ,—
ଯେଉଁଥି ଲାଗି ଯେବେ ଯେଉଁଟା ଦରକାର
ତା' ପୂର୍ବରୁହିଁ

ତ୍ୱରିତ ସୁବ୍ୟବସ୍ଥ ସୁବନ୍ଦୋବସ୍ତର ସହିତ
ପ୍ରୟୋଜନମାଫିକ ସ୍ଥଳରେ
ସେଗୁଡ଼ିକ ସୁସଜ୍ଜିତ ହୋଇଥାଏ,–
ଯେପରି ପ୍ରୟୋଜନର ତାଗିଦ ହେଲେହିଁ
ନିମିଷକେ ସେଗୁଡ଼ିକର ସାହାଯ୍ୟରେ
ତୁମର କରଣୀୟ ସଂସାଧନ କରିପାର;
ଛୋଟ ଛୋଟ କର୍ମର ଭିତର ଦେଇ
ଏଇ ଅଭ୍ୟାସଗୁଡ଼ିକୁ
ପ୍ରୟୋଗ କରିଚାଲ,
ଏହିଭଳିଭାବରେହିଁ
କ୍ରମବୃହତ୍ ବା ବୃହତ୍ତର କର୍ମରେ
ଆତ୍ମନିୟୋଗ କରି
ସେଗୁଡ଼ିକୁ ସତ୍ୱର ସୁସିଦ୍ଧ କରିବାକୁ,
ପ୍ରୟୋଜନ ପୂର୍ବରୁ
ଯଥାବିହିତ ସେଗୁଡ଼ିକୁ ସମାହିତ କରିବାକୁ
ଯେଉଁଠି ଯେଭଳି ପ୍ରୟୋଜନ
ତା'ର ସବୁଗୁଡ଼ିକୁ
ନିଖୁଣ ବିନ୍ୟାସରେ
ବ୍ୟବସ୍ଥାପନା କରିବାକୁ
ଏତେଟିକେ ତ୍ରୁଟି କରନା;
ଏଇ ବ୍ୟବସ୍ଥାପନା ଯେପରି ଏଇପ୍ରକାର ହୁଏ–
ସୁସଂଶ୍ରୟୀ ସମ୍ବନ୍ଧାନ୍ୱିତ ହୋଇ,
ଯେପରି ସୁନିୟମନରେ କାମ ଚାଲୁ କରିବାରେ
ଏତେଟିକେ ବି ଅସୁବିଧା ନହୁଏ;
ଏଭଳି ଅଭ୍ୟାସର ଭିତର ଦେଇ
ତୁମର ବୋଧି
ଗତି
କର୍ମ-ବିନ୍ୟାସ
ନିଷ୍ପନ୍ନତା
ଏପରି ସହଜ-ସଂଶ୍ରୟୀ ହୋଇଉଠିବ,–
ଯେପରି ତୁମକୁ ଦେଖି
ତୁମେହିଁ ଅବାକ୍ ହୋଇଉଠିବ,
ମନେକରିବ–
ତୁମଠାରେ ଯେମିତି
ବିଶ୍ୱକର୍ମା ଅଧିଷ୍ଠିତ ହୋଇ ଉଠିଛନ୍ତି–
ସଜାଗ-ତ୍ୱରିତ ଉଦ୍ଦୀପନା ନେଇ,
ଆଉ, ଦେଖିବ–
ସେଇ ବିଶ୍ୱକର୍ମାହିଁ ହେଉଛନ୍ତି–
ତୁମର ଅନ୍ତରସ୍ଥ
ସାତ୍ତ୍ୱିକ-ସଂଶ୍ରୟୀ
ଶ୍ରେୟନିଧାନ କୃତି-ଦେବତା । ୪୧ ।

## କର୍ମର ଦକ୍ଷ-ନିୟନ୍ତା ହୁଅ

ତୁମେ କର୍ମର ଦକ୍ଷନିୟନ୍ତା ହୁଅ,
ତୁମର ନିଷ୍ପନ୍ନତାରେ
କର୍ମ ସାର୍ଥକ ହୋଇଉଠୁ;
କିନ୍ତୁ ସ୍ମରଣ ରଖ–
କର୍ମ ଯେପରି
ତୁମ ପାଦର ଶିକୁଳି ହୋଇ ନ ଉଠେ;
ତୁମେ ସାପୁଆ ହୁଅ,
ସାପ ଖେଳାଅ,
କିନ୍ତୁ ସାପର ଦଂଶନ
ତୁମର କିଛି କରି ନପାରେ–
ନଜର ରଖ । ୪୨ ।

## ସମ୍ୟକ୍ କର୍ମର ତାତ୍ପର୍ଯ୍ୟ

ସମ୍ୟକ୍ କର୍ମ ମାନେ–
ବିହିତଭାବେ
ଯେମିତି ଯା' କରିଲେ
ତା' ସାର୍ଥକ-ସୁସଙ୍ଗତି ନେଇ
ସୁନ୍ଦରରେ ସୁନିଷ୍ପନ୍ନ ହୁଏ,
ଉପଯୁକ୍ତତାର ସହିତ ତା'ହିଁ କରିବା;
କରିବା, କହିବା, ଭାବିବା, ଚାଲିବା
ଇତ୍ୟାଦି ଯାବତୀୟ ଯା'-କିଛିକୁ
ସମ୍ୟକ୍ କରି ତୋଳିବାକୁ ହେଲେ
ତାହାହିଁ ପନ୍ଥା । ୪୩ ।

## ଅଳସ ନିର୍ଭରଶୀଳ ହେବାଠାରୁ ଭଲ କ'ଣ ?

ଅଳସ ନିର୍ଭରଶୀଳ ହେବା ଅପେକ୍ଷା
ଅନୁଶୀଳନଶୀଳ ହେବା ଭଲ,
ଲୋକଭୃତିପରାୟଣ ହେବା ଭଲ–
ଇଷ୍ଟାର୍ଥ-ଆପୂରଣୀ ଅନୁବେଦନା ନେଇ । ୫୦ ।

*(କୃତି-ବିଧାୟନା)*

# ଉତ୍କୃଷ୍ଟା ନାରୀ ଓ ନିକୃଷ୍ଟ ପୁରୁଷ-ମିଳନର ପରିଣାମ

## ଉତ୍କୃଷ୍ଟ-କୁଳ-ସମ୍ଭୂତା ନାରୀ ଓ ଅପକୃଷ୍ଟ-କୁଳ-ସମ୍ଭୂତ ପୁରୁଷର ଯୌନ-ସଂସ୍ରବର ପରିଣାମ ।।

ଯଦି କୌଣସି ଉତ୍କୃଷ୍ଟ-କୁଳସମ୍ଭୂତା ନାରୀ
କୌଣସି ଅପକୃଷ୍ଟ-କୁଳସମ୍ଭୂତ ପୁରୁଷ ସହିତ
ଯୌନ-ସଂସ୍ରବାନ୍ୱିତା ହୁଏ,
ସେ ପୁରୁଷ ବିଦ୍ୱାନହିଁ ହେଉ
ଐଶ୍ୱର୍ଯ୍ୟମଣ୍ଡିତହିଁ ହେଉ,
ବା ଯେତେହିଁ ଶ୍ରେଷ୍ଠତ୍ୱର ଆସନ
ଅଧିକାର କରୁ ନା କାହିଁକି,
ସେଇ ଅପକୃଷ୍ଟ ଜୈବୀ-ସଂସ୍ଥିତି-ସମ୍ପନ୍ନ କୁଳର
ସର୍ବନାଶ ତ ହୁଏହିଁ,
ତା' ଛଡ଼ା,
ସେଇ ପୁରୁଷର ନିଷିକ୍ତ ପୁଂବୀଜାଣୁ
ସେଇ ନାରୀର ବିଧାନରେ ଅନୁପ୍ରବିଷ୍ଟ ହୋଇ
ଏହିଭଳି ବିବୁଦ୍ଧ ବିଷକ୍ରିୟାର ସୃଷ୍ଟି କରେ
ଯା' ଫଳରେ, ସେଇ ନାରୀର
ମସ୍ତିଷ୍କ, ମନ ଓ ଦେହର ସଙ୍ଗତିକୁ
ବିକୃତ କରି
ତା'କୁ ବିକେନ୍ଦ୍ରିକ,
କ୍ରୂର ଓ କଦାଚାର-ପରାୟଣ କରିତୋଳେ—
ମନ ଓ ବିଧାନର
ଦୁରପନେୟ ବିପର୍ଯ୍ୟୟ ଆଣି;
କିନ୍ତୁ ପୁଣି ସେଇ ନାରୀ ଯଦି
ସେଇ ପୁରୁଷର ସଂସ୍ରବ ତ୍ୟାଗ କରି
ଉଚ୍ଚ-କୁଳ-ସମ୍ଭୂତ କୌଣସି ଶ୍ରେୟ-ପୁରୁଷର
ସଂସ୍ରବ ଲାଭ କରେ,—
ତା'ହେଲେବି ତା'ର ଗର୍ଭଜାତ ସନ୍ତାନ
ଉତ୍କର୍ଷୀ ପ୍ରେୟ-ସୌଷ୍ଠବର ସମ୍ପଦ୍‌ରୁ
ଅନେକଦୂର ବିଚ୍ୟୁତ ହୋଇଉଠେ;
ବଞ୍ଚିତ ହୁଏ ସେ
ତା'ର ବୈଧୀ ପ୍ରାକୃତିକ ପରିପୋଷଣାରୁ
ଅନେକଦୂର,
ତଥାପି ତା' ମନ୍ଦର ଭଲ,
ସେ ଜନନ
ଗଣ-ବିଧ୍ୱଂସୀ ବୈଧୀ-ବିବର୍ତ୍ତନର ବ୍ୟତିକ୍ରମ
ସୃଷ୍ଟି କରେ କମ୍‌ହିଁ । ୯୧ ।

## ନିବାହ-ନିବନ୍ଧନ ଓ ପୋଷ୍ୟା ସ୍ତ୍ରୀ

ବ୍ୟଭିଚାରିଣୀ କୋଉ ସ୍ତ୍ରୀ
ପିତୃକୁଳର ସମାନ ବା ବରେଣ୍ୟ
ଏହିଭଳି କୌଣସି ପୁରୁଷଠାରେ ଆତ୍ମୋତ୍ସର୍ଗ କରି
ନିବାହ-ନିବନ୍ଧରେ ପରିଶୁଦ୍ଧ ହୋଇ
ତତ୍‌ସ୍ୱାର୍ଥାନ୍ୱିତ ହୋଇ
ସେଇ ସଂସାରର ପରିଜନ ଓ ପରିବାର-ବର୍ଗର
ତଦର୍ଥ-ପୋଷଣୀ ସେବାନୁଚର୍ଯ୍ୟାରେ
ଯଦି ଜୀବନ ଅତିବାହିତ କରେ,
ସୁକେନ୍ଦ୍ରିକ ନିଷ୍ଠାର ସହିତ
ସେଇ ଆଶ୍ରୟରେ ବସବାସ କରେ,—
ତା'କୁ ସେଇ ପୁରୁଷର
ପୋଷ୍ୟ ସ୍ତ୍ରୀ କୁହାଯାଇପାରେ;
ଏହିଭଳି ଜୀବନ-ଯାପନ
କୁତ୍ସିତ ହେଲେବି ଶ୍ରେୟ-ଅନ୍ୱିତ,
ସୁକେନ୍ଦ୍ରିକ ଅନ୍ତଃକରଣରେ
ସେମାନେବି ସତ୍-ଜୀବନ ଯାପନ କରିପାରନ୍ତି,
ଲୋକକଲ୍ୟାଣୀ ହୋଇ ଆତ୍ମନିୟନ୍ତ୍ରଣରେ
ସେମାନଙ୍କର ଚରିତ୍ର ଯେତେହିଁ ସେବାମୁଖର
ସଦ୍‌ଗୁଣ-ସମାବିଷ୍ଟ ହୋଇଥାଏ
ଯେପରି ଭାବେ—
ଲୋକ-ଶ୍ରଦ୍ଧାକର୍ଷକବି ହୋଇଉଠେ ସେପରି,
ବିଚ୍ଛିନ୍ନ ବ୍ୟଭିଚାରକୁ ଅତିକ୍ରମ କରି
ସତ୍-ଅନୁଚର୍ଯ୍ୟୀ ହୋଇ
ସେମାନେ ଆତ୍ମନିୟନ୍ତ୍ରଣ ଯେତେ କରନ୍ତି—
ପ୍ରକୃତିବି ସେମାନଙ୍କୁ ସେତେହିଁ
ବିହିତ ମର୍ଯ୍ୟାଦା ଦେଇଥାଏ,

ସେମାନଙ୍କର ସନ୍ତାନ-ସନ୍ତତିବି
ପିତୃବର୍ଣ୍ଣହିଁ ପ୍ରାପ୍ତ ହୋଇଥାଆନ୍ତି–
ଯଦିଓ ନିମ୍ନ-ପର୍ଯ୍ୟାୟର ସେମାନେ । ୯୦ ।
*(ଦେବୀ-ସୂକ୍ତ)*

## ।। ପିତାର ଗୁଣାବଳୀ କେତେବେଳେ ସନ୍ତାନଠାରେ ସଞ୍ଚାରିତ ହୋଇପାରେ ।।

ମଣିଷ ଯଦି ବଂଶପରମ୍ପରାରେ କୌଣସି ବିଶେଷ ଜିନିଷ (ଗୁଣ)ର ଚର୍ଚ୍ଚା କରେ, ତା'ହେଲେ ସେଇଟା କ୍ରମେହିଁ ଫୁଟି ଉଠିଥାଏ । ଅବଶ୍ୟ ବିବାହ ଠିକ୍‌ଭାବେ ହେବା ଦରକାର । ସଙ୍ଗତିଶୀଳ ଘରର ସଙ୍ଗତିଶୀଳ ପ୍ରକୃତିର ଝିଅ ଯଦି ହୁଏ, ଆଉ ସେଇ ସ୍ତ୍ରୀର ସ୍ୱାମୀଙ୍କ ପ୍ରତି ଯଦି ପ୍ରବଳ ଶ୍ରଦ୍ଧା ଓ ନିଶା ଥାଏ ଓ ତା'ର ଗୁଣପନାରେ ଯଦି ମୁଗ୍ଧ ହୁଏ, ତା'ହେଲେ ତା'ର ଗର୍ଭର ସନ୍ତାନ ମଧ୍ୟରେ ପିତାର ଗୁଣାବଳୀ ସଂକ୍ରମିତ ହେବାର ସମ୍ଭାବନାହିଁ ବେଶୀ ଥାଏ ।*(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ, ତା୦୩.୦୪.୧୯୪୪)*

## ।। ପିତାର ଗୁଣାବଳୀ ସନ୍ତାନଠାରେ ମୂର୍ତ୍ତ ହୋଇପାରେନା କେତେବେଳେ ?

ତା'ର ଅନେକ କାରଣ ଥାଏ । ମଣିଷ ଯଦି ଶ୍ରଦ୍ଧା ଓ ଆଗ୍ରହରୁ କୌଣସି ଗୁଣ acquire (ଅର୍ଜନ) ନକରେ, inferiority (ହୀନମନ୍ୟତା) ଓ ambition (ଉଚ୍ଚାକାଂକ୍ଷା)ରୁ ତା' କରେ, ତା'ହେଲେ ସେଥିରେ କୃତିତ୍ୱ ଅର୍ଜନ କରିଲେବି ସେଇଟା କିନ୍ତୁ ତା'ର ସତ୍ତାର ସଙ୍ଗେ ମିଶିଯାଏନା । ପୁଣି ଶ୍ରଦ୍ଧା ଓ ଆଗ୍ରହଜନିତ ଅନୁଶୀଳନ ଫଳରେ କୌଣସି ଗୁଣ ଯଦି ତା'ର ସତ୍ତାରେ ଗୁନ୍ଥିବି ହୋଇଯାଏ, ତା'ବି ସନ୍ତାନଠାରେ ବର୍ତ୍ତାଇ ପାରେନା, ଯଦି ବିବାହ ଓ ଦାମ୍ପତ୍ୟଜୀବନ ସୁପରିଚାଳିତ ନ ହୁଏ । ପୁଣି ସନ୍ତାନର ଯେଉଁ inherent trait (ଅନ୍ତର୍ନିହିତ ଗୁଣ) ଥାଏ, ତା'ରବି unfurlment (ବିକାଶ) ପାଇଁ ଯେଉଁ nurture (ପୋଷଣ) ପ୍ରୟୋଜନ, ତା'ବି ଯଦି ଉପଯୁକ୍ତ ସମୟରେ ଉପଯୁକ୍ତ ପ୍ରକାରେ ନ ଦିଆଯାଏ, ତା'ଦ୍ୱାରାବି ଭିତରେ ସମ୍ଭାବନା ରହିବା ସତ୍ତ୍ୱେବି ତା' ପ୍ରକାଶ ପାଏନା । ସେଥିପାଇଁ ସବୁ ଦିଗରୁ ନଜର ଦେବାକୁ ହୁଏ । (ତା'ର ମାନେ) ଯୁଗୋପଯୋଗୀଭାବେ ବର୍ଣ୍ଣଧର୍ମ, ଆଶ୍ରମଧର୍ମ, ଦଶବିଧ-ସଂସ୍କାର ଇତ୍ୟାଦି ପରିପାଳନ କରି ଚାଲିବାକୁ ହେବ । ସେସବୁର ଭିତର ଦେଇ ମଣିଷର ସହଜାତ-ସଂସ୍କାରଗୁଡ଼ିକ ବଂଶପରମ୍ପରାରେ ବଜାୟ ରହିବ ଓ ମଣିଷ ସୁଶିକ୍ଷିତ, ସୁନିୟନ୍ତ୍ରିତ ଓ ସୁଯୋଗ୍ୟ ହୋଇଉଠିବ ।*(ଆଲୋଚନା-ପ୍ରସଙ୍ଗ, ୫ମଖଣ୍ଡ, ତା୦୩.୦୪.୧୯୪୪)*

## ।। ସୁପ୍ରଜନନ କାହାକୁ କହନ୍ତି ?

ଇଷ୍ଟକୃଷ୍ଟି ଧରି ବର୍ଣ୍ଣୋଚିତ ଆଚାର-ଆଚରଣ ନ କରିଲେ (ମଣିଷ) ପତିତ ହୋଇଯାଏ । ପତିତ ହେଲେ ଗୁଣଗୁଡ଼ିକ ମଳିନ ହୁଏ, ଅବଗୁଣଗୁଡ଼ିକ ଭାସି ଉଠେ । Acquisition (ଅର୍ଜିତ ଗୁଣ) ବଂଶପରମ୍ପରାରେ ଯେତେବେଳେ instinct(ସଂସ୍କାର)ରେ ପରିଣତ ହୁଏ, ତା' ଶୀଘ୍ରଶୀଘ୍ର ଧୋଇପୋଛି ଯାଇପାରେନା, ଯଦି ବିବାହ ଆଦିରେ ବିପର୍ଯ୍ୟୟ ନ ହୁଏ । Instinct (ସଂସ୍କାର) ହେଲେ ସେଇ ପର୍ଯ୍ୟାୟର breeding capacity (ଜନନ କ୍ଷମତା) ହୁଏ । Culture (ଅନୁଶୀଳନ) ନ କରିଲେ ମଣିଷ progressive (ଉନ୍ନତିମୁଖର) ହୁଏନା, କିନ୍ତୁ ତା'ର ଅନ୍ତର୍ନିହିତ immortal necklace of germcells (ବୀଜକୋଷର ଅବିନଶ୍ୱର ମାଳା) ବଜାୟ ରହିବା ଯୋଗୁଁ, ସେତେବେଳେ ବି ତା'ର ସୁସନ୍ତାନର ଜନକ ହେବାର ସମ୍ଭାବନା ଥାଏ । କିନ୍ତୁ କୌଣସି ବଂଶରେ undesirable (ଅବାଞ୍ଛିତ ବିବାହ) ହେଲେ, ତା'ଠାରୁ ଯେଉଁ ଉତ୍ପାତର ସୃଷ୍ଟି ହୁଏ, ସହଜରେ ତା'ର ଅପନୋଦନ ହୁଏନା । ତେଣୁ କହନ୍ତି culture (ଅନୁଶୀଳନ)କୁ ignore (ଉପେକ୍ଷା) କରନା, ତା'ହେଲେ ତୁମେ ଠକି ଗଲ, ତୁମର କିଛି ହେଲାନି; ସଙ୍ଗେ ସଙ୍ଗେ hereditary excellence (ବଂଶଗତ ଉତ୍କର୍ଷ) ଯେପରି ଆହୁରି excel (ଉତ୍କର୍ଷ ଲାଭ) କରେ, ସେ ଦିଗରେବି ନଜର ରଖିବାକୁ ହୁଏ । ତା'କୁହିଁ କହନ୍ତି ସୁପ୍ରଜନନ । ଦେଶୀ ଷଣ୍ଢ ଯେତେହିଁ ବଡ଼ ହେଉ ନା କାହିଁକି, ତା'ର breed (ପିଲା) ମୁଲତାନୀ ଷଣ୍ଢର breed (ପିଲା) ଭଳି ହେବନି । ଜେବ୍ରା ଦେଇ ଘୋଡ଼ାର breeding (ସନ୍ତାନୋତ୍ପାଦନ) ହେଲେ ଜେବ୍ରା-instinct tempered ଘୋଡ଼ା-temperament (ଘୋଡ଼ାର ଧାତୁ ଦ୍ୱାରା ପ୍ରଭାବିତ ଜେବ୍ରା-ସଂସ୍କାର)ରହିଁ ହେବ, ଘୋଡ଼ା ହେବନି । ଫଳରେ ଜଗତରେ ଦେଖନା କାହିଁକି ? ଗୋଟେ ଜାଗାର କମଳା ଦୁଧରେ ଖିଆଯାଏ, ଆଉ ଏକ ଜାଗାଟା ମୂଳ ଲେମ୍ବୁ ଭଳି । ବୀଜ ଓ ମାଟିର ସଙ୍ଗତି ଦରକାର । ଭଲ ଯଦି ଚାହଁ, ଭଲ ହୋଇପାରେ ଯା' ଭିତର ଦେଇ ଏହିଭଳି ସମ୍ମେଳନ ଘଟାଇବାକୁ ହେବ । Anomalous interpolation (ପ୍ରତିଲୋମ ସଂଶ୍ରବ)ରୁ ଜାତ ଅଥଚ interpolluted (ଭିତରେ ଦୂଷିତ) ନୁହେଁ ଏପରି ଗୋଟେବି ଜଗତରେ ଦେଖିପାରିବନି । କିନ୍ତୁ ଅନୁଲୋମ ସନ୍ତାନ ବେଳକୁ ତା' ନୁହେଁ । ବେଦବ୍ୟାସ ଅନୁଲୋମ-ସନ୍ତାନ ଆଜିବି ପୂଜା ପାଆନ୍ତି । ଆଟମ ବମ୍‌ର ଆବିଷ୍କାରକଙ୍କର ଶୁଣିଛି ବାପ ଜର୍ମାନ୍, ମା' ଇହୁଦୀ । ଏହାବି ଅନୁଲୋମ । ଏକପ୍ରକାରର ଆଖୁ ଅଛି, ବାପ ଧଳା, ମା' ଲଟା, ସାନି ବା କାଶର ଭଳି । ସେଇ ଆଖୁ ଭିତରେ ଲଟା, ସାନି ବା କାଶର ଧରଣ ଅଛି, ଧଳାର ସବୁ ଗୁଣ ଅଛି । ଟିକେ ଖଟା, ଏପରି ଶକ୍ତ– ଶିଆଳ ଖାଇପାରେନା ।

*(ଆଲୋଚନା-ପ୍ରସଙ୍ଗ, ୬ଷ୍ଠଖଣ୍ଡ, ତା୧୩.୧୨.୧୯୪୫)*

ଆଦର୍ଶ ବିନାୟକ

# ପ୍ରିୟପରମଙ୍କ ଅନୁଜ୍ଞାର ଛଅଟି ସ୍ତମ୍ଭ

## କୌନ୍ତେୟ ! ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି

ମୁଁ ଯେଉଁ ଆଦର୍ଶ
ତୁମମାନଙ୍କ ସାମନାରେ ସ୍ଥାପନ କରିଛି,
ମୁଁ ଯେଉଁ ଆଦର୍ଶର କଥା
ତୁମମାନଙ୍କ ନିକଟରେ କହିଛି,
ସେଥିରେ ନିଷ୍ଠା, ଅନୁରାଗ
ଓ ଅନୁସରଣର—
ଅଳ୍ପହିଁ ହେଉ, ବିସ୍ତରହିଁ ହେଉ—
ଯେତେଦୂର ଆନ୍ତରିକତା ନେଇ
ସକ୍ରିୟ ଅଭିବ୍ୟକ୍ତି ଦେବ
ଇଷ୍ଟାନୁଗ ସହଯୋଗ-ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ ହୋଇ,
ତୁମମାନଙ୍କର ଧ୍ୱଂସ କରିପାରିବେନି କେହି
ଦୁନିଆରେ,
ସାବାଡ଼ରେ ନେଇ ଯାଇପାରିବେନି କେହି
ଦୁନିଆରେ,
ଆଉ, ପ୍ରତ୍ୟେକଟି ବ୍ୟଷ୍ଟି
ଅଭ୍ୟସ୍ତତାରେ ସ୍ୱତଃ ହୋଇଉଠିଲେ—
ପ୍ରୀତି-ଉଦ୍ଦୀପନା
ଏପରି ଯୁଗ ଆବାହନ କରିବ
ଯେଉଁ ଦିନ ଶାସକର ପ୍ରୟୋଜନ ନ ବି ହୋଇପାରେ,
ସତ୍ୟ, ନ୍ୟାୟ, ଅହିଂସା
ଓ ପରାକ୍ରମଦୀପ୍ତ ଶୌର୍ଯ୍ୟ
ମୂର୍ତ୍ତ ହୋଇ ରହିବ ତୁମମାନଙ୍କ ସମସ୍ତଙ୍କ ଭିତରେ,
ଧର୍ମ
ଧୃତିର ଚୁମ୍ବନରେ
ତୁମମାନଙ୍କୁ ସମସ୍ତଙ୍କୁ ଆଗୋଳି ଧରିବ,
କୃତଯୁଗ ବା ସତ୍ୟଯୁଗର ମଳୟ ପବନରେ
ଅଭିଷିକ୍ତ ହୋଇ
ତୁମମାନଙ୍କ ଅନ୍ତରର ଅନ୍ତଃସ୍ଥଳ ଗାଇଉଠିବ—
'ଶାଧି ମାଂ ତ୍ୱାଂ ପ୍ରପନ୍ନମ୍'—
ସ୍ୱାତନ୍ତ୍ର୍ୟ-ସମ୍ବର୍ଦ୍ଧନୀ ସହଯୋଗୀ ଅଭିଦୀପ୍ତି ନେଇ;
ଆଉ, ଏଇଟା ଯଦି ଭାଙ୍ଗି ଦିଅ
ବା ଭାଙ୍ଗିଯାଏ,
ରଖି ନ ପାର ଧରି,—
କୃତୀ ସୌଧ ଭାଙ୍ଗି ଯାଇ—
ପର୍ଯ୍ୟୁଦସ୍ତ କୃଷ୍ଟି
ବିଭ୍ରାନ୍ତିରେ ଟୁକୁରା-ଟୁକୁରା ହୋଇ—
ସଂହତି ଓ ସହଯୋଗ
ବିଧ୍ୱସ୍ତ ଓ ବିକୃତ ହୋଇ
ସଂହତିହରା ଏହି ଜୈବୀ-ସଂସ୍ଥିତିର
ସର୍ବନାଶରେ ଆତ୍ମନିମଜ୍ଜନ କରିବା ଛଡ଼ା
ଉପାୟ ହିଁ ରହିବନି । ୧ ।

## ପ୍ରିୟପରମଙ୍କ ଛଡ଼ା କେହି ପରମପିତାଙ୍କ ନିକଟକୁ ଯାଇପାରେନା

ପ୍ରିୟପରମ ହିଁ ପରମ ବର୍ତ୍ମ,
ସିଏହିଁ ପରମ ସତ୍ୟ,
ଆଉ, ସିଏହିଁ ଜୀବନ,
କେହି ତାଙ୍କଠାରେ ବିଚରଣ ନ କରି—
ନ ଚାଲି—
ଅର୍ଥାତ୍, ତାଙ୍କଠାରେ
ଅନୁରତି ଓ ଅନୁଗତିସମ୍ପନ୍ନ ନ ହୋଇ
ପରମପିତାଙ୍କ ନିକଟକୁ ଯାଇ ପାରନ୍ତିନି । ୯ ।

## ପ୍ରିୟପରମଙ୍କ ଅନୁଜ୍ଞାର ଛଅଟି ସ୍ତମ୍ଭ

ପ୍ରିୟପରମଙ୍କ ଅନୁଜ୍ଞାର
ଛଅଟି ସ୍ତମ୍ଭ ହେଉଛି ଏହା—
ତୁମେ କାହାକୁ ହତ୍ୟା କରିବାକୁ ଯାଅନା,
ବ୍ୟଭିଚାରଦୁଷ୍ଟ ହୁଅନା,
ଚୋରି କରନା,
କେବେବି ମିଥ୍ୟା ସାକ୍ଷ୍ୟ ଦେବାକୁ ଯାଅନା,
ପିତାମାତାଙ୍କୁ ଶ୍ରଦ୍ଧା କର,
ସମୀଚୀନ ଅନୁଚର୍ଯ୍ୟା କର,
ତୁମ ଭଳି କରି
ତୁମର ପରିବେଶର ପ୍ରତ୍ୟେକଙ୍କୁ
ଭଲପାଅ । ୧୦ ।

*(ଆଦର୍ଶ-ବିନାୟକ)*

# ଯେମିତି ତାଙ୍କୁ ଦେଖେ

*(ପୂର୍ବପ୍ରକାଶିତ ଉତ୍ତାରୁ.....)*

**॥ ଚବିଶ ॥**

ପ୍ରତ୍ୟୟର ଖୁଣ୍ଟି ଏପଟେ ହୁଗୁଳୀ ଯାଇଛି । ହୁଏତ ସିଧା ଠିଆ କରାଯିବ ନଚେତ୍ ପୁରାପୁରି ଭୂମିସାତ କରାଯିବ । କାହିଁକି ? ଯା' ସହ ଅନ୍ତରଙ୍ଗତା ହୋଇଛି ସେ କଅଣ ଅନ୍ତର ମଧ୍ୟକୁ ଗମନ କରିପାରେନା ?

କାହିଁ ସେ କୁଆଡ଼େ ଅତି ନିକଟରେ ? ଏକବାରେ ହାତ ପାହାନ୍ତାରେ ? ତା' ହେଲେ କାହିଁକି ଏବେ ହିଁ ହାତ ଧରନ୍ତି ନାହିଁ ? ଯିଏ ମନୋଜ୍ଞ, ସିଏ କଅଣ ମନର ଗଳିକନ୍ଦିକୁ ଜାଣିପାରନ୍ତି ନାହିଁ ?

ସନ୍ଦେହର ଆବର୍ତ୍ତରଣରେ ଆଟୁପାଟୁ କରୁଛି ମନଟା ।

ଭଗବାନ ଯେଉଁଠି ଥାଆନ୍ତୁ ନା କାହିଁକି ଆଜି ଏଇଟି ହିଁ ଲାଙ୍କୁ ଚାହେଁ । ହୁଏତ ପ୍ରାପ୍ତି ହେବ ନଚେତ୍ ସମାପ୍ତି ହେବ । ହୁଏତ ତାଙ୍କର ଦର୍ଶନ ପାଇବି ନଚେତ୍ ଏ ଦେହ ରକ୍ଷା କରିବି ।

କାଳୀତଳର ଶ୍ମଶାନରେ ବସି କାନ୍ଦିବାକୁ ଆରମ୍ଭ କଲା କିଶୋରୀ ।

ଅମାବାସ୍ୟାର ଗଭୀର ରାତ୍ରି । ଏକୁଟିଆ ଆସି ଜଳଧାରରେ ଆସନ ପାତି ବସିଛି । ଆଖିରେ ଲୋତକ କିନ୍ତୁ ଅନ୍ତରରେ ସଙ୍କଳ୍ପର ଦୃଢ଼ତା । ହୁଏତ ଭଗବାନଙ୍କର ସାକ୍ଷାତ ଲାଭ କରି ଜୀବନକୁ ସାର୍ଥକ କରିବେ, ନଚେତ୍ ଏହି ଶ୍ମଶାନ ଭୂମିରେ ପ୍ରାଣ ତ୍ୟାଗ କରିବେ ।

ଦ୍ୱନ୍ଦ୍ୱର ଆଜିହିଁ ଫଇସଲା ହୋଇଯାଉ ।

ରାମ ପ୍ରସାଦ କହନ୍ତି ଏତେ ଭଣ୍ଡାମୀରେ କାମ ନାହିଁ । ଅଛି ଯଦି ଦେଖା ଦିଅ । ହୁଏତ ସନ୍ତାନର ଦାବୀ ରଖି ଲୋକକୁ ତୋଳିନିଅ, ନଚେତ୍ କହିଦିଅ ତୋର ମା' ନାହିଁ ବୋଲି । ଦେଖ ମଲା ମା'ର ଛୁଆ ବଞ୍ଚେ କି ନାହିଁ ? ଅଭିମାନ କରି ଗୀତ ବୋଲନ୍ତି;

''ଦ୍ୱାରେ ଦ୍ୱାରେ ଭିକ୍ଷା ମାଗି ଖାଇବି
ମା' ମଲେ କଅଣ ତା'ର ସନ୍ତାନ ବଞ୍ଚେନା ?''

କିଶୋରୀର ହେଲା ଆଉ ଚାଖଣ୍ଡେ ଉପରେ । ଦେହ ଧାରଣ କରି ଯଦି ତୁମକୁ ଦେଖି ନ ପାରିଲି, ତା'ହେଲେ ଏ ଦେହ ଦେଇଛ କାହିଁକି ? ବୋଝ ତା'ହେଲେ ଓହ୍ଲାଇ ଦେଇ ଯିବି ଏ ନିକେଶିନୀ ମୁକ୍ତିର ନିଦାନ ଭୂମିରେ ।

ମୁଁ ଦ୍ୱାରେ ଦ୍ୱାରେ ବୁଲିବି ନାହିଁ । ମୁଁ ତୁମ ଦୁଆରରେ ଧାରଣା ଦେଇଛି । ସିଦ୍ଧକାମ କର ନଚେତ୍ ଏ ଦେହକୁ ହତ୍ୟା କରିବି ।

ସେଇ କିଶୋରୀ ଆଉ ଏକ କିଶୋରୀ । ଠାକୁରଙ୍କ ଦେହରେ ପବନ ଲାଗି ନୂଆ ମଣିଷ ହୋଇଛି କିଶୋରୀ । ତୀକ୍ଷ୍ଣ ହୋଇଛି ଅନ୍ତରରେ ଈଶ୍ୱର କାମନା । ଖୋଲି ଯାଇଛି ମନ ଫରୁଆର ଆବର୍ଜନାପୂର୍ଣ୍ଣ ଚକ୍ରୀଟି । ଏଥର କେବଳ ଛୁଟି ଚାଲିବା କଥା ।

କିନ୍ତୁ ଆହୁରି କିଛି ଜାଣିବାକୁ ହେବ । ପ୍ରତ୍ୟୟ ଅପେକ୍ଷାର ଉର୍ଦ୍ଧ୍ୱରେ ପ୍ରତ୍ୟଭିଜ୍ଞାକୁ କାଏମ ରଖିବାକୁ ହେବ । ଅନ୍ତର୍ଦାହକୁ ଘୁଞ୍ଚେଇବାକୁ ହେବ । ଦୁଇଟାରୁ ଗୋଟିଏକୁ ଆଜି ଶେଷ କରିବାକୁ ଆସିଛି କିଶୋରୀ । ଦାହ କିମ୍ବା ଦେହ ।

ବସେ କିନ୍ତୁ ଦେହ ଧ୍ୟାନମଗ୍ନ ହୋଇପାରିଲା ନାହିଁ । ଧ୍ୟାନ ନେତ୍ରରେ ତ ତା'କୁ ଦେଖିବାକୁ ଚାହେଁ । ଦେହ ଛୁଇଁ ଦେଖିବେ । ଟିପ ଛୁଏଁଇ ।

ଯଦି ଥାଅ ତା' ହେଲେ ଦେଖାଦିଅ....ଆଗୋ....।

ପ୍ରାଣାନ୍ତକ ପ୍ରାର୍ଥନାରେ ଅଶ୍ରୁସ୍ନାତ ହୋଇ ଉଠିଲେ କିଶୋରୀ । ଆଖିର ଜଳରେ ଯଦି ତାଙ୍କ ଆସିବା ପଥ ମାର୍ଜିତ ହୁଏ, ତା'ହେଲେ ତାହାହିଁ ହେଉ ।

ଉଚ୍ଚସ୍ୱରରେ ଡ଼ାକିବାକୁ ଲାଗିଲେ କିଶୋରୀ । ସେ ଆହ୍ୱାନ ମାନେ କ୍ରନ୍ଦନ । ଆକାଶର ପର୍ଦ୍ଦାରେ ତରଙ୍ଗ ଜଗାଇବାର ଆର୍ତ୍ତ ଆବେଦନ ।

ଆଶ୍ଚର୍ଯ୍ୟ ହୋଇ ଶୃଗାଳର ଦଳ ଏକା ଭଳି ରଡ଼ି ଛାଡ଼ିଲେ । ମଣିଷର କଣ୍ଠ ସ୍ୱରକୁ ଦବାଇ ସେମାନଙ୍କ ଚିତ୍କାର ଅମାରାତ୍ରିର ଅନ୍ଧକାର ଓ ନିଃଶବ୍ଦତାକୁ କମ୍ପାଇ ତୋଳିଲା ।

କଁ୍ୟା.....କଁ୍ୟା.....କଁ୍ୟା.....।

ସଙ୍ଗେ ସଙ୍ଗେ ଅଶ୍ୱତ୍ଥ ଗଛରେ ଥିବା ପେଚାଗୁଡ଼ିକ ରବରେ ଡ଼ାକ ଛାଡ଼ିଲେ । ଶୃଗାଳ ଓ ପେଚାଙ୍କର ତ୍ରସ୍ତ କଣ୍ଠ ରବରେ କିଶୋରୀର ହୃଦୟ କମ୍ପି ଉଠିଲା ।

ଇଏ କଅଣ ? ଭୟ ପାଇଲା କି ସିଏ ? ଭଗବାନଙ୍କୁ ଦେଖିବାକୁ ଆସି ଭୟ କରୁଛି କାହାକୁ ? ମୃତ୍ୟୁ ହିଁ ତ ସବୁଠାରୁ ବଡ଼ ଭୟ । ଭଗବାନଙ୍କୁ ନ ଦେଖି ପାରିଲେ, ମୃତ୍ୟୁକୁ ହିଁ ତ ବରଣ କରିବ ସିଏ । ଏଇଥିପାଇଁ ତ ସେ ଆଜି ଶ୍ମଶାନକୁ ଆସିଛି ।

ପ୍ରାର୍ଥନାର ଆବେଗରେ ଥର ଥର କରି କମ୍ପୁଛି ଦେହ । ଏଇଟାହିଁ ତା'ର ସର୍ବଶେଷ ନିବେଦନ : ଯଦି ଥାଅ ତ ଥରଟିଏ ପାଇଁ ଆସ । ମୋର ଚର୍ମଚକ୍ଷୁରେ ତୁମକୁ ଦେଖିବାକୁ ଦିଅ ।

ହଠାତ୍ କାନରେ ମଣିଷର ସ୍ୱର ବାଜିଲା । ଡ଼ାକ୍ତର !....

ସିଏ କଅଣ ? ଏଇ ନିର୍ଜନ ମଶାଣି ଭୂଇଁରେ ଏମିତି କରି ଡ଼ାକ୍ତର ବୋଲି ଡ଼ାକିବ କିଏ ?

ଭାବିଲେ ସେ କିଛି ନୁହେଁ ଇଏ ଭୌତିକ କୁହୁକ । ପ୍ରାଣପଣେ ପୁଣି ଥରେ ଡ଼ାକି ଉଠିଲେ ଭଗବାନ ? ତୁମେ କେଉଁଠି ? ଥରଟିଏ ଦେଖା ଦିଅ ।

ପୁଣି ଥରେ ପ୍ରତ୍ୟୁତ୍ତର ଆସିଲା, ଡ଼ାକ୍ତର ? ଯେମିତି ବିସ୍ମିତ ସେମିତି ଭୀତ ହେଲେ କିଶୋରୀ । କୁଆଡ଼େ ମଣିଷ ନାହାଁନ୍ତି, ଅଥଚ ମନୁଷ୍ୟର କଣ୍ଠ ସ୍ୱର !

ସାହସ କରି ପଚାରିଲେ, ତୁମେ କିଏ ?

ମୁଁ....ଯେ...ମୁଁ.... ।

ନିଥର ଅନ୍ଧକାରର ବକ୍ଷକୁ ଚିରି ଆନ୍ଦୋଳିତ ହେଲା ସେଇକଥା । ପଦ୍ମାର ତରଙ୍ଗର ଆଘାତ ଲାଗି ପୁଣି ପ୍ରତିଧ୍ୱନୀ ଫେରି ଆସିଲା ।

ମୁଁ....ମୋ....ମୁଁ.... ।

ବିଶାଳ ଶୂନ୍ୟତାକୁ ପୂର୍ଣ୍ଣ କରି ଏଇ ଗୋଟାଏ ଯେମିତି ଅସ୍ତିତ୍ୱ.......ମୁଁ......ଦ୍ୱନ୍ଦହୀନ, ସଙ୍ଗହୀନତାର ଏଇ ଏକମାତ୍ର ପ୍ରାଣ । ଯେମିତି ଦ୍ୱିତୀୟ ବିହୀନ ପ୍ରଥମର ଆତ୍ମ ପ୍ରକାଶ । ଚୈତନ୍ୟର ବୁକୁରେ ବ୍ରହ୍ମର ଜାଗରଣ ।

ପ୍ରତିଧ୍ୱନୀର ପ୍ରତିଶବ୍ଦ ଆସିଲା ମନରେ ଅନ୍ତରରେ । ଯେମିତି ସର୍ବତ୍ର ସେଇ ବିଶ୍ୱ ଅମୀୟ ସ୍ୱାଧୀକାର ।

ସେଇ ବ୍ରହ୍ମ ଜୀବାତ୍ମକହିଁ ''ମୁଁ'' ।

ବ୍ରହ୍ମ କଅଣ ?

ନା ଯାହା ସର୍ବଗତ । ଯାହା ବ୍ୟାପ୍ତ ହୋଇ ସର୍ବକାର ଲାଭ କରିଛି । ସେଇ ବୃହତ୍ତର ବୃହଦ୍ ଆତ୍ମା ସେଇ ବ୍ରହ୍ମ ପରମ ବିଧାତା ।

ଏଇ ମୁଁ ହେଲି ସେଇ ବ୍ରହ୍ମ ବୀଜାତ୍ମକ ପରଂବ୍ରହ୍ମ । ସେଇ ପ୍ରାଚୀନତମ ପରଂବ୍ରହ୍ମ ପୁରୁଷ । ଯିଏ ସକଳର ଆଦିରେ ଅବସ୍ଥାନ କରନ୍ତି । ପ୍ରତ୍ୟକ୍ଷ କରିଛନ୍ତି ସର୍ବ ପରଭୂତକୁ । ପ୍ରାଚୀନତମ ହୋଇ ମଧ୍ୟ ପ୍ରବେଶ କରିଛନ୍ତି ଅର୍ବାଚୀନ ତମରେ ।

ଯେତେବେଳେ ସତ୍‌ସଙ୍ଗ କିଛି ବି ସୃଷ୍ଟି ହୋଇନି, ପ୍ରକୃତିରେ ସ୍ଥୂଳ ସୂକ୍ଷ୍ମର କାରଣ ବି ଯେତେବେଳେ ନଥିଲା, ଯେତେବେଳେ କାଳ ମଧ୍ୟ ଜନ୍ମ ପାଇନି, ସେଇ ପ୍ରାକ୍ ସୃଷ୍ଟିର କାଳରେ ମଧ୍ୟ କେବଳ ମାତ୍ର ଥିଲି– ମୁଁ ସୃଷ୍ଟିର ଆଗେ ମଧ୍ୟ ''ମୁଁ'' ଏବଂ ସୃଷ୍ଟିର ପରେ ମଧ୍ୟ ମୁଁ । ଏଇ ଚଳତ୍ ବିଶ୍ୱର ପ୍ରାଣହିଁ ମୁଁ– ଆହୁରି ମଧ୍ୟ ମୁଁ ହିଁ ପ୍ରଳୟର ସାକ୍ଷୀ । ପ୍ରଳୟର ଅବଶିଷ୍ଟ ମଧ୍ୟ ମୁଁ ।

ସୃଷ୍ଟି ଚକ୍ରର କେନ୍ଦ୍ର ବି ମୁଁ, ପରିଧି ମଧ୍ୟ ମୁଁ । ନାଭି, ନେମୀ ଦୁଇହିଁ ମୁଁ । ମୁଁ ଯେମିତି ଦେହାତ୍ମା ସେମିତି ଅଙ୍ଗପ୍ୟଙ୍ଗ ଅଙ୍ଗଚ୍ଛେଦ ମଧ୍ୟ ''ମୁଁ'' । ମୋଠାରୁ ଆରମ୍ଭ ମୋଠାରେହିଁ ଲୟ ।

ଶ୍ରୀମଦ୍ ଭାଗବତରେ ଶ୍ରୀକୃଷ୍ଣ କହିଛନ୍ତି–

ଏଇ ମୁଁ ହିଁ ସେଇ ମୁଁ

''ଅହମେବା ସମେବାଗ୍ରେ ନାନ୍ୟାତ୍ ସଦ୍‌ସତ୍ ପରମ୍ ॥

ପଶ୍ଚଦହଂ ଯଦେତଚ୍ଛ ଯୋହବଶିଷ୍ୟେତ ସୋହସ୍ମ୍ୟହମ୍ ॥''

ସେ ହେଲେ ଅପ୍ରାନ୍ତ । ଅଦ୍ୱିତୀୟ, ଅଖଣ୍ଡ । ସେ ସର୍ବବ୍ରହ୍ମାଣ୍ଡର ସୂଚୀପତ୍ର ।

ସେଥର ତ ସିଏ କୃଷ୍ଣ । ଏଥର ସିଏ କିଏ ? ସାହସ ସଞ୍ଚୟ କରି ଡ଼ାକ ଛାଡ଼ିଲା କିଶୋରୀ ''ମୁଁ କିଏ ?'' କୋଉ ମୁଁ ?

ମୁଁ ଅନୁକୂଳ । ସର୍ବ ପ୍ରତିକୂଳେ ମୁଁ ହିଁ ଅନୁକୂଳ । ମୋର ସମୀପରେ କୂଳ ତେଣୁ ମୁଁ ଅନୁକୂଳ ।

ଆହେ ଅକୁଳ ସିନ୍ଧୁର କୂଳାନୁସନ୍ଧି, ମୁଁ ତୁମର ସେହି ଅନୁକୂଳ । କେତେ ଜନ୍ମ ଧରି ତୁମେ ଖୋଜିଛ । କେତେ ଜୀବନର ଶ୍ରମ ସ୍ୱେଦାକ୍ତ ତୁମର ଏଇ ଦେହ । ଏବେ କୂଳ ପାଇଛ । କୂଳରେ ଆସି ଲାଗ । ସ୍ୱେଦ କ୍ଳେଦର ମାର୍ଜନା କରି ଚାଲିଆସ । ଦେହରେ ବୋଳିଦିଏ ସ୍ୱର୍ଗ ସୌରଭର ଅଭ୍ୟଞ୍ଜନ ।

ଯେମିତି ଯୁଗେ ଯୁଗେ ତୁମର ଆହ୍ୱାନ ସେମିତି ଯୁଗେ ଯୁଗେ ମୋର ଆଗମନ । ଅନ୍ଧକାରରେ ଡ଼ାକିଥିଲ, ମୁଁ ଆସିଛି । ବର୍ତ୍ତମାନ ଆଲୋକ ଫୁଟି ଉଠିଛି । ବର୍ତ୍ତମାନ ମୋର ଆଲୋକରେ ମୋତେ ଦେଖ । ମୋତେ ଏଥର ଚିହ୍ନିନିଅ । ତୁମର ଚିରନ୍ତନ ତୃଷ୍ଣାର ହରଣକାରୀ ଭାବରେ । ତୁମର ଅସରନ୍ତି ଜିଜ୍ଞାସା ପ୍ରଶୟନର ଶେଷ ରୂପେ ଶାନ୍ତି ।

କିନ୍ତୁ କିଶୋରୀଙ୍କର ତାହା ବିଶ୍ୱାସ ହେଲା ନାହିଁ । ଭାବିଲେ ହୁଏତ ଭୂତ ହୋଇଥିବ । ସବୁ ଭୂତର କାରସାଦୀ । ପ୍ରାଣ ବିକଳରେ ରାମନାମ ଜପିବାକୁ ଲାଗିଲେ । ଛୋଟବେଳେ ଜେଜେମା'ଙ୍କ ପାଖରୁ ଶୁଣିଥିଲେ, ରାମନାମ ଜପିଲେ ଭୂତ ପଳାଏ । ଆଉ କିଛିବି କ୍ଷତି କରି ପାରେନା ।

ଆରେ ତୋର କାହିଁକି ସନ୍ଦେହ ହେଉଛି । ସତରେ କହୁଛି ମୁଁ ଅନୁକୂଳ ।

କାନ ପାଖରେ ସେହି ବହୁ ପରିଚିତ କଣ୍ଠସ୍ୱର । କିନ୍ତୁ ଏ ଗଭୀର ରାତିରେ ମୋ ପଛେ ପଛେ ସିଏ ଶ୍ମଶାନ ଆସିବେ କାହିଁକି ? ମୁଁ ତ କାହାକୁ ଆଉ ଜଣେଇ କରି ଆସିନି । ଏହା ନିଶ୍ଚୟ କେହି ଶ୍ମଶାନଚାରୀଙ୍କର ବଦ୍‌ମାସୀ । ହୁଏତ ଏଇଟା କେଉଁ ଦୈତ୍ୟ ଦାନବର ଆସ୍ଥାନ ହୋଇଥିବ । ଭଗବାନଙ୍କ ନାମ ଶୁଣି ଡ଼ରାଇବାକୁ ଆସିଛି ।

ଚିତ୍କାର କରି ପଚାରିଲେ କେଉଁ ଅନୁକୂଳ ? ମୁଁ ଶିବଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ପୁଅ ଡ଼ାକ୍ତର ଅନୁକୂଳ । *(କ୍ରମଶଃ)*

*ମୂଳ ବଙ୍ଗଳା ରଚନା- ଶ୍ରୀନାଥ* *ଓଡ଼ିଆଭାଷାନ୍ତର- ଶ୍ରୀମତୀ ବିଷ୍ଣୁପ୍ରିୟା ପଣ୍ଡା*

*ବିଧି-ବିନ୍ୟାସ*

# ଶ୍ରେୟଙ୍କୁ ନିଜର କରି ନିଅ

## ଶ୍ରେୟଙ୍କ ଆଧିପତ୍ୟକୁ ଯଦି ସ୍ୱୀକାର ନ କରି ଚାଲ

ତୁମର ସଂସ୍ଥିତିକୁ
ଧାରଣ-ପାଳନ ଯିଏ କରନ୍ତି,
ସିଏହିଁ ତୁମର ଶ୍ରେୟ,
ଆଉ, ଏହି ଧାରଣ-ପାଳନ-ସମ୍ବେଗହିଁ ହେଉଛି ଆଧିପତ୍ୟ,
ସେଇ ଶ୍ରେୟଙ୍କ ଆଧିପତ୍ୟକୁ ଯଦି
ବିନୀତ-ବିନୋଦନାରେ
ସ୍ୱୀକାର ନ କରି ଚାଲ,
ତା'କୁ ବର୍ଦ୍ଧନ-ବିଭୂତି-ସମ୍ପନ୍ନ କରି
ତତ୍‌ପ୍ରତିଷ୍ଠା-ନିଯୁକ୍ତ ନ ହୋଇ ଯଦି ଚାଲ,–
ସେଇ ଧାରଣ-ପାଳନୀ ସମ୍ବେଗକୁହିଁ
ତୁମେ ଆହତ କରି ତୋଳିବ,
ପ୍ରାଣର ଯେଉଁ ଆକୃତି ନେଇ ସିଏ
ମମତାଦୀପ୍ତ ଅଭିସାରେ
ତୁମର ସେଇ ଧାରଣ-ପାଳନୀ ଅନୁଚର୍ଯ୍ୟାରେ
ସ୍ୱତଃସ୍ୱେଚ୍ଛ ଆତ୍ମବିନୋଦନାରେ
ତୃପ୍ତ ହୋଇ ଚାଲିଛନ୍ତି,
ତା'କୁ ବ୍ୟାହତହିଁ କରିବ ତୁମେ;
ତୁମର ସତ୍ତାପୋଷଣୀ ଯିଏ,
ଯିଏ ତୁମର ଶ୍ରେୟ–
ଅନୁକୂଳ,
ତାଙ୍କୁ ବିକ୍ଷୁବ୍ଧ କରିତୋଳିବା
ତୁମ ପକ୍ଷେ
ଅଜ୍ଞ ବିକୃତି
ଓ ଅକୃତୀ ଅଜ୍ଞତାରହିଁ ପରିଚାୟକ;
ଯା'ଙ୍କଠାରୁ ଆପୋଷିତ ହୁଅ,
ଆପୂରିତ ହୁଅ,
ବିଧୃତ ହୁଅ,
ଆପାଳିତ ହୋଇ ଚାଲୁଥାଅ,
ତାଙ୍କର ବର୍ଦ୍ଧନ-ବିନୋଦନାରେ
ଆତ୍ମନିୟୋଗ କରିବାକୁ ଭୁଲନା,
ତତ୍-ପ୍ରତିଷ୍ଠ ଶୁଭାଶିସ୍
ତୁମକୁ ସମ୍ବର୍ଦ୍ଧିତ କରି ଚାଲିବହିଁ କି ଚାଲିବ,
ଆଉ, ତାହାହିଁ ତୁମର ବାସ୍ତବ ସ୍ୱାର୍ଥ । ୪୪୪ ।

## ଶ୍ରେୟଙ୍କୁ ନିଜର କରି ନେଲେ ଓ ଅଶ୍ରେୟଙ୍କୁ ଆଙ୍କଡ଼ି ଧରିଲେ-

ଶ୍ରେୟଙ୍କୁ ଯଦି ଭଲପାଅ,
ଅନୁଚର୍ଯ୍ୟା-ତତ୍‌ପରତାରେ
ତାଙ୍କୁ ଯଦି ଆପଣାର କରି ନେଇପାର–
ସାର୍ଥକ ସର୍ବସଙ୍ଗତିର ଅନ୍ୱିତ ତାତ୍ପର୍ଯ୍ୟରେ,
ଅସତ୍-ନିରୋଧୀ ପରାକ୍ରମ ନେଇ,–
ତୁମର ଚରିତ୍ରବି
ଶ୍ରେୟ-ବିଭାମଣ୍ଡିତ ହୋଇ
ତାହାହିଁ ବିକୀର୍ଣ୍ଣ କରି ଚାଲିବ;
ତାଙ୍କର ତୃପ୍ତିର ଆତ୍ମପ୍ରସାଦ
ତୁମକୁ ତୃପ୍ତ କରି
ସମୀଚୀନ ଅନୁଚର୍ଯ୍ୟାରେ
ପରିବେଶକୁବି ତୃପ୍ତ କରି ତୋଳିବ,
ପ୍ରୀତି-ଅର୍ଘ୍ୟରେ ବିଭୂଷିତ ହୋଇ ଉଠିବ ତୁମେ;
ଆଉ, ଅଶ୍ରେୟଙ୍କୁ ଯଦି
ଏହିଭଳି କରି ଆଙ୍କଡ଼ି ଧର,
ଭଲପାଅ,
ଆପଣାର କରି ନିଅ,–
ତୁମର ଚରିତ୍ରବି
ପରିବେଶକୁ ତମସା-ବିଦ୍ଧ କରି ଚାଲିବ,
ସେମାନଙ୍କର ହୃଦ୍ୟ ହୋଇଉଠି ପାରବନି ତୁମେ,
ପରିବେଶ ଚାହିଁବନି ତୁମକୁ;
ତେଣୁ, ସବୁବେଳେ
ସର୍ବତୋଭାବେ
ସୁକେନ୍ଦ୍ରିକ ଶ୍ରେୟଚର୍ଯ୍ୟୀ ହୋଇ ଚାଲ,
ସାର୍ଥକ ତୃପଣାରେ ପରିତୃପ୍ତ ହୋଇଉଠିବ । ୪୪୫ ।

*(ବିଧି-ବିନ୍ୟାସ)*

নীতি-বিধায়না

# তুমর শ্রেয়ার্থ আত্মীয় বন্ধু-বান্ধব বা তুমর নিজর নিন্দা যদি কেহি করে, তেবে তা'র প্রতিবিধানরে করণীয়

ଯେଉଁଠାରେହିଁ ଦେଖୁଛ ସନ୍ଦେହ, ଅବିଶ୍ୱାସ,
ଦୋଷାରୋପ, ନିନ୍ଦା, ଆକ୍ରୋଶ ଓ ଅପବାଦ—
ତା' ତୁମର ଶ୍ରେୟାର୍ଥ-ବିଷୟରେହିଁ ହେଉ,
ନିଜ ବିଷୟରେହିଁ ହେଉ
ବା ଆତ୍ମୀୟ-ବନ୍ଧୁବାନ୍ଧବଙ୍କ ବିଷୟରେହିଁ ହେଉ,—
ହୃଦ୍ୟ ବ୍ୟବହାରର ସହିତ
ସେଇଟା କେଉଁ ବିଷୟରେ
ତା' ପୁଙ୍ଖାନୁପୁଙ୍ଖରୂପେ ଜାଣି ନିଅ,
କେତେବେଳେ କେଉଁ ପରିବେଶ ଓ ପରିସ୍ଥିତିରେ
କାହା ଭିତର ଦେଇ
କାହିଁକି ଏହାର ଉତ୍ପତ୍ତି,—
ଆଲୋଚନା କରି ତା'ବି ସ୍ପଷ୍ଟଭାବେ ବୁଝି ନିଅ,
ପୁଣି, ତା' ଅଯଥା, ଅନ୍ୟାୟ ବା ଅନୁମାନାତ୍ମକ କି ନା
ତା'ବି ଯଥାଯଥଭାବେ ନିର୍ଦ୍ଧାରଣ କର—
ବାସ୍ତବ ସଙ୍ଗତିର ପରିପ୍ରେକ୍ଷାରେ;
ବୁଝିସୁଝି
ତା'ର ସୁସଙ୍ଗତ ବିହିତ ଉତ୍ତର ଦିଅ—
କୌଣସି ବିରୁଦ୍ଧ ବା ଖେଞ୍ଚାମରା ବ୍ୟବହାର ନ କରି,
କୋଉ ବିଷୟରେ କି ଉତ୍ତର
ଶୁଣିବା ସହିତ ସେଗୁଡ଼ିକୁ
ସୁସଙ୍ଗତ ଅନୁଧ୍ୟାୟୀ ବିବେଚନାରେ
ଯଥାକ୍ରମେ ମନେ ମନେ ଆଞ୍ଜି କରି ନିଅ,
ଯେପରି ପ୍ରତ୍ୟେକଟି କଥାରହିଁ
ପର୍ଯ୍ୟାୟୀ ତାତ୍ପର୍ଯ୍ୟରେ
ନିଖୁଣଭାବେ ଉତ୍ତର ଦେଇପାର—
ତୃପ୍ତିଦ ଅନୁଚର୍ଯ୍ୟାରେ
ସୁସଙ୍ଗତ ବ୍ୟବହାର ଓ ଭଙ୍ଗୀର ସହିତ
ସୁବିନ୍ୟାସ ଯଥାର୍ଥତାକୁ ଉଦ୍‌ଘାଟିତ କରି,
ଯା' ଫଳରେ, ସେ ବିଷୟରେ କା'ରବି ଅନ୍ତଃକରଣରେ
କୈଫିୟତ ତଲବ କରିବା ଭଳି କିଛି ନଥାଏ;
ଏବଂ ସେଗୁଡ଼ିକ ଯେପରି
କୌଣସିପ୍ରକାର ଆପଦ ସୃଷ୍ଟି କରି ନପାରେ—
ସେ ସମ୍ବନ୍ଧରେ ସୁଚିନ୍ତିତଭାବେ
ବିହିତ ଯା' କରିବାର ତା' କରିବହିଁ,
ଏଥିରେ ସେଗୁଡ଼ିକ
କମ୍‌ହିଁ ପ୍ରଭବାନ୍ୱିତ ହୋଇ ଉଠିପାରିବ,
ସେଥିରେ ତୁମରବି ମଙ୍ଗଳ—
ଅନ୍ୟରବି ମଙ୍ଗଳ,
ତୁମର ଉଦ୍ଦେଶ୍ୟକୁ ସଜାଗ ରଖି
ତା'ର ଅନୁଗାମୀ କରି
ସୁସଙ୍ଗତି-ସହକାରେ
ତୁମର ବାକ୍ୟ ଓ ଭଙ୍ଗୀଗୁଡ଼ିକୁ ନିୟୋଗ କର,
ନଜର ରଖି,
ତୁମର କଥା ବା ବ୍ୟବହାର ଯେପରି
କୌଣସି ଆପଦର ଆମନ୍ତ୍ରକ ନ ହୋଇଉଠେ,
ବରଂ ସୁବ୍ୟବସ୍ଥିତିରେ ନିରୋଧହିଁ କରେ
ଅସଙ୍ଗତ, ଅସମୀଚୀନ ବା ମିଥ୍ୟା ଯା'କିଛିକୁ;
ପୁଣି, ବିଧିସଙ୍ଗତ ବିବେଚନାରେ
ଯଦି କେହି ଦୋଷୀବି ହୁଏ
ବା ନିଜେହିଁ ହୁଅ,—
ସୁବ୍ୟବସ୍ଥିତି ସହିତ ସେଠାରେ
ଅନୁଯୋଗ-ଉତ୍‌କ୍ଷିପ୍ତକୁ
ସାନୁକମ୍ପୀ ସମ୍ବେଦନା-ସମ୍ବୋଧନାରେ
ଶାନ୍ତି ଓ ସୁସ୍ଥିରେ ଯେପରି ସଂସ୍ଥ କରିପାର—
ମିଳନାତ୍ମକ ଆଗ୍ରହକୁ ଉଦ୍ଦୀପ୍ତ କରି
ତାହାହିଁ କିନ୍ତୁ ପ୍ରକୃଷ୍ଟ ପଥ,
ଅନ୍ତଃକରଣର ଆଶୀର୍ବାଦ ସେଠାରେହିଁ ଉପୁଚି ଉଠେ,
ଶାନ୍ତି ଓ ସୌହାର୍ଦ୍ଦ୍ୟ-ସ୍ଥାପକ ଯେଉଁମାନେ,
ସେମାନେହିଁ ଈଶ୍ୱରଙ୍କର ଆଶୀର୍ବାଦ ଲାଭ କରନ୍ତି । ୩୬୩ ।

*(ନୀତି-ବିଧାୟନା)*

সেবা-বিধায়না

# ଅପରର ସଦ୍‌ବାସନା ପୂରଣ ନ କରିଲେ ନିଜର ପ୍ରତ୍ୟାଶାର ବି ପୂରଣ ହୁଏନା

## ପରିଚର୍ଯ୍ୟା କରିବାକୁ ଗଲେହିଁ-

ଯେ କୌଣସି ପରିଚର୍ଯ୍ୟାହିଁ କରିବାକୁ ଯାଅ ନା କାହିଁକି–
ଆଉ, ସେ ପରିଚର୍ଯ୍ୟା
ତୁମର ଜୀବନରେ
ଯଦି ଅନିବାର୍ଯ୍ୟହିଁ ହୋଇଉଠିଥାଏ–
ତା' ଯା'ର ପରିଚର୍ଯ୍ୟାରେ ନିୟୋଜିତ ହୋଇଛ
ସେ ଯେପରି ତୁମର ସ୍ୱାର୍ଥ ହୋଇଉଠେ,
କେବଳ ଲୌକିକ କର୍ତ୍ତବ୍ୟବୋଧରେ ନୁହେଁ–
ଜୀବନର ଅନିବାର୍ଯ୍ୟ ଆକୂତିର
ଆଗ୍ରହୋନ୍ମାଦନାରେ
ତା'ର ସେବା ନ କରିପାରିଲେ
ଜୀବନକୁ ତୃପ୍ତ ଓ ସ୍ୱଚ୍ଛହିଁ ବୋଧ ହୁଏନା–
ଏହିଭଳିହିଁ ଯେପରି ହୋଇଉଠେ;
ତା'ହେଲେ ଦେଖିବାକୁ ହେବ–
ତୁମର ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ସନ୍ତୋଷ
ସାନନ୍ଦ-ପ୍ରଭାବାନ୍ୱିତ ହୋଇଛ କି ନା–
ଯା'ର ସେବା କରୁଛ ତା'ର ମନକୁ
ସୁସ୍ଥ, ଦୀପ୍ତ କରି
ତା'କୁ ସର୍ବତୋଭାବେ ସ୍ୱସ୍ତିସମ୍ବୃଦ୍ଧ
କରି ତୋଳିବାର ସକ୍ରିୟ ପ୍ରଚେଷ୍ଟା
ତୁମକୁ ଗ୍ରାସ କରିଛି କି ନା–
ତୁମର ସେଇ ଆକୂତି
ତୁମକୁ ସ୍ୱତଃହିଁ ଦକ୍ଷ, କ୍ଷିପ୍ର ଓ କୁଶଳକର୍ମା
କରି ତୋଳିଛି କି ନା–
ସନ୍ଧିତ୍ସୁ ବ୍ୟବସ୍ଥିତିର ସୁଚାରୁ, ସମଞ୍ଜସ
ସାର୍ଥକ ସମାବେଶରେ–
ପରିବେଶ ବା ପରିକରମାନଙ୍କ ସହିତ
ସଦ୍‌ବ୍ୟବହାରସମ୍ପନ୍ନ ସହଯୋଗିତା
ସହଜ ହୋଇ ଉଠିଛି କି ନା ତୁମର–
କା'ରବି ଅବାଞ୍ଛିତ ହାମବଡ଼ାଇକୁ
ନିର୍ବିରୋଧରେ ସଦ୍‌ବ୍ୟବହାରରେ ସୁନିୟନ୍ତ୍ରଣରେ
ସୁବ୍ୟବସ୍ଥ କରି ତୋଳିପାର କି ନା–
ହୀନମନ୍ୟତା-ପ୍ରଭାବାନ୍ୱିତ ହୋଇ
ଅନ୍ୟ ପ୍ରତି ଦ୍ୱେଷ ବା ଆକ୍ରୋଶବଶତଃ
ତା'ର ପରିଚର୍ଯ୍ୟାରୁ ନିବୃତ୍ତ ହୋଇଉଠୁଛ କି ନା,–
ଯଦି ଉଠି ଥାଅ
ସେଥିରେ ଆଗ୍ରହ ତୁମର
ଆତ୍ମମ୍ଭରିତାର ସ୍ୱାର୍ଥମଳିନ
ଆତ୍ମପ୍ରତିଷ୍ଠ ରାହାଜାନି-ମାତ୍ର–
ସେଇ ପରିଚର୍ଯ୍ୟା
ପଥରେହିଁ ନଷ୍ଟ ହୋଇଯିବ,
ତେଣୁ, ଯା' ତୁମକୁ ଦେଇ ସମ୍ଭବ
ନିଜେ କର,
ପରିକର ବା ପରିବେଶ ସହିତ
ସଦ୍‌ବ୍ୟବହାରରେ ସେମାନଙ୍କୁ ନନ୍ଦିତ କରି
ସେମାନଙ୍କୁ ଦେଇ ସେଇ ପରିଚର୍ଯ୍ୟାକୁ
ଦକ୍ଷ, ସୁପୋଷିତ କରି ତୋଳ',
ବାଚାଳ ଓ ଅପ୍ରକାଶ୍ୟ ଆଲୋଚନାରୁ
ବିରତ ରୁହ–
ନିଜର ସମ୍ଭ୍ରମ ବଜାୟ ରଖି,
କା'ରବି ଦୋଷକୁ ମୁଖ୍ୟ କରି ଧରି
ତା'କୁ ଅପଦସ୍ଥ କରନା–
ବରଂ ସ୍ୱାଦୁ ନିୟନ୍ତ୍ରଣରେ ବିନ୍ୟସ୍ତ କରିତୋଳ'
ଶୁଭ ବିନ୍ୟାସରେ,
ନିଜେ ହାମବଡ଼ାଇ କରନା–
ପରିବେଶ ଭିତରେ କା'ରବି କୋଟ୍
ବା ହାମବଡ଼ାଇ ପ୍ରକାର ଦେଖିଲେ
ତା' ପରିପୂରଣରେ ସାହାଯ୍ୟ କର–
ଯଦି ତା'
ସେଇ ପରିଚର୍ଯ୍ୟାକୁ ବ୍ୟାହତ ନ କରେ,
ଆଉ, ଏପରି ଶ୍ରଦ୍ଧାର୍ହ ଚଳନରେ ଚାଲ
ଯେପରି ତୁମକୁ ଶ୍ରଦ୍ଧା କରି
ସେମାନେ ସୁଖୀ ହୁଅନ୍ତି–
ତୁମର ସୁଖ୍ୟାତି କରି
ସେମାନେ ଆତ୍ମଖ୍ୟାତିରହିଁ ସୁଖ ଅନୁଭବ କରନ୍ତି,

କରଣୀୟ ଯା'—
ଏହିଭଳି ସତର୍କ ନଜରରେ
ତା'କୁ ପର୍ଯ୍ୟବେକ୍ଷଣ କର—
ସମୟମତ ସହଜରେ ତା' ଯେପରି ସମ୍ପାଦିତ ହୁଏ,
ଆଉ, ତା' କରିବାହିଁ ଯେପରି ତୁମର
ସ୍ୱାର୍ଥ ହୋଇଉଠେ,
ବିରୋଧ-ବ୍ୟତ୍ୟୟଗୁଡ଼ିକୁ ଏଡ଼େଇ
ନିଜ ସହ ସମସ୍ତଙ୍କୁ ଯେପରି
ନିୟନ୍ତ୍ରଣରେ ସାମଞ୍ଜସ୍ୟରେ ଆଣି
ସୁବ୍ୟବହାର ଓ ଯଥୋପଯୁକ୍ତ ସେବାରେ
ଫୁଲ୍ଲ ରଖି
ତୁମର ସେଇ ପରିଚର୍ଯ୍ୟାର ବ୍ରତକୁ
ସର୍ବତୋଭାବେ ସୌଷ୍ଠବରେ ସୁସମ୍ପନ୍ନ କରିପାର
ତା'ହିଁ କର,
କରିବା ବା ସେବାର ଭିତର ଦେଇ ଯଦି
ନିଜର ବ୍ୟବହାର ଓ ଚରିତ୍ରର ଉତ୍କର୍ଷ ହୁଏ—
ପରିକର ଓ ପରିବେଶକୁ
ପ୍ରୀତିବନ୍ଧନରେ ନିବଦ୍ଧ ରଖିପାର—
ସେମାନଙ୍କୁ ସେଇ ଉତ୍କର୍ଷ-ଚଳନର ଯାତ୍ରୀ କରି
ଦକ୍ଷ-କୁଶଳ-କର୍ମଠ କରି—
ସେଥିରେ କିନ୍ତୁ ତୁମରହିଁ ଉତ୍କର୍ଷ
ସେଇ ପରିବେଶ ନେଇ,
ଏଥିରେ ନିଜେବି ପ୍ରତିଷ୍ଠା ପାଇବ,
ଆଉ, ପରିଚର୍ଯ୍ୟାବି ପ୍ରସନ୍ନ ହେବ । ୨୪୨ ।

## ମଣିଷକୁ ମାଙ୍ଗଳିକ କରି ତୋଳିବାକୁ ହେଲେ

ମଣିଷକୁ
ପ୍ରକୃତି ଓ ଅନ୍ତର୍ନିହିତ ସଂସ୍କାରଗୁଡ଼ିକର ନିୟମନରେ
ଅବସ୍ଥାନୁପାତିକ କ୍ରିୟାର
ସୁସଙ୍ଗତ, ସ୍ୱାଧୀନ ସ୍ୱାତନ୍ତ୍ର୍ୟ-ବିନ୍ୟାସରେ
ଆଚରଣସିଦ୍ଧ କରି ତୋଳିବାକୁ ଅବସର ନ ଦେଇ,
ସ୍ୱାଧୀନ ଦାୟିତ୍ୱ ଗ୍ରହଣରେ ଅପଟୁ କରିତୋଳି,
ସେମାନଙ୍କର ବ୍ୟକ୍ତିଗତ ପ୍ରୟୋଜନ ଉପଯୁକ୍ତ
ଉପକରଣ ସରବରାହ କରି ଚାଲିବ ଯେତେଦିନ—
ପ୍ରବୃତ୍ତିଗୁଡ଼ିକର ସ୍ୱାଭାବିକ ଅଭିବ୍ୟକ୍ତିକୁ ଅବସନ୍ନ କରି,—
ସେତେଦିନ ହୁଏତ ତା'କୁ
ବଲ୍ଗା ଟାଣି ଠିକ୍ ରଖିପାର:
କିନ୍ତୁ ଯେତେଦିନ ଯୋଗ୍ୟତାର ଅଭିଦୀପନାରେ
ଆତ୍ମନିୟନ୍ତ୍ରଣୀ ବିନ୍ୟାସ-ବିବର୍ଦ୍ଧନରେ
ପରିବେଶ ସହିତ ଆପୂରଣୀ ସଙ୍ଗତି-ସମନ୍ୱିତ ଅନ୍ୱୟରେ
ତା'କୁ ସ୍ୱତଃ-ନିୟନ୍ତ୍ରିତ କରି ତୋଳିବାକୁ
ଅଭ୍ୟସ୍ତ କରି ନ ତୋଳିଛ,—
ଯେଉଁ ମୁହୂର୍ତ୍ତରେହିଁ ସେଇ ଶାସନ ଓ ସରବରାହ ଥମିଯିବ,—
ତନ୍ମୁହୂର୍ତ୍ତରେହିଁ ତା'ର ନିଷ୍କ୍ରିୟ ବୃତ୍ତିଗୁଡ଼ିକ
ଛନ୍ନ-ଦୀପନାରେ ସକ୍ରିୟ ହୋଇ
ସମାଜ ଓ ପରିବେଶ ମଧ୍ୟରେ
ବିସ୍ଫୋରଣ ସୃଷ୍ଟି କରିବାକୁ ତ୍ରୁଟି କରିବନି;
ତେଣୁ, ଯା' ହିଁ କର, ଆଉ ତା'ହିଁ କର,—
ବ୍ୟକ୍ତିସ୍ୱାତନ୍ତ୍ର୍ୟକୁ ସଂହତ କରି
ସନ୍ଦୀପିତ କରି
ପାରିବେଶିକ ସଙ୍ଗତି ନେଇ
ସାର୍ଥକ-ଅନ୍ୱୟୀ ଆତ୍ମନିୟନ୍ତ୍ରଣରେ ସ୍ୱତଃ କରିତୋଳ—
ଯେପରି ତା'ର ବ୍ୟକ୍ତିତ୍ୱହିଁ
ସ୍ୱଭାବତଃ ଏପରି ହୋଇଉଠେ,
ଏହା କରିବାକୁ ଗଲେ
ଯେଉଁଠି ଯେପରି ପ୍ରୟୋଜନ, ତା'ହିଁ କର,
ତେବେହିଁ ସେ ମଙ୍ଗଳର ଅଧିକାରୀ ହୋଇ
ମାଙ୍ଗଳିକ ହୋଇଉଠିପାରିବ
ସମସ୍ତଙ୍କ ନିକଟରେ । ୨୪୫ ।

## ଅପରର ସଦ୍‌ବାସନା ପୂରଣ ନ କରିଲେ ନିଜର ପ୍ରତ୍ୟାଶାରବି ପୂରଣ ହୁଏନା

ତୁମେ ଯଦି କା'ର ପ୍ରୟୋଜନୀୟ ସଦ୍‌ବାସନାକୁ
ଅନୁଧ୍ୟାୟୀ ଅନୁଚର୍ଯ୍ୟାରେ
ସକ୍ରିୟଭାବେ
ଯଥାସମୟରେ ଆପୂରିତ କରି ନ ତୋଳ—
ଶୁଭ-ସନ୍ଦୀପନୀ ବାକ୍ୟ, ବ୍ୟବହାର ନେଇ,
ତୁମେ ଏପରି ପ୍ରତ୍ୟାଶା
ଅନ୍ତରରେ ପୋଷଣ କରନା,
ଯିଏ, ତୁମର ଇଚ୍ଛାରେ
କେହି ଅନ୍ତରାସୀ ହୋଇ
ଅନୁଚର୍ଯ୍ୟାରେ
ଆପୂରିତ କରିତୋଳିବ ତୁମକୁ
ଯଥାସମୟରେ । ୧୦୦ ।
*(ସେବା-ବିଧାୟନା)*

বিকৃতি-বিনায়না

# ଅପରାଧପ୍ରବଣତାର ଭିତ୍ତି

## କିପରି ବ୍ୟଭିଚାର ସଂଶୋଧନ-ଯୋଗ୍ୟ ?

ଯେତେକ୍ଷଣ ପର୍ଯ୍ୟନ୍ତ ବ୍ୟତ୍ୟୟୀ ସଂସ୍ରବରେ
ତୁମର ରକ୍ତ-ବିକୃତି ନ ହେଉଛି,
ବା ନ ହୋଇଥାଏ,
ସେ ପର୍ଯ୍ୟନ୍ତ ତୁମେ
ଯେ କୌଣସି ପ୍ରକାର ବ୍ୟଭିଚାର ହିଁ କରି ନଥାଅ,
ଅର୍ଥାତ୍, ବ୍ୟତିକ୍ରମୀ ଆଚାରପରାୟଣ ହୋଇ ନଥାଅ,
ତା' ସଂଶୋଧିତ ହୁଏହିଁ କି ହୁଏ,—
ଯଦି ତୁମର ଅନ୍ତଃକରଣ ଶ୍ରଦ୍ଧାପୂତ ନିଷ୍ଠାନନ୍ଦିତ ଥାଏ,
ଆଉ, ତା' ପୁରୁଷ-ନାରୀ ନିର୍ବିଶେଷରେ ଉଭୟଙ୍କରହିଁ । ୨୫୩ ।

## କାମୁକତାର ଚାହିଦା

କାମୁକତା ଚାହେଁ ପରିବର୍ତ୍ତନୀ ଉପଭୋଗ,
ତେଣୁ, ସେ ଏକକୁ ବର୍ଜ୍ଜନ କରି ଅନ୍ୟକୁ ଚାହେଁ,
ଏପରିହିଁ କରି ନିଜେ ଭ୍ରଷ୍ଟ ହୋଇ
ଅନ୍ୟକୁବି ଭ୍ରଷ୍ଟ କରେ,
ଏପରି କରିହିଁ ଭ୍ରଷ୍ଟ-ସଙ୍ଗ ସୃଷ୍ଟି ହୁଏ;
କାମୁକ ପ୍ରଣୟରେ
ଦାୟିତ୍ୱଶୀଳ ପ୍ରୀତିପ୍ରସନ୍ନ
ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟୀ ଅନୁଦୀପନୀ
କ୍ରମାଗତିର ସ୍ଥାନ କୋଉଠି ? ୨୫୪ ।

## ଜୀବନସ୍ଥଣ୍ଡିଳକୁ ଯେଉଁମାନେ ଫାଙ୍କି ଦେଇ ଚାଲ

ଜୀବନ-ସ୍ଥଣ୍ଡିଳକୁ ଯେଉଁମାନେ
ପ୍ରତ୍ୟାଶାର କୁହୁକ-ପାଲ୍ଲାରେ ପଡ଼ି
ଫାଙ୍କି ଦେଇ ଚାଲନ୍ତି,—
ସେମାନେ କ'ଣ କୁହୁକ-ପ୍ରତ୍ୟାଶା-ବିଭୋର ହୋଇ
ନିଜରହିଁ ବିଧ୍ୱସ୍ତିକୁ
ଆଲିଙ୍ଗନ କରି ଚାଲନ୍ତିନି—
କାମପ୍ରଲୁବ୍ଧ କୁକ୍କୁର ଭଳି ? ୨୫୬ ।

## ଅପରାଧପ୍ରବଣତାର ଭିତ୍ତି

ସାଧାରଣତଃ ଅପରାଧପ୍ରବଣତାର ଭିତ୍ତିହିଁ ହେଉଛି— କାମବୃତ୍ତି,
ତା'ରହିଁ ନାନାପ୍ରକାର ବିକ୍ଷୋଭର ଭିତର ଦେଇ
ଅପରାଧପ୍ରବଣତା ଗଜେଇ ଉଠେ,
ତେଣୁ, ସେଠାରେ
ସକ୍ରିୟ ଶ୍ରେୟ-ପ୍ରୀତି ଦେଖାଯାଏନା,
କିନ୍ତୁ ସକ୍ରିୟ ଶ୍ରେୟପ୍ରୀତି
ଯେପରି ଅଭିଦୀପ୍ତ ହୋଇଚାଲେ,—
ଅପରାଧପ୍ରବଣତାବି ସେପରି ନିଷ୍କ୍ରିୟ
ଓ ନିସ୍ତେଜ ହୋଇଥାଏ । ୨୫୭ ।

## ଶ୍ରଦ୍ଧୋତ୍ସାରିଣୀ ଶ୍ରେୟକେନ୍ଦ୍ରିକ କାମ

ଶ୍ରଦ୍ଧୋତ୍ସାରିଣୀ ଶ୍ରେୟକେନ୍ଦ୍ରିକ କାମ,
ଯା' ବିରୁଦ୍ଧ ଭାବ ବା ଧାରଣାଗୁଡ଼ିକୁ
ଶୁଭ-ବିନାୟନରେ ଅନୁକୂଳ କରି
ପ୍ରତିକୂଳ-ପରିବର୍ଜ୍ଜନାକୁ ଦୃଢ଼ କରିତୋଳେ—
ସାର୍ଥକ ସଙ୍ଗତିର
ଶୁଭାନୁଧ୍ୟାୟୀ ଅନୁଚର୍ଯ୍ୟାନିରତ କରି—
ତା' କିନ୍ତୁ ସୁପରିଶୁଦ୍ଧ ଆଗ୍ରହଦୀପ୍ତ ଦୃଢ଼-ସମ୍ବେଗ—
ଭାଗବତ-ଭୃତି-ଚର୍ଯ୍ୟାର । ୨୫୮ ।

## ପ୍ରବୃତ୍ତିର ଅସାଧ୍ୟ କ'ଣ ?

ମଣିଷ କାମକାମନାର ମୋହରେ—
ପ୍ରବୃତ୍ତିର ଆତ୍ମପ୍ରତିଷ୍ଠ ଦାମ୍ଭିକତା
ଓ ଔଦ୍ଧତ୍ୟର ବଶରେ—
କରି ନ ପାରେ ଏପରି କାମହିଁ ବିରଳ,
କେବଳ ପାରେନା ପ୍ରୀତି-ଉଦ୍ଦୀପନୀ
ସେବାପ୍ରାଣ ସକ୍ରିୟ ସାର୍ଥକତାରେ
ପ୍ରେଷ୍ଟ, ଇଷ୍ଟ ବା ଈଶ୍ୱରଙ୍କଠାରେ ଆତ୍ମୋତ୍ସର୍ଗ କରି—
ବିଶେଷତଃ ସେମାନେହିଁ
ଯେଉଁମାନେ ଶ୍ରଦ୍ଧାନନ୍ଦିତ-ନିଷ୍ଠାହରା । ୨୫୫ ।

(ବିକୃତି-ବିନାୟନା)

# ବିଜ୍ଞାନ ଓ ତା'ର ମାଙ୍ଗଳିକ ଅଭିଯାନ

## ବସ୍ତୁ ଓ ତଦ୍‌ବିଷୟରେ ଜ୍ଞାନର କୌଶଳ

କୌଣସି ବସ୍ତୁ ବା ବିଷୟକୁ
ଜାଣିବାକୁ ହେଲେ
ସତର୍କ ଦୃଷ୍ଟି ଦେଇ
ପୁଙ୍ଖାନୁପୁଙ୍ଖ ରୂପେ ଦେଖିବାକୁ ହୁଏ—
ତା'ର ବାହାରର
ଅବୟବ ବା କି ପ୍ରକାର !
ଭିତରର ବୈଧାନିକ ସଂଗଠନହିଁ
ବା କେଉଁଭଳି !
ତା' ପକ୍ଷେ ଭଲ କ'ଣ !
ମନ୍ଦହିଁ ବା କ'ଣ !
ଭଲ ଔପାଦାନିକ ସଂଯୋଜନାରେ
ତା'ର କେଉଁଭଳି ହୁଏ !
ଆଉ, ତା'ର ମନ୍ଦ
ଔପାଦାନିକ ସଂଯୋଜନାହିଁ ବା କ'ଣ !
ଆଉ, ସେଇ ମନ୍ଦ ସଂଯୋଜନାରେ
କ'ଣ ହୁଏ !
ପୁଣି, ଭଲମନ୍ଦ
ଔପାଦାନିକ ସଂଯୋଜନା ଫଳରେବି
ବା କିପ୍ରକାର ଛିଡ଼ା ହୁଏ !
ତା'ର ଅସ୍ତିତ୍ୱ ପକ୍ଷେ
କ'ଣ ହିଁ ବା ଉଚିତ !
କ'ଣ ହିଁ ବା ତା'ର ଅସ୍ତିତ୍ୱର
ବ୍ୟତିକ୍ରମ !—
ସବୁଗୁଡ଼ିକୁ
ଦେଖି-ଶୁଣି-ବୁଝି
ଜାଣିବାକୁ ହେବ,
ଜାଣି—
ଗୋଟେ ସମୀଚୀନ ସଙ୍ଗତିରେ ଆଣି
ତା'ର ଅସ୍ତିତ୍ୱ ପାଇଁ
ବିହିତ ବ୍ୟବସ୍ଥା ଯା'
ତା' ନିରୂପଣ କରିବାକୁ ହୁଏ;
ଆଉ, ଯେଉଁଥିରେ ତା'
ବ୍ୟତିକ୍ରମଦୁଷ୍ଟ ହୁଏ—
ସେଗୁଡ଼ିକ ଯେପରି ତିରୋହିତ ହୁଏ
ତାହାହିଁ କରିବା ସମୀଚୀନ;
ସଙ୍ଗତିଶୀଳ
ଐକ୍ୟନିବଦ୍ଧ
ଅନ୍ତଃସ୍ଥ ଅନୁକମ୍ପନହିଁ
ବସ୍ତୁର ପ୍ରାଣନଦୀପ୍ତି—
ଯା' ଜୀବନ-ସ୍ପନ୍ଦନକୁ
ସ୍ୱଚ୍ଛ ଅନୁବେଦନାରେ
ପ୍ରାଣନ-ପୁଷ୍ଟ କରି ତୋଳେ,
ଆଉ, ସେଇ ସ୍ପନ୍ଦନହିଁ କିନ୍ତୁ
ଜୀବନ-ଚେତନା;
ତେଣୁ, ଅସ୍ତିତ୍ୱର ଶିଷ୍ଟ-ସଙ୍ଗତି
ଓ ତା'ର ବାହ୍ୟିକ
ଏବଂ ଆନ୍ତରିକ ସଂଗଠନଗୁଡ଼ିକୁ
ଉପଯୁକ୍ତ ଐକ୍ୟତାନିକ
ଅନୁଗଠନରେ ରଖି
ସମ୍ବର୍ଦ୍ଧନୀ ସଙ୍ଗତିକୁ
ଯଥାଯୋଗ୍ୟ ପ୍ରକାରେ
ଉଚ୍ଛଳ କରି ତୋଳିବାକୁ ହୁଏ;
ତେବେ ତ ବୁଝିବେ !
କରିପାରିବେ ସେପରି । ୪୦ ।

## ରସବେତ୍ତା ହେବ କିପରି ?

ବସ୍ତୁର ଅନ୍ତଃସ୍ଥ
ସାତ୍ୱତ ସ୍ପନ୍ଦନ
ସହଜଭାବେ କେଉଁଭଳି ଚାଲେ
ତା' ବେଶ କରି
ଖୋଜି-ଖାଜି ଦେଖି ନିଅ,
କୌଣସିପ୍ରକାର ବ୍ୟତିକ୍ରମେ
ସେ କେଉଁଭଳି ଗତି ଦ୍ୱାରା
ବିନନ୍ଦିତ ହୁଏ
ତା'ବି ଦେଖିନିଅ,
ପୁଣି, ସେଇ ବସ୍ତୁର
ଅନ୍ତଃସ୍ଥ ନନ୍ଦନା

କୋଉଠି କେଉଁଭଳି ବ୍ୟତିକ୍ରମ ହେଲେ
କି ଅବସ୍ଥାରେ
ଉପନୀତ ହୋଇଉଠେ
ସେଇଟାବି ବେଶ କରି ବୁଝି ରଖ—
ଖୋଜିଖାଜି, ଦେଖିଶୁଣି,
ସବୁ ପ୍ରକାରେ,
ପୁଣି, ସ୍ୱାଭାବିକ ରକମରେହିଁ ବା
କେଉଁଭଳି ଚାଲିଥାଏ—
ତା'ର ଔପାଦାନିକ ସଙ୍ଗତିକୁ
ସୁସମ୍ବଦ୍ଧ କରି
ତା'ବି ବୁଝି ରଖ,
କେଉଁଥିରେ ଉଦ୍ଦୀପ୍ତ ହୁଏ,
କେଉଁଥିରେ ସୁଷ୍ଠୁଭାବେ
ବିକଶିତ ହୁଏ,
ସୁସନ୍ଦୀପ୍ତ ହୋଇଉଠେହିଁ ବା କେଉଁଥିରେ
ସ୍ୱାଭାବିକହିଁ ବା ରହେ କେଉଁଥିରେ—
କିପରି କରି—
ଆଉ, ମୁହ୍ୟମାଣବି ହୋଇଉଠେ
କିପରି କରି—
ସେଗୁଡ଼ିକୁ ବେଶ କରି
ବୋଧ ମୁତାବିକ ଆଣି
ପାର୍ଥକ୍ୟଗୁଡ଼ିକୁ
ପ୍ରକୃଷ୍ଟଭାବେ ଜାଣି ରଖ,
ଆଉ, ଏହିଭଳି ଜାଣି
ଯା'କୁ ଯେଉଁଠାରେ
ଯେଉଁଭଳି ଭାବେ ଲଗାଇବାକୁ ଚାହଁ,
ଦେଖ—
ତା' ପାର କି ନା !
ଆଉ, ବସ୍ତୁସଙ୍ଗତି
ଆଉ ତା'ର ସ୍ପନ୍ଦନ-ପ୍ରବାହ
ବିଶେଷଭାବେ
ଆୟତ୍ତ କରି ନେଇ
କୌଣସି ବିଶେଷ କ୍ରିୟାରେ
ତା'କୁ କିପରି କରି
ନିୟୋଜିତ କରିପାରି ହୁଏ—
ତା'ବି ଦେଖ,
ଆଉ, ବିହିତ-ଭଳି କର—
ଯେଉଁଠାରେ ଯେପରି ପ୍ରୟୋଜନ;
ରସର ପ୍ରାଣନ-ସ୍ପନ୍ଦନକୁ
ଏପରି କରି ଜାଣି
ଔପାଦାନିକ ସଂହତିକୁ
ତଦନୁଗ ନିୟନ୍ତ୍ରଣରେ
ଅଭୀଷ୍ଟକୁ
ଶିଷ୍ଟଭାବେ
ବିନାୟିତ କରିପାରିବା ହିଁ ହେଉଛି
ରସ,—
ଶବ୍ଦ ବା ସ୍ପନ୍ଦନର ପନ୍ଥାଗୁଡ଼ିକୁ
ଆୟତ୍ତ କରିବାର କାଇଦା-କଳାପ;
ଦେଖ,
ଶୁଣ,
ବୁଝ,—
କର—
ଯେଉଁଠାରେ ଯେପରି ଦରକାର,
ବିଧାୟନାବି ତା'
ସେପରିଭାବେ ବିନାୟିତ କରି ନିଅ,
ସାର୍ଥକ ହୁଅ,
ରସବିତ୍ ହୋଇଉଠ । ୪୧ ।

## ବିଜ୍ଞାନ ଓ ତା'ର ମାଙ୍ଗଳିକ ଅଭିଯାନ

ତାତ୍ତ୍ୱିକ ଉପାଦାନଗୁଡ଼ିକୁ
ଅନ୍ୱିତ ସଙ୍ଗତିରେ
ବିହିତ ଅର୍ଥନାରେ
ସଂଯୋଜିତ କରି
ସକ୍ରିୟ ତାତ୍ପର୍ଯ୍ୟରେ
ସୁମୂର୍ତ୍ତ କରି ତୋଳିବାହିଁ ହେଉଛି—
କଳାକୌଶଳ;
ଆଉ, ତା'ର ସୁସମୀକ୍ଷୁ ସଂଯୋଜନୀ
ବାସ୍ତବ ଅଭିଜ୍ଞାନ ଯା' କିଛି
ତା'ହିଁ ବିଜ୍ଞାନ;
ଏହି ବିଜ୍ଞାନ ସାର୍ଥକ ହୋଇଉଠେ—
ଔପାଦାନିକ ଅନ୍ୱିତ ସଙ୍ଗତିକୁ
ବିହିତ ମୂର୍ତ୍ତନାରେ
ସୁମୂର୍ତ୍ତ କରି ତୋଳିବାରେ—
ଅସ୍ତି ଓ ବର୍ଦ୍ଧନଚର୍ଯ୍ୟାର
ମାଙ୍ଗଳିକ ଅଭିଯାନ ନେଇ । ୨୫ ।

*(ବିଜ୍ଞାନ-ବିଭୂତି)*

বৈবাহিক-জীবন

# ପ୍ରତିଲୋମ ବିବାହ ଦୂଷଣୀୟ

## ।। ପ୍ରତିଲୋମ ଓ ଅସମୀଚୀନ ବିବାହରେ କ'ଣ ହୁଏ ?

ପ୍ରତିଲୋମ ଓ ଅସମୀଚୀନ ବିବାହପ୍ରସୂତ ସନ୍ତାନ ବାପା ଓ ମା' କାହାରିବି ଭଲଟା ପାଏନା । ସ୍ୱାମୀ-ସ୍ତ୍ରୀ ଉଭୟଙ୍କର ବୈଶିଷ୍ଟ୍ୟ ହିଁ ବିଧ୍ୱସ୍ତ ହୁଏ ଏଥିରେ । ମାଟି ଯଦି ବୀଜର ଅନୁକୂଳ ନହୁଏ, ତା'ହେଲେ ଗୋଳମାଳ ହୁଏ । ଏକଦେଶରେ ମାଟିର ଫଳରେ ଯେଉଁ କମଳା ମଧୁର ହୁଏ, ତା'ର ମଞ୍ଜି ଅନ୍ୟ ମାଟିରେ ପୋତିବା ଫଳରେ ହୁଏତ କମଳା ଖଟା ହୋଇଯାଏ । ତା'ର କାରଣ ମାଟି ବୀଜକୁ proper nurture (ବିହିତ ପୋଷଣ) ଦେଇପାରେନା କିମ୍ବା ସେଇ ବୀଜର ଅନ୍ତର୍ନିହିତ କୌଣସି କୌଣସି ଗୁଣ ନଷ୍ଟ କରି ଦିଏ । ଉନ୍ନତ ଜାତିର ଗାଈ ଓ ନିକୃଷ୍ଟ ଜାତିର ଷଣ୍ଢର ମିଳନ ଫଳରେ ପିଲା ଖରାପ ହିଁ ହୁଏ । ପ୍ରତିଲୋମ-ସଂଯୋଗ କେବେବି ଭଲ ହୋଇପାରେନା ।

*(ଆଲୋଚନା-ପ୍ରସଙ୍ଗ, ୧୬ଶଖଣ୍ଡ, ତା୦୬.୦୪.୧୯୮୯)*

## ।। ପ୍ରତ୍ୟେକର ବିବାହ କରିବା କର୍ତ୍ତବ୍ୟ କି ନା ?

ଯା'ର ଯୋଗ୍ୟତା ଅଛି ତା'ର କରିବା ଭଲ । ଅନେକଙ୍କର ବିବାହ ନ କରିବାହିଁ ସମୀଚୀନ । ଆଉ, ଅନୁଲୋମ କରିବାକୁ ହେଲେ ପ୍ରଥମେ ସବର୍ଣ୍ଣ କରିବା ଦରକାର, ନଚେତ୍ ମୂଳ କୁଳଟା ନଷ୍ଟ ହୋଇଯାଏ ।

*(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ, ତା୧୬.୧୦.୧୯୪୯)*

## ।। ସଗୋତ୍ର ବିବାହରେ କ'ଣ ହୁଏ ?

ସେଥିରେ ସଦ୍‌ଗୁଣବି ଯେପରି ବଢ଼େ, ଅବଗୁଣ ବି ସେପରି ବଢ଼େ । ଶୁଣିଛି କିଛିଟା ଅଭାବ ହୁଏ ମସ୍ତିଷ୍କ, ଶରୀର ଓ ବ୍ୟକ୍ତିତ୍ୱ ଦିଗ ଦେଇ ।

ଜଣେ ମା' କହିଲେ— ମୋର ଗୋଟେ ଭଉଣୀର ସଗୋତ୍ର ବିବାହ ହୋଇଛି, ତା'ର ଗୋଟେ ପୁଅ ଅତ୍ୟନ୍ତ ତୀକ୍ଷ୍ଣଧୀ ।

ଶ୍ରୀଶ୍ରୀଠାକୁର— ଅସ୍ତିତ୍ୱର ଲକ୍ଷଣ ହେଲା ପରିସ୍ଥିତିରୁ ସତ୍ତାପୋଷଣୀ ଯା'କିଛି ସଂଗ୍ରହ କରିବା— ମିଳେଇ ନ ଯିବା— ନିଜକୁ ବିକି ନ ଦେବା— ଏହିଗୁଡ଼ିକହିଁ ବ୍ୟକ୍ତିତ୍ୱର ଲକ୍ଷଣ । କିନ୍ତୁ ସଗୋତ୍ର ବିବାହର ସନ୍ତାନ ଶତ brilliance (ଦୀପ୍ତି) ନେଇବି ହୁଏତ ଏପରି ହୋଇପାରେ ଯେ, ପାରିପାର୍ଶ୍ୱିକକୁ ନିୟନ୍ତ୍ରିତ କରି ପାରିଲନି । ଅନ୍ୟଦ୍ୱାରା ପ୍ରଭାବିତ ହୋଇ କିଛିଟା ଖରାପ ଦିଗରେ ଗଲା । ପ୍ରତ୍ୟେକ କ୍ଷେତ୍ରରେ ଏପରି ନ ହୋଇପାରେ । ତେବେ ସଗୋତ୍ର ବିବାହ ଭଲ ନୁହେଁ ।

*(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ, ତା୨୦.୧୦.୧୯୪୯)*

## ।। ମୌଳିକର ପୁଅ ସଙ୍ଗେ କୁଳୀନର ଝିଅର ବିବାହ ହେଲେ କ'ଣ ହୁଏ ?

ବିବାହରେ ଗୋଳମାଳ ହେଲେ ମୁସକିଲ୍ । ମୌଳିକ ପୁଅ ସଙ୍ଗେ କୁଳୀନ ଝିଅର ବିବାହ କେତେ ହୁଏ । ମୋର ସେଇଟା ଭଲ ମନେହୁଏନା । ମନେହୁଏ ସେଥିରେ କ୍ଷତି ହୁଏ । ନଚେତ୍ ବଙ୍ଗଳାରେ ଆଜି ସେପରିଭାବେ କାୟସ୍ଥ ଦେଖେ ନା କାହିଁକି ? ବଙ୍ଗଳାରେ କାୟସ୍ଥଙ୍କ ଭଳି କାୟସ୍ଥ ଥିଲେ କ'ଣ ଏହି ଦୁର୍ଦ୍ଦଶା ହୋଇଥାଆନ୍ତା ? ତା'ର ଯେପରି ମୁଖ, ସେପରି ମଥା, ସେପରି କାଇଦା, ସେପରି ଚଳନ, ସେପରି କଥନ— ମଣିଷକୁ ମୁଗ୍ଧ କରି ପକାନ୍ତି । ବଙ୍ଗଳାରେ ଜଣେ ଥିଲେ ନେତାଜୀ ।

ପ୍ରଶ୍ନ— କୁଳୀନ ଯେଉଁମାନେ ସେମାନଙ୍କ ମଧ୍ୟରେ ତ ଭଲ ଲୋକ ରହିବା ଉଚିତ୍ ଥିଲା !

ଶ୍ରୀଶ୍ରୀଠାକୁର— ତା' ମଧ୍ୟରୁହିଁ ତ ପାଇଛ ନେତାଜୀଙ୍କୁ । ତା'ର ମା' ମୌଳିକଙ୍କ ଝିଅ ଆଉ ବାବା କୁଳୀନ । ତା'ବି ଘଟକଙ୍କ ବିଜ୍ଞାନ ପୁରାପୁରି ପ୍ରୟୋଗ କରି ବିବାହ ହୋଇଛି କି ନ ଜାଣେନା । ବାବା ମୌଳିକ, ମା' କୁଳୀନ ଏଭଳି ବହୁ ଝିଅବି କୁଳୀନ ଘରର ବୋହୂ ହୁଅନ୍ତି । ଏହା ଭିତର ଦେଇବି ଦୋଷ ପ୍ରବେଶ କରେ । ଯଦିଓ ଏଇଟା ମନ୍ଦର ଭଲ ।

*(ଆଲୋଚନା-ପ୍ରସଙ୍ଗ, ୧୮ଶଖଣ୍ଡ, ତା୧୬.୧୦.୧୯୪୯)*

## ।। ପ୍ରତିଲୋମ ବିବାହ ଦୋଷଣୀୟ କାହିଁକି ?

ପ୍ରଜନନର ଗୋଟେ ବିଧି ଅଛି । ସେ ବିଧିର ବ୍ୟତ୍ୟୟ ହେଲେ ଜାତକକୁ ଯେପରି ତା'ର ଫଳ ଭୋଗ କରିବାକୁ ହୁଏ, ତା'ର ପରିବେଶକୁବି ସେପରି ତା'ର ଫଳ ଭୋଗ କରିବାକୁ ହୁଏ । ଅନ୍ତର୍ଜଗତରେ ସେ ଏକ ଅଭିଶପ୍ତ ଜୀବନ ବହନ କରି ଚାଲେ । ଜୈବୀ-ସଂସ୍ଥିତିର ଗୋଳମାଳରେ ମଣିଷକୁ ଯେ କି କଷ୍ଟ ପାଇବାକୁ ହୁଏ ତା' ଭୁକ୍ତଭୋଗୀ ମାତ୍ରେହିଁ ବୁଝେ ।

*(ଆଲୋଚନା-ପ୍ରସଙ୍ଗ, ୧୯ଶଖଣ୍ଡ, ତା୩୧.୦୫.୧୯୬୦)*

## ନିଷ୍ଠା-ବିଧାୟନା — ଯାହାର ନିଷ୍ଠା ଭଙ୍ଗୁର ସେ ସତ୍‌ପନ୍ଥୀ ହୋଇପାରେନା

### ନିଷ୍ଠାବୈଭବ

ତୁମେ ଯେଉଁ ଅବସ୍ଥାରେହିଁ ଥାଅ ନା କାହିଁକି—
ତା' ସୁଖରେହିଁ ହେଉ ବା ଦୁଃଖରେହିଁ ହେଉ,
ସେସବୁ ହିସାବ-ନିକାଶରେ
ତୁମର କିଛି ହେବନି କିନ୍ତୁ;
ସବୁ ଦିଗ ଦେଇ
ସର୍ବତୋଭାବେ ଯେପରି
ଇଷ୍ଟନିଷ୍ଠାରେ ଅବାଧ ହୋଇ ଉଠିପାର,
ଉଦ୍ୟମ ଅନୁଚର୍ଯ୍ୟାରେ
ଖରସ୍ରୋତା ହୋଇ ଉଠିପାର,
ବୀର୍ଯ୍ୟବାନ ମେଧା ଓ ବୋଧନାର ସହିତ
ସବୁ ଯା' କିଛିକୁ
ସନ୍ଧିତ୍ସାପୂର୍ଣ୍ଣ ଅନୁଚଳନରେ
ପରିଚ୍ଛନ୍ନ ସମାବେଶରେ
ସନ୍ନିବିଷ୍ଟ କରି ତୋଳିପାର,
ସୁବ୍ୟବସ୍ଥ କରିତୋଳିପାର,
ତୁମେ ତୁମର ସମସ୍ତ ଜଗତଟି ସହ
ତାଙ୍କର ଭଜନଦୀପନାରେ
ସେବାନୁଚର୍ଯ୍ୟାରେ
ପ୍ରଚୁର ହୋଇଉଠି
ତତ୍‌ପର ତ୍ୱାରିତ୍ୟରେ
ସୁଯୁକ୍ତ ସମୀଚୀନ ଅନୁଚଳନରେ
ତାଙ୍କରହିଁ ପ୍ରତିଷ୍ଠା କରିପାର,
ଅକାଟ୍ୟ ସହଜ-ସନ୍ଦୀପନାରେ
ତା'ରହିଁ ସଙ୍କଳ୍ପ ନେଇ
ତୁମକୁ ସ୍ଫୀତ ହୋଇଉଠିବାକୁ ହେବ,
ଉଚ୍ଛଳ ଶୌର୍ଯ୍ୟବାନ ହୋଇଉଠିବାକୁ ହେବ,
ଅବାଧ ଉଦ୍ୟମୀ ହୋଇ ଉଠିବାକୁ ହେବ,
ଅନୁକମ୍ପାରେ ଉଚ୍ଛଳ ହୋଇ ଉଠିବାକୁ ହେବ,
ପ୍ରତିଭାରେ ପ୍ରଦୀପ୍ତ ହୋଇଉଠିବାକୁ ହେବ,
ପୁଣ୍ୟସ୍ନାତ ହୋଇଉଠିବାକୁ ହେବ,
ତୁମର ସେବା-ସୌକର୍ଯ୍ୟରେ
ତାଙ୍କୁ ସ୍ୱାସ୍ଥ୍ୟ-ସନ୍ଦୀପନାରେ ପ୍ରତିଷ୍ଠା କରି
ସାରାଦୁନିଆକୁ ପ୍ରବୁଦ୍ଧ ପରିସ୍ରବାରେ
ବ୍ୟଷ୍ଟି ଓ ସମଷ୍ଟିଗତ ହିସାବରେ
ବରେଣ୍ୟ କରି ତୋଳିବାକୁ ହେବ;
ଅନ୍ତରର ଏହି ଆକୁଳ ଆହ୍ୱାନରେ
ତୁମେ ଝାମ୍ପିପଡ଼ ତାଙ୍କଠାରେ,
ଆଙ୍କୁଡ଼ି ଧର ତାଙ୍କୁ—
ଅଚ୍ୟୁତ ଅନୁରାଗ ନେଇ,
କୃତି-ଅନୁଶୀଳନାର
ହୋମ-ତତ୍ପର ଉନ୍ମାଦନାରେ,
ଶୁଭ ନିଷ୍ପାଦନାରେ ଅଞ୍ଜଳିବଦ୍ଧ ହୋଇ;
ପରମ-ଦୈବତ
ସୁଦୀର୍ଘ ଦକ୍ଷତାରେ
ତୁମକୁ ଆପଣାର କରି ନେବେ । ୧୩୧ ।

### ଶ୍ରେୟନିଷ୍ଠାକୁ ଯଦି ତାଜା କରି ଧର

ଯଦି ପାର—
ଶ୍ରେୟନିଷ୍ଠାକୁ ସାଧି ନିଅ,
ତାଜା କରି ନିଅ,
ଆନୁଗତ୍ୟ ଓ କୃତିସମ୍ବେଗର ସହଯୋଗିତାରେ
ସେବାପଟୁ ଶ୍ରମପ୍ରିୟ ତାତ୍ପର୍ଯ୍ୟରେ;
ନିଷ୍ଠା ଯେତେହିଁ ତୁମର
ତାଜା ହୋଇଉଠିବ,
କୃତି-ପରିଚର୍ଯ୍ୟାର ଭିତର ଦେଇ
ଉଦ୍ଦୀପନୀ ନନ୍ଦନାରେ,—
ଅନ୍ତର-ରାଗବି
ସେହିଭଳିହିଁ ସଜାଗ ହୋଇଉଠିବ—
ଆନୁଗତ୍ୟ ଓ କୃତିର ଅଭିସାରେ
ଶ୍ରମପ୍ରିୟ ତତ୍‌ପରତାରେ,
ଦେଖ—
ସେତେବେଳେ ତୁମେ
ଯାହାହିଁ ଆୟତ୍ତ କରିବାକୁ ଯାଅ ନା କାହିଁକି,—
ତତ୍ପର ହୋଇଉଠିବ ସେଥିରେହିଁ,
ଆଜିହିଁ ହେଉ—

ଆଉ କାଲିହିଁ ହେଉ—
କୃତକାର୍ଯ୍ୟବି ହୋଇଉଠିବ ସେପରି,
ତୁମେ ଅବଶ, ଅବୋଧ,
ନିଥର ହୋଇ ରହିବନି,
ସୁସନ୍ଧିତ୍ସୁ, ସନ୍ଦୀପ୍ତ,
ସଜାଗ ହୋଇ ରହିବାହିଁ
ଭଲ ତୁମର
ଜୀବନୀୟ ଅନୁଚଳନରେ—
ଯା'ର ସାହାଯ୍ୟରେ
କୌଣସି କାର୍ଯ୍ୟ
ବା ଯେକୌଣସି ବିଷୟକୁ
ଅଧିଗତ କରିପାରିବ,
ଅବିଶ୍ରାନ୍ତ ସୁସନ୍ଧିତ୍ସୁ
ଅନୁଧାୟନୀ
କୃତି-ତତ୍‌ପରତାର ସାହାଯ୍ୟରେ
ବିକ୍ରମ, ପରାକ୍ରମ
ଓ ଅସତ୍-ନିରୋଧୀ ଉର୍ଜ୍ଜନା
ସ୍ୱତଃପ୍ରବୃତ୍ତ ସନ୍ଦୀପନାରେ
ସଜାଗ ହୋଇଉଠିବ,—
ଅସତ୍‌କୁ ନିରୋଧ କରିବାର
କୁଶଳକୌଶଳୀ ତାତ୍ପର୍ଯ୍ୟରେ,
ତୁମେ ଧୀର ହୋଇଉଠିବ,
ଧୃତିସୁନ୍ଦର ହୋଇଉଠିବ,
ଲୋକପୋଷଣୀ ପରିତୃପଣା ଜାଗି ଉଠିବ—
ପରିଚର୍ଯ୍ୟୀ ସ୍ୱସ୍ତିପ୍ରସନ୍ନ ହୋଇ,
ଲୋକେ
ଖିନ୍ନ ହୋଇ ଯାଆନ୍ତୁ
ଦୁର୍ବଳ ହୋଇ ଥାଆନ୍ତୁ,—
ମନ୍ଥର ଚଳନରେ ଚାଲନ୍ତୁ—
ଏଗୁଡ଼ିକୁ ସହିହିଁ ପାରିବନି ତୁମର ଅସ୍ତିତ୍ୱ,
କେବଳ ଶାସନରେ ନୁହେଁ,—
ପରିଚର୍ଯ୍ୟାରେ
ପରିସ୍ରବା ସହାନୁଭୂତିରେ
ଅନୁକମ୍ପୀ ତାତ୍ପର୍ଯ୍ୟରେ
ସେଗୁଡ଼ିକୁ ସୁନିୟନ୍ତ୍ରିତ କରି
ସେମାନଙ୍କୁ ଗରୀୟାନ କରି ତୋଳିବା ପାଇଁ
ଶ୍ରମଦୀପାଳୀ ଅନ୍ତରରେ
ତୁମେ ସଦାହିଁ ଜାଗ୍ରତ ରହିବ,
ଆଉ, କରିବବି ତୁମେ ସେପରି
ଚାଲିବବି ତୁମେ ସେପରି—
ଆଚାର-ବ୍ୟବହାର-ଚାଲିଚଳନରେ;
ସୁନ୍ଦର ହୋଇଉଠିବ,
ହୃଦ୍ୟ ହୋଇଉଠିବ ସମସ୍ତଙ୍କର,
ଅଜସ୍ର ଆଶିସ୍-ପ୍ରାର୍ଥନା
ତୁମକୁ
ହୃଦ୍ୟ ବିଭୂଷଣରେ
ବିଭାସିତ କରି ତୋଳିବ,
ବିପୁଳ ହୋଇଉଠିବ ତୁମେ
ସବୁ ଦିଗ ଦେଇ;
ତେଣୁ କହେ—
ଉଠ,
ଜାଗ,
ଏବେହିଁ ଠିଆହୁଅ,
ଏବେହିଁ କର । ୧୩୨ ।

## ଭଙ୍ଗୁର ନିଷ୍ଠା ଯା'ର ସେ ସତ୍‌ପନ୍ଥୀ ନୁହେଁ

ବୋଧବିନ୍ୟାସ-ବିଭାବିତ ଶ୍ରଦ୍ଧା ବା ନିଷ୍ଠା
ଯା' ସାତ୍ୱତ ଐତିହ୍ୟ-ଅନୁଗ ହୋଇ
କୃତି ଓ ଚର୍ଯ୍ୟା-ବିଜଡ଼ିତ ହୋଇ
ଚାଲିଥାଏ,
ତା' ଯଦି କା'ରବି
ନିନ୍ଦା, କୁତ୍ସା, ଅପବାଦ
ବା ଅପ୍ରତିଷ୍ଠାଜନକ କଥାରେ
ବା ଆଚରଣରେ
ଭାଙ୍ଗିଯାଏ,
ସେ ସେଇ ଭଙ୍ଗୁର ବୋଧ ଓ ବିବେକ ନେଇ
ସେ ଚାଲିଥାଏ—
ଠିକ୍ ଜାଣ—
ତା'ର ବ୍ୟକ୍ତିତ୍ୱ ବ୍ୟତିକ୍ରମଦୁଷ୍ଟ,
ଶ୍ରେୟ ଓ ସତ୍‌ପନ୍ଥୀ ସେ ନୁହେଁ;
ଯେଉଁଠାରେ ଯେପରି ପ୍ରୟୋଜନ
ସେପରି ବ୍ୟବସ୍ଥା କରି
ସତ୍-ସନ୍ଦୀପୀ କରି ତୋଳ' । ୪୮ ।
*(ନିଷ୍ଠା-ବିଧାୟନା)*

দিব্যলীলা

# ଅଦୃଶ୍ୟ ପ୍ରହାର !

● ଡ଼କ୍ଟର ନିରଞ୍ଜନ ମିଶ୍ର

'ଯଥାସମୟେ ଇଷ୍ଟନିର୍ଦ୍ଦେଶ'– ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ ପ୍ରତ୍ୟେକଙ୍କ ପାଇଁ ଏହା ଦୁର୍ଲଙ୍ଘ୍ୟ ଆଦେଶ । ଯଥା ସମୟରେ ଇଷ୍ଟଙ୍କ ନିର୍ଦ୍ଦେଶ ପାଳନ ନ କଲେ ଘୋର ବିପତ୍ତିରେ ପଡ଼ିବାକୁ ହୁଏ । କେହି କେହି ଭାବିଥା'ନ୍ତି, ଶ୍ରୀଶ୍ରୀଠାକୁରଙ୍କ ଚରଣରେ ଆଶ୍ରିତ ହୋଇଛି, ଯେତିକି ପାରୁଛି ସେତିକି କରୁଛି । ସେତିକିରେ ଠାକୁର ମତେ ରକ୍ଷା କରିବେ, ଉଦ୍ଧାର କରିବେ । ଯଥା ସମୟରେ ତାଙ୍କ ନିର୍ଦ୍ଦେଶ ପାଳନ କରିବାର ସେପରି କୌଣସି ଆବଶ୍ୟକତା ନାହିଁ । ଏହା କିନ୍ତୁ ଅମୂଳକ ଧାରଣା । ଶ୍ରୀଶ୍ରୀଠାକୁରଙ୍କର ନିର୍ଦ୍ଦେଶ ସମୟ ସମୟରେ ଆମର ଅନ୍ତରାତ୍ମାକୁ ପ୍ରେରିତ କରେ । ଅନ୍ତଃକରଣରେ ଝଙ୍କାର ସୃଷ୍ଟି କରେ । କିନ୍ତୁ ଆମେ ତା' ଧରି ପାରୁନା । ଧରିବାକୁ ଚେଷ୍ଟା ବି କରୁନା । ସତ୍‌ନାମ ମନନ ପରାୟଣ ହୋଇ ନିତ୍ୟ ଯଜନ-ଯାଜନ-ଇଷ୍ଟଭୃତି-ସ୍ୱସ୍ତ୍ୟୟନୀ-ସଦାଚାର ସମ୍ପନ୍ନ ହୋଇ ଚାଲିବା ଦ୍ୱାରା ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶ ଅବଶ୍ୟ ଆମ ମନାଭ୍ୟନ୍ତରେ ଆଲୋଡ଼ନ ସୃଷ୍ଟି କରିବ । ଆଉ ତାହା ଯେ ଇଷ୍ଟନିର୍ଦ୍ଦେଶ ବୁଝିବି ହେବ, ଧରିବି ହେବ ।

ନିମ୍ନବର୍ଣ୍ଣିତ ଘଟଣାଟି ଆମକୁ ସଚେତନ କରାଏ ଇଷ୍ଟନିର୍ଦ୍ଦେଶ ତତ୍‌କ୍ଷଣାତ୍ ପାଳନ ନକଲେ କିପରି ଦଣ୍ଡ ଭୋଗିବାକୁ ହୁଏ ।

ଫରିଦ୍‌ପୁର ଜିଲ୍ଲାର ଏକ ଗ୍ରାମ । ନାମ ପାଚବାର । ସେଠାରେ ବାସ କରନ୍ତି ଡ଼ାକ୍ତର ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର କର୍ମକାର ଏବଂ ତାଙ୍କ ସ୍ତ୍ରୀ ସରଯୂବାଳା । ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ କର୍ମକାର ଦମ୍ପତି ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରିତ ହୁଅନ୍ତି । ସତ୍‌ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଅପାର ଆନନ୍ଦ ଲାଭ କରନ୍ତି । ଶ୍ରୀଶ୍ରୀଠାକୁରଙ୍କ ଭକ୍ତ ଓ କର୍ମୀଙ୍କ ସଂସ୍ପର୍ଶରେ ଆସି ସେ ଦୀକ୍ଷା ନିଅନ୍ତି ସତ କିନ୍ତୁ ଆରାଧ୍ୟଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବାର ଲାଳସା ବଳବତୀ ହୁଅନ୍ତେ ସେମାନେ ସ୍ଥିର କରନ୍ତି ହିମାଇତପୁର ଆଶ୍ରମ ଯିବେ । ଦିନେ ଯାଇ ପହଞ୍ଚନ୍ତି ମଧ୍ୟ ।

କର୍ମକାର ଦମ୍ପତି ଆଶ୍ରମରେ ପହଞ୍ଚିଲେ । ଶ୍ରୀଶ୍ରୀଠାକୁରଙ୍କ ନୟନାଭିରାମ ରୂପ ଦର୍ଶନ କରି ଅପୂର୍ବ ଆନନ୍ଦରେ ଉଲ୍ଲସିତ ହୋଇଉଠିଲେ । ସେମାନଙ୍କୁ ଲାଗିଲା ଜନ୍ମଜନ୍ମାନ୍ତରର ଅତି ପରିଚିତ କାହାର ସଂସ୍ପର୍ଶରେ ସେମାନେ ଆସିଛନ୍ତି । ଯିଏ ସେମାନଙ୍କର ଆରାଧ୍ୟ, ଉପାସ୍ୟ, ଯାହାଙ୍କ ଶ୍ରୀଚରଣରେ ଲୋଟିପଡ଼ିଲେ ମଣିଷ ଧନ୍ୟ ହୋଇଯାଏ ତାଙ୍କର ଆତିଥେୟତା ଓ ଆଗନ୍ତୁକ ପ୍ରତି ସସ୍ନେହ ପରିଚର୍ଯ୍ୟା ନିଜ ଆଖିରେ ନ ଦେଖିଲେ କେବେ ବିଶ୍ୱାସ କରିହେବନି ।

ସେହିଦିନ ରାତିରେ ଏକ ଘଟଣା ଘଟେ । ଶ୍ରୀଶ୍ରୀଠାକୁର ହଠାତ୍ ଯାଇ ପଦ୍ମାର ଧାରରେ ନିର୍ମିତ ଗୋଟେ ଛୋଟ ତମ୍ବୁ ମଧ୍ୟରେ ଉପବେଶନ କଲେ । ଭଗବାନ ଯେଉଁଆଡ଼େ ଭକ୍ତବି ସେଇ ଆଡ଼େ । ତାଙ୍କୁ ଅନୁସରଣ କରି ଭକ୍ତ ଭାଇ ଓ ମା'ମାନେ ଯାଇ ତାଙ୍କୁ ଘେରି ସୃଷ୍ଟି କଲେ ଭକ୍ତ-ମଧୁ-ଚକ୍ର । ସେଥିରେ କର୍ମକାର ଦମ୍ପତି ମଧ୍ୟ ଯୋଗ ଦେଲେ । ଅନେକ କଥା, ଅନେକ ପ୍ରଶ୍ନ, ଅନେକ ଚର୍ଚ୍ଚା । ଶ୍ରୀଶ୍ରୀଠାକୁରଙ୍କ ସମ୍ମୁଖରେ ଉପବେଶନ କଲେ ତାଙ୍କ ଦୈବୀ ଶରୀରର ଆଭାରୁ ଦ୍ୟୁତି ନିର୍ଗତ ହୁଏ ଆଉ ସେଇ ଦ୍ୟୁତିରେ ଅଭିସ୍ନାତ ପ୍ରତ୍ୟେକେହିଁ ଜନ୍ମଜନ୍ମାନ୍ତରର ପାପତାପରୁ ମୁକ୍ତି ପାଇ ଯାଆନ୍ତି ! ସେ ଯେଉଁ ଆନନ୍ଦ ଅନୁଭୂତ ହୁଏ ତାହା ସାଧାରଣ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଯେପରି ବ୍ରହ୍ମାନନ୍ଦ ପ୍ରାପ୍ତି । ସମସ୍ତେ ଅପଲକ ନେତ୍ରରେ ପ୍ରିୟପରମଙ୍କୁ ଚାହିଁ ରହିଛନ୍ତି । ଥରେ ବି ପଲକପାତ କରିବା ପାଇଁ କାହାର ଇଚ୍ଛା ନାହିଁ । ଆଖି ପିଛୁଳାଏବି ତାଙ୍କ ଦର୍ଶନରୁ ନିଜକୁ ବଞ୍ଚିତ କରିବାର ଦୁର୍ଭାଗ୍ୟ ଲାଭ କରିବାକୁ କେହି ଚାହୁଁ ନାହାଁନ୍ତି । ଏହିପରି ଏକ ମଧୁମୟ ପରିବେଶରେ ହଠାତ୍ ଠାକୁର ଆଦେଶ ଦେଲେ– ଏଠାରେ ଯେଉଁମାନେ ଅଛ, ତୁରନ୍ତ ସ୍ଥାନ ଛାଡ଼ି ଚାଲିଯାଅ ।

ଶ୍ରୀଶ୍ରୀଠାକୁର ପରମପ୍ରେମମୟ । ପ୍ରେମର ଅନନ୍ତ ଅସୀମ ମହାସାଗର ସେ । କେବେ କାହାକୁ ତାଙ୍କ ପାଖରୁ ଚାଲିଯାଅ ଏପରି କହିବାର କେହି ଦେଖିନାହିଁ କି ଶୁଣିନାହିଁ । ଉପସ୍ଥିତ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଠାକୁର ଏପରି କହିଲେ କାହିଁକି ? ଶିଷ୍ୟ କଲା ଗୁରୁଙ୍କ ଆଦେଶ ପାଳନ । ଭକ୍ତ ଭାବିଲା ଭଗବାନଙ୍କର କିଛି ଲୀଳା ସଂରଚିତ ହେବାକୁ ଯାଉଛି । ଅଳ୍ପ ଭକ୍ତ କିଛିଟା ସନ୍ଦେହ ପୋଷଣ କରୁଥିବା ଉପସ୍ଥିତମାନେ ଦୋଦୋପାଞ୍ଚ ହୋଇ ଉଠି ଚାଲିଯିବାକୁ ବାଧ୍ୟ ହେଲେ । ସମସ୍ତେ ଯାଉଛନ୍ତି ଆମେ ନ ଗଲେ ଭଲ ହେବନି, ଏଣୁ ଉଠିଗଲେ ।

ସମସ୍ତେ ଉଠିଗଲେଣି । ମାତ୍ର ଜଣେ ବୃଦ୍ଧା ଗୋଟେ କୋଣରେ ସେମିତି ବସି ରହିଛନ୍ତି । କିଏ ହୁଏତ ତାଙ୍କୁ କହିଲା, ଉଠି ଆସ । ସେ ସେଥିରେ ସନ୍ତୁଷ୍ଟ ହେଲେ ନାହିଁ । କିଛିଟା ବିରକ୍ତି ପ୍ରକାଶ କରି ଉଠିବାରେ କିଛି ସମୟ ବିଳମ୍ବ କଲେ । ଏଇ ଯେ ଉଠିବାକୁ ବିଳମ୍ବ କଲେ ସେଇ ସମୟ ମଧ୍ୟରେ ତାଙ୍କ ପିଠିରେ

ଗୋଟେ ବିଧା ବସିଗଲା । ମୁଷ୍ଟି ପ୍ରହାରର ଆଘାତରେ ସେ ଓହୋଃ, ଆହାଃ କରି ଉଠିଲେ । ତେବେ ଚାଲିଗଲେ ।

ତାଙ୍କ ନିକଟରେ ବସିଥିଲେ ପାଚବାର ଗ୍ରାମରୁ ଆଗତା ଶ୍ରୀମତୀ ସରଯୂବାଳା ଦେବୀ । ବୃଦ୍ଧା ଭାବିଲେ, ଏହି ସରଯୂବାଳା ହିଁ ତାଙ୍କୁ ବିଧା ମାରିଛି । ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଯାଇ ସେ ଅଭିଯୋଗ କଲେ । ଏ ମତେ ବିଧା ମାରିଛି । ବୃଦ୍ଧାଙ୍କର ଅଭିଯୋଗକୁ ଗ୍ରହଣ ନକରି ଶ୍ରୀଶ୍ରୀଠାକୁର– ଶୀଘ୍ର ଏଠାରୁ ପଳାଅ ବୋଲି ପୁନର୍ବାର ଆଦେଶ କଲେ । ବୃଦ୍ଧା ଜଣକ ଏଥିରେ ସନ୍ତୁଷ୍ଟ ହୋଇ ପାରିଲେନି । ଯୁକ୍ତି କରି ସାବ୍ୟସ୍ତ କରିବାକୁ ଚାହୁଁଥିଲେ । ହୁଏତ କେହି ପାର୍ଷଦ ତାଙ୍କୁ ଏକ ପ୍ରକାର ଟାଣି ସେଠାରୁ ନେଇଗଲେ । ଶ୍ରୀଶ୍ରୀଠାକୁର ଆଦେଶ କରୁଛନ୍ତି ମାନେ ତତ୍‌କ୍ଷଣାତ୍ ତାହା କାର୍ଯ୍ୟକାରୀ ହେବା ଉଚିତ୍ । କାହିଁକି ଠାକୁର ଏପରି କରୁଛନ୍ତି ତାହାର ରହସ୍ୟ ଭେଦ କରିବାର ସମୟ ଏଇଟା ନୁହେଁ । କିନ୍ତୁ ଆଦେଶ ମାତ୍ରେ ଶିରୋଧାର୍ଯ୍ୟ କରି ପାଳନ କରିଯିବା ହେଉଛି ଶିଷ୍ୟ-ଭକ୍ତ-ଅନୁପନ୍ଥୀର କର୍ତ୍ତବ୍ୟ ।

କିଛିସମୟ ପରେ ଠାକୁର ପୁନର୍ବାର ସମସ୍ତଙ୍କୁ ତାଙ୍କ ନିକଟକୁ ଆସିବାକୁ ଇଙ୍ଗିତ କଲେ । ସମସ୍ତେ ଆସି ଚଟାପଟ୍ ବସି ପଡ଼ିଲେ । କିନ୍ତୁ ସେଇ ବୃଦ୍ଧାଜଣକ ତାଙ୍କ ଅଭିଯୋଗରେ ଅଡ଼ି ବସିଛନ୍ତି । ଏହି ସରଯୂବାଳାହିଁ ମତେ ବିଧା ମାରିଛି । ପୁନର୍ବାର ସେଇ ଅଭିଯୋଗ ।

ଶ୍ରୀଶ୍ରୀଠାକୁର ଏଥର ବୃଦ୍ଧା ଆଡ଼େ ଚାହିଁ ଅଭିଯୋଗର ଉତ୍ତର ଦେବାକୁ ଯାଇ କହିଲେ– ସରଯୂ ତୁମକୁ ପ୍ରହାର କରି ନାହିଁ । ଏଥିରେ ବୃଦ୍ଧା ଜଣକ ଅସନ୍ତୁଷ୍ଟ ହୋଇ କହିଲେ– ସେ ତ ବସିଥିଲା ମୋ ପାଖରେ । ଆଉ କିଏ ମାରିଲା ମତେ ? ସେ ହିଁ ମାରିଛି । ଆପଣ ତା'କୁ ନ ପଚାରି ମତେ କହୁଛନ୍ତି ଯେ ସେ ମାରିନାହିଁ । ମୁଖରେ ତାଙ୍କର ବିରକ୍ତିମିଶା ଅଭିବ୍ୟଞ୍ଜନା । ଭକ୍ତ ଓ ପାର୍ଷଦମାନେ ଭାବୁଛନ୍ତି, ଠାକୁରଙ୍କୁ ଏପରିଭାବେ କହିବା ଏଇ ବୃଦ୍ଧା ମା'ଙ୍କର ଠିକ୍ ହେଉ ନାହିଁ । କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ସାମ୍ନାରେ ତାଙ୍କ ଭକ୍ତଙ୍କୁ ତାଗିଦ୍ କରିବାର ସାହସ କେହି କେବେ ଜୁଟାଇ ପାରି ନାହାଁନ୍ତି ।

ଏଥର ଘଟଣାଟିର ରହସ୍ୟ ଉନ୍ମୋଚିତ ହେଲା । ଶ୍ରୀଶ୍ରୀଠାକୁର ସ୍ୱମୁଖରେ କହିଲେ– 'ସରଯୂ ତୁମକୁ ପ୍ରହାର କରି ନାହିଁ । ମୁଁ ସମସ୍ତଙ୍କୁ ଉଠି ଯିବାକୁ କହିଥିଲି । ତୁମେ ଉଠିବାକୁ ଡ଼େରି କଲ କାହିଁକି ? ମୋ କଥା ନ ଶୁଣିବାରୁ ଏହି ପ୍ରହାର ଖାଇଛ' ।

ଘଟଣାଟିର ରହସ୍ୟ ଉନ୍ମୋଚିତ ହେବ କ'ଣ ଆହୁରି ଅଧିକ ରହସ୍ୟମୟ ହୋଇଉଠିଲା । ଯଦି ପାର୍ଶ୍ୱେ ଉପବିଷ୍ଟା ସରଯୂବାଳା ପ୍ରହାର କରି ନାହାଁନ୍ତି ତେବେ ପ୍ରହାର କଲା କିଏ ? ସମସ୍ତଙ୍କ ମନରେ ପ୍ରଶ୍ନବାଚୀ । ଅଭିଯୋଗକାରିଣୀ ବୃଦ୍ଧା ମଧ୍ୟ ପଚାରିଲେ– ତା'ହେଲେ କିଏ ପ୍ରହାର କରିଛି ?

ସେତେବେଳେ ଶ୍ରୀଶ୍ରୀଠାକୁର କହିଲେ– ପ୍ରହାର କରିଛି ନଫର ।

ସମସ୍ତେ ଆଶ୍ଚର୍ଯ୍ୟ । ଶ୍ରୀଶ୍ରୀଠାକୁରଙ୍କ ଅନ୍ୟତମ ସେବକ ନଫର ଚନ୍ଦ୍ର ଘୋଷ ସ୍ୱଦେହରେ ଆଉ ନାହାଁନ୍ତି । ତାଙ୍କର ଦେହରକ୍ଷା କରିବାର ଅନେକ ଦିନ ହୋଇଗଲାଣି । ସେ ପୁଣି ମାରିଲେ କିପରି ?

ସମସ୍ତଙ୍କ ମନରେ ପ୍ରଶ୍ନ ଓ କୁତୁହଳର ଗଭୀରତା ।

ଏଥର ଶ୍ରୀଶ୍ରୀଠାକୁର ରହସ୍ୟର ସଂପୂର୍ଣ୍ଣ ଉନ୍ମୋଚନ କଲେ । ନଫର ମୋ ପାଖକୁ ଆସିବା ପାଇଁ ବାହାରେ ଅପେକ୍ଷା କରିଥିଲା । ତୁମେମାନେ ସବୁ ଥିଲ ଏଣୁ ଆସି ପାରୁ ନଥିଲା । ବାହାରେ ଛିଡ଼ା ହୋଇ ହାତଯୋଡ଼ି ନିବେଦନ କଲା । ତା'ର କାକୁତିମିନତି ଦେଖି ତୁମମାନଙ୍କୁ ଏଠାରୁ ଚାଲି ଯିବା ପାଇଁ କହିଲି । ତୁମେମାନେ ଏଠାରେ ବସି ରହିଲେ ସେ ଆସି ପାରିବ ନାହିଁ । ଏଣୁ ଯିବାକୁ କହିଥିଲି । ସମସ୍ତେ ଉଠି ଚାଲିଗଲେ ତତ୍‌କ୍ଷଣାତ୍ । ତୁମେ ଉଠିବାକୁ ଡ଼େରି କଲ । ଏଥିରେ ଭୀଷଣ ବିରକ୍ତ ହେଲା ନଫର । ଏଣୁ ଭିତରକୁ ପଶି ଆସି ତୁମ ପିଠିରେ ବିଧାଟିଏ ବସେଇ ଦେଲା । ଏଣୁ ନଫରହିଁ ତୁମକୁ ମାରିଛି ସରଯୂବାଳା ନୁହେଁ । ଅଯଥା ତାହା ପ୍ରତି ଦୋଷାରୋପ କରନା ।

ଶ୍ରୀଶ୍ରୀଠାକୁରଙ୍କ ରହସ୍ୟ ଉନ୍ମୋଚନୀ ଘଟଣାର ବର୍ଣ୍ଣନାରେ ଉପସ୍ଥିତ ସମସ୍ତେ ହୋଇଗଲେ ଅବାକ୍ । ସେ ବୃଦ୍ଧାଜଣକ ମଧ୍ୟ । ଏମିତି ବି ହୁଏ ! ମଣିଷ ମୃତ୍ୟୁ ପରେ ବି ସୂକ୍ଷ୍ମଦେହରେ ଜୀବିତ ଥାଏ ଆଉ ଶ୍ରୀଶ୍ରୀଠାକୁରଙ୍କ ଭକ୍ତମାନଙ୍କର ସୌଭାଗ୍ୟ ଯେ ସେମାନେ ଦେହରକ୍ଷା ପରେ ବି ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ ପାଇଁ ଆସି ପାରନ୍ତି । ତାଙ୍କୁ ଦର୍ଶନ ଦିଅନ୍ତି ମଧ୍ୟ ଠାକୁର । କିନ୍ତୁ ତାହା ସମସ୍ତଙ୍କର ଅଗୋଚରରେ ଘଟିଥାଏ । ମଣିଷ ତା'ର ଚର୍ମଚକ୍ଷୁରେ ଏସବୁ ଦେଖି ପାରେନା । ଏହା ଆତିଦୈହିକ ବ୍ୟାପାର ।

ଉପରୋକ୍ତ ଘଟଣାଟି ସାଧାରଣ ପରି ପ୍ରୀତତ ହୋଇପାରେ କିନ୍ତୁ ତା'ର ଅନ୍ତରାଳରେ ଯେଉଁ ଗୁଢ଼ ରହସ୍ୟ ଲୁକ୍‌କାୟିତ ହୋଇ ରହିଛି ତାହାର ଅନୁଶୀଳନ ଏକାନ୍ତ ଆବଶ୍ୟକ ।

ଶ୍ରୀଶ୍ରୀଠାକୁର ଆମର ପ୍ରଥମତଃ ଇଷ୍ଟ-ଗୁରୁ । ଗୁରୁଙ୍କର ଆଦେଶ ଶିଷ୍ୟ ପାଇଁ ସର୍ବଦା ଶିରୋଧାର୍ଯ୍ୟ । ବିନା ଆପତ୍ତିରେ, ବିନା ପ୍ରଶ୍ନରେ ତତକ୍ଷଣାତ୍ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଶିଷ୍ୟ ତତ୍ପର ହୋଇ ଉଠିବା ଉଚିତ୍ । ସେଥିରେ ଖିଲାପ କଲେ ଦଣ୍ଡିତ ହେବାକୁ ପଡ଼େ ।

ସେହି ବୃଦ୍ଧା ମା' ଜଣକ ଶ୍ରୀଶ୍ରୀଠାକୁରଙ୍କ ଆଦେଶକୁ ଏତେଟା ଗଭୀରତାର ସହିତ ଗ୍ରହଣ କଲେ ନାହିଁ । ହଉ କହୁଛନ୍ତି, ଯିବା ତ, ଉଠିବା ତ– ଏପରି ଏକ ହାଲ୍‌କା ଭାବ ପୋଷଣ କରିବାରୁ ଉଠିବାକୁ ବିଳମ୍ବ କଲେ । ସମସ୍ତେ ଉଠିଗଲା ପରେ ବି

ସେ ନିଜେ ନ ଉଠିବା ଅସୌଜନ୍ୟ ବ୍ୟବହାରର ଲକ୍ଷଣ । କିନ୍ତୁ ଏଠାରେ ପ୍ରଶ୍ନ ଆସିପାରେ, ନଫର ଘୋଷଙ୍କ ଆତ୍ମା ସେ ବୃଦ୍ଧାଜଣଙ୍କୁ ମୁଷ୍ଟି ପ୍ରହାର କଲା କାହିଁକି ?

ଶ୍ରୀଶ୍ରୀଠାକୁରଙ୍କ ଏକାନ୍ତ ଭକ୍ତ ଓ ସେବକ ଥିଲେ ଶ୍ରୀନଫର ଚନ୍ଦ୍ର ଘୋଷ । ଠାକୁରଙ୍କ ପ୍ରତି ତାଙ୍କର ଅତୁଟ ଶ୍ରଦ୍ଧା, ଅକାଟ୍ୟ ଭକ୍ତି ଥିଲା ଅନନ୍ୟ । ଠାକୁରଙ୍କ ଆଦେଶକୁ କଣ୍ଟାଏ କଣ୍ଟାଏ ପାଳନ କରିବାର ବ୍ରତରେ ସେ ବ୍ରତୀ ହୋଇଥିଲେ । ସେ କିପରି ବା ସହ୍ୟ କରିଥା'ନ୍ତେ ଶ୍ରୀଶ୍ରୀଠାକୁରଙ୍କ ଆଦେଶକୁ ପାଳନ କରିବାରେ ହାଲ୍କା ଓ ବିଳମ୍ବ ଭାବକୁ ! ଏଣୁ ବିରକ୍ତ ହୋଇ ସେ ଦେଲେ ବସେଇ ବିଧାଟିଏ ।

ଏ ମାଡ଼ ମାରିଲା କିଏ ? ଜଣେ ଅଶରୀରୀ ଆତ୍ମା ! ଶରୀର ନାହିଁ ମାନେ ସେ ଭୂତପ୍ରେତର ଅବସ୍ଥାରେ ଅବସ୍ଥାପିତ । ଇଷ୍ଟଙ୍କ ଆଦେଶକୁ ତତ୍‌କ୍ଷଣାତ୍ ପାଳନ ନ କଲେ ପ୍ରକୃତି ତ ଦଣ୍ଡ ଦିଏହିଁ ପୁରୁଷୋତ୍ତମଙ୍କ ଅନେକ ଭକ୍ତ ମଧ୍ୟ ଅଶରୀରୀ ହୋଇ ବି ଘୁରି ବୁଲୁଛନ୍ତି ସର୍ବତ୍ର, ସେମାନେ ଏହା ସହ୍ୟ କରିବେନି । ଅବଶ୍ୟ ଦଣ୍ଡ ଦେବେ । ପ୍ରକାରାନ୍ତରେ କୁହାଯାଇପାରେ, ଇଷ୍ଟଦେବଙ୍କ ଆଦେଶକୁ ପାଳନ ନ କଲେ ଦଣ୍ଡ ମିଳିବା ସୁନିଶ୍ଚିତ । ଆମର ଇଷ୍ଟଦେବ ପରମପ୍ରେମମୟ । ତାଙ୍କ ଆଦେଶକୁ କିଏ ପାଳନ କଲା କିଏ ନ କଲା ସେଥିରେ ତାଙ୍କର ଯାଏ ଆସେ ନାହିଁ । ସେ ଅସନ୍ତୋଷ ବି ପ୍ରକାଶ କରନ୍ତିନି । କିନ୍ତୁ ତାଙ୍କ ଆଦେଶକୁ ପାଳନ ନ କଲେ ବା କରିବାରେ ଢ଼ିଲା ମାରିଲେ ଭୂତବି ଆସି ଦଣ୍ଡିତ କରିଯିବ— ଏହା ଉପରୋକ୍ତ ଘଟଣାରୁ ପ୍ରମାଣିତ ହେଉଛି ।

ଏବେବି ଆଉ କେବେବି ଶ୍ରୀଶ୍ରୀଠାକୁରଙ୍କ ଯଥାସମୟେ ନିର୍ଦ୍ଦେଶକୁ ଆମକୁ ତଥାସମୟରେହିଁ ତତ୍‌କ୍ଷଣାତ୍ ପାଳନ କରିବାକୁ ହେବ । ନହେଲେ ଅଦୃଶ୍ୟ ଦଣ୍ଡର ପ୍ରହାର ଖାଇବାକୁ ପଡ଼ିବ । ଭୂତର ଚାବୁକ ପାହାରରେ ସାବାଡ଼ ହେବାକୁ ହେବ । ଏଣୁ ସାଧୁ ସାବଧାନ ।

ଯେତେବେଳେ ଆମେ ଠାକୁରଙ୍କ ନୀତିନିୟମର ଅପଳାପ କରି ନିଜର ଖିଆଲଖୁସି ଅନୁଯାୟୀ କାମ କରିଥାଉ ବା ବେଭୁଲ ପଥରେ ଚାଲିବାକୁ ଚେଷ୍ଟା କରିଥାଉ ସେତେବେଳେ ଏହିପରି ଅଦୃଶ୍ୟ ପ୍ରହାର ଖାଇବାକୁ ମିଳିଥାଏ । ଶ୍ରୀଶ୍ରୀଠାକୁର ଚିର ଜାଗ୍ରତ, ସଦା ଚକ୍ଷୁସ୍ମାନ ଓ କାଳାତୀତ ଭାବେ ସର୍ବତ୍ର ବିରାଜମାନ । ତାଙ୍କୁ ଏଡ଼ାଇ ଆମେ କିଛିବି କରିପାରିବା ନାହିଁ । କଲେ ତତ୍‌କ୍ଷଣାତ୍ ଫଳ ମିଳିଯିବ ।

ଆମେ କେହି କେହି ଭାବୁଛୁ ସବୁଦିନ ତ କରୁଛୁ, ଦିନେଅଧେ ଯଦି ଟିକେ ଗୁରୁତ୍ୱ ନ ଦେଲୁ, ହାଲ୍‌କାରେ ନେଇଗଲୁ ଠାକୁରଙ୍କ ନୀତିନିୟମ ପାଳନ କରିବାରେ ସେଥିରେ କୋଉ ପ୍ରଣବ ଅଶୁଦ୍ଧି ହୋଇଗଲା ? ପ୍ରଣବ ଅଶୁଦ୍ଧ ହେଉ କି ନ ହେଉ ଅଦୃଶ୍ୟ ଦଣ୍ଡର ପ୍ରହାର, ମୁଷ୍ଟି ପ୍ରହାର କେତେ ଯେ ମିଳିବ ତାହାର କୌଣସି ହିସାବ ନାହିଁ । ନଫରଭାଇଙ୍କ ପରି ଶ୍ରୀଶ୍ରୀଠାକୁରଙ୍କ ଦେବଦୂତମାନେ ସର୍ବତ୍ର ବିଚରଣଶୀଳ । ଯେଉଁଠି ଭୁଲ୍ ଦେଖିବେ ସେଇଠି ଦଣ୍ଡିତ କରିବାକୁ ଆଗେଇ ଆସିବେ । ଏଣୁ ଆମେ ପ୍ରତିପ୍ରତ୍ୟେକେ ଶ୍ରୀଶ୍ରୀଠାକୁରଙ୍କ ଆଦେଶ-ନିର୍ଦ୍ଦେଶକୁ କଣ୍ଟାଏ କଣ୍ଟାଏ ପାଳନ କରିବା ସହିତ ଯଥାସମୟରେ ତାହା କାର୍ଯ୍ୟକାରୀ କରିବା ପ୍ରତି ନିଷ୍ଠାବାନ୍ ହେବା ଉଚିତ୍ । ଏହାହିଁ ଆମକୁ ସଫଳତାର ଦିଗରେ ଆଗେଇ ନେବ । ଆଉ ଶ୍ରୀଶ୍ରୀଠାକୁରଙ୍କ ନୀତି, ଭାବାଦର୍ଶକୁ ନିଜ ଜୀବନରେ ଚରିତ୍ରାୟିତ କରିବା ଦ୍ୱାରା ଆମର ବ୍ୟକ୍ତିତ୍ୱ ଦୃଢ଼ ରହିବ ଓ ଜୀବନ କୁସୁମିତ ହୋଇ ଚାଲିବ ।

*ବନ୍ଦେ ପୁରୁଷୋତ୍ତମମ୍*


**ବୈବାହିକୀ ସ୍ତମ୍ଭରେ ବିବାହଯୋଗ୍ୟ ପୁତ୍ର ବା କନ୍ୟାର ବିବରଣୀ ଦେବାକୁ ହେଲେ ନିମ୍ନୋକ୍ତ ତଥ୍ୟଗୁଡ଼ିକୁ ଅବଶ୍ୟ ପ୍ରଦାନ କରିବେ ।**

**୧- ବର୍ଣ୍ଣ, ୨- ଜାତି (ଉପବର୍ଣ୍ଣ), ୩- ଗୋତ୍ର, ୪- ବୟସ, ୫- ଉଚ୍ଚତା, ୬- ଦେହର ରଙ୍ଗ, ୭- ଶିକ୍ଷାଗତ ଯୋଗ୍ୟତା, ୮- ବୃତ୍ତି/ଜୀବିକା ସମ୍ବନ୍ଧରେ ସ୍ପଷ୍ଟ ଏବଂ ବିଶଦ ବିବରଣୀ, ୯- ସମ୍ପୂର୍ଣ୍ଣ ଡ଼ାକ ଠିକଣା, ୧୦- ଫୋନ୍ ନମ୍ବର ।**

**ଉର୍ଜ୍ଜନା କାର୍ଯ୍ୟାଳୟରେ ଏଥିପାଇଁ ଫର୍ମ ଉପଲବ୍ଧ । କେବଳ ସତ୍‌ସଙ୍ଗୀ ପାତ୍ର/ପାତ୍ରୀଙ୍କ ତଥ୍ୟ ଗ୍ରହଣୀୟ । ସମସ୍ତ ବିବରଣୀ ସହିତ ଦେୟ ୫୦ଟଙ୍କା ଦେଇ *'ମ୍ୟାନେଜର, ଉର୍ଜ୍ଜନା, ସତ୍‌ସଙ୍ଗ, ଦେଓଘର'* ଠିକଣାରେ ଯୋଗାଯୋଗ କରନ୍ତୁ ।**

*ଦିବ୍ୟ ଅନୁଭୂତି*

# ମହାଜୀବନ

● ଶ୍ରୀଚୂନୀଲାଲ ରାୟଚୌଧୁରୀ (ସାବର୍ଣ୍ଣ)

ବିସ୍ମୃତିର ଅତଳଗର୍ଭରେ ହଜିଯାଇଛି ପଶ୍ଚାତର କେତେ କାହାଣୀ, ଅଜ୍ଞାନତାର ଅନ୍ଧକାରରେ ବିଲୀନ ହୋଇ ଅଛି ଅନାଗତ ଭବିଷ୍ୟତ । କେବଳ ଏ ଦୁଇଟିର ଅନ୍ତର୍ବର୍ତ୍ତୀନ କାଳଟିକକ ଘେରି ମଣିଷର କେତେ ହସ, କେତେ କାନ୍ଦ, କେତେ ଉତ୍ଥାନ-ପତନର ଇତିହାସ, କେତେ ଉଲ୍ଲାସ ଆଉ ବିକ୍ଷୋଭ । ଏଇ ତ ଜୀବନ, ସାଧାରଣ ଜୀବନ, ମଣିଷର ଜୀବନ । କୋଉଠୁ ଆରମ୍ଭ ଆଉ କୋଉଠି ହେବ ଶେଷ କିଛି ଜଣା ନାହିଁ, କେବଳ ଖଣ୍ଡିତ ଭଗ୍ନାଂଶ ନେଇ ତା'ର କାରବାର । ଜୀବନ ନାଟକର ମଧ୍ୟାଙ୍କରେ ଆରମ୍ଭ ଏବଂ ସେଇଠାରେହିଁ ପରିସମାପ୍ତି ।

କିନ୍ତୁ ମହାଜୀବନ ?

ଅବିଚ୍ଛିନ୍ନ ସ୍ମୃତିବାହୀଚେତନା ନେଇ ସେ ଜୀବନ ଛୁଟି ଚାଲିଛି ମହାପରିଣତି ଦିଗରେ । ସ୍ମୃତିର ମଣିକୋଠାରେ ସ୍ତରେ ସ୍ତରେ ବିନ୍ୟସ୍ତ ହୋଇ ଅଛି ତାଙ୍କର ଜନ୍ମଜନ୍ମାନ୍ତରର କେତେ ବିଚିତ୍ର କାହାଣୀ । ଏକହିଁ ଜୀବନର ଯେପରି କ୍ରମାଗତି— ରୂପରୁ ରୂପାନ୍ତର, ଆହୁରିରୁ ଆହୁରିତର, ପୂର୍ଣ୍ଣରୁ ପୂର୍ଣ୍ଣତମର ଅଭିବ୍ୟକ୍ତି । ମହାକାଳ ନୀରବ ସାକ୍ଷୀ ଭଳି ଠିଆ ହୋଇଛି ଏହି ଅବିଚ୍ଛିନ୍ନ ଜୀବନ ଧାରାରେ । ଏ ଜୀବନର ଧାରା ସ୍ୱତନ୍ତ୍ର, ଅନନ୍ୟସାଧାରଣ, ଦ୍ୱିଧାହୀନ, ଦ୍ୱନ୍ଦ୍ୱହୀନ, ସଂଶୟହୀନ, ସୁମିମାଂସିତ, ଏ ଜୀବନ ଆଦର୍ଶ ଜୀବନ ।

କୋଉଠି ବେଥେଲହେମ, କୋଉଠି ବା ମକ୍କା, କୋଉଠି ଅଯୋଧ୍ୟା ଆଉ ମଥୁରା, କପିଳବାସ୍ତୁ ଆଉ ନଦୀୟା, କାମାରପୁକୁର ଆଉ ହିମାଇତପୁର ! କିନ୍ତୁ ଏହାରିହିଁ ବୁକୁ ଚିରି ଚିରି ଅଭ୍ୟୁତ୍ଥାନ ଘଟିଛି ଯେଉଁ ସବୁ ମହାମାନବଙ୍କର ସେମାନଙ୍କର ଜୀବନ ଇତିହାସ ମଧ୍ୟରେ ଅଛି ଏକ ବିସ୍ମୟକର ସଙ୍ଗତି, ଜୀବନ ଦର୍ଶନ ମଧ୍ୟରେ ଏକ ନିବିଡ଼ ଐକ୍ୟ । ସବୁ ଜୀବନ ଯେପରି ଏକହିଁ ଜୀବନର କ୍ରମାଗତି, ଆକାଶର ବୁକୁରେ ଜାଗି ଉଠିଥିବା ଚାନ୍ଦ ଭଳି, ପ୍ରତିପଦରୁ ପୂର୍ଣ୍ଣିମାରେ ପରିକ୍ରମା, ଏକହିଁ ଚାନ୍ଦର ବିଭିନ୍ନ ପ୍ରତିଫଳନ ପ୍ରତି କଳାରେ ।

ଇତିହାସର କେତେବେଳେବି ପୁଣି ଘଟେ ପୁନରାବୃତ୍ତି । ସମୟ ଏବଂ ସୀମାର ବ୍ୟବଧାନ ଯଦିଓ ଦୁସ୍ତର, ପରିବେଶ ଏବଂ ପରିସ୍ଥିତିର ବୈଚିତ୍ର୍ୟ ଯଦିଓ ପ୍ରଚୁର ତେବେ ଏକହିଁ ଧାରା ପରିସ୍ଫୁଟ ହୋଇ ଉଠେ କାଳରୁ କାଳାନ୍ତରରେ ।

ପାଞ୍ଚ ହଜାର ବର୍ଷ ଆଗର ଇତିହାସ । କୁରୁ-ପାଣ୍ଡବଙ୍କ ବିରୋଧ ସେତେବେଳେ ଚରମ ପର୍ଯ୍ୟାୟରେ ପହଞ୍ଚି ଯାଇଛି, ମହାସଂଗ୍ରାମ ଅତ୍ୟାସନ୍ନ, ଉଭୟ ପକ୍ଷର ଯୋଦ୍ଧୃବର୍ଗ ଅଧୀର ଆଗ୍ରହରେ ଅପେକ୍ଷମାଣ ସେତେବେଳେ ସେଇ ପ୍ରତିଦ୍ୱନ୍ଦ୍ୱିତାର ପ୍ରବଳ ଉତ୍ତେଜନାର ମୁହୂର୍ତ୍ତରେ, ସେଇ ଉଦ୍ୟତ ବିପଦର ମୁଖରେ ଛୁଟି ଗଲେ ମାନବ-ଦରଦୀ ଭଗବାନ ଶ୍ରୀକୃଷ୍ଣ, ଶାନ୍ତିର ଦୂତରୂପେ କୌରବ ସଭାରେ, ଜୀବନର ଶେଷ ଚେଷ୍ଟା, ତାଙ୍କର ଅନ୍ତିମ ପ୍ରୟାସ,— ଯଦି କୌଣସି ପ୍ରକାରେ ରୋଧ କରି ପାରନ୍ତି ଏହି ରକ୍ତ-କ୍ଷୟୀ ସଂଗ୍ରାମ ।

ନିଷ୍ଫଳ ହେଲା ତାଙ୍କର ଶାନ୍ତିର ପ୍ରସ୍ତାବ, ବ୍ୟର୍ଥ ହେଲା ତାଙ୍କର ସମସ୍ତ ଶୁଭ ସଂକଳ୍ପ । କିନ୍ତୁ ସେଇଠାରେହିଁ କ'ଣ ହେଲା ଶେଷ ? ନା । ଦେଖା ଦେଲା ଏକ ଭୀଷଣ କୁଟିଳ ଚକ୍ରାନ୍ତ, ଶାଠ୍ୟର ଷଡ଼ଯନ୍ତ୍ର । ଶାନ୍ତିର ପ୍ରସ୍ତାବ ପ୍ରତ୍ୟାଖ୍ୟାନ ସଙ୍ଗେ ସଙ୍ଗେ ରାଜ ଆଦେଶ ପ୍ରଚାରିତ ହେଲା, ଶାନ୍ତିର ଦୂତରୂପେ ଯିଏ ଉପସ୍ଥିତ, ତାଙ୍କୁ ବନ୍ଦୀ କରି ରଖା ହେବ କୌରବ ସଭାରେ, ତାଙ୍କୁ ଆଉ ଫେରି ଯିବାକୁ ହେବନି ପାଣ୍ଡବ ଶିବିରକୁ । ଯୁଦ୍ଧର ପ୍ରାଗ୍‌ମୁହୂର୍ତ୍ତରେ ଶ୍ରୀକୃଷ୍ଣ ହେବେ ବନ୍ଦୀ, କି ଭୟାନକ କଥା !

ଜୀବନର ସେ ଏକ ସଂକଟମୟ ମୁହୂର୍ତ୍ତ । ଶ୍ରୀକୃଷ୍ଣ ଏକା, ସହାୟହୀନ, ସ୍ୱଜନହୀନ, ସମ୍ପୂର୍ଣ୍ଣ ନିରସ୍ତ୍ର । ଆଉ ସର୍ବ ଆୟୁଧରେ ସୁସଜ୍ଜିତ କୌରବପକ୍ଷର ଯୋଦ୍ଧାଗଣ ବେଷ୍ଟନ କରି ଅଛନ୍ତି ତାଙ୍କର ଚତୁର୍ଦ୍ଦିଗ ।

କାଳାତୀତ ପୁରୁଷ— ମୁହୂର୍ତ୍ତକାଳ ମଧ୍ୟରେ ନିରୂପଣ କରି ନେଲେ ତାଙ୍କର ଯଥା କର୍ତ୍ତବ୍ୟ ।

ଅଭିନୟ ? ହଁ, ଅଭିନୟହିଁ କରିଲେ ସିଏ । ଏପରି ଅଭିନୟ କରିଲେ ଯା' ଜଗତର ଆଉ କୌଣସି ରଙ୍ଗଶାଳାରେ କେବେବି ଅଭିନୀତ ହୋଇନି, କୌଣସି ନାଟ୍ୟକାର କେବେବି କଳ୍ପନା କରିନାହାଁନ୍ତି ଏପରି ଅଭିନୟ । ଜୀବନନାଟ୍ୟର ସେଇ ସଙ୍କଟ ମୁହୂର୍ତ୍ତରେ ଦକ୍ଷ ଅଭିନେତା ଭଗବାନ ଶ୍ରୀକୃଷ୍ଣ ପ୍ରତିହିଂସାରେ ଉନ୍ମତ୍ତ କୌରବଗଣଙ୍କର ସମସ୍ତ ଷଡ଼ଯନ୍ତ୍ର ଛିନ୍ନଭିନ୍ନ କରି ଦେଇ ଏକ ପ୍ରବଳ ଅଟ୍ଟହାସ୍ୟ ଦେଇ ଉଠିଲେ— ତାଚ୍ଛିଲ୍ୟ ଆଉ ଅବଜ୍ଞାର ଅଟ୍ଟହାସ୍ୟ, ଖଣ୍ଡିତ ମାନବର ନିଷ୍ଫଳ ଦମ୍ଭର ପ୍ରତି ବିଦ୍ରୂପାତ୍ମକ ଅଟ୍ଟହାସ୍ୟ, ଦେହଗତ ବନ୍ଧନ ମଧ୍ୟରେ ପରମାତ୍ମାଙ୍କୁ ବନ୍ଧନ କରିବାର ସ୍ପର୍ଦ୍ଧା ଦେଖି ମହାକାଳର ଅଟ୍ଟହାସ୍ୟ ।

ଭୀତ, ଶଙ୍କିତ, ସନ୍ତ୍ରସ୍ତ ହେଲେ କୌରବଗଣ, ମହାତ୍ରାସ

ସୃଷ୍ଟି କରିଲା ଏହି ବଜ୍ରକଠିନ ଅଟ୍ଟହାସ୍ୟ । ଶିଥିଳ ହସ୍ତରୁ ସ୍ଖଳିତ ହେଲା ବନ୍ଧନରଜ୍ଜୁ ଆଉ ସେଇ ହତବାକ୍ ବିହ୍ୱଳତାର ଅବସର ମୁହୂର୍ତ୍ତରେ ନିଷ୍କ୍ରାନ୍ତ ହେଲେ ଭଗବାନ ଶ୍ରୀକୃଷ୍ଣ ।

ଇତିହାସର ଧାରା ବହି ଓହ୍ଲାଇ ଆସେ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ।

ପଦ୍ମାତୀରର ଉନ୍ମୁକ୍ତ ପ୍ରାନ୍ତର । ପରିପୂର୍ଣ୍ଣ ଜ୍ୟୋତ୍ସ୍ନାରେ ସମସ୍ତ ଚରାଚର ଉଦ୍ଭାସିତ । ଲୋକାଳୟର ବାହାରେ ଏକ ଜନହୀନ ପ୍ରାନ୍ତରେ କେତୋଟି ଯୁବକଙ୍କର ସଂଗୋପନ ପରାମର୍ଶ ଚାଲିଛି ଉତ୍ତେଜିତ କଣ୍ଠରେ ।

ବଙ୍ଗଳାର ରାଜନୀତିରେ ସେତେବେଳେ ସନ୍ତ୍ରାସବାଦର ଯୁଗ ।

ଉଦ୍ଭିନ୍ନ ଯୌବନର କମନୀୟ କାନ୍ତି ନେଇ ଗୋଟେ ଯୁବକ ଅସାଧାରଣ ପ୍ରଭାବ ସୃଷ୍ଟି କରିଛି ତା'ର ପ୍ରତିବେଶୀ ମଧ୍ୟରେ । ଶିଶୁଙ୍କ ଭଳି ସେ ସରଳ, ପ୍ରବୀଣଙ୍କ ଭଳି ସେ ଜ୍ଞାନୀ । ଅସାଧାରଣ ତା'ର ପ୍ରବୃତ୍ତିର ଉପରେ ଆଧିପତ୍ୟ, ଅପରିସୀମ ତା'ର ସର୍ବମାନବଙ୍କ ପ୍ରତି ଭଲପାଇବା । ତାଙ୍କୁ ଘେରି ଗଢ଼ିଉଠିଛି ଏକ ମଧୁଚକ୍ର ।

ବିପ୍ଳବର ଅଗ୍ନିମନ୍ତ୍ରରେ ଦୀକ୍ଷିତ କରିବାକୁ ହେବ ତା'କୁ । ତା'ର ପ୍ରେରଣାରେ ପ୍ରବୁଦ୍ଧ ହୋଇ ସାରା ବଙ୍ଗଳାରେ ଖେଳେଇ ଯିବ ଏ ନିଆଁ ଅନତିବିଳମ୍ବରେ ।

ବଜ୍ର କଠିନ ଅନୁରୋଧର ଆଦେଶ ପ୍ରଦତ୍ତ ହେଲା ତା' ପ୍ରତି— ରକ୍ତର ଅକ୍ଷରରେ ସ୍ୱାକ୍ଷର କରିବାକୁ ହେବ ଏହି ବିପ୍ଳବ ମନ୍ତ୍ରରେ ।

ଯୁବକଟି ନିର୍ଭୀକ କଣ୍ଠରେ ବ୍ୟକ୍ତ କରିଲା ତା'ର ଅଭିମତ । ଜାଣିଲା, ଗୋଟେ ସର୍ତ୍ତରେ ସେ ରାଜୀ ହୋଇପାରେ । ତା'ରବି ବିଶେଷ କେତେଗୁଡ଼ିଏ ନୀତି ଅଛି ଯା' ପ୍ରତିପାଳନ କରିବାକୁ ହେବ ସେଇ ବିପ୍ଳବିମାନଙ୍କୁ । ବିପ୍ଳବିଗଣ ନୀତିଗୁଡ଼ିକୁ ଗ୍ରହଣ କରିଲେ ସିଏବି ସେମାନଙ୍କ ଅନୁକୂଳରେ ସମ୍ମତି ଦେବାକୁ ପ୍ରସ୍ତୁତ ।

ନୀତିଗୁଡ଼ିକ ପରୀକ୍ଷା-ନିରୀକ୍ଷା କରି ଦେଖିବାକୁ ଯାଇ ଚମକି ଉଠିଲେ ବିପ୍ଳବିଗଣ ।

''ଯେଉଁ ଜୀବନ ମୁଁ ଦାନ କରିପାରେନା, ସେ ଜୀବନ ମୋର ନେବାର କୌଣସି ଅଧିକାର ନାହିଁ''— ବହୁ ନୀତିର ଅନ୍ୟତମ ଏହି ଗୋଟେ ନୀତି ଦେଖିହିଁ ବିବ୍ରତ ହେଲେ ସେମାନେ । ଏ ନୀତି ସ୍ୱୀକାର କରିବା ମାନେହିଁ ସନ୍ତ୍ରାସବାଦର ମୂଳରେ କୁଠାରାଘାତ କରିବା ।

''ଇଂରେଜ ଆମମାନଙ୍କର ଶତ୍ରୁ, ସେମାନଙ୍କୁ ଯେପରି କରି ହେଉ ଉଚ୍ଛେଦ କରିବାକୁ ହେବ ।'' ବିପ୍ଳବୀମାନଙ୍କର ଏହା ହେଉଛି ଅଭିମତ ।

''କିନ୍ତୁ ମୁଁ କହେ ଆମମାନଙ୍କୁ ନିଜକୁ ଗଠନ କରିବାକୁ ହେବ, ଶକ୍ତିଶାଳୀ ହେବାକୁ ହେବ । ଇଂରେଜଙ୍କୁ ଧ୍ୱଂସ କରିବାକୁ ହେବନି, ତଡ଼ିବାକୁ ବି ହେବନି । ଆମେମାନେ ଶକ୍ତ ହେଲେ ଆମମାନଙ୍କର ଆଦର୍ଶ ମଧ୍ୟରେ ସେମାନେ ମିଶିଯିବେ, ନହେଲେ ନିଜେ ନିଜେହିଁ ଦୂରେଇ ଯିବେ ।'' ଯୁବକଟି ଦିଏ ପ୍ରତ୍ୟୁତ୍ତର । କିଏ ଶୁଣେ ସେତେବେଳେ ଆତ୍ମ-ନିୟନ୍ତ୍ରଣର କଥା, ସଂଗଠନର କଥା, ଆଦର୍ଶର କଥା ? ରକ୍ତ ମଧ୍ୟରେ ନୃତ୍ୟ ଆରମ୍ଭ ହୋଇଛି ଧ୍ୱଂସର ଉନ୍ମାଦନାରେ । ମୁହୂର୍ତ୍ତ ମଧ୍ୟରେ ଉତ୍ତେଜିତ ହୋଇଉଠିଲେ ବିପ୍ଳବୀଗଣ, ଶେଷ କଥା ଜଣେଇ ଦେଲେ ତା'କୁ, ହୁଏତ ସ୍ୱୀକାର କରିବାକୁ ହେବ ଏହି ବିପ୍ଳବ-ବାଦ, ଅନ୍ୟଥାରେ ବରଣ କରି ନେବାକୁ ହେବ ନିଶ୍ଚିତ ମୃତ୍ୟୁ । ଯେ କୌଣସି ଗୋଟେ ପଥ ତା'କୁ ବାଛି ନେବାକୁ ହେବ ଏହି ମୁହୂର୍ତ୍ତରେ । କହି କହି ହିଁ ବିପ୍ଳବୀଙ୍କର କଟିଦେଶରୁ ବାହାରି ଆସିଲା ଏକ ଶାଣିତ ଛୁରୀ, ଜ୍ୟୋତ୍ସ୍ନାର ଆଲୋକରେ ଝକ୍ ଝକ୍ କରି ଉଠିଲା ତା'ର ତୀକ୍ଷ୍ଣ ଧାର ।

ଅତର୍କିତରେ ଏହି ଆକ୍ରମଣ, ଉଦ୍ୟତ ଛୁରୀ ତଳେ ସ୍ତବ୍ଧ ଭାବେ ଠିଆ ହୋଇ ରହିଲେ ସେ କ୍ଷଣକାଳ ।

ଲୋକାଳୟ ବର୍ଜିତ ଏହି ସୁଦୂର ପ୍ରାନ୍ତର, ଗଳା ଚିରି ଚିତ୍କାର କରିଲେବି କେହି ଶୁଣିବେନି ତାଙ୍କ ଅନ୍ତିମ ଆର୍ତ୍ତନାଦ । ବାହୁବଳରେ ସମର୍ଥ ହେବେନି ପ୍ରତିରୋଧ କରିବାକୁ ଏହି ଅସ୍ତ୍ରରେ ସଜ୍ଜିତ ଯୁବକଗଣଙ୍କ ଆକ୍ରମଣ । କିପରି କରି ରକ୍ଷା ପାଇବେ ଏହି ବିପଦରୁ ?

କୋଉଠୁ ପ୍ରେରଣା ପାଇଲେ ସେ ? ଜନ୍ମ-ଜନ୍ମାନ୍ତରର ସ୍ମୃତି କ'ଣ ତାଙ୍କର ଜାଗି ଉଠିଲା ଏହି ଚରମ ମୁହୂର୍ତ୍ତରେ ? ହଠାତ୍ ତାଙ୍କ କଣ୍ଠରୁ ଆକାଶଫଟା ଏକ ବିକଟ ଅଟ୍ଟହାସ୍ୟ ଫୁଟି ପଡ଼ିଲା ଚତୁର୍ଦ୍ଦିଗରେ, ସଙ୍ଗେ ସଙ୍ଗେ କମ୍ପିତ ଶିଥିଳ ହସ୍ତରୁ ତତ୍‌କ୍ଷଣାତ୍ ଖସି ପଡ଼ିଲା ସେଇ ଛୁରୀ । ଗୋଟେ ପ୍ରଚଣ୍ଡ ତାଚ୍ଛିଲ୍ୟର ହସ ହସି ଦୃପ୍ତ ନିର୍ଭୀକ ପଦକ୍ଷେପରେ ଚାଲିଗଲେ ସେଇ ଯୁବକ ।

ଏହି ନିର୍ଭୀକ ଯୁବକହିଁ ହେଉଛନ୍ତି— ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ।

ଶାନ୍ତିର ପ୍ରସ୍ତାବ ବ୍ୟର୍ଥ ହେଲା, ବ୍ୟର୍ଥ ହେଲା ଶ୍ରୀକୃଷ୍ଣଙ୍କର ଦୌତ୍ୟକାର୍ଯ୍ୟ । କିନ୍ତୁ ସମସ୍ତ ପ୍ରଚେଷ୍ଟା ଯାଇ ମହାପରିଣତି ଲାଭ କରିଲା କୁରୁକ୍ଷେତ୍ରର ମହାସଂଗ୍ରାମରେ ।

ଠିକ୍ ଇତିହାସର ଧାରା ବହି ଚାଲିଲା ବିଂଶ ଶତାବ୍ଦୀରେ ପୁନରାବୃତ୍ତି । ଥରେ ସମରସଜ୍ଜାରେ ଆୟୋଜନ ହେଲା ଆହୁରିବି ତୀକ୍ଷ୍ଣ, ଆହୁରିବି ସୂକ୍ଷ୍ମ, ଆହୁରିବି ଅବ୍ୟର୍ଥ ଅସ୍ତ୍ରସମ୍ଭାରରେ । ତୀକ୍ଷ୍ଣଧାର ଅସିର ବଦଳରେ ସ୍ଥାନ ନେଲା ମସ୍ତିଷ୍କ ଆଉ ହୃଦୟ, ଯୁଦ୍ଧ ପରିଚାଳନାରେ ନିୟୋଜିତ ହେଲା ସୁଦୃଢ଼ ପ୍ରତ୍ୟୟ ଆଉ କୁଣ୍ଠାହୀନ ପ୍ରଚେଷ୍ଟା । ଶାଣିତ ଯୁକ୍ତିର ଅବତାରଣା କରି

ବିପ୍ଳବିମାନଙ୍କର ଚିନ୍ତାରାଜ୍ୟରେ ବିପ୍ଳବ ଘଟେଇ ଦେଲେ ଅନୁକୂଳଚନ୍ଦ୍ର ଆଉ ହୃଦୟର ସ୍ୱତଃସ୍ଫୂର୍ତ୍ତ ଭଲପାଇବାରେ ସ୍ୱଳ୍ପକାଳ ମଧ୍ୟରେ ନିଜର କରି ନେଲେ ସେଇ ପ୍ରତିହିଂସାପ୍ରବୃଦ୍ଧ ଦେଶପ୍ରେମିକମାନଙ୍କୁ । ସେମାନେ ଗ୍ରହଣ କରିଲେ ଅନୁକୂଳଚନ୍ଦ୍ରଙ୍କୁ ଜୀବନର ଆଦର୍ଶ କହି, ଜୀବନର ଆରାଧ୍ୟ ଦେବତା କହି । ସେମାନଙ୍କର ମତବାଦର ହେଲା ନିୟନ୍ତ୍ରଣ, କର୍ମପନ୍ଥାର ହେଲା ପରିବର୍ତ୍ତନ ।

କିନ୍ତୁ ଚତୁର ରାଜପୁରୁଷଗଣ କୌଣସିମତେହିଁ ବିଶ୍ୱାସ କରନ୍ତିନି ବିପ୍ଳବୀମାନଙ୍କର କୌଣସି ପରିବର୍ତ୍ତନ, ଜାଗ୍ରତ ଦୃଷ୍ଟି ଉଦ୍ୟତ ରଖି ସେମାନଙ୍କର ମତିଗତି ଓ କର୍ମଧାରା ପ୍ରତି, ଚର ନିୟୋଗ କରି ସମ୍ବାଦ ସଂଗ୍ରହରେ ପ୍ରବୃତ୍ତ ହୁଅନ୍ତି ତନ୍ନ ତନ୍ନ କରି ।

''ସେମାନଙ୍କୁ କାହିଁକି ଆଶ୍ରୟ ଦେଇଛନ୍ତି ଆପଣଙ୍କ ନିକଟରେ ?'' ପୁଲିସ କର୍ମଚାରୀ ବିଶେଷ କରି ଉଲ୍ଲେଖ କରି କେତୋଟି ଯୁବକଙ୍କ କଥା ଯେଉଁମାନେ ରାଜଦ୍ରୋହର ସନ୍ଦେହରେ ଚିହ୍ନିତ– ''ସେମାନଙ୍କ ପାଇଁ ଆପଣଙ୍କୁ ଜବାବଦେହି କରିବାକୁ ହେବ ଯେ ।''

''କ'ଣ କରିବି ? କାହାକୁ ମୋର ବାଦ ଦେବାର ଉପାୟ ନାହିଁ ? ଯା'ଙ୍କୁ ଏ ମତବାଦ ଭଲ ଲାଗେ, ଯେ ମତେ ଆଶ୍ରୟ କରି ଚାଲିବାକୁ ଚାହେଁ ତା'ଙ୍କୁ ତା'ଙ୍କୁ ଅସ୍ୱୀକାର କରିବାର ମୋର ସାଧ୍ୟ ନାହିଁ । ଏଥିରେ ଯେତେ ବିପଦହିଁ ଆସୁ ନା କାହିଁକି ତା' ମତେ ସହ୍ୟ କରି ନେବାକୁହିଁ ହେବ ।''– ନିର୍ଭୀକ ମତବାଦ ସୁସ୍ପଷ୍ଟ କଣ୍ଠରେ ଦ୍ୱିଧାହୀନଭାବେ ଜଣେଇ ଦିଅନ୍ତି ଅନୁକୂଳଚନ୍ଦ୍ର ।

ପୁଲିସର ଅନୁସନ୍ଧାନ ଚାଲିହିଁ ଥାଏ । ପାଖାପାଖି ବସବାସ କରନ୍ତି ବିପ୍ଳବୀ ଆଉ ଗୁପ୍ତଚର । ପୁଲିସର ସଂଶୟ ସେତେବେଳେବି ଘୁଞ୍ଚେନା କିନ୍ତୁ ବାସ୍ତବ କୌଣସି ଅପରାଧର ସୂତ୍ର ଆବିଷ୍କାର କରି ନ ପାରି ସଦାଜାଗ୍ରତ ଅନୁସନ୍ଧାନୀ ଦୃଷ୍ଟି ଦେଇ ସବୁ କିଛି ପରୀକ୍ଷା-ନିରୀକ୍ଷା କରି ଚାଲନ୍ତି ସେମାନେ । ଅନୁକୂଳଚନ୍ଦ୍ର ସବୁ ଜାଣନ୍ତି କିନ୍ତୁ କୌଣସି ଭ୍ରୂକ୍ଷେପ କରନ୍ତିନି, ଅବ୍ୟାହତଭାବେ ଆଗେଇ ଚାଲନ୍ତି ତାଙ୍କର ନିର୍ଭୁଲ କର୍ମପନ୍ଥାରେ ।

ସହିଂସବାଦୀଙ୍କ ସଙ୍ଗେହିଁ ଆସନ୍ତି ପୁଣି ଅହିଂସବାଦୀର ଦଳ, ଆସନ୍ତି ଅନ୍ୟାନ୍ୟ ରାଜନୈତିକ ମତବାଦଭୁକ୍ତ କର୍ମିଗଣ । କିନ୍ତୁ ସମସ୍ତଙ୍କ ନିକଟରେ ସିଏ ଏକ ମୂଳ ଆଦର୍ଶ ତୋଳି ଧରନ୍ତି । ନିଜକୁ ଗଠନ କରିବାକୁ ହେବ, ଜାତିକୁ ଗଠନ କରିବାକୁ ହେବ । ଇନ୍ଦ୍ରିୟଜୟୀ ନ ହେଲେ ରାଷ୍ଟ୍ରବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେନା । ରାଜନୀତିର ଏହି ହେଉଛି ମୂଳକଥା । ତପଶ୍ଚର୍ଯ୍ୟାଦ୍ୱାରା ସେ ଶକ୍ତି ଅଧିଗତ କରିବାକୁ ହେବ ଆଦର୍ଶରେ ଆତ୍ମନିୟୋଗ କରି ଆଉ ସଞ୍ଚାରିତ କରି ଦେବାକୁ ହେବ ସମଗ୍ର ଜାତି ମଧ୍ୟରେ ସେଇ କର୍ମମୁଖର ଭାବାଦର୍ଶ ।

ଏହି ଆଦର୍ଶକୁହିଁ ଦିନେ ଗ୍ରହଣ କରି ନେଲେ ଭାରତର ସର୍ବଶ୍ରେଷ୍ଠ ରାଷ୍ଟ୍ରନାୟକ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ।

ଅତୁଳନୀୟ ପ୍ରଜ୍ଞା ଓ ଅପରିମେୟ ଧୀ-ମଣ୍ଡିତ ବିଚିତ୍ର ଜୀବନ-ନାଟ୍ୟର ଫାଙ୍କେ ଫାଙ୍କେ ଏପରି ଅବିଶ୍ୱାସ୍ୟ ରକମର କୌତୁକବହ ଘଟଣା ଘଟେ ଯାହା ପ୍ରକୃତରେହିଁ ବିସ୍ମୟକର ।

ତୀବ୍ର ତପଶ୍ଚାରୀ ଅନୁକୂଳଚନ୍ଦ୍ରଙ୍କ ବାହ୍ୟଜ୍ଞାନ ଯେତେବେଳେ ଅବଲୁପ୍ତପ୍ରାୟ, ସର୍ବକ୍ଷଣରେ ନାମରେ ବିଭୋର– ଧ୍ୟାନରେ ତନ୍ମୟ ସେତେବେଳେ ହଠାତ୍ ଦିନେ କିଏ ଜଣେ ଜାଣିବାକୁ ଚାହିଁଲା ତା'ର ପିତୃପରିଚୟ– ''ତୁମର ବାପାଙ୍କ ନାମ ?''

''ତାହାହିଁ ତ, ବାପାଙ୍କର କ'ଣ ନାମ ?'' ପିତୃନାମ ବେମାଲୁମ ଭୁଲି ଯାଇଛନ୍ତି ସିଏ । କୌଣସିମତେହିଁ ସ୍ମରଣ କରିପାରୁ ନାହାଁନ୍ତି । ମହାବିବ୍ରତ ଅନୁକୂଳଚନ୍ଦ୍ରଙ୍କ ଗୌରବର୍ଣ୍ଣ ମୁହଁଟି ଲଜ୍ଜାରେ ଆରକ୍ତିମ ହୋଇଉଠିଲା । 'ମୁଁ କିଏ'– ତା'ହିଁ ତ ଠିକ୍ କରି ପାରୁନାହାଁନ୍ତି, ତା' ପୁଣି ବାପାଙ୍କ ନାମ । ଅଥଚ ଉଦ୍ୟତ ପ୍ରଶ୍ନ ନେଇ ଜବାବ ପ୍ରତ୍ୟାଶାରେ ଚାହିଁ ରହିଛନ୍ତି ପ୍ରଶ୍ନକାରୀ ତାଙ୍କ ମୁହଁ ଆଡ଼େ । କ'ଣ କରନ୍ତି ଏବେ ? ହଠାତ୍ ନାମର ଅକ୍ଷରଗୁଡ଼ିକ ଯେପରି ଭାସି ଉଠିଲା ମୁହଁ ସମ୍ମୁଖରେ । କୌଣସି ପ୍ରକାର ଉଚ୍ଚାରଣ କରି ସେଥର ରିହାଇ ପାଇଲେ ସିଏ ।

'ଏପରି ବିପଦରେବି ମଣିଷ ପଡ଼େ । ନିଜର ବାପାଙ୍କ ନାମ ମନେ କରିପାରେନା ସେତେବେଳେ',– ସହାସ୍ୟମୁଖରେ ପୂର୍ବସ୍ମୃତି ଉଦ୍‌ଘାଟନ କରନ୍ତି ସିଏ ।

ବାଲ୍ୟବନ୍ଧୁ ଓ ଶିଷ୍ୟ ଅନନ୍ତନାଥଙ୍କ ଭଉଣୀ ଘରକୁ ବୁଲିବାକୁ ଗଲେ ରଙ୍ଗପୁରକୁ । ସେଦିନ ରାସପୂର୍ଣ୍ଣିମା । ରାସ ମେଳାରେ ମହାସ୍ଫୂର୍ତ୍ତିରେ ଘୁରି ବୁଲୁଛନ୍ତି । ଚତୁର୍ଦ୍ଦିଗରେ ତନ୍ମୟ ହୋଇ ଦେଖୁଛନ୍ତି କଣ୍ଢେଇର ଧାଡ଼ି । ଦେଖୁ ଦେଖୁ ତାଙ୍କର ସମସ୍ତ ଚୈତନ୍ୟ ଭୂମିର ଆଶ୍ରୟ ହଜି ଯାଇ ଭୂମି ମଧ୍ୟରେ ପରିବ୍ୟାପ୍ତ ହୋଇଗଲା ।

ଗଭୀର ଭାବେ ସେତେବେଳେ ସିଏ ଆଚ୍ଛନ୍ନ । ଚକ୍ଷୁ ଦୁଇଟି ଆରକ୍ତିମ, ଆବେଶରେ ଟୁଲୁଟୁଲୁ । ପାଦ ଟଳୁଛି, ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ । ଶ୍ଲଥ ପଦକ୍ଷେପରେ ଉଦ୍‌ଭ୍ରାନ୍ତ ଭଳି ଚାଲିଛନ୍ତି ସିଏ ।

– ''ଏହି, –କାହା ଯାତା ହ୍ୟାୟ !''

ଚମକି ଉଠିଲେ । ଚାହିଁ ଦେଖନ୍ତି ସାମନାରେ ଠିଆ ହୋଇଛନ୍ତି ଜଣେ ପହରାବାଲା ।

କୋଉଠି ଗୋଲକବିହାରୀ ଭଗବାନ ଶ୍ରୀକୃଷ୍ଣ ଆଉ ତା' ବଦଳରେ କ'ଣ ନା ଏକ ଭୋଜପୁରୀ ଦାରୁୟାନ । ହଠାତ୍ ଯେପରି ମହାଶୂନ୍ୟରୁ ଏକବାରେ ଭୂମିତଳେ ନିକ୍ଷେପ । କୌଣସିମତେହିଁ ଯେପରି ଠାଉର କରି ପାରୁନାହାଁନ୍ତି– 'ମୁଁ କୋଉଠି !'

ପହରାବାଲାର ମୂର୍ତ୍ତି ଗମ୍ଭୀର ଓ କଠିନ । ତା'ର ବହୁ ଅଭିଜ୍ଞତାଲବ୍ଧ ଦିବ୍ୟଜ୍ଞାନରେ ବୁଝି ନେଇଛି ଏ ବ୍ୟକ୍ତି ନିଶ୍ଚୟହିଁ ମାତାଲ । ଏପରି ଶିକାର କ'ଣ ହାତଛଡ଼ା କରାଯାଏ ?

– ''କାହାଁ ଯାତା ହ୍ୟାୟ !''

ତା'ହିଁ ତ, କୋଉଠିକୁ ଯାଉଛନ୍ତି ସିଏ ? ଠିକଣାଟା ତ କୌଣସିମତେହିଁ ମନେ ପଡୁନି ! ବନ୍ଧୁର ଭଗ୍ନିପତିର ନାମଟାବି ମନେ ପଡୁନି । ନିର୍ବାକ୍ ଅସହାୟ ଭଳି ଆଡ଼େ ସାଡ଼େ ଚାହୁଁଛନ୍ତି ।

ପହରାବାଲାର ସନ୍ଦେହ ଆହୁରିବି ଘନୀଭୂତ ହେଲା ।

''ଏଇ, ବତାଓ– !''

ସ୍ମୃତିଶକ୍ତି କ'ଣ ତା'ର ଅସାଡ଼ ହୋଇ ଯାଇଛି ? ବନ୍ଧୁର ଠିକଣାଟା ସ୍ମରଣ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛନ୍ତି କିନ୍ତୁ କୌଣସିମତେହିଁ ମନେପଡୁ ନାହିଁ କାହିଁକି । ବହୁ ଆୟାସରେ ମଥିତ ମସ୍ତିଷ୍କରେ ବନ୍ଧୁର ଭଉଣୀର ନାମଟି ଭାସି ଉଠିଲା– ''ବିନୋଦିନୀ'' । ପରିଚୟର ଗୋଟେ ସୂତ୍ର ବୁଝି ପାଇହେଲା ! ଆଶାନ୍ୱିତ ହୋଇଉଠିଲେ ସିଏ ।

''ଆଚ୍ଛା ନାନୀର ନାମ ଯଦି ବିନୋଦିନୀ ହୁଏ ତେବେ ତା'ର ସ୍ୱାମୀର ନାମ କ'ଣ ହୋଇପାରେ ?''– ସମ୍ଭାବ୍ୟ ତାଲିକା ଆଉଡ଼େଇବାକୁ ଲାଗିଲେ ପ୍ରାଣପଣେ । ଗଳଦଘର୍ମ ଅବସ୍ଥା । ଏଦିଗରେ ଦରୁଓ୍ୱାନର ସନ୍ଦିଗ୍ଧ ଦୃଷ୍ଟି । ଯେତେହିଁ ଡ଼େରି ହେଉଛି ସେତେହିଁ ସେ ରୁଦ୍ରମୂର୍ତ୍ତି ଧାରଣ କରୁଛି । ଅସହାୟଭାବେ ଏପଟକୁ ସେପଟକୁ ଚାହୁଁଛନ୍ତି । ହଠାତ୍ ଶୁଣିଲେ କିଏ ଯେପରି କହୁଛି ''ଏଇ ଯେ ଅନୁକୂଳ''– ଚାହିଁ ଦେଖନ୍ତୁ, ନାନୀ ଆଗେଇ ଆସୁଛନ୍ତି ତାଙ୍କ ଆଡ଼କୁ । ନିଃଶ୍ୱାସ ଛାଡ଼ି ବଞ୍ଚିଲେ ସିଏ ।

ଅଥଚ ସାଧାରଣତଃ ତାଙ୍କର ସ୍ମୃତିଶକ୍ତି ଆଶ୍ଚର୍ଯ୍ୟ ପ୍ରକାରର ପ୍ରଖର । ଲକ୍ଷ ଲୋକଙ୍କ ମଧ୍ୟରେ ଜଣେ ଅତି ସାଧାରଣ ଭକ୍ତ- ଯା'ର ପରିଚୟ ବହନ କରି ଆଣେନା କୌଣସି ବୈଶିଷ୍ଟ୍ୟର ଦାବୀ, ଯିଏ କେବଳ ଜନତାର ଜଣେ ଏଇମାତ୍ର ପରିଚୟ, କୌଣସି ବିଶେଷତ୍ୱ ଦ୍ୱାରା ଚିହ୍ନିତ ନୁହେଁ ଏହିଭଳି ଅତି ସାଧାରଣ ଏହିଭଳି ଜଣେ ବ୍ୟକ୍ତିକୁ ଦେଖି ଶିଶୁ ଭଳି ଆନନ୍ଦର ଅଭିବ୍ୟକ୍ତି ନେଇ କଳକଣ୍ଠରେ ସମ୍ବର୍ଦ୍ଧନା କରିଲେ ତା'କୁ– ସହାସ୍ୟମୁଖରେ ଗୁଣଗୁଣ କରି ଗାଇ ଉଠିଲେ–

''ଆସିବ ବୋଲି ଯାଇଛି ଚାଲି
ଏତେଦିନେ ଆସିଲା ଫେରି ।''

ତିରିଶ ବର୍ଷ ଆଗରୁ କୌଣସି ଏକ ଅଖ୍ୟାତ ବ୍ୟକ୍ତି ଆସିଥିଲେ ତାଙ୍କ ନିକଟକୁ ଏବଂ ପୁଣି ଶୀଘ୍ର ଫେରି ଆସିବାର ପ୍ରତିଶ୍ରୁତି ଦେଇ ବିଦାୟ ନେଇ ଚାଲି ଯାଇଥିଲେ ସେଦିନ । ସେ କଥା ସମସ୍ତେହିଁ ବିସ୍ମୃତ ହୋଇଛନ୍ତି କେବଳ ଭୁଲି ନାହାଁନ୍ତି ସିଏ– ଯିଏ ସଦା ଜାଗ୍ରତ ଦୃଷ୍ଟି ନେଇ ଉନ୍ମୁଖ ହୋଇ ଚାହିଁ ରହିଛନ୍ତି ବିପୁଳ ଜନପ୍ରବାହର ପ୍ରତିଟି ବ୍ୟକ୍ତି ଦିଗରେ । କୋଡ଼ିଏ ବର୍ଷ ଆଗେ ଯେ ଆସିଥିଲା ସମସ୍ୟାପୀଡ଼ିତ ହୋଇ କୋଡ଼ିଏ ବର୍ଷ ପରେ ଦେଖା ଗଲା ତା' ସଙ୍ଗେ ଆଲୋଚନା ଆରମ୍ଭ କରିଛନ୍ତି ପୂର୍ବ ପ୍ରସଙ୍ଗର ସୂତ୍ର ଧରି ।

ପୁଣି ଠିକ୍ ଏହାରହିଁ ବିପରୀତ ଅବସ୍ଥା ଯେ ନ ଦେଖାଯାଏ ଏପରି ନୁହେଁ । ଅତିପରିଚିତ ବ୍ୟକ୍ତିକୁବି ଭୁଲିଯାଇ ବସନ୍ତି । ହୁଏତ ନାମହିଁ ତାଙ୍କର ମନେପଡ଼େନା କିମ୍ବା ଅନ୍ୟ କେହି ବୋଲି ଭାବି ନେଇଛନ୍ତି ।

ଏହି ଅତି-ସ୍ମୃତି ଏବଂ ବିସ୍ମୃତି ଉଭୟ ଅବସ୍ଥାଟା ଏକହିଁ ଚରିତ୍ରରେ ଅଭିବ୍ୟକ୍ତ ଦେଖି ଦୃଷ୍ଟିଭ୍ରମ ଜାଗେ । ଯା' ଜାଣିବାର ନୁହେଁ ତା' ବେଶ୍ ଜାଣନ୍ତି ଏବଂ ଯା' ଭୁଲିବାର ନୁହେଁ ତା' ବେମାଲୁମ ଭୁଲି ଯାଆନ୍ତି । ଏହି ପରସ୍ପର ବିପରୀତ ଭାବ ତା'ର ଚରିତ୍ରଗତ । ମାତୃଜଠରର ସ୍ମୃତି ଯାଙ୍କର ସୁସ୍ପଷ୍ଟ, ଅସ୍ଫୁଟବାକ୍ ଅବସ୍ଥାର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନାରେ ଯିଏ ନିର୍ଭୁଲ ତାଙ୍କର ପରିଣତ ବୟସର କୌଣସି ଘଟଣା ଯେ କିପରି କରି ଭୁଲି ଯାଇପାରନ୍ତି ତା' ବୋଧର ଅଗମ୍ୟ । ପ୍ରତ୍ୟକ୍ଷଦର୍ଶୀ କେହି ଯଦି ସ୍ମରଣ କରାଇ ଦିଅନ୍ତି ସେତେବେଳେ କହନ୍ତି, ''ତା' ନା କ'ଣ ? କାହିଁ ମୋର ତ କିଛି ମନେପଡ଼େନା ।''

ପୁଣି ଏପରି ଘଟଣାବି ଘଟେ ବୁଦ୍ଧି ଦେଇ ଯା'ର କୌଣସି ପ୍ରକାରେହିଁ ବ୍ୟାଖ୍ୟା ଚଳେନା । କୌଣସି ଜଣେ ହୋମଡ଼ା-ଚୋମଡ଼ା ଗଢ଼ଣର ଲୋକ ଆସି ବସିଛନ୍ତି ତାଙ୍କ ନିକଟରେ । ଠାକୁର ହଠାତ୍ ଲମ୍ବା ହୋଇ ତା' ଆଡ଼କୁ ପଛକୁ ଫେରି ଶୋଇ ଅନ୍ୟ ଲୋକ ସଙ୍ଗେ ଆଳାପ କରିବାକୁ ଲାଗିଲେ, ତା'କୁ ପାସଙ୍ଗରେହିଁ ପକାଇଲେନି ମୋଟେ । ସେଇ ଭଦ୍ରଲୋକକୁ ସଙ୍ଗରେ ନେଇ ଯିଏ ଆସିଛି ସେ ତ ବୋକା । ସାଧାରଣ ଶିଷ୍ଟାଚାର ବିଗର୍ହିତ ଆଚରଣ ! ଭଦ୍ରଲୋକ କ'ଣ ମନେ କରିବେ କିଏ ଜାଣେ ? କିନ୍ତୁ ଆଶ୍ଚର୍ଯ୍ୟ, ସେଇ ଆଚରଣ ଟିକକ କାଳେ ସେ ସମୟରେ ଏକାନ୍ତ ପ୍ରୟୋଜନ ଥିଲା । ସେଇ ଭଦ୍ରଲୋକ ସେତେବେଳେ ଆତ୍ମ-ସ୍ୱୀକୃତି ଦ୍ୱାରା ଉଦ୍‌ଘାଟନ କରିଲେ ତାଙ୍କର ଦୁଷ୍କୃତିର କଥା । ପରେ ଅନୁତପ୍ତ ହୋଇଛନ୍ତି, ଠାକୁରଙ୍କ ନିକଟକୁ ଜିଜ୍ଞାସୁ ହୋଇ ଆସିଛନ୍ତି ପ୍ରାୟଶ୍ଚିତ୍ତର ଉପାୟ ଜାଣିବାକୁ । ଠାକୁରଙ୍କୁ ଯେତେବେଳେ ସମସ୍ତ ଘଟଣା ବିବୃତ କରି କୁହାଗଲା, ''ଆପଣ କ'ଣ ଇଚ୍ଛା କରିହିଁ ମୁହଁ ଫେରାଇ ବସିଥିଲେ,– ଭଦ୍ରଲୋକ କହନ୍ତି, ଆପଣଙ୍କର ସେଇ ବିମୁଖତାର ଫଳରେହିଁ କାଳେ ତା'ର ଆତ୍ମବିଶ୍ଳେଷଣ ଅପରିହାର୍ଯ୍ୟ ହୋଇଉଠିଲା'' ସେତେବେଳେ ଠାକୁର କହନ୍ତି, ''କାହିଁ ମୁଁ ତ କିଛି ଜାଣେନା ।''

ସମସ୍ୟାପୀଡ଼ିତ ହୋଇ କେହି ହୁଏତ ଛୁଟି ଯାଇଛି ଠାକୁରଙ୍କ ନିକଟକୁ କିନ୍ତୁ ସେ ସମସ୍ୟା ଉତ୍ଥାପନର ପ୍ରୟୋଜନହିଁ ହେଲା ନାହିଁ । ଠାକୁର ଠିକ୍ ସେଇ ବିଷୟ ନେଇହିଁ ସେତେବେଳେ ଆଲୋଚନା କରୁଛନ୍ତି କା' ସଙ୍ଗେ । ''ଆପଣ କ'ଣ ଅନ୍ତର୍ଯ୍ୟାମୀ ?''— ଆଗନ୍ତୁକ ପଚାରେ, ''ଠିକ୍ ମୋର ମନର କଥାଟି ଆପଣ ଜାଣିଲେ କିପରି ?'' ପ୍ରତ୍ୟୁତ୍ତରରେ କେତେବେଳେ ହୁଏତ ମୃଦୁ ମୃଦୁ ହସନ୍ତି କେତେବେଳେ ହୁଏତ ସବୁଟା ଉଡ଼ାଇ ଦିଅନ୍ତି— 'ଉତ୍ତରବଙ୍ଗୀୟ ଆଞ୍ଚଳିକ ଭାଷାରେ କହନ୍ତି, ''ଦୂର ଶାଲାର ପାଗଳ, କହେ କ'ଣ ?''

ପୁଣି ଏପରିହିଁ ସିଏ ବିନୟ ନମ୍ର, ଏତେହିଁ ଶିଷ୍ଟାଚାର ସୌଜନ୍ୟପୂର୍ଣ୍ଣ ତାଙ୍କର ବ୍ୟବହାର ଯେ ତାଙ୍କର ଯୋଡ଼ି ହୋଇ ମିଳାମିଶାର ଭର । ବିଶିଷ୍ଟ କୌଣସି ଅତିଥି ହୁଏତ ଆସିଛନ୍ତି । ସିଏ ତତ୍କ୍ଷଣାତ୍ ଆସନ ଛାଡ଼ି କରଜୋଡ଼ି ଉଠି ଠିଆ ହେଲେ, ଏବଂ ଯେତେକ୍ଷଣ ପର୍ଯ୍ୟନ୍ତ ସେଇ ଅତିଥି ନ ବସିଛନ୍ତି ସେତେକ୍ଷଣ ପର୍ଯ୍ୟନ୍ତ ଠିଆ ହୋଇ ରହିଲେ ସିଏ ।

ଯେଉଁ ଲୋକ ଆମମାନଙ୍କର ଆଖିରେ ବିଶିଷ୍ଟ ବୋଲି ଗଣ୍ୟ ସିଏ ହୁଏତ ତା'କୁ ସେତେଦୂର ପାସଙ୍ଗରେ ପକାଇଲେନି ପୁଣି ଯେଉଁ ବ୍ୟକ୍ତି ଆମମାନଙ୍କ ଆଖିରେ ଅତି ନଗଣ୍ୟ ସେଇ ହୁଏତ ତାଙ୍କ ଆଖିରେ ବିଶିଷ୍ଟତା ଅର୍ଜନ କରି କର୍ମୀ ହେବାର ଯୋଗ୍ୟ ।

କିନ୍ତୁ ତା' ବୋଲି କାହାକୁ ବାଦ ଦିଅନ୍ତିନି ସିଏ । କାହାକୁ ବାଦ ଦେବାର ତାଙ୍କର ଉପାୟ ନାହିଁ । ସିଏ ପ୍ରାୟଃହିଁ କହନ୍ତି, 'କାର ଅଭାବ ଅନ୍ୟ କେହି ପୂରଣ କରିପାରନ୍ତିନି । ପ୍ରତ୍ୟେକେ ତା'ର ନିଜର ବୈଶିଷ୍ଟ୍ୟରେ ବୈଶିଷ୍ଟ୍ୟଶୀଳ । ଯା'କୁ ବାଦ ଦେଲି, ଯା'କୁ ହରାଇଲି ତା'ର ଅନୁରୂପ ଆଉ କାହାକୁ କେତେବେଳେ ପାଇବିନି । ତେଣୁ କାହାକୁ ବାଦ ଦେବାର ଉପାୟ ନାହିଁ ! ପ୍ରତିଟି ବ୍ୟକ୍ତି ସମ୍ବନ୍ଧରେ ଏହିଭଳି ସଦାଜାଗ୍ରତ ବୋଲିହିଁ ପ୍ରତ୍ୟେକେ ମନେକରନ୍ତି ଠାକୁର ମୋ ଭଳି ଏପରି ଆଉ କାହାକୁ ଭଲପାଆନ୍ତିନି ।

*(ଇଷ୍ଟମନନେ, ପୃ.:୧୪-୧୭)*

## Statement about Ownership and other particulars about Newspaper: URJANA

| | | |
|---|---|---|
| 1. | Place of Publication | : Cuttack (Orissa) & Satsang Nagar (Jharkhand) |
| 2. | Periodicity of its Publication | : Monthly |
| 3. | Printer's Name | : Shri Sankar Sensarma |
| | Nationality | : Indian |
| | Address | : Satsang, Deoghar, Jharkhand |
| 4. | Publisher's Name | : Shri Sankar Sensarma |
| | Nationality | : Indian |
| | Address | : Satsang, Deoghar, Jharkhand |
| 5. | Editor's Name | : Dr. Binayak Mohapatra |
| | Nationality | : Indian |
| | Address | : Satsang, Deoghar, Jharkhand |
| 6. | Name and Address of individuals who own the newspapers and partners or shareholders holding more than one percent of the total capital | : SATSANG, AT/P.o.: SATSANG Dist.: Deoghar, Jharkhand, Pin-814 116 |

I, Shri Sankar Sensarma hereby declare that the particulars given above are true to the best of my knowledge and belief.

Sd/-

Date : 01.03.2014

**Sankar Sensarma**
Publisher

# ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶ୍ରୀମନ୍ଦିର ଉଦ୍‌ବୋଧନ ଚତୁର୍ଦ୍ଦଶ ବାର୍ଷିକୀ ଓ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ତାମିଲନାଡୁରେ ଶୁଭାଗମନ ସ୍ମରଣୋତ୍ସବ



ଗତ ପହିଲା ଡ଼ିସେମ୍ବର, ୨୦୧୩ରିଖରେ ସତ୍‌ସଙ୍ଗ ବିହାର ଚେନ୍ନାଇଠାରେ ପୂଜନୀୟ ବାବାଇଦାଙ୍କ ଉପସ୍ଥିତିରେ ଚେନ୍ନାଇ ଶ୍ରୀମନ୍ଦିର ଉଦ୍‌ବୋଧନର ଚତୁର୍ଦ୍ଦଶ ବାର୍ଷିକୀ ଓ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ତାମିଲନାଡୁ ରାଜ୍ୟରେ ଶୁଭାଗମନ ଉତ୍ସବ ସାଡ଼ମ୍ବରେ ଉଦ୍‌ଯାପିତ ହୋଇଯାଏ । ସାରାଦିନ ବ୍ୟାପୀ ଅନୁଷ୍ଠାନସୂଚୀର ଶୁଭାରମ୍ଭରେ ପ୍ରାତଃରେ ବେଦମାଙ୍ଗଳିକ ପରେ ଭକ୍ତଜନ ସମାବେଶରେ ସମବେତ ବିନତି-ପ୍ରାର୍ଥନା, ବାଣୀପାଠ, ପଣ୍ଡିତ ବଳରାମ ଦାସ କର୍ତ୍ତୃକ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ବିରଚିତ କିଛି ଭକ୍ତିସଙ୍ଗୀତ ଓ ଉଦୀୟମାନ ସଙ୍ଗୀତ ଶିଳ୍ପୀ ସୌମ୍ୟନାରାୟଣ ଓ ତାଙ୍କ ସହଶିଳ୍ପୀମାନଙ୍କ ଭଜନ (ତାମିଲ) ପରିବେଷିତ ହୁଏ ।

ପୂର୍ବାହ୍ନ ୧୧ଟାରେ ସାଧାରଣ ସଭାର ସୂଚନା ହୁଏ ପଣ୍ଡିତ ବଳରାମ ଦାସଙ୍କ ପରିବେଷିତ ଉଦ୍‌ବୋଧନୀ ସଙ୍ଗୀତ ଦେଇ । 'ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟଜୀବନ ଓ ବାଣୀ' ଏହି ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି ବକ୍ତାମାନେ । ସଭାପତିତ୍ୱ କରନ୍ତି ଶ୍ରୀନୃସିଂହ ପ୍ରସାଦ ତ୍ରିପାଠୀ(ପ୍ରାକ୍ତନ ଆୟକର ବିଭାଗର ଡ଼ି.ଜି.) । ପ୍ରଧାନ ଅତିଥି ଶ୍ରୀ ଟି.ଏସ. ଶ୍ରୀଧର, ଅତିରିକ୍ତ ମୁଖ୍ୟ ସଚିବ, ରାଜସ୍ୱ ମଣ୍ଡଳାଧିପତି । ସଭାରେ ଅନ୍ୟତମ ବକ୍ତାମାନେ ଥିଲେ ଡ଼ାଃ. ସ୍ୱରୂପ ଚକ୍ରବର୍ତ୍ତୀ (ସହଯୋଗୀ ପ୍ରାଧ୍ୟାପକ, ସାଧାରଣ ଅସ୍ତ୍ରୋପଚାର, ମେଦିନୀପୁର ଚିକିତ୍ସା ମହାବିଦ୍ୟାଳୟ), ଶ୍ରୀରାକେଶ ପାଲ (ଚେୟାରମ୍ୟାନ ଆସାମ ପବ୍ଲିକ୍ ସର୍ଭିସ କମିଶନ), ଶ୍ରୀକାହ୍ନୁଚରଣ ଲେଙ୍କା (ପ୍ରାକ୍ତନ ରେଳମନ୍ତ୍ରୀ), ଶ୍ରୀସତ୍ୟବ୍ରତ ସାହୁ (ଆଇ.ଏ.ଏସ୍., ଉଦ୍ୟାନ ବିଭାଗ ଅତିରିକ୍ତ ସଚିବ) ଓ ଶ୍ରୀରଥୀନ୍ଦ୍ର ଦାସ (ବିଶିଷ୍ଟ ଇଞ୍ଜିନିୟର) । ଉତ୍ସବର ସ୍ମାରକ ଗ୍ରନ୍ଥ ପ୍ରକାଶ କରନ୍ତି ଉତ୍ସବ କମିଟିର ସମ୍ପାଦକ ଶ୍ରୀପି. ରାଜଶେଖରନ୍ । ଶ୍ରୀଭେଙ୍କଟରମଣୀ ଧନ୍ୟବାଦ ଜ୍ଞାନ କରନ୍ତି । ସମଗ୍ର ଅନୁଷ୍ଠାନଟିର ସଞ୍ଚାଳକ ଥିଲେ ଶ୍ରୀସୂର୍ଯ୍ୟପ୍ରକାଶ ମହାପାତ୍ର, ଇଣ୍ଡିଆ ଟ୍ରେନିଂ ହେଡ଼୍, ବାଙ୍ଗାଲୋର) । ଅପରାହ୍ଣରେ ବିଖ୍ୟାତ ଗାୟକ ବାଲଭେଙ୍କଟ କୃଷ୍ଣନ ଦଳ ସହ ଭକ୍ତିସଙ୍ଗୀତ ତାମିଲରେ ପ୍ରସ୍ତୁତ କରନ୍ତି । ମାତୃ-ସମ୍ମିଳନୀ, ନଗର କୀର୍ତ୍ତନ, ସାନ୍ଧ୍ୟ ସମବେତ ବିନତି-ପ୍ରାର୍ଥନା, ଜପଧ୍ୟାନ ଓ ଶ୍ରୀଶ୍ରୀଠାକୁରଙ୍କ ବାଣୀପାଠ କ୍ରମାଗତ ଭାବେ ଅନୁଷ୍ଠିତ ହୋଇଯାଏ । ସାଂସ୍କୃତି କାର୍ଯ୍ୟକ୍ରମରେ ପ୍ରଧାନ ଅତିଥି ଥିଲେ ଗଗନସିଂ ବେଦୀ, ତାମିଲନାଡୁ ସରକାରଙ୍କ ରାଜସ୍ୱ ସଚିବ । ବଳରାମ ଦାସ, କେଶବ ସାହୁ ଓ ଦଳ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରନ୍ତି । ଚେନ୍ନାଇ ସତ୍‌ସଙ୍ଗ ବିହାରର ଶିଶୁଶିଳ୍ପୀମାନେ ଶ୍ରୀଶ୍ରୀଠାକୁରଙ୍କ ବିରଚିତ ଗୀତର ଭାବାନୁଷଙ୍ଗେ ନୃତ୍ୟ ପ୍ରଦର୍ଶନ କରନ୍ତି । ପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରନ୍ତି ଶ୍ରୀଶାଶ୍ୱତ ଯୋଶୀ ଓ ତାଙ୍କ ଦଳ । ଏହିଦିନ ଉତ୍ସବ ପ୍ରାଙ୍ଗଣରେ ଆପୋଲ ହସପିଟାଲ ଓ ଭାସାନ୍ ଆଇ ହସିପିଟାଲ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଥିଲେ । ବିଦ୍ୟାର୍ଥୀମାନଙ୍କ ପାଇଁ ପ୍ରସ୍ତୁତ ଏକ ବିଜ୍ଞାନ ପ୍ରଦର୍ଶନୀରେ ପାଞ୍ଚଶହ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରନ୍ତି । ତାମିଲନାଡୁ, ପୁଡୁଚେରି, କେରଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରୁ ତିନିହଜାରରୁ ଅଧିକ ସତ୍‌ସଙ୍ଗୀ, ଭକ୍ତ ଅନୁରାଗୀ ଚେନ୍ନାଇର ଏହି ଉତ୍ସବରେ ସମବେତ ହୁଅନ୍ତି ।

ପୂଜନୀୟ ବାବାଇବାବୁଙ୍କ ଉପସ୍ଥିତି ପରିମଣ୍ଡଳକୁ ଦିବ୍ୟଭାବରେ ଆବିଷ୍ଟ କରି ରଖେ । ପୂଜନୀୟ ବାବାଇଦାଙ୍କ ଦର୍ଶନ ଓ ତାଙ୍କ ସହିତ ବାର୍ତ୍ତାଳାପରେ ଉପସ୍ଥିତ ପ୍ରତ୍ୟେକେ ଆନନ୍ଦ ଲାଭ କରନ୍ତି । ସାରାଦିନ ଆନନ୍ଦବଜାରରେ ପ୍ରସାଦ ବିତରଣ କରାଯାଏ । ଅନେକ ସଂଖ୍ୟକ ମଣିଷ ଶ୍ରୀଶ୍ରୀଠାକୁରଙ୍କ ସତ୍‌ନାମ ଗ୍ରହଣ କରନ୍ତି ।*ସମ୍ବାଦଦାତା : ଶ୍ରୀପ୍ରତାପ ଚନ୍ଦ୍ର ଦାସ*

# ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ୯୨ତମ ପୁରୀରୁ ସାକ୍ଷୀଗୋପାଳ ଶୁଭାଗମନ ସ୍ମୃତି-ମହୋତ୍ସବ ତଥା ଷଷ୍ଠ-ବାର୍ଷିକୀ ଶ୍ରୀମନ୍ଦିର ଉଦ୍‌ବୋଧନ ମହୋତ୍ସବ



ଗତ ଜାନୁୟାରୀ ୨୫ତାରିଖ ଶନିବାର ଦିନ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କର ଲୀଳା ସ୍ମୃତିପୀଠ ସାକ୍ଷୀଗୋପାଳ ସତ୍‌ସଙ୍ଗ ବିହାରରେ ୯୨ତମ ପୁରୀରୁ ସାକ୍ଷୀଗୋପାଳ ଶୁଭାଗମନୀ ସ୍ମୃତିମହୋତ୍ସବ ଏବଂ ଷଷ୍ଠ ବାର୍ଷିକୀ ଶ୍ରୀମନ୍ଦିର ଉଦ୍‌ବୋଧନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।

ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବ୍ରାହ୍ମମୁହୂର୍ତ୍ତରେ ବେଦମାଙ୍ଗଳିକୀ ଓ ନହବତ୍ ବାଦନ ସହିତ ଉଷାକୀର୍ତ୍ତନ ଶ୍ରୀଯୁକ୍ତ ଗୌରାଙ୍ଗଚରଣ ସାହୁଙ୍କ ତତ୍ତ୍ୱାବଧାନରେ ପରିକ୍ରମା କରେ । ପ୍ରାତଃ-ବିନତି ପ୍ରାର୍ଥନା ୬ଟା ୨୯ମିଃ.ରେ ଶ୍ରୀଶ୍ରୀଠାକୁରଙ୍କ ସୁସଜ୍ଜିତ ଶ୍ରୀବିଗ୍ରହ ସମ୍ମୁଖରେ ଯଥାରୀତି ଅନୁଷ୍ଠିତ ହୁଏ । ତତ୍‌ପରେ ଗ୍ରନ୍ଥପାଠ ହୁଏ । ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୯ଟା୩୦ମିଃ.ରେ ଶ୍ରୀଯୁକ୍ତ ଗୋପୀନାଥ ତ୍ରିପାଠୀଙ୍କ ପରିଚାଳନାରେ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । ଭଜନ, କୀର୍ତ୍ତନ ପରିବେଷଣ କରନ୍ତି ଶ୍ରୀଯୁକ୍ତ ବୈରାଗୀ ଚରଣ ସାହୁ ଏବଂ ଅନ୍ୟମାନେ । ସ୍ମୃତିଉତ୍ସବର ସ୍ମରଣିକା 'ତପୋଦୀପାଳି'- ଉନ୍ମୋଚିତ ହୁଏ । ଉପସ୍ଥିତ ଥାଆନ୍ତି ଡ଼ଃ. ହୃଷୀକେଶ ସେନାପତି, ଡ଼ମ୍ବରୁଧର ଦାସ ଓ 'ତପୋଦୀପାଳି'ର ମୁଖ୍ୟ ସମ୍ପାଦକ ଶ୍ରୀଭଗତଚରଣ ନାୟକ । ତତ୍‌ପରେ ପ୍ରାରମ୍ଭିକ ଭାଷଣ ମଧ୍ୟ ଶ୍ରୀଭଗତଚରଣ ନାୟକ ରଖନ୍ତି । ମୁଖ୍ୟବକ୍ତା ଡ଼ଃ. ହୃଷୀକେଶ ସେନାପତି, ତତ୍‌ପରେ ଶ୍ରୀଡ଼ମ୍ବରୁଧର ଦାସ ଏବଂ ପ୍ରାନ୍ତ ଭାଷଣ ଅଧ୍ୟକ୍ଷ ରଖନ୍ତି ।

ପୁରୀରୁ ଆଗତ ରଥାରୂଢ଼ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀବିଗ୍ରହ ସହ ଶୋଭାଯାତ୍ରା ପାରମ୍ପରିକ ବାଦ୍ୟ କୀର୍ତ୍ତନ ସହ ନଗର ପରିକ୍ରମା କରି ସତ୍‌ସଙ୍ଗ ବିହାର ସମ୍ମୁଖରେ ପ୍ରବେଶ କରେ । ମଧ୍ୟାହ୍ନରେ ଆନନ୍ଦବଜାରରେ ପ୍ରସାଦ ବିତରଣ ହୁଏ । ଆନନ୍ଦବଜାରର ତତ୍ତ୍ୱାବଧାନ କରନ୍ତି ସର୍ବଶ୍ରୀ ଉଦୟନାଥ ମିଶ୍ର, ହରେକୃଷ୍ଣ ମହାନ୍ତି ଓ ନଗେନ୍ଦ୍ର କୁମାର ମହାନ୍ତି । ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମରେ ୫୦୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ଅନୁରାଗୀ ଯୋଗଦାନ କରନ୍ତି । ଶତାଧିକ ବ୍ୟକ୍ତି ସତ୍‌ମନ୍ତ୍ରରେ ଅଭିମନ୍ତ୍ରିତ ହୁଅନ୍ତି ।

ସାନ୍ଧ୍ୟ-ବିନତି ପ୍ରାର୍ଥନାନ୍ତେ ଶ୍ରୀଯୁକ୍ତ ରାଧାଶ୍ୟାମ ମିଶ୍ରଙ୍କ ପରିଚାଳନାରେ ସତ୍‌ସଙ୍ଗ ଅନୁଷ୍ଠିତ ହୁଏ । ଏଥିରେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ସମ୍ବନ୍ଧରେ ଆଲୋଚନା କରନ୍ତି ସର୍ବଶ୍ରୀ ଉଦୟନାଥ ମିଶ୍ର । ହରେକୃଷ୍ଣ ମହାନ୍ତି, ନଗେନ୍ଦ୍ର କୁମାର ମହାନ୍ତି ଏବଂ ଉମାଶଙ୍କର ମିଶ୍ର । ସନ୍ଧ୍ୟା ଆଗମନରେ ଆଲୋକସଜ୍ଜା ସତ୍‌ସଙ୍ଗ ବିହାରକୁ ଆକର୍ଷଣୀୟ କରିତୋଳେ । ଏହି ଉତ୍ସବରେ ଦେଓଘରରୁ ଆଗତ ସତ୍‌ସଙ୍ଗର ସହ-ସମ୍ପାଦକ ତଥା ବରିଷ୍ଠ କର୍ମୀ ଡ଼ାଃ. ବିନାୟକ ମହାପାତ୍ର ଏବଂ ଶ୍ରୀଧର ସୁନ୍ଦର ମିଶ୍ରଙ୍କ ଉପସ୍ଥିତି ସମସ୍ତଙ୍କୁ ପ୍ରେରଣାପୁଷ୍ଟ କରେ ।

*ସମ୍ବାଦଦାତା : ରାମଚନ୍ଦ୍ର ଦୀକ୍ଷିତ*

# ବୈବାହିକୀ ସ୍ତମ୍ଭ

## କୈବର୍ତ୍ତ (ନିଆରୀ) ପାତ୍ରୀ ଆବଶ୍ୟକ

ଜାତି-କୈବର୍ତ୍ତ (ନିଆରୀ), ଗୋତ୍ର-ନାଗ, ବୟସ-୩୧ବର୍ଷ, ଉଚ୍ଚତା-୫'୮'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ରେଳବିଭାଗରେ ଚାକିରୀରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ଦିଲ୍ଲିପ କୁମାର ସାହୁ (ସ.ପ୍ର.ର.), କଲ୍ୟାଣୀନଗର, କଟକ, ମୋ.- ୯୪୩୭୩୩୨୫୪୯/୯୪୩୭୬୬୩୬୭୨

## ଖରୁଡ଼ା ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଖରୁଡ଼ା, ଗୋତ୍ର-କାଶ୍ୟପ, ବୟସ-୨୫ବର୍ଷ, ଉଚ୍ଚତା-୫'୪'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଯୁକ୍ତ୩ ଉତ୍ତୀର୍ଣ୍ଣା, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଗୋକୁଳାନନ୍ଦ ସାହୁ, ସା./ପୋ.-ମିର୍ଜାପୁର, ଭା.-ଧର୍ମଶାଳା, ଯାଜପୁର, ମୋ.-୯୯୩୮୮୧୪୬୨୯/୯୭୭୭୦୮୧୯୫୫

## ଖରୁଡ଼ା ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଖରୁଡ଼ା, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ସ୍ନାତକୋତ୍ତର (ରାଜନୀତି ବିଜ୍ଞାନ), ସ୍ୱସ୍ତ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଅକ୍ଷୟ କୁମାର ସାହୁ, ସା./ପୋ.-ବଡ଼ହଲ କଲୋନୀ, ଭା.-କେଉଁଝରଗଡ଼, ଜି.-କେଉଁଝର, ମୋ.-୯୪୩୭୭୮୬୪୨୯/୮୯୦୮୮୯୯୮୭୮

## କୈବର୍ତ୍ତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ଶୂଦ୍ର, ଜାତି-କୈବର୍ତ୍ତ, ଗୋତ୍ର-କାଶ୍ୟପ, ବୟସ-୩୫ବର୍ଷ, ଉଚ୍ଚତା-୫'୯'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଏମ.ବି.ବି.ଏସ., ଆନାସ୍ଥେସିଆ ଡ଼ାକ୍ତର ଭାବେ ଅବସ୍ଥାପିତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ଗୋବର୍ଦ୍ଧନ ପଣ୍ଡିତ, ସା.-ମୋଚିଣ୍ଡା, ପୋ.-ଶାଳବଣି, ଆନନ୍ଦପୁର, ଜି.-କେଉଁଝର, ମୋ.-୯୮୫୩୮୬୮୬୭୯

## ବିପ୍ର ପାତ୍ର ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-କୌସ୍ଥ, ବୟସ-୨୭ବର୍ଷ, ଉଚ୍ଚତା-୫'୪'', ଯୋଗ୍ୟତା-ବି.ଏସ.ସି.(ବାୟୋଟେକ୍), ପିଜିଡ଼ିସିଏ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଶ୍ରୀସୁବୋଧ କୁମାର ମିଶ୍ର, ପ୍ଲଟ୍‌ନଂ.-୧୧୦୯, ବାସୁଦେବ ନଗର, ବମିଖାଲ, ଜିଜିପି କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା, ମୋ.-୯୮୫୩୩୮୪୦୫୦

## ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ନାଗ, ବୟସ-୩୨ବର୍ଷ, ଉଚ୍ଚତା-୬'୨'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ବି.ଏ.ସି, ପ୍ଲାଷ୍ଟିକ୍ ଇଞ୍ଜିନ୍‌ରେ ପିଜି, ଅପରେଶନ ମ୍ୟାନେଜମେଣ୍ଟରେ ଏମ.ବି.ଏ. ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରୋଜେକ୍ଟ ଲିଡ଼ର (ପୁନେ) ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।**ଯୋଗାଯୋଗ :** ଧନେଶ୍ୱର ସାମଲ, ସା.-ଚଅଁପୁର, ପୋ.-ମାହାଳ, ଭା.-ଦାନପୁର, ଜି.-କେନ୍ଦ୍ରାପଡ଼ା, ମୋ.-୯୪୩୯୭୦୬୬୭୪/୯୯୩୭୧୭୮୨୪୭

## ଗୋପାଳ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୋପାଳ, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଯୁକ୍ତ୩, ପିଜିଡ଼ିସିଏ, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ମାଧବାନନ୍ଦ ଦାସ, ରୋଧପୁର, ସାଲେପୁର, କଟକ, ମୋ.-୯୪୩୭୦୨୬୦୭୨

## ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ମୁଦ୍‌ଗଲ୍ୟ, ବୟସ-୩୩ବର୍ଷ, ଉଚ୍ଚତା-୫'୭'', ଯୋଗ୍ୟତା-ଏମ.ଏସ.ସି., ଏମ.ବି.ଏ.,ଏଲ୍.ଏଲ୍.ବି, ବିଜ୍ଞାନ ଶିକ୍ଷକ ରୂପେ କାର୍ଯ୍ୟରତ ସ୍ୱସ୍ତ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ବଳଭଦ୍ର ପୁହାଣ (ସ.ପ୍ର.ର.), ସା./ପୋ.-ସଇଲଙ୍ଗ, ଭାୟା-ଘସିପୁରା, କେନ୍ଦୁଝର, ମୋ.-୯୪୩୮୧୮୪୩୬୪

## ଶୁଣ୍ଢି ପାତ୍ରୀ ଆବଶ୍ୟକ

ଜାତି-ଶୁଣ୍ଢି, ଗୋତ୍ର-ନାଗ, ବୟସ-୨୮ବର୍ଷ, ଉଚ୍ଚତା-୫'୫'', ଯୋଗ୍ୟତା-ହୋଟେଲ ମ୍ୟାନେଜମେଣ୍ଟରେ ଡ଼ିପ୍ଲୋମା, ଆର୍ମିରେ ଚାକିରୀରତ(ବାଙ୍ଗାଲୋର) ସ୍ୱସ୍ତ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ସୁରେନ୍ଦ୍ର ସାହୁ, ସା./ପୋ.-ଅଙ୍ଗାରଗାଁ, ସୁମଣ୍ଡଳ, ଗଞ୍ଜାମ, ମୋ.-୦୮୬୫୮୪୨୦୫୦୦

## ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ଗାର୍ଗବ, ବୟସ-୨୩ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଏ. ଇତିହାସ (ସମ୍ମାନ), ବି.ଏଡ଼ ପାଠରତା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଏ.କେ. ରାଉତରାୟ, ଟାଟାନଗର, ସା.-ବରିଷଣ, ପୋ.-କୁଳଶ୍ରୀ, ଜି-କଟକ, ମୋ.-୦୯୨୩୪୭୪୭୧୪୪

## ବିପ୍ର ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-କୌଶିକ, ବୟସ-୩୨ବର୍ଷ, ଉଚ୍ଚତା-

୫'୭'', ଯୋଗ୍ୟତା-ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ, ଏମ.ବି.ଏ, ଟାଟାସ୍ପଞ୍ଜ ଆଇରନ୍‌ରେ କାର୍ଯ୍ୟରତ ପାତ୍ର ପାଇଁ ନିରାମିଷାଶିନୀ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଉମାକାନ୍ତ ମିଶ୍ର, ସା.-ଘଡୁଆଳ (ବିନାୟକପୁର ଶାସନ), ପୋ.-ଦୟାଗତ, ଜି-ନୟାଗଡ଼, ମୋ.-୯୯୩୮୭୫୦୩୪୩/୯୪୩୭୧୭୯୦୧୯

## କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-କାଶ୍ୟପ, ବୟସ-୨୮ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ସ୍ନାତକ(କଳା) ସ୍ୱସ୍ତ୍ୟୟନୀବ୍ରତଧାରୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ନିରାମିଷାଶୀ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଚିନ୍ମୟ ପଟ୍ଟନାୟକ, ଜଳେଶ୍ୱର, ବାଲେଶ୍ୱର, ମୋ.-୮୩୪୨୦୧୮୭୮୮/୮୭୬୩୨୮୭୭୦୬

## ବିପ୍ର ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-ଆତ୍ରେୟ, ବୟସ-୨୭ବର୍ଷ, ଉଚ୍ଚତା-୫'୩'', ଯୋଗ୍ୟତା-ମ୍ୟାଟ୍ରିକ୍ ପାସ, ଆଇ.ଟି.ଆଇ. ହୋଣ୍ଡା କମ୍ପାନୀରେ ସୁପରଭାଇଜରଭାବେ ହରିଆନାରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ଶ୍ରୀନିରଞ୍ଜନ ରଥ, ସା.-ବିଶୋକ, ପୋ.-ଓହଙ୍ଗର, ଜି.-କେନ୍ଦ୍ରାପଡ଼ା, ମୋ.-୯୯୩୮୭୭୯୭୫୮

## ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ଶାଣ୍ଡିଲ୍ୟ, ବୟସ-୨୫ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଏସ.ସି (କେମେଷ୍ଟ୍ରି ଅନର୍ସ), କମ୍ପ୍ୟୁଟର ପିଜିଡ଼ିସିଏ ଓ ଟାଲି ପାସ, ସ୍ୱସ୍ତ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ରମେଶ ଚନ୍ଦ୍ର ଜେନା (ସ.ପ୍ର.ର.), ସା.-କୁମାରୀ, ପୋ.-ଜାରକା, ଜି.-ଯାଜପୁର, ମୋ.-୯୯୩୮୩୦୬୨୫୨

## ଚମାର ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ଶୂଦ୍ର, ଜାତି-ଚମାର, ଗୋତ୍ର-କର୍କଟ, ବୟସ-୨୭ବର୍ଷ, ଉଚ୍ଚତା-୫'୬'', ଯୋଗ୍ୟତା-ବି.ଏ. ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ ।

**ଯୋଗାଯୋଗ :** ବାବାଜୀ ଚରଣ ବେହେରା, ଯାଜକ, ସା-ଦୁମୁକାହାଟ, ପୋ.-ଡ଼େରାବିଶ, ଜି.-କେନ୍ଦ୍ରାପଡ଼ା, ମୋ.-୯୬୫୮୩୮୭୬୭୬

## ଗୁଡ଼ିଆ ପାତ୍ର ଆବଶ୍ୟକ

ଜାତି-ଗୁଡ଼ିଆ, ଗୋତ୍ର-ନାଗ, ବୟସ-୨୩ବର୍ଷ, ଉଚ୍ଚତା-୫'୩'', ଯୋଗ୍ୟତା-ବି.ଏସ.ସି., କମ୍ପ୍ୟୁଟର ପିଜିଡ଼ିସିଏ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ବଳଭଦ୍ର ସାହୁ, ସା.-ପୁରୁଣାବଜାର, ଯଶିପୁର, ଜି-ମୟୁରଭଞ୍ଜ, ମୋ.-୮୮୯୫୩୯୯୭୯୪

## କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-ନାଗ, ବୟସ-୨୩ବର୍ଷ, ଉଚ୍ଚତା-୫'୧'', ଯୋଗ୍ୟତା-ଏମ୍.କମ୍. ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଅନନ୍ତ କିଶୋର ମହାନ୍ତି, ଜଜ୍ କୋଟ, କେଉଁଝର, ମୋ.୯୪୩୭୭୧୪୧୮୫

## ଗୋଲା ପାତ୍ର ଆବଶ୍ୟକ

ଜାତି-ଗୋଲା, ଗୋତ୍ର-ମୌଦିକ, ବୟସ-୧୯ବର୍ଷ, ଉଚ୍ଚତା-୫', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଯୁକ୍ତ୩, ପିଜିଡ଼ିସିଏ, ସ୍ୱସ୍ତ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଧରଣୀଧର ମହାନ୍ତି, ଦିଗଉଁରା, ମଙ୍ଗଳପୁର, ସୋର, ବାଲେଶ୍ୱର, ମୋ.-୯୪୩୮୩୨୦୨୨୧/୮୭୬୩୫୧୩୧୬୦

## ତେଲି ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ତେଲି, ଗୋତ୍ର-ନାଗ, ବୟସ-୩୦ବର୍ଷ, ଉଚ୍ଚତା-୫'୫'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଏମ.ବି.ଏ., ନିଜସ୍ୱ ବ୍ୟବସାୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଅଜିତ କୁମାର ପୋଥାଳ, ନରହରିପୁର, ରେମୁଣା, ବାଲେଶ୍ୱର, ଫୋନ୍‌ନଂ.-୦୬୭୮୨-୨୨୪୦୨୫, ମୋ.-୯୦୪୦୬୭୬୫୪୦

## ତୈଳିକ ପାତ୍ର ଆବଶ୍ୟକ

ଜାତି-ତୈଳିକ, ଗୋତ୍ର-ନାଗ, ବୟସ-୨୦ବର୍ଷ, ଉଚ୍ଚତା-୫'୩'', ଯୋଗ୍ୟତା-ବି.ଏସ.ସି., ପିଜିଡ଼ିସିଏ, ଆଜନ୍ମ ନିରାମିଷାଶୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ମହେନ୍ଦ୍ର କୁମାର ସାହୁ (ସ.ପ୍ର.ର.), ବଡ଼ହଳ, କେନ୍ଦୁଝର-୭୫୮୦୦୧, ମୋ.-୯୪୩୭୩୩୫୪୪୪

## ମାଟିବଂଶ (ତନ୍ତୀ) ପାତ୍ର ଆବଶ୍ୟକ

ଜାତି-ମାଟିବଂଶ ତନ୍ତୀ, ଗୋତ୍ର-ଆଦି, ବୟସ-୨୫ବର୍ଷ, ଉଚ୍ଚତା-୫'୪'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଏମ.ବି.ଏ., ସ୍ୱସ୍ତ୍ୟୟନୀବ୍ରତଧାରିଣୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ଶ୍ରୀରଞ୍ଜନ କୁମାର ମହାରଣା, ଲକ୍ଷ୍ମୀସାଗର, ବି.ଡ଼ି.ଏ. କଲୋନୀ, ଘରନଂ-ଏଲ୍, ବି-୨୧୨, ମୋ-୯୭୭୬୨୮୫୨୧୨

## ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ଭରଦ୍ୱାଜ, ବୟସ-୨୮ବର୍ଷ, ଉଚ୍ଚତା-୫'୪'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ବି.ଏ., ପିଜିଡ଼ିସିଏ, ଟି.ଏନ୍.ଟି, ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ ।

**ଯୋଗାଯୋଗ :** ନିତ୍ୟାନନ୍ଦ ସ୍ୱାଇଁ (ଅଧ୍ୱର୍ଯ୍ୟୁ), ଓରନାଳ, ନିମୋଳ, ଜଗତ୍‌ସିଂହପୁର, ମୋ.-୯୭୭୭୦୭୫୨୮୩

# ଆଶ୍ରମ ସମ୍ବାଦ

ଶୀତର ପ୍ରକୋପ ହ୍ରାସ ପାଇଛି । ତେବେ ସମ୍ପୂର୍ଣ୍ଣଭାବେ ଅପସରି ଯାଇନି । ମୋଟାମୋଟି ସହ୍ୟ ଅବସ୍ଥାକୁ ଆସିଯାଇଛି । ହଠାତ୍ ବୃଷ୍ଟିପାତ ପୁନଶ୍ଚ ପୂର୍ବାବସ୍ଥାକୁ ଫେରାଇ ନେଇଛି ବାତାବରଣକୁ । ଶୀତର ଲୁଚକାଳି ମଧ୍ୟରେବି ଆଶ୍ରମକୁ ଅନୁରାଗୀମାନଙ୍କ ଯାତାୟାତ ଅବ୍ୟାହତ ରହିଛି ।

ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ମୋଟାମୋଟି ଭଲ ଅଛନ୍ତି । ଆଚାର୍ଯ୍ୟମଣ୍ଡପରେ ଉପବେଶନ କରି ସେ ସମାଗତ ଭକ୍ତ ଓ ଅନୁରାଗୀମାନଙ୍କୁ ଦର୍ଶନ ଦିଅନ୍ତି । ସେମାନଙ୍କର ସମସ୍ୟାର କଥା ଶୁଣନ୍ତି ଓ ଇଷ୍ଟାନୁଗ ସମାଧାନ ପ୍ରଦାନ କରନ୍ତି । ସମସ୍ତଙ୍କର କୁଶଳ ନିଅନ୍ତି । ଇଷ୍ଟାନୁଗ ଜୀବନଧାରାରେ ଅଗ୍ରସର ହେବା ପାଇଁ ସମସ୍ତଙ୍କୁ ପ୍ରେରଣାପ୍ରବୁଦ୍ଧ କରନ୍ତି ।

ଇଷ୍ଟପରିବାରର ଅନ୍ୟମାନେ ସମସ୍ତେ ମୋଟାମୋଟି ଭଲରେ ଅଛନ୍ତି ।

**ତା୨୬.୦୧.୨୦୧୪ରିଖ, ରବିବାର :** ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୪୬ତମ ମହାପ୍ରୟାଣ ଦିବସ ।

**ତା୦୮.୦୨.୨୦୧୪ରିଖ, ଶନିବାର :** ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୪୬ତମ ମହାପ୍ରୟାଣ ତିଥି । ଆଶ୍ରମିକମାନେ ହବିଷ୍ୟକୃତ୍ୟ କରନ୍ତି ।

ପ୍ରତ୍ୟହ ପ୍ରତ୍ୟୁଷରେ ଊଷାକୀର୍ତ୍ତନର ଦଳ ମନୋମୋହିନୀଧାମରୁ ବାହାରି କୀର୍ତ୍ତନ କରି କରି ଠାକୁରବଙ୍ଗଳାରୁ ପାହାଡ଼ବାଡ଼ି ରାସ୍ତା ଦେଇ ଆଚାର୍ଯ୍ୟମଣ୍ଡପ ପାର୍ଶ୍ୱ ଦେଇ ଷୋଡ଼ଶୀଭବନରେ ପହଞ୍ଚନ୍ତି । ସେଠାରେ ତୁମୁଳ କୀର୍ତ୍ତନ କରିବା ପରେ ବାହାର ରାସ୍ତା ଦେଇ ସମାଧିବେଦୀ ପରିକ୍ରମା କରି ଶେଷକୁ ମନୋମୋହିନୀଧାମରେ ପହଞ୍ଚି କୀର୍ତ୍ତନ-ପରିକ୍ରମାର ପରିସମାପ୍ତି ଘଟାନ୍ତି ।

ପ୍ରାତଃ ୬ଟା୦୯ମିଃ.ରେ ଠାକୁରବଙ୍ଗଳାରେ ସମବେତ ବିନତି-ପ୍ରାର୍ଥନା ଅନୁଷ୍ଠିତ ହୁଏ ପୂଜନୀୟ ବାବାଇବାବୁଙ୍କ ଉପସ୍ଥିତିରେ । ପୂଜନୀୟ ଶୁଭବାବୁ ମଧ୍ୟ ଉପସ୍ଥିତ ରୁହନ୍ତି । ସମବେତ ପ୍ରଣାମ ପରେ 'ସତ୍ୟାନୁସରଣ' ଓ 'ନୀତି ବିଧାୟନା'ରୁ ବିଭିନ୍ନ ଭାଷାରେ ବାଣୀପାଠ ହୁଏ । ପୂର୍ବାହ୍ନ ୯ଟା ୨୫ମିଃ.ରେ ସମବେତ ନାମଜପ ଏବଂ ତତ୍ପରେ 'ଶ୍ରୀଗୁରୁଗ୍ରନ୍ଥସାହେବଜୀ' ଓ 'ଧୃତି-ବିଧାୟନା'ରୁ ବାଣୀପାଠ ହୁଏ ।



ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା

ସନ୍ଧ୍ୟା ୫ଟା ୩୪ମିଃ.ରେ ଠାକୁରବଙ୍ଗଳାରେ ସମବେତ ବିନତି-ପ୍ରାର୍ଥନା ଅନୁଷ୍ଠିତ ହୁଏ ପୂଜନୀୟ ବାବାଇବାବୁଙ୍କ ଉପସ୍ଥିତିରେ । ପ୍ରାର୍ଥନାନ୍ତେ ସମବେତ ନାମଜପ ଏବଂ ତତ୍ପରେ 'ଅନୁଶ୍ରୁତି' ଓ 'ଦେବୀସୂକ୍ତ' ଗ୍ରନ୍ଥରୁ ବିଭିନ୍ନ ଭାଷାରେ ବାଣୀପାଠ ହୁଏ ।

ଠାକୁରବଙ୍ଗଳାରେ ପରମାରାଧ୍ୟ ଶ୍ରୀଶ୍ରୀଠାକୁର ଓ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ଭୋଗରାଗ ଯଥାବିଧି ନିବେଦିତ ହୁଏ ।

ନୂତନ ଅତିଥିଶାଳା ପରିସରରେ ଯଥାସ୍ଥାନରେ ପୂଜନୀୟ ବାବାଇବାବୁ ଉପବେଶନ କରି ଆଗନ୍ତୁକ ଭକ୍ତ ଓ ଅନୁରାଗୀମାନଙ୍କ କୁଶଳ ନିଅନ୍ତି । ସମସ୍ୟା ନିବେଦନ ହୁଅନ୍ତେ ତା'ର ଇଷ୍ଟାନୁଗ ସମାଧାନ ପ୍ରଦାନ କରନ୍ତି ।

ଆଶ୍ରମର ଅନ୍ୟାନ୍ୟ ବିଭାଗର କାର୍ଯ୍ୟ ଯଥାରୀତି ସମ୍ପନ୍ନ ହୋଇ ଚାଲିଛି ।

**ଡ଼କ୍ଟର ନିରଞ୍ଜନ ମିଶ୍ର**
ତା୨୪।୦୨।୨୦୧୪
**ସତ୍‌ସଙ୍ଗ ନଗର, ଦେଓଘର**

## ସମ୍ପାଦକୀୟ

ଧର୍ମ କରିବା କହିଲେ ସାଧାରଣତଃ ମୋଟାମୋଟି ବୁଝାଯାଏ ଦେବଦେବୀଙ୍କର ପୂଜା କରିବା । ମନ୍ଦିରକୁ ଯିବା, ସେମାନଙ୍କ ଉଦ୍ଦେଶ୍ୟରେ ପର୍ବପର୍ବାଣୀ, ଉପବାସ, ବ୍ରତାଦି ପାଳନ କରିବା । ଏହିପରି କରିବାଦ୍ୱାରା ଧର୍ମାଚରଣ ହୋଇଗଲା ବୋଲି ଅନେକେ ଭାବିଥା'ନ୍ତି । କିନ୍ତୁ ଏହାଦ୍ୱାରା କ'ଣ ଧର୍ମାଚରଣ ହୁଏ ? ଧର୍ମର ପ୍ରାଣସ୍ୱରୂପ ଈଶ୍ୱରଙ୍କ ସମୀପରେ ପହଞ୍ଚେ ଏଇ ଧର୍ମାଚରଣ ? ଯିଏ ଯେତେ ଦେବ-ଦେବୀ ପୂଜା କରୁନା କାହିଁକି, ଯେଉଁ ପନ୍ଥାର ଅନୁବର୍ତ୍ତୀ ହେଉ ନା କାହିଁକି, ଈଶ୍ୱର ଏକ ଓ ଅଦ୍ୱିତୀୟ– ଏହା ସମସ୍ତେ ନିର୍ଦ୍ୱନ୍ଦରେ ସ୍ୱୀକାର କରିଥା'ନ୍ତି । ଈଶ୍ୱର ଯଦି ଏକ, ଆଉ ତାଙ୍କର ଯଦି କୌଣସି ବିକଳ୍ପ ନାହିଁ ତେବେ ଲକ୍ଷ ଲକ୍ଷ ଦେବଦେବୀଙ୍କ ପୂଜା କରିବାର ଆବଶ୍ୟକତା ଆସିଲା କେଉଁଠୁ ? ତାହାଦ୍ୱାରା କ'ଣ ବା ସାଧିତ ହୁଏ ?– ଏପରି ପ୍ରଶ୍ନ ମନରେ ଆସେ । ପ୍ରକୃତରେ କ'ଣ ଦେବଦେବୀଙ୍କୁ ପୂଜା କରିବାଦ୍ୱାରା ଧର୍ମାଚରଣ ହୋଇଥାଏ ? ଏ ବିଶ୍ୱର ନିୟନ୍ତା କିଏ ? ଦେବଦେବୀ ନା ଈଶ୍ୱର ? ଏହା ଏକ ସାର୍ବକାଳିକ ପ୍ରଶ୍ନ । ସମସ୍ୱରରେ ସମସ୍ତେ କହିବେ ବିଶ୍ୱର ନିୟନ୍ତା ଏକମାତ୍ର ଈଶ୍ୱରହିଁ । ତେବେ ବିଶ୍ୱନିୟନ୍ତାଙ୍କୁ ଛାଡ଼ି ଆମେ କାହାକୁ ପୂଜା କରୁଛେ ?

ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଏ ସମ୍ବନ୍ଧରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯେତେ ଦେବଦେବୀ ପୂଜା କରନା କାହିଁକି ବୈଶିଷ୍ଟ୍ୟପାଳୀ ଆପୂରୟମାଣ ପୁରୁଷୋତ୍ତମଙ୍କୁ ଆରାଧନା ନ କଲେ କଦାପି ଧର୍ମାଚରଣ ହୋଇପାରେନା । ତାଙ୍କ ଶ୍ରୀମୁଖରୁ ନିର୍ଗତ ହୋଇଛି–

ତୁମେ ଲକ୍ଷେ ଦେବଦେବୀଙ୍କ ପୂଜା କରନା କାହିଁକି–
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର,
କାଳୀ, ଦୁର୍ଗା, ଗଙ୍ଗା, ଲକ୍ଷ୍ମୀ, ସରସ୍ୱତୀ ଇତ୍ୟାଦି–
ବହୁନୈଷ୍ଠିକ ତତ୍ପରତାରେ
ସେଇ ଦେବଦେବୀଙ୍କ ପୂଜାର୍ଚ୍ଚନାରେ
ତୁମର ଶ୍ରଦ୍ଧା ବହୁଧା-ବର୍ଷିତ ହୋଇ
ଯେତେହିଁ ପ୍ଲାବନ ସୃଷ୍ଟି କରୁନା କାହିଁକି,
ତୁମେ ଯେତେକ୍ଷଣ ପର୍ଯ୍ୟନ୍ତ
ବୈଶିଷ୍ଟ୍ୟପାଳୀ ଆପୂରୟମାଣ ପ୍ରିୟପରମଙ୍କଠାରେ–
ଇଷ୍ଟଙ୍କଠାରେ ଅର୍ଥାତ୍ ସଦ୍‌ଗୁରୁଙ୍କଠାରେ ଚିତ୍ତ ସମାହିତ କରି
ତାଙ୍କରହିଁ ମନ୍ତ୍ରତପା ହୋଇ
ତଦନୁଗ ଅନ୍ୱିତ ସଙ୍ଗତି ସହିତ ତପୋନିରତ ଅନୁଚର୍ଯ୍ୟାରେ
ତାଙ୍କଠାରେ ସାର୍ଥକ ହୋଇ ନ ଉଠୁଛ–
ତାତ୍ତ୍ୱିକ ଅନୁଧ୍ୟାୟନୀ କୃତିଦୀପନା ନେଇ,
–ତୁମେ କୌଣସିଥିରେହିଁ ସାର୍ଥକତାର ବାସ୍ତବତାର ବିନାୟନରେ
ତୁମର ବ୍ୟକ୍ତିତ୍ୱକୁ ପ୍ରସାଦମଣ୍ଡିତ କରି ତୋଳିପାରିବନି–
ତୁମର ବୋଧିସତ୍ତାର ସକ୍ରିୟ ସାର୍ଥକ ଛନ୍ଦାୟିତ ବିଭୂତି ନେଇ;
ତେଣୁ, ପ୍ରାଚୀନର ସ୍ୱରରେ ସ୍ୱର ମିଳାଇ କହୁଛି–
ତୁମର ବୈଶିଷ୍ଟ୍ୟପାଳୀ ଆପୂରୟମାଣ
ପ୍ରିୟପରମଙ୍କଠାରେ, ଆଚାର୍ଯ୍ୟଙ୍କଠାରେ,
ଅର୍ଥାତ୍ ସଦ୍‌ଗୁରୁଙ୍କଠାରେ ସମାହିତଚିତ୍ତ ହୁଅ,
ସିଦ୍ଧି ସ୍ୱତଃ-ପ୍ରେରଣାରେ ତୁମକୁ ଅମୃତସ୍ପର୍ଶୀ କରିତୋଳିବ;
ଈଶ୍ୱର ଏକ, ଅଦ୍ୱିତୀୟ, ସିଏହିଁ ଅମୃତସ୍ୱରୂପ,
ଯାହାକିଛି ସବୁ ସାର୍ଥକ ହୋଇଉଠେ ତାଙ୍କଠାରେହିଁ,
ସିଏ ସମସ୍ତଙ୍କର ଉତ୍ସ ।

*(ଆର୍ଯ୍ୟ-ପ୍ରାତିମୋକ୍ଷ-୫୬୯୯)*

ଶ୍ରୀମଭଗବତ୍‌ଗୀତାରେ ପୁରୁଷୋତ୍ତମ ଶ୍ରୀକୃଷ୍ଣ ସ୍ପଷ୍ଟଭାବେ କହିଛନ୍ତି– ଯେପରି ନଦୀଗୁଡ଼ିକ ଯେଉଁପଥ ଦେଇ ଆସୁନା କାହିଁକି ଶେଷକୁ ସମୁଦ୍ରରେ ହିଁ ମିଶିଥା'ନ୍ତି, ସମୁଦ୍ରରେ ମିଶିଯିବା ପରେ ସେ ସମସ୍ତ ନଦୀଙ୍କର ଜଳ ଏକାକାର ହୋଇ ସମୁଦ୍ର ଜଳରେ ପରିଣତ ହୁଏ, ସେହିପରି ଯିଏ ଯେଉଁ ଦେବଦେବୀଙ୍କର ପୂଜାର୍ଚ୍ଚନା କରୁନା କାହିଁକି ତାହା ଶେଷକୁ ତାଙ୍କ ସମୀପକୁହିଁ ଆସିଥାଏ । କଥାଟା ଏକଦମ୍ ଠିକ୍ । ଈଶ୍ୱରଙ୍କର ମାନବୀୟ ମୂର୍ତ୍ତ ରୂପ ହେଲା ପୁରୁଷୋତ୍ତମ । ସେହି ବୈଶିଷ୍ଟ୍ୟପାଳୀ ଆପୂରୟମାଣ ପୁରୁଷୋତ୍ତମଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୋଇ ତାଙ୍କ ପ୍ରବର୍ତ୍ତିତ ସଦ୍‌ଦୀକ୍ଷାରେ ଦୀକ୍ଷିତ ହୋଇ ଓ ମନ୍ତ୍ରତପା ହୋଇ ଚାଲି ଯେଉଁ ଧର୍ମାଚରଣ କରାଯାଏ ତାହା ଈଶ୍ୱରଙ୍କୁ ସ୍ପର୍ଶ କରେ । ଏତଦ୍‌ଭିନ୍ନ ଯେତେ ଦେବଦେବୀଙ୍କର ପୂଜାର୍ଚ୍ଚନା କରନା କାହିଁକି ତାହା କାଳ୍ପନିକ ବାହ୍ୟାଡ଼ମ୍ବର ବ୍ୟତୀତ ଆଉ କିଛି ଫଳ ପ୍ରସବ କରିପାରେନା । ଈଶ୍ୱରଙ୍କ ସମୀପରେ ତା' ଅର୍ଘ୍ୟସ୍ୱରୂପ ନିବେଦିତ ହୋଇପାରେନା । ଆମମାନଙ୍କର ଗନ୍ତବ୍ୟ ଈଶ୍ୱର, ଦେବଦେବୀ ନୁହଁନ୍ତି । ଏହା ପ୍ରାୟଃ ସମସ୍ତେ ସ୍ୱୀକାର କରିଥା'ନ୍ତି । ଗନ୍ତବ୍ୟ ବା ଲକ୍ଷ୍ୟଙ୍କ ପ୍ରତି ଅଗ୍ରସର ନ ହୋଇ ମାଧ୍ୟମ, ଜରିଆକୁ ନେଇ ମାତାମାତି କରିବାରେ କ'ଣ ବା ଲାଭ ? ସମୟର ଅପଚୟ, ଅର୍ଥର ଅପବ୍ୟୟ ଓ ସାଧନା ପଥର ପଶ୍ଚାତଗତିହିଁ ହୋଇଥାଏ ଫଳ । ଏଣୁ ଜୀବନ୍ତ ଇଷ୍ଟ ପୁରୁଷୋତ୍ତମଙ୍କ ଶ୍ରୀଚରଣରେ ନିଜକୁ ସମର୍ପି ଦେଇ ତାଙ୍କରି ଭାବାଦର୍ଶରେ ଅନୁପ୍ରାଣିତ ହୋଇ ସପରିବାର ଧର୍ମାଚରଣ କରିବା ହିଁ ଶ୍ରେୟ ସମସ୍ତଙ୍କ ପାଇଁ । କାରଣ 'ସବୁ ଦେବତାଙ୍କ ସମାହାରରେ ପୁରୁଷୋତ୍ତମଙ୍କ ସୃଷ୍ଟି' ଅର୍ଥାତ୍ ପୁରୁଷୋତ୍ତମଙ୍କୁ ପୂଜା କଲେ, ତାଙ୍କ ଭାବାଦର୍ଶରେ ଅନୁପ୍ରାଣିତ ହୋଇ ଅନୁଗମନ କଲେ ଦେବଦେବୀଙ୍କୁ ଉପାସନା କରାଯାଏ ଏବଂ ସେହି ଉପାସନା ପରମେଶ୍ୱରଙ୍କୁ ମଧ୍ୟ ସ୍ପର୍ଶ କରେ । ଏହା ନ କରି ଆଉ ଯାହା କରାଯିବ ତାହା ବ୍ୟର୍ଥତାର ପରିଚାୟକ ହେବ ମାତ୍ର । ସାର୍ଥକତା କୌଣସିମତେ ଆସିବ ନାହିଁ । ଏହା ଧ୍ରୁବସତ୍ୟ ।

*- ବନ୍ଦେ ପୁରୁଷୋତ୍ତମ*

Published and Printed by Sri Sankar Sensharma on behalf of Satsang, P.o.- Satsang, Dist.- Deoghar, Jharakhanda and Printed at Ananda Printers, Chandi Chhaka, Cuttack-1 (Odisha).